ବର୍ଷ-୪୯ : ସଂଖ୍ୟା-୭ ଜୁଲାଇ, ୨୦୧୮ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜୁଲାଇ, ୨୦୧୮


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ବାଜେ କଥାବାର୍ତ୍ତା | ··· | ଶ୍ରୀଅରବିନ୍ଦ | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ନିଦ୍ରା ଓ ଖାଦ୍ୟ ଗ୍ରହଣ ସମ୍ପର୍କରେ | ··· | ଶ୍ରୀମା | ··· | ୬ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୬୭) | | | | |
| ବାରୀନ୍ଦ୍ର କୁମାରଙ୍କ ସ୍ୱୀକାରୋକ୍ତି | ··· | ମନୋଜ ଦାସ | ··· | ୭ |
| ମାୟାମୟ ଜଗତ୍ (୨) | ··· | ନଳିନୀକାନ୍ତ ଗୁପ୍ତ | ··· | ୧୧ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୬୫) | ··· | ··· | ··· | ୧୫ |
| ସର୍ବାଧିକ ଧନୀ | ··· | ··· | ··· | ୨୦ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୨୦) | ··· | ମହେନ୍ଦ୍ର ନାଥ ସ୍ୱାଇଁ | ··· | ୨୨ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୪୯) | ··· | ସାହାନା ଦେବୀ | ··· | ୨୫ |
| ଗୋଲାପି ନଗରୀରେ ସୁନେଲି କୃତଜ୍ଞତା (୧) | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୨୬ |
| ବାଧା-ବିଘ୍ନ ଓ ବେଦନା | ··· | କୁମାର ଚନ୍ଦ୍ର ମିଶ୍ର | ··· | ୨୯ |
| ଶ୍ରୀକୃଷ୍ଣ କାହାଣୀ (୧୦) | | | | |
| ଭୟଙ୍କର ସରୋବର | ··· | ମନୋଜ ଦାସ | ··· | ୩୪ |
| ହାରାଧନ (୪) | ··· | ··· | ··· | ୩୭ |
| ଆମ ଶରୀର (୭) | ··· | ଭୋଳେଶ୍ୱର ଭୂୟାଁ | ··· | ୩୯ |
| ସମଗ୍ର ଜୀବନହିଁ ଶିକ୍ଷା | ··· | ପ୍ରପତ୍ତି | ··· | ୪୨ |
| ପିଲାଙ୍କ ଅନ୍ତର କଥା | ··· | ରମାକାନ୍ତ ସାହୁ | ··· | ୪୩ |
| ରୂପମୟ ତୁମେ ଅପରୂପ (କବିତା) | ··· | ଧର୍ମକୁମାର ଶତପଥୀ | ··· | ୪୫ |
| ତୋତ୍ତୋ-ଚାନ୍ | ··· | ତେତ୍ସୁକୋ କୁରୋୟାନାଗି | ··· | ୪୬ |
| ପାଠଚକ୍ର ସମ୍ମିଳନୀର ମହତ୍ତ୍ୱ | ··· | ରାମକୃଷ୍ଣ ଦାସ | ··· | ୫୩ |
| ଇଚ୍ଛା ହୁଏ, ହେବି ନୀଳ କଇଁ (କବିତା) | ··· | ଶରତ କୁମାରୀ ସ୍ୱାଇଁ | ··· | ୫୫ |
| ନିଦ୍ରାଘାତକ ଅପବିଳାସ | ··· | ମନୋଜ ଦାସ | ··· | ୫୬ |


❖

# ପ୍ରାର୍ଥନା

ହେ ପ୍ରଭୁ, ଭକ୍ତି ଏବଂ ଆନନ୍ଦ ସହକାରେ ଆମେ ତୁମକୁ ଜଣାଉଁ ଶ୍ରଦ୍ଧାଭିବାଦନ ଏବଂ ଏକ ନିତ୍ୟ ନବୀକୃତ ଭେଟି ରୂପେ ଆମକୁ ତୁମଠିଁ କରୁଁ ଅର୍ପଣ – ଯାହା ଦ୍ୱାରା ଏହି ଧରାପୃଷ୍ଠେ ତଥା ମହାବିଶ୍ୱର ସର୍ବତ୍ର ତୁମ ସଂକଳ୍ପ ହୋଇପାରେ ସମ୍ପନ୍ନ ।

ଆମେ ଯେତେବେଳେ ତୁମ ଅଭିମୁଖୀ ହେଉଁ, ଭାବନା ହୋଇଯାଏ ନିରବ, କିନ୍ତୁ ହୃଦୟ ହୁଏ ଉଦ୍ଦୀପିତ; ଯେହେତୁ ସବୁଥିରେ ତୁମେ ଥାଅ ଭାସ୍ୱର କିରଣ୍ମୟ ଏବଂ ନଗଣ୍ୟ ବାଲିକଣାଟିଏ ମଧ୍ୟ ହୋଇଉଠିପାରେ ଆରାଧନାର ହେତୁ ।

ହେ ପ୍ରଭୁ, ସୀମାହୀନ ଏବଂ ଅନଭିବ୍ୟକ୍ତୀୟ ଦ୍ୟୁଲୋକାନନ୍ଦରେ ପରିପୂର୍ଣ୍ଣ ଏକ ପ୍ରେମରେ ଆମେ ତୁମ ଆଗେ ଶିରାବନତ, ତୁମ ସହ ଏକାନ୍ୱିତ ।

ସଭିଙ୍କ ସକାଶେ ମଞ୍ଜୁର କର ଏହି ସାର୍ବଭୌମ ଆନନ୍ଦ ।

ଜୁଲାଇ ୧, ୧୯୧୪ — ଶ୍ରୀମା



# ବାଜେ କଥାବାର୍ତ୍ତା

A gossiping spirit is always an obstacle.

Control of speech is very necessary for the physical change. To minimise speech is sure to be helpful both for right action and for inner sadhana.

(*Letters on Yoga*) – Sri Aurobindo

ବାଜେ କଥାବାର୍ତ୍ତାର ଅଭ୍ୟାସ ସବୁବେଳେ ଏକ ପ୍ରତିବନ୍ଧକ ରୂପେ କାର୍ଯ୍ୟ କରିଥାଏ ।

ସ୍ଥୂଳ ଭୌତିକ ପରିବର୍ତ୍ତନ ନିମିତ୍ତ ବାକ୍-ସଂଯମ ବହୁତ ଆବଶ୍ୟକ । କଥାବାର୍ତ୍ତା କମ୍ କରିଦେବା ଉଭୟ ଯଥାର୍ଥ କର୍ମ ଓ ଆନ୍ତର ସାଧନା ନିମନ୍ତେ ନିଶ୍ଚିତ ରୂପେ ସହାୟକ ହୋଇଥାଏ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

## (The Descent into Night)

## (୭୪)

## ଶ୍ରୀଅରବିନ୍ଦ

There crawled through every tense
and aching nerve
Leaving behind its poignant quaking trail
A nameless and unutterable fear.

ଏକ ଅନାମ ଓ ଅନୁଚ୍ଚାରଣୀୟ ଭୟ ପ୍ରତିଟି ବିବ୍ରତ ଓ ବ୍ୟଥାତୁର ସ୍ନାୟୁ ମଧ୍ୟଦେଇ ମନ୍ଥର ଗତିରେ ସଞ୍ଚରି ଯାଉଥିଲା, ପଛରେ ରଖି ଯାଉଥିଲା ତା'ର ଦୁଃଖ ବିଗଳିତ କମ୍ପିତ ରେଖାଧାରା ।

As a sea nears a victim bound and still,
The approach alarmed his mind for ever dumb
Of an implacable eternity
Of pain inhuman and intolerable.

ବନ୍ଧ ଏବଂ ନିଶ୍ଚଳ ଭୋଜ୍ୟ-ଶିକାର ସନ୍ନିକଟକୁ ଯେମିତି ସମୁଦ୍ର ମାଡ଼ି ମାଡ଼ି ଆସେ, ସେହିପରି ଏକ ଅମାନୁଷୀ ତଥା ଅସହନୀୟ ଅବିଚଳ ନିର୍ମମ ଶାଶ୍ୱତ ବେଦନାର ଆଗମନ ଚିର ମୌନ ତାଙ୍କ ମନକୁ ଶଙ୍କାକୁଳ କରି ପକାଉଥିଲା ।

This he must bear, his hope
of heaven estranged;
He must ever exist without extinction's peace
In a slow suffering Time and
tortured Space,
An anguished nothingness his endless state.

ଏହା ଅବଶ୍ୟ ତାଙ୍କୁ ସହ୍ୟ କରିବାକୁ ହେବ, ବିଚ୍ୟୁତ, ବିଡ଼ମ୍ବିତ ତାଙ୍କର ସ୍ୱର୍ଗପ୍ରାପ୍ତିର ଆଶା; ବିଲୟର ଶାନ୍ତି ପରିହାର କରି ତାଙ୍କୁ ବଞ୍ଚି ରହିବାକୁ ପଡ଼ିବ ଏକ ମନ୍ଥର ବେଦନାର୍ତ୍ତ କାଳର ପ୍ରବାହ ଏବଂ କ୍ଲେଶ-ନିପୀଡ଼ିତ ଦେଶର ପ୍ରସାର ମଧ୍ୟରେ, ଏକ ଦୁଃଖସନ୍ତପ୍ତ ରିକ୍ତତାହିଁ ତାଙ୍କର ଅନ୍ତହୀନ ସ୍ଥିତି ।

A lifeless vacancy was now his breast,
And in the place where
once was luminous thought,
Only remained like a pale motionless ghost
An incapacity for faith and hope
And the dread conviction of a vanquished soul
Immortal still but with its godhead lost,
Self lost and God and touch of happier worlds.

ଏବେ ତାଙ୍କର ବକ୍ଷସ୍ଥଳ ପାଲଟି ଥିଲା ଏକ ନିଷ୍ପ୍ରାଣ ଶୂନ୍ୟତା, ଯେଉଁଠି ଏକଦା ବିରାଜିତ ଥିଲା ଜ୍ୟୋତିର୍ମୟ ଭାବନା, ବର୍ତ୍ତମାନ ସେଠାରେ କେବଳ ରହିଥିଲା ବିବର୍ଣ୍ଣ ନିଶ୍ଚଳ ପ୍ରେତ ସଦୃଶ ବିଶ୍ୱାସ ଓ ଆଶା ନିମନ୍ତେ ଅସମର୍ଥତା ତଥା ପରାଭୂତ ଅନ୍ତରାତ୍ମାର ଭୟବିହ୍ୱଳ ପ୍ରତ୍ୟୟ । ଆପଣାର ଦେବତ୍ୱକୁ ହରାଇଲେ ବି, ନିଜେ ନିଜକୁ ଏବଂ ଈଶ୍ୱରଙ୍କୁ ତଥା ସୁଖମୟ ଜଗତସକଳର ସ୍ପର୍ଶକୁ ହଜାଇ ଦେଇଥିଲେ ସୁଦ୍ଧା ଅନ୍ତରାତ୍ମା ତଥାପି ରହିଥିଲା ଅମର ।

But he endured, stilled the vain terror, bore
The smothering coils of agony and affright;
Then peace returned and the
soul's sovereign gaze.

ସେ କିନ୍ତୁ ବୃଥା ବିଭୀଷିକାକୁ ସହ୍ୟ କରୁଥିଲେ, ତାହାକୁ ନିଷ୍ପନ୍ଦ କରି ପକାଉଥିଲେ, ସନ୍ତାପ ଓ ଶଙ୍କାର ଶ୍ୱାସରୁଦ୍ଧକାରୀ କୁଣ୍ଡଳୀକୁ ବହନ କରି ଚାଲିଥିଲେ; ତା'ପରେ ଫେରି ଆସିଲା ତାଙ୍କର ଶାନ୍ତି ଓ ଅନ୍ତରାତ୍ମାର ସର୍ବଜୟୀ ଦୃଷ୍ଟି ।

To the blank horror a calm Light replied :
Immutable, undying and unborn,

*(ଅବଶିଷ୍ଟାଂଶ ପୃଷ୍ଠା ୧୦ରେ ଦେଖନ୍ତୁ)*

# ନିଦ୍ରା ଓ ଖାଦ୍ୟ ଗ୍ରହଣ ସମ୍ପର୍କରେ

## ଶ୍ରୀମା

### ନିଦ୍ରାଯିବା ପୂର୍ବରୁ

ସବୁ ନିରାପତ୍ତା ଭିତରେ ତୁମେ ଗୋଟିଏ କଥା କରିପାର, ନିଦ୍ରାଯିବା ପୂର୍ବରୁ ତୁମ ଶରୀର ସତ୍ତାରେ ଏକାଗ୍ର ହୁଅ, ତୁମ ଶରୀରରେ ଥିବା ସମସ୍ତ ଭାରାକ୍ରାନ୍ତ ଅବସ୍ଥା ବା ଚାପକୁ କୋହଳ କରି ଦିଅ, ଟିକିଏ ଚେଷ୍ଟା କର ... ଅର୍ଥାତ୍ ଶରୀରରେ ଚେଷ୍ଟାକର ଯେମିତି ତୁମର ଶରୀର ତୁମ ଖଟ ଉପରେ ରହିଥିବା କୋମଳ କପଡ଼ା ସଦୃଶ ନିରୀହ ଭାବେ ପଡ଼ି ରହିବ । ଯେମିତିକି ତୁମ ଶରୀରରେ କୌଣସି ପ୍ରକାର ପେଶୀ-ସଂକୋଚନାଦି ନଥିବ – କିଂବା କେଉଁଠି କିଛି ଖିଲ ମାରିଗଲା ଭଳି ଲାଗୁ ନ ଥିବ; ଏପରି ଭାବେ ଶରୀରକୁ ସହଜ କରିନେବ ଯେମିତିକି ତୁମ ଶରୀର ତୁମକୁ କୋମଳ କପଡ଼ାଟିଏ ଖଟ ଉପରେ ପଡ଼ିଥିବା ଭଳି ଲାଗିବ । ଏବଂ ତା'ପରେ, ତୁମର ପ୍ରାଣ : ତୁମ ପ୍ରାଣକୁ ଯଥାସମ୍ଭବ ଶାନ୍ତ କରିନିଅ, ନୀରବ କରିଦିଅ, ଏବଂ ଯଥାସମ୍ଭବ ନିସ୍ତବ୍ଧ କରିଦିଅ । ତା'ପରେ ମନ – ମନକୁ ମଧ୍ୟ ସେମିତି ଶାନ୍ତ, ନୀରବ କରିଦିଅ, ମନ ଭିତରେ ଯେପରି କୌଣସି କ୍ରିୟା ଆଉ ନ ଚାଲେ । ତୁମର ମସ୍ତିଷ୍କରେ ତୁମେ ସେହି ମହା ପ୍ରଶାନ୍ତିକୁ ଅନୁଭବ କର, ମହା ନିସ୍ତବ୍ଧତାକୁ ଅନୁଭବ କର, ମନକୁ ଯଥାସମ୍ଭବ ନୀରବ କରିଦିଅ, କୌଣସି ପ୍ରକାର ଚିନ୍ତାକୁ ମୁଣ୍ଡରେ ଢୁକାଅ ନାହିଁ, କୌଣସି ପ୍ରକାର ମାନସିକ ପ୍ରୟାସ ରଖ ନାହିଁ, କିଛି ରଖନା, କିଛି ରଖନା; ମନ ଭିତରେ ମଧ୍ୟ ତୁମେ ସବୁ ଗତିବୃତ୍ତିକୁ ବନ୍ଦ କରିଦେଇ ସହଜ ହୋଇଯାଅ, ଯେତେଦୂର ଅଧିକ ସମ୍ଭବ ଏକ ନୀରବତା ଓ ନିଶ୍ଚଳତା ଭିତରେ ନିଜକୁ ଶିଥିଳ କରିଦିଅ ।

ଥରେ ଏତେକ କରି ସାରିଲା ପରେ, ତୁମେ କିଛି ମୁହୂର୍ତ୍ତ ପ୍ରାର୍ଥନା କରିପାର କିଂବା ତୁମ ପ୍ରକୃତି ଅନୁଯାୟୀ ତୁମେ କିଛି ଆସ୍ପୃହା ମଧ୍ୟ କରିପାର ।... ଈଶ୍ୱରଙ୍କ କୃପା ପ୍ରାର୍ଥନା କର ଯେପରି ସେ ତୁମର ନିଦ୍ରାକାଳୀନ ଅବସ୍ଥା ଉପରେ ଦୃଷ୍ଟି ରଖନ୍ତୁ; ତା'ପରେ ଶୋଇପଡ଼ । ଏହାହିଁ ହେଲା ସର୍ବୋତ୍ତମ ଭାବରେ ନିଦ୍ରା ଯିବା ।

### ତୁମର ଖାଦ୍ୟ ଈଶ୍ୱରଙ୍କୁ ଅର୍ପଣ କର

ତଥାପି ଖାଦ୍ୟକୁ ନେଇ ସମସ୍ୟା ରହିଛି । ଆମର ଶରୀର ବଞ୍ଚିବା ଲାଗି ଯେତେବେଳ ପର୍ଯ୍ୟନ୍ତ ବାହାରର ବସ୍ତୁଗୁଡ଼ିକୁ ଖାଦ୍ୟ ରୂପେ ଗ୍ରହଣ କରିବାକୁ ବାଧ୍ୟ ହେଉଥିବ, ସେତେବେଳ ଯାଏ ଏହା ତା' ସହିତ ବହୁ ପରିମାଣରେ ଅଜ୍ଞାନ ଓ ତାମସିକ ଶକ୍ତିଗୁଡ଼ିକୁ ମଧ୍ୟ ନିଜ ଶରୀର ଭିତରକୁ ଗ୍ରହଣ କରୁଥିବ, ଏବଂ ଅନେକ ଅବାଞ୍ଛିତ ଚେତନା ମଧ୍ୟ ଆମ ଖାଦ୍ୟ ସହିତ ଆମ ଶରୀର ଭିତରକୁ ପ୍ରବେଶ କରୁଥିବ, ଏବଂ ତା' ଫଳରେ ଆମ ଶରୀର ଭିତରେ ନାନାଦି ରାସାୟନିକ କ୍ରିୟା-ପ୍ରତିକ୍ରିୟା ମଧ୍ୟ ସୃଷ୍ଟି ହେଉଥିବ । ଆମେ ଏପର୍ଯ୍ୟନ୍ତ ଆମର ଖାଦ୍ୟ ସହିତ ଚେତନାର ମିଶ୍ରଣ କଥା କହୁଥିଲୁ, କିନ୍ତୁ ସେଇ ଖାଦ୍ୟ ସହିତ ଅଚେତନ ଶକ୍ତିଗୁଡ଼ିକର ମିଶ୍ରଣର ସମ୍ଭାବନା ମଧ୍ୟ ରହିଛି – ଏବଂ ବେଶ୍ ପରିମାଣରେ ବି ରହିଛି । ସେଥିପାଇଁ ଅନେକ ଯୋଗସାଧନା ପ୍ରଣାଳୀରେ ନିୟମ ରହିଛି – ଖାଇବା ପୂର୍ବରୁ ପ୍ରଥମେ ଖାଦ୍ୟକୁ ଈଶ୍ୱରଙ୍କୁ ଅର୍ପଣ କରିସାରି, ତା'ପରେ ତୁମେ ନିଜେ ଖାଇବ । (ଏହି କଥା କହିଲାବେଳେ ମା ନିଜର ଦୁଇ ପାପୁଲିକୁ ଏକତ୍ର କରି ମୁକ୍ତ ହସ୍ତରେ ଈଶ୍ୱରଙ୍କୁ ଅର୍ପଣ କରିବାର ଭଙ୍ଗି ଦେଖାଇଲେ) ତା'ର ଉଦ୍ଦେଶ୍ୟ ହେଲା ଖାଇବା ପୂର୍ବରୁ ଖାଦ୍ୟ ଭିତରକୁ ଈଶ୍ୱରଙ୍କୁ ଅବତରଣ କରିବା ଲାଗି ପ୍ରାର୍ଥନା କରିବା । ଜଣେ **ଈଶ୍ୱରଙ୍କୁ** ଅର୍ପଣ କରିଥାଏ – ତା'ମାନେ, ତଦ୍ଦ୍ୱାରା ଅର୍ପଣକାରୀ ତା'ର ଖାଦ୍ୟକୁ **ଈଶ୍ୱରଙ୍କ** ସହ ଯୁକ୍ତ କରେ, ତା'ହେଲେ ଖାଇବା ସମୟରେ ସେହି ଖାଦ୍ୟରେ ଈଶ୍ୱରଙ୍କ ପ୍ରଭାବ ପଡ଼ିବ । ଏହି ପଦ୍ଧତି ଖୁବ୍ ଉପକାରୀ, ଏହା ଭାରି ଭଲ ପଦ୍ଧତି ମଧ୍ୟ । ଜଣେ ଯଦି ଜାଣିପାରିବ ଯେ ଏହା କିପରି ଠିକ୍ ଭାବେ କରିବାକୁ ହୁଏ, ତେବେ ଏହା ଖୁବ୍ ଉପକାରୀ, ଏହି ଖାଦ୍ୟାର୍ପଣ ବ୍ୟାପାରଟି ତୁମର ଆନ୍ତର ରୂପାନ୍ତର କ୍ରିୟାର ପ୍ରୟାସକୁ ମଧ୍ୟ ଲାଘବ କରିଥାଏ ।

(The Great Adventure *A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

### (ପରିଚ୍ଛେଦ : ୬୭)

## ବାରୀନ୍ଦ୍ର କୁମାରଙ୍କ ସ୍ୱୀକାରୋକ୍ତି

### ମନୋଜ ଦାସ

ନିମ୍ନୋକ୍ତ ଉଦ୍ଧୃତିରେ 'ମା' ଶ୍ରୀରାମକୃଷ୍ଣ ପରମହଂସଙ୍କ ସହଧର୍ମିଣୀ ସାରଦା ଦେବୀଙ୍କୁ ଏବଂ 'ସ୍ୱାମିଜି' ସ୍ୱାମୀ ବିବେକାନନ୍ଦଙ୍କୁ ଏବଂ 'କମ୍ପାନି' ବ୍ରିଟିଶ ସରକାରଙ୍କୁ ବୁଝାଉଛି ।

''ଥରେ କେଶବାନନ୍ଦ ମା'ଙ୍କୁ କହିଲେ, 'ସ୍ୱାମିଜି ବଞ୍ଚିଥିଲେ ଦେଶ ପାଇଁ ଆଜି କ'ଣ ନକରୁଥା'ନ୍ତେ !' ମା ତତ୍‌କ୍ଷଣାତ୍ ଉତ୍ତରରେ କହିଲେ, 'ନରେନ୍ ଯଦି ଆଜି ଥା'ନ୍ତା, ତେବେ କ'ଣ କମ୍ପାନି ତାହାକୁ ଶାନ୍ତିରେ ରହିବାକୁ ଛାଡ଼ିଦେଇଥା'ନ୍ତା ? ସେମାନେ ତାକୁ କାରାଗାରରେ ତାଲା ପକାଇ ରଖିଥା'ନ୍ତେ । ମୋ ପାଇଁ ତାହା ଅସହ୍ୟ ହୋଇଥା'ନ୍ତା ।' ଯୁବ-ବିପ୍ଳବୀ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ମା କହିଲେ, 'ସେ ମୋର ବୀର ପୁତ୍ର ।' ''[୧]

ବାରୀନ୍ଦ୍ର କୁମାରଙ୍କ ସ୍ୱୀକାରୋକ୍ତି ସମ୍ପର୍କରେ ଶ୍ରୀଅରବିନ୍ଦ ଅବଶ୍ୟ ସଂକ୍ଷିପ୍ତ ମନ୍ତବ୍ୟଟାଏ ଦେଲେ (ପୂର୍ବ ସଂଖ୍ୟା ଦ୍ରଷ୍ଟବ୍ୟ), କିନ୍ତୁ ବାରୀନ୍ଦ୍ର କୁମାର ବୁଝୁ ନଥିଲେ ଯେ ସେମିତି କରିବା ଦ୍ୱାରା ସେ ବହୁ ଆଦର୍ଶବାଦୀ ବିପ୍ଳବୀ ଯୁବକଙ୍କ ଜୀବନ ବିପନ୍ନ କଲେ । ଆପଣା ସିଦ୍ଧାନ୍ତରେ ସେ ଥିଲେ ମୁଗ୍ଧ !

ଅନ୍ୟାନ୍ୟ ପ୍ରମାଣ ଭିତରେ ମୁଖ୍ୟତଃ ବାରୀନ୍ଦ୍ରଙ୍କ ସ୍ୱୀକାରୋକ୍ତି ଉପରେହିଁ ସରକାର ବିଚାରାଳୟ ନିମନ୍ତେ ଆଲିପୁର ଷଡ଼୍‌ଯନ୍ତ୍ର ମାମଲାର ବିବରଣୀ ପ୍ରସ୍ତୁତ କଲେ । ସେତେବେଳର ସାମାଜିକ-ରାଜନୈତିକ ବାତାବରଣ ସମ୍ପର୍କରେ କିଛି ଧାରଣା ନିମନ୍ତେ ''୨୮ ବର୍ଷ ବୟସ୍କ ବାରୀନ୍ଦ୍ରଙ୍କ ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଏଲ୍. ବିର୍ଲେଙ୍କ ଅଦାଲତରେ ୧୯୦୮ ମସିହା ମେ ୪ ତାରିଖରେ ଇଂରାଜୀ ଭାଷାରେ ଦେଇଥିବା ବିବୃତି''ର କିୟଦଂଶ ଉପରେ ଦୃଷ୍ଟିପାତ କରାଯାଉ :

''ମୋ ନାମ ବାରୀନ୍ଦ୍ର କୁମାର ଘୋଷ । ମୋ ପିତାଙ୍କ ନାମ ଡାକ୍ତର କୃଷ୍ଣଧନ ଘୋଷ । ମୁଁ ଜାତିରେ କାୟସ୍ଥ । ମୋ କାର୍ଯ୍ୟ 'ଯୁଗାନ୍ତର' ପତ୍ରିକାରେ ଲେଖିବା । ଇଂଲଣ୍ଡର କ୍ରୟଡ଼ନ୍‌ଠାରେ ମୋର ଜନ୍ମ । ମୁଁ ମାଣିକତଳାସ୍ଥ ନ: ୩୨ ମୁରାରୀପୁକୁର ଲେନ୍‌ରେ ରହେ ।

ବିର୍ଲେ : ତମେ କିଛି ବକ୍ତବ୍ୟ ରଖିବାକୁ ଚାହଁ ?

ବାରୀନ୍ଦ୍ର : ହଁ ।

ବିର୍ଲେ : ତମେ ସ୍ୱେଚ୍ଛାକ୍ରମେ ଏ ବିବୃତି ଦେଉଛ ନା ତମ ଉପରେ କେହି ଚାପ ପ୍ରୟୋଗ କରିଛି ?

ବାରୀନ୍ଦ୍ର : ନା, ପୂରା ସ୍ୱେଚ୍ଛା କ୍ରମେ ।

ବିର୍ଲେ : କ'ଣ ବକ୍ତବ୍ୟ ମୋତେ କହିବ କି ?

ବାରୀନ୍ଦ୍ର : ମୋ ବକ୍ତବ୍ୟ ମୁଁ ଲିଖିତ ବିବୃତି ଭାବରେ ଦେଇଛି ।

ବିର୍ଲେ : ସେ ବକ୍ତବ୍ୟ ମୋ ଆଗରେ କହିବାରେ କିଛି ଆପତ୍ତି ଅଛି କି ?

ବାରୀନ୍ଦ୍ର : ମୂଳରୁ ଆରମ୍ଭ କରିବି ?

ବିର୍ଲେ : ହଁ ।

ବାରୀନ୍ଦ୍ର : ମୋ ବିବୃତିରେ ବିଭିନ୍ନ ସମୟର ଉଲ୍ଲେଖ ମୁଁ ସମ୍ପୂର୍ଣ୍ଣ ଠିକ୍ ଭାବରେ କରି ପାରିବି ନାହିଁ । ଏନ୍‌ଟ୍ରାନ୍‌ସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଅନ୍ତେ ମୁଁ ଢାକାରେ ଅଧ୍ୟାପକ ଥିବା ମୋ ଭାଇ ମନୋମୋହନ ଘୋଷଙ୍କ ନିକଟକୁ ଗଲି । ସେଠାରେ ପ୍ରଥମ ବାର୍ଷିକ କଳାଯାଏ ଅଧ୍ୟୟନ କଲି । ପାଠପଢ଼ା ଛାଡ଼ି ବରୋଦା ଗଲି – ଯେଉଁଠାରେ ଗାଇକୋୱାଡ଼୍ କଲେଜରେ ମୋ ଭାଇ ଅରବିନ୍ଦ ଘୋଷ ଅଧ୍ୟାପକ ଥିଲେ । ସେଠାରେ ମୁଁ ଇତିହାସ ଓ ରାଜନୈତିକ ସାହିତ୍ୟ ଅଧ୍ୟୟନ କରିବାରେ ଲାଗିଲି । ସେଠାରେ ବର୍ଷେ ଅତିବାହିତ କରି ସ୍ୱାଧୀନତାର ବାର୍ତ୍ତା ପ୍ରଚାର ନିମନ୍ତେ ମୁଁ ବଙ୍ଗଦେଶକୁ ଆସିଲି । ମୁଁ ଜିଲ୍ଲା ପରେ ଜିଲ୍ଲା ଗସ୍ତ କରି ବ୍ୟାୟାମ ସମିତିମାନ ଗଠନ କଲି । ସେଠାରେ ଯୁବକମାନଙ୍କୁ ଏକତ୍ର କରି ଶରୀର ଚର୍ଚ୍ଚା ସଙ୍ଗେ ସଙ୍ଗେ ରାଜନୀତି ଶିକ୍ଷା ଦିଆଗଲା ।

ଦୁଇବର୍ଷ ଧରି ମୁଁ ସ୍ୱାଧୀନତାର ବାର୍ତ୍ତା ପ୍ରଚାର କରି ବୁଲିଲି । ସାରା ବଙ୍ଗଦେଶ ବୁଲିବା ଭିତରେ କ୍ଳାନ୍ତ ହୋଇ ପୁଣି ବରୋଦା ଯାଇ ଅଧ୍ୟୟନରେ ମନ ଦେଲି ଆହୁରି ବର୍ଷେ । ପୁଣି ବଙ୍ଗଦେଶ ଫେରିଲି ନିଶ୍ଚିତ ହୋଇ ଯେ ଖାଲି ରାଜନୈତିକ ପ୍ରଚାର ଦ୍ୱାରା ଫଳ ହେବ ନାହିଁ । ଲୋକେ ବିପଦର ସମ୍ମୁଖୀନ ହେବା ନିମନ୍ତେ ଆଧ୍ୟାତ୍ମିକ ତାଲିମ ପାଇବା ଆବଶ୍ୟକ ।... ସେତେବେଳକୁ ସ୍ୱଦେଶୀ ଓ ବିଦେଶୀ ଦ୍ରବ୍ୟ ବର୍ଜନ ଆନ୍ଦୋଳନ ଆରମ୍ଭ ହୋଇଥାଏ । ମୁଁ ନିଜେ ତାଲିମ ଦେଇ ଗୋଟାଏ ଗୋଷ୍ଠୀ ଗଢ଼ିଲି । ସେମାନେ ଗିରଫ ହୋଇଛନ୍ତି । ମୋର ମିତ୍ର ଅବିନାଶ ଭଟ୍ଟାଚାର୍ଯ୍ୟ ଓ ଭୂପେନ୍ଦ୍ରନାଥ ଦତ୍ତଙ୍କୁ ନେଇ ଆରମ୍ଭ କରିଥିଲି । 'ଯୁଗାନ୍ତର' ସମ୍ବାଦପତ୍ର ପ୍ରକାଶ କଲି । ଆମେ ତାହାକୁ ଦେଢ଼ ବର୍ଷ ଚଳାଇ ବର୍ତ୍ତମାନର ପରିଚାଳକମାନଙ୍କୁ ଅର୍ପଣ କଲୁଁ ।

ତତ୍ପରେ ମୁଁ ପୁଣି ଯୁବ ସଂଗ୍ରହରେ ଲାଗିଲି । ୧୯୦୭ ଆରମ୍ଭରୁ ଅଦ୍ୟାବଧି ୧୪ ବା ୧୫ ଜଣଙ୍କୁ ସଂଗ୍ରହ କଲି । ଧର୍ମ ଓ ରାଜନୀତି ସମ୍ପର୍କରେ ସେମାନଙ୍କୁ ଶିକ୍ଷା ଦେଉଥାଏଁ । ଆମେ ସର୍ବଦା ବିପ୍ଳବ କଥା ଭାବୁଥାଉଁ । ସେଥିପାଇଁ ଅଳ୍ପ ପରିମାଣରେ ଅସ୍ତ୍ରଶସ୍ତ୍ର ସଂଗ୍ରହ କଲୁଁ । ସର୍ବମୋଟ ମୁଁ ସଂଗ୍ରହ କରିଛି ୧୧ଟି ରିଭଲ୍‌ଭର, ୪ଟି ରାଇଫଲ୍ ଏବଂ ଗୋଟିଏ ବନ୍ଧୁକ । ଅନ୍ୟମାନଙ୍କ ଭିତରେ ଆମ ଦଳର ଅନ୍ତର୍ଭୁକ୍ତ ହେଲେ ଉଲ୍ଲାସକର ଦତ୍ତ । ଠିକ୍ କେବେ ମନେ ନାହିଁ । ଏହି ବର୍ଷ ଆରମ୍ଭରେ । ସେ ବିସ୍ଫୋରକ ପଦାର୍ଥ ନିର୍ମାଣ ପଦ୍ଧତି ଜାଣନ୍ତି ବୋଲି କହିଲେ । ତାଙ୍କ ପିତାଙ୍କ ଅଗୋଚରରେ ସେ ନିଜ ଘରେ ପରୀକ୍ଷା-ନିରୀକ୍ଷା କରୁଥିଲେ । ଆମ ସହ ଯୋଗ ଦେଲେ ହେମଚନ୍ଦ୍ର ଦାସ । ନିଜ ସମ୍ପତ୍ତି ବିକ୍ରୟ କରି ସେ ପ୍ୟାରିସ ଗଲେ ବିସ୍ଫୋରକ ପ୍ରସ୍ତୁତ କ୍ରିୟା ଶିକ୍ଷା କରିବା ନିମନ୍ତେ ।

ବିର୍ଲେ : ସେ କେବେ ଗଲେ ?

ବାରୀନ୍ଦ୍ର : ୧୯୦୭ ମଝାମଝି କେବେ ।

ବିର୍ଲେ : ଫେରିଲେ କେବେ ?

ବାରୀନ୍ଦ୍ର : ତିନି, ଚାରି ମାସ ପୂର୍ବେ । ଆସି ସେ ବିସ୍ଫୋରକ ପ୍ରସ୍ତୁତିରେ ଉଲ୍ଲାସକର ସହିତ ଯୋଗ ଦେଲେ ।

ବିର୍ଲେ : କେଉଁଠାରେ ?

ବାରୀନ୍ଦ୍ର : ୩୮/୪ ନମ୍ବର ରାଜା ନବକିଶୋର ଷ୍ଟ୍ରିଟ୍‌ରେ ଏବଂ ସେ ବାଗବଜାରରେ ଭଡ଼ାରେ ନେଇଥିବା ଘରେ । ପତ୍ର-ପତ୍ରିକା ଉପରେ କଟକଣା ଅଧିକରୁ ଅଧିକ କଡ଼ା ହୁଅନ୍ତେ ଆମେ ବୋମା ବ୍ୟବହାର କରିବାକୁ ମନସ୍ଥ କଲୁଁ । ଅର୍ଥ ସଂଗ୍ରହରେ ବାହାରି ଲୋକଙ୍କ ଦ୍ୱାରା ଉତ୍ସାହ ପାଇଲୁଁ । ବୋମାହିଁ ହେବ ଜାତିର କଣ୍ଠସ୍ୱର – ଏହି ସିଦ୍ଧାନ୍ତରେ ଆମେ ପ୍ରସ୍ତୁତି ତ୍ୱରାନ୍ୱିତ କଲୁଁ । ଆମର ପ୍ରଥମ ପରୀକ୍ଷା ହେଲା ଗଭର୍ଣ୍ଣରଙ୍କ ଗାଡ଼ି ଉପରେ – ଯେତେବେଳେ ଫରାସୀ ଚନ୍ଦନନଗର ଦେଇ ତାହା ରାଞ୍ଚି ଅଭିମୁଖେ ଯାଉଥିଲା । ଉଲ୍ଲାସକର ଆବଶ୍ୟକୀୟ ସାମଗ୍ରୀସବୁ ଧରି ଗଲେ । କିନ୍ତୁ ଲୋକ ଚଳାଚଳ ଯୋଗୁଁ ଆବଶ୍ୟକୀୟ ପଦକ୍ଷେପ ନେଇ ପାରିଲେ ନାହିଁ । ଦୁଇ, ଚାରି ଗୋଟି ବାରୁଦ ଖଣ୍ଡ ପକାଇ ଦେଲେ । ସେସବୁ ଫୁଟିଲା, କିନ୍ତୁ ଗଭର୍ଣ୍ଣରଙ୍କ ଗାଡ଼ି ସ୍ୱଚ୍ଛନ୍ଦରେ ଚାଲିଗଲା ।

ବିର୍ଲେ : ତମର ଏ ବିବୃତିର ସତ୍ୟତାର ପ୍ରମାଣ କ'ଣ ?

ବାରୀନ୍ଦ୍ର : ମୁଁ ତାଙ୍କୁ ପଠାଇଥିଲି – ଉପେନ୍ଦ୍ରନାଥ ବାନାର୍ଜି ସହ ପରାମର୍ଶ କରି । ଉଲ୍ଲାସକର ନିଜେ ମୋତେ ଏ ବିବରଣୀ ଦେଇଥିଲେ । ଗଭର୍ଣ୍ଣର କଟକରୁ ଲେଉଟିବା ବେଳକୁ ଆଉ ଦୁଇଜଣ, ପ୍ରଫୁଲ୍ଲଚନ୍ଦ୍ର ଚାକି ଏବଂ ବିଭୂତି ଭୂଷଣ ସରକାର, ସେହି ଉଦ୍ଦେଶ୍ୟ ସାଧନ ନିମନ୍ତେ ବହିର୍ଭୂତ ହେଲେ । ମୁଁ ବି ସାଥୀ ହେଲି ।...

ବିର୍ଲେ : ସାଥିରେ କ'ଣ ନେଇଗଲ ?

ବାରୀନ୍ଦ୍ର : ଗୋଟାଏ ମାଇନ୍ ଏବଂ ଫ୍ୟୁଜ୍ । ଆମେ ଅପେକ୍ଷା କଲୁଁ; କିନ୍ତୁ ସେ ରାସ୍ତାରେ ସେ ଆସିଲେ ନାହିଁ ।

ବିର୍ଲେ : ତମେ ମାଇନ୍ ଥାପିଲ ?

ବାରୀନ୍ଦ୍ର : ହଁ ।

ବିର୍ଲେ : କେଉଁଠାରେ ?

ବାରୀନ୍ଦ୍ର : ଚନ୍ଦନନଗର ଏବଂ ମାନକୁଣ୍ଡୁ ଷ୍ଟେସନ ମଧ୍ୟବର୍ତ୍ତୀ ସ୍ଥାନରେ । କିନ୍ତୁ ତାଙ୍କ ପଥ ପରିବର୍ତ୍ତନ ହୁଅନ୍ତେ ଆମେ ମାଇନ୍ ଉଠାଇ ଆଣିଲୁଁ । ତୃତୀୟ ଥର ଆମେ ସେହି ଉଦ୍ଦେଶ୍ୟରେ ଖଡ଼ଗପୁର ଗଲୁଁ ।

ବିର୍ଲେ : କିଏ କିଏ ?

ବାରୀନ୍ଦ୍ର : ଆମେ ତିନି ଜଣ : ମୁଁ, ପ୍ରଫୁଲ୍ଲ ଏବଂ ବିଭୂତି । ଖଡ଼ଗପୁରଠାରୁ ଅପରାହ୍ଣରେ ଆମେ ଟ୍ରେନ୍ ଯୋଗେ ନାରାୟଣଗଡ଼ ଗଲୁଁ ।... ଅନ୍ଧକାର ଘୋଟି ଆସନ୍ତେ ଆମେ ରେଳପଥ ନିକଟକୁ ଗଲୁଁ ଏବଂ ରାତି ୯ ଟା ପର୍ଯ୍ୟନ୍ତ ଅପେକ୍ଷା କଲୁଁ ।''

(ଏହା ପରେ ବାରୀନ୍ଦ୍ର କୁମାର ଗଭର୍ଣ୍ଣରଙ୍କ ସ୍ୱତନ୍ତ୍ର ଗାଡ଼ି ଆସିବା ପୂର୍ବରୁ ରେଳପଥ ଉପରେ କିପରି ବିସ୍ଫୋରକମାନ ରଖାଗଲା, ତା'ର ସବିସ୍ତାର ବର୍ଣ୍ଣନା ଦେଇଛନ୍ତି । ଦୁଃଖର କଥା

ପୁଲିସ ସେ ବିସ୍ଫୋରଣ ପରେ କେତେଜଣ ସମ୍ପୂର୍ଣ୍ଣ ନିରୀହ ଓ ନିରକ୍ଷର କୁଲିଙ୍କୁ ଅପରାଧୀ ବୋଲି 'ପ୍ରମାଣ' କରି ଦଣ୍ଡିତ କଲା । ବାରୀନ୍ଦ୍ର କୁମାରଙ୍କ ଏ ସ୍ୱୀକାରୋକ୍ତି ପରେ ଅବଶ୍ୟ ସେମାନେ ମୁକ୍ତି ପାଇଲେ । ବାରୀନ୍ଦ୍ର କୁମାର ଘଟଣାସ୍ଥଳରେ କ'ଣ କ'ଣ ଛାଡ଼ି ଆସିଥିଲେ, ସେସବୁର ବିଶଦ ବିବରଣୀ ଦେଇ ତାଙ୍କ କଥାର ସତ୍ୟତା ପ୍ରତିପାଦିତ କରିଥିଲେ । ବାରୀନ୍ଦ୍ର କୁମାର ଆହୁରି କେତୋଟି ସ୍ଥାନରେ ସେମାନଙ୍କ କାର୍ଯ୍ୟକଳାପର ବିବରଣୀ ଦେବା ଅନ୍ତେ ପ୍ରଫୁଲ୍ଲ ଚାକି ଓ ଖୁଦିରାମକୁ କିପରି ମୁଜାଫରପୁର ପ୍ରେରଣ କରାଗଲା, କିଂସ୍‌ଫୋର୍ଡ଼ ଭଳି ହିଂସ୍ର ଭାରତ-ବିରୋଧୀ ମାଜିଷ୍ଟ୍ରେଟକୁ ବିପ୍ଳବୀମାନେ ଶେଷ କରିଦେବା ଉଚିତ ବୋଲି କିପରି ବହୁଲୋକ ଭାବୁଥିଲେ, ସେକଥା ବର୍ଣ୍ଣନା କଲେ ଏବଂ ଧରାପଡ଼ିଗଲେ ପ୍ରଫୁଲ୍ଲ ଏବଂ ଖୁଦିରାମ ଆତ୍ମହତ୍ୟା କରିପାରିବେ ବୋଲି ସେମାନଙ୍କୁ ଦୁଇଟି ରିଭଲ୍‌ଭର ଯୋଗାଇ ଦେବା କଥା ଜଣାଇଲେ ।)

''ବିର୍ଲେ : ତୁମେ ରିଭଲ୍‌ଭରତକ ପାଇଲ କେଉଁଠାରୁ ?

ବାରୀନ୍ଦ୍ର : ମୁଁ ସେକଥା କହିବାକୁ ଚାହୁଁ ନାହିଁ ।...

ବିର୍ଲେ : ତୁମେ ଗିରଫ ହେଲ କେବେ ?

ବାରୀନ୍ଦ୍ର : ଗତ ପଅର ଦିନ, ପ୍ରତ୍ୟୁଷରେ ।

ବିର୍ଲେ : କେଉଁଠାରୁ ?

ବାରୀନ୍ଦ୍ର : ନ: ୩୨ ମୁରାରିପୁକୁର ରୋଡ଼ରୁ ।

ବିର୍ଲେ : ସେଠାରେ ଆଉ କିଏ ସବୁ ଥିଲେ ?

ବାରୀନ୍ଦ୍ର : ଉଲ୍ଲାସକର ଦତ୍ତ, ଉପେନ୍ଦ୍ରନାଥ ବାନାର୍ଜି, ଇନ୍ଦୁଭୂଷଣ ରାୟ, ବିଭୂତି ଭୂଷଣ ସରକାର, ପରେଶଚନ୍ଦ୍ର ମୌଳିକ, ନଳିନୀକାନ୍ତ ଗୁପ୍ତ, କୁଞ୍ଜଲାଲ ସାହା, ସଚୀନ୍ଦ୍ରନାଥ ସେନ, ପୂର୍ଣ୍ଣଚନ୍ଦ୍ର ସେନ, ହେମେନ୍ଦ୍ରନାଥ ଘୋଷ, ଶିଶିର କୁମାର ଘୋଷ, ବିଜୟ ଚନ୍ଦ୍ର ନାଗ ଇତ୍ୟାଦି ।

ବିର୍ଲେ : ସେମାନେ ସେଠାରେ କ'ଣ କରୁଥା'ନ୍ତି ?

ବାରୀନ୍ଦ୍ର : ମୁଁ ଏବଂ ଉପେନ୍ଦ୍ରନାଥ ସେମାନଙ୍କୁ ଧର୍ମ ଏବଂ ରାଜନୀତି ସମ୍ପର୍କୀୟ ବହିମାନ ପଢ଼ାଉଥିଲୁଁ ।

ବିର୍ଲେ : ସେମାନେ ସେହିଠାରେ ରହନ୍ତି ?

ବାରୀନ୍ଦ୍ର : ହଁ, ସେମାନେ ଆମ ସହ ରହୁଥା'ନ୍ତି ।

ବିର୍ଲେ : ସେ ସଂସ୍ଥା ଚଳୁଥିଲା କିପରି ?

ବାରୀନ୍ଦ୍ର : ମୁଁ ବିଭିନ୍ନ ଲୋକଙ୍କଠାରୁ ସେମାନଙ୍କ ଭରଣ-ପୋଷଣ ନିମନ୍ତେ ଅର୍ଥ ସଂଗ୍ରହ କରୁଥିଲି । ବୈପ୍ଳବିକ ସଂଗଠନ ପାଇଁ ସେମାନଙ୍କୁ ଭିନ୍ନ ଭିନ୍ନ ସ୍ଥାନକୁ ପ୍ରେରଣ କରିବା ଥିଲା ଉଦ୍ଦେଶ୍ୟ ।

ବିର୍ଲେ : ପୁଲିସ ସେଠାରୁ ପାଇଲା କ'ଣ ?

ବାରୀନ୍ଦ୍ର : ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ମାଲ୍-ମସଲା । ସେସବୁ ଯୋଡ଼ିଏ ଲୁହା ସିନ୍ଦୁକ ଏବଂ ଗୋଟାଏ ମାଟି ପାତ୍ରରେ ପୋତା ହୋଇ ରହିଥିଲା । ପୁଲିସ ଗୋଟାଏ ପାଇଲା । ଅନ୍ୟ ଦୁଇଟି ମୁଁ ଦେଖାଇ ଦେଲି । ଆଉ ଗୋଟାଏ କଥା ମୁଁ ପ୍ରକାଶ କରିବାକୁ ଚାହେଁନା – ଆମ ସମର୍ଥକମାନଙ୍କ ନାମ ।

ବିର୍ଲେ : ଏବେ ମଧ୍ୟ ଏ କାମ କରିବା ଲୋକ ବାହାରେ ଅଛନ୍ତି ?

ବାରୀନ୍ଦ୍ର : ନା ! ମୁଁ ଆହୁରି ମଧ୍ୟ ଜଣାଇ ରଖିବାକୁ ଚାହେଁ ଯେ ମି: ଆଲେନ୍‌ଙ୍କ ଉପରକୁ ଗୁଳି ଚାଳନା ଏବଂ କୁଷ୍ଟିଆଠାରେ ହୋଇଥିବା ଗୁଳିଚାଳନା ନିମନ୍ତେ ଆମେ ଦାୟୀ ନୋହୁଁ ।

ବିର୍ଲେ : ତମେ ଆଉ କାହାକୁ ଖତମ୍ କରିବାକୁ ଯୋଜନା କରିଛ ?

ବାରୀନ୍ଦ୍ର : ନା ! ଆମେ ବଡ଼ଲାଟ ଏବଂ ପ୍ରଧାନ ସେନାପତିଙ୍କୁ ଶେଷ କରିଦେବା ପ୍ରସ୍ତାବ ଆଲୋଚନା କରିଛୁଁ । କିନ୍ତୁ କାର୍ଯ୍ୟକାରୀ କରିବାକୁ ଯାଇ ନାହୁଁ । ରାଜନୈତିକ ହତ୍ୟା ସ୍ୱାଧୀନତା ଆଣିଦେବ, ସେଥିରେ ଆମର ମୋଟେ ବିଶ୍ୱାସ ନଥିଲା ।

ବିର୍ଲେ : ତେବେ ତମେମାନେ ସେ କାମ କରୁଥିଲ କାହିଁକି ?

ବାରୀନ୍ଦ୍ର : ଆମର ବିଶ୍ୱାସ, ଲୋକେ ତାହା ଚାହୁଁଥିଲେ ।''

ବାରୀନ୍ଦ୍ର କୁମାର ତାଙ୍କ ଜବାନବନ୍ଦିରେ ଆହୁରି ମଧ୍ୟ କହିଲେ ଯେ ତାଙ୍କର କେତେକ ସାଥୀଙ୍କ ମତରେ ସେମାନେ ସମସ୍ତ ଅଭିଯୋଗ ଅସ୍ୱୀକାର କରିବା ହେବ ଯଥାର୍ଥ ପନ୍ଥା । କିନ୍ତୁ ତାଙ୍କର ବିଶ୍ୱାସ ଏ ମାର୍ଗରେ ଉଦ୍ଦେଶ୍ୟ ସାଧନ ହୋଇପାରିବ ନାହିଁ ଏବଂ ଧୃତ ଯୁବକମାନେ ସ୍ୱୀକାରୋକ୍ତି ପରେ ଦଣ୍ଡିତ ହେଲେ ମଧ୍ୟ ଅସଂଖ୍ୟ ନିରୀହ ଯୁବକ ପୁଲିସ ଦ୍ୱାରା ଲାଞ୍ଛିତ ହେବାରୁ ରକ୍ଷା ପାଇବେ ।

ମାଜିଷ୍ଟ୍ରେଟ୍ ବିର୍ଲେ ସାହେବ ବିବୃତିଟି ତାଙ୍କ ସମ୍ମୁଖରେ ଦିଆଯାଇଛି ବୋଲି ଲେଖି ଦସ୍ତଖତ କଲେ ।[୨]

ଜଣେ ସାମସମୟିକ ସମୀକ୍ଷକ ଲେଖିଛନ୍ତି :

''ସମୟ ବିତିଯିବା ସଙ୍ଗେ ସଙ୍ଗେ ଅତୀତର ଉଜ୍ଜ୍ୱଳ ସ୍ମୃତି କ୍ରମେ ମଳିନ ହୋଇଯାଏ । ଆମେ ଭୁଲି ଯାଉଁ ଯେ ଆଜି

ଆମେ ଯେଉଁ ଅବସ୍ଥାରେ ଉପନୀତ ହୋଇଛୁଁ, ତାହା ସମ୍ଭବପର ହୋଇଛି ପୂର୍ବରୁ କେହି ସବୁ ତ୍ୟାଗ ସ୍ୱୀକାର କରିଛନ୍ତି ବୋଲି ।...

''ଆମ ନବଲବ୍ଧ ପ୍ରଗତି ପ୍ରଭାବରେ ସେମାନଙ୍କ ଅବଦାନ ବିଷୟ ଭୁଲି ଯିବା କଥା ବିଚାର କରନ୍ତୁ ! ଆଜି ଆମେ ଯେଉଁ ସ୍ୱାଧୀନତା ଉପଭୋଗ କରୁଛୁଁ, ତାହା ସମ୍ଭବ ହେବା ଦିଗରେ ବିଗତ ପିଢ଼ିର ବୀର ଯୁବକମାନଙ୍କ ସ୍ମୃତି ପାସୋରି ଦେବା କଥା ବିଚାର କରନ୍ତୁ ! କାନାଇ ଦତ୍ତ, ସତ୍ୟେନ୍ଦ୍ର ନାଥ ବୋଷ, ଚାରୁଚରଣ ବୋଷ, ଉପେନ୍ଦ୍ରନାଥ ବାନାର୍ଜି, ଇନ୍ଦୁଭୂଷଣ ରାୟ, ଉଲ୍ଲାସକର ଦତ୍ତ, ବସନ୍ତ ବିଶ୍ୱାସ ଏବଂ ରତନ ହିରି ଜୀବନ ବିସର୍ଜନ କରିଥିଲେ ଅସୀମ ସାହସ ସହକାରେ । ଆଜି କେବଳ ମାତ୍ର ମୁରାରିପୁକୁର ଲେନ୍‌କୁ 'ବାରୀନ୍ ଘୋଷ ସରଣୀ' ବୋଲି ନାମିତ କରି ଅନ୍ୟ ସମସ୍ତ ସହିଦଙ୍କୁ ଆମେ ପାସୋରି ଦେଇଛୁଁ ।''(୩)

(କ୍ରମଶଃ)

❑❑❑

---

### ତଥ୍ୟ ନିର୍ଦ୍ଦେଶିକା


୧. The Eternal Mother : An Anthology on the 150th Anniversary of Sarada Devi, ଶ୍ରୀ ସାରଦା ମଠ, ଦକ୍ଷିଣେଶ୍ୱର, କଲିକତା, ୨୦୦୪ ।

୨. ନୁରୁଲ୍ ହୋଦା : The Alipore Bomb Case : A Historic Pre-Independence Trial; ନିୟୋଗୀ ବୁକ୍‌ସ୍, ଦିଲ୍ଲୀ ଏବଂ ବିଜୟ କୃଷ୍ଣ ବୋଷ : The Alipore Bomb Trial, Butterworth & Co., କଲିକତା ।

୩. ଉପରୋକ୍ତ ନୁରୁଲ୍ ହୋଦାଙ୍କ ବହିର ଭୂମିକାରେ ଶ୍ୟାମ ବାନାର୍ଜି ।


---

*(ପୃଷ୍ଠା ୫ର ଅବଶିଷ୍ଟାଂଶ)*

Mighty and mute the Godhead in him woke
And faced the pain and danger of the world.

ଏକ ପ୍ରଶାନ୍ତ ଆଲୋକ ଶୂନ୍ୟଗର୍ଭ ମହାଭୀତିକୁ ପ୍ରତ୍ୟୁତ୍ତର ଦେଲା : ତାଙ୍କ ମଧ୍ୟରେ ଅପରିବର୍ତ୍ତନୀୟ, ଅମର ଓ ଅଜାତ, ବିକ୍ରମଶାଳୀ ଓ ବିମୌନ ମହାନ୍ ଦେବତା ଜାଗି ଉଠିଲେ ଏବଂ ବିଶ୍ୱର ବେଦନା ଓ ବିପଦର ସମ୍ମୁଖୀନ ହେଲେ ।

He mastered the tides of Nature with a look:
He met with his bare spirit naked Hell.

ପଲକ ମାତ୍ରେ ସେ ବିଶ୍ୱପ୍ରକୃତିର ଉତ୍ତାଳ ଲହରୀ ଉପରେ ପ୍ରଭୁତ୍ୱ ବିସ୍ତାର କଲେ : ତାଙ୍କର ଅନାବୃତ ଚିନ୍ମୟସତ୍ତା ନଗ୍ନ ନରକର ସାକ୍ଷାତ୍ ଲାଭ କଲା ।

(ସପ୍ତମ ସର୍ଗ ସମାପ୍ତ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

ଏପରି କେହି ନାହିଁ ଯାହା ପକ୍ଷରେ ଭଗବାନଙ୍କୁ ଉପଲବ୍ଧି କରିବା ଅସମ୍ଭବ । କେବଳ କେତେକଙ୍କ କ୍ଷେତ୍ରରେ ଏହା ଅନେକ, ଅନେକ ଜନ୍ମ ନେଇପାରେ, ଅନ୍ୟମାନଙ୍କ କ୍ଷେତ୍ରରେ ଏହା ଏହି ଜୀବନକାଳ ମଧ୍ୟରେ ସାଧିତ ହୋଇପାରେ । ଏହା ଏକ ସଂକଳ୍ପର କଥା । ବାଛି ନେବାଟା ତୁମ ଉପରେ ନିର୍ଭର କରେ ।

କିନ୍ତୁ ମୁଁ କହିପାରେ ବର୍ତ୍ତମାନ ମୁହୂର୍ତ୍ତରେ ଅବସ୍ଥା ବିଶେଷଭାବେ ଅନୁକୂଳ ।

— ଶ୍ରୀମା

# ମାୟାମୟ ଜଗତ୍
## (୨)
## ନଳିନୀକାନ୍ତ ଗୁପ୍ତ

ଜିନିଷଟିକୁ ପୁଣି ଅନ୍ୟ ଦିଗରୁ ଦେଖାଯାଉ — ଅର୍ଦ୍ଧ-ବୈଜ୍ଞାନିକ ଓ ଅର୍ଦ୍ଧ-ଦାର୍ଶନିକ । ବିଜ୍ଞାନ ଯେତେବେଳେ ଏଇ ରୂପ-ରସ-ସ୍ପର୍ଶ-ଗନ୍ଧମୟ ନିରାଟ ଜଗତର ବାହ୍ୟ ତ୍ୱକ୍‌ଟିକୁ ପାରି ହୋଇ ଟିକିଏ ନିମ୍ନକୁ ବା ଅଭ୍ୟନ୍ତରକୁ ଦୃଷ୍ଟି ଦେବାକୁ, ନିରୀକ୍ଷଣ କରିବାକୁ ଶିଖିଲା ଏବଂ ଦାର୍ଶନିକ ମଧ୍ୟ ଯେତେବେଳେ ବୈଜ୍ଞାନିକ-ବୁଦ୍ଧି-ପ୍ରଣୋଦିତ ହୋଇ ଜଗତ୍ ସମ୍ବନ୍ଧରେ ତାଙ୍କର ସିଦ୍ଧାନ୍ତକୁ ବିଶ୍ଳେଷଣ କରିବାକୁ ଆରମ୍ଭ କଲେ ସେତେବେଳେ ଆରମ୍ଭରେହିଁ ଏକ ମାୟା-ରଚନା ସେମାନଙ୍କ ଆଖିରେ ଧରା ପଡ଼ିଲା । ପଦାର୍ଥର ବା ଜଡ଼ର ସ୍ୱରୂପ ନିର୍ଣ୍ଣୟ କରିବାକୁ ଯାଇ ସେମାନେ ଦେଖିଲେ ଯେ ପଦାର୍ଥ ବୋଲି ଆମର ସ୍ଥୂଳ ଦୃଷ୍ଟି ଯେଉଁ ଗୁଣ-ସମଷ୍ଟିକୁ ନିର୍ଦ୍ଦେଶ କରେ, ସେହି ଗୁଣ-ରାଶିର ସବୁଗୁଡ଼ିକ ଯେ ପଦାର୍ଥର ନିଜସ୍ୱ, ପଦାର୍ଥ ମଧ୍ୟରେ ନିହିତ ତାହା କହି ହେବନି । ପ୍ରଥମରୁହିଁ ଧରା ପଡ଼ିଲା ସବୁ ଜିନିଷର ବର୍ଣ୍ଣ-ରହସ୍ୟ । ରଙ୍ଗ ଜିନିଷଟିକୁ ପ୍ରାକୃତ ବୁଦ୍ଧି ଓ ସହଜବୋଧ ବସ୍ତୁର ନିଜସ୍ୱ ଗୁଣ ବୋଲି ଦେଖେ । କିନ୍ତୁ ବୈଜ୍ଞାନିକ ଆବିଷ୍କାର କଲେ ଯେ ବିଶେଷ ରଙ୍ଗ ହେଲା ଏକ ବିଶେଷ ମାତ୍ରାର — ଦୈର୍ଘ୍ୟର — ଢେଉ ମାତ୍ର (ଏକ ସମୟରେ କୁହା ହେଉଥିଲା 'ଇଥର' ଅର୍ଥାତ୍ ଏକ ପ୍ରକାର ସୂକ୍ଷ୍ମ ଜଡ଼ର ଢେଉ । ଆଜିକାଲି କୁହାଯାଏ ବୈଦ୍ୟୁତିକ ଚୁମ୍ବକୀୟ ଢେଉ ବା ବୈଦ୍ୟୁତିକ ଚୌମ୍ବକ-ତରଙ୍ଗ); ଦ୍ରଷ୍ଟାର ଚକ୍ଷୁର ପର୍ଦ୍ଦାରେ ବିଶେଷ ଢେଉ ବିଶେଷ ରଙ୍ଗର ବୋଧ ଜନ୍ମାଏ । ବସ୍ତୁ ମଧ୍ୟରୁ ଯାହା ଉଠିଆସେ ତାହା ଏକ ବଙ୍କିମ ବା ବକ୍ର ରେଖାରେ ଚାଳିତ ଧକ୍କା ମାତ୍ର — ସେଥିରେ ରଙ୍ଗ ବୋଲି କିଛି ନଥାଏ, ତାହା ହେଲା ଚକ୍ଷୁର ସୃଷ୍ଟି । ସେହିପରି ଗନ୍ଧ, ଆସ୍ୱାଦ, ଶୀତୋଷ୍ଣ (ବା କୋମଳ-କଠୋର) ଏହିସବୁ ଗୁଣ ବି ପଦାର୍ଥ ମଧ୍ୟରେ ନାହିଁ, ସେସବୁର ଅସ୍ତିତ୍ୱ ରହିଛି ବିଷୟୀ ବା ବ୍ୟକ୍ତିର ନାସିକାରେ, ଜିହ୍ୱାରେ ଓ ତ୍ୱକ୍‌ରେ (ନାକ, ଜିଭ ଓ ଚର୍ମରେ) ।

ସେଥିପାଇଁ ପ୍ରଥମେ ବସ୍ତୁର ଗୁଣାବଳି ଦୁଇଟି ଶ୍ରେଣୀରେ ବିଭକ୍ତ କରା ହୋଇଥିଲା — ମୁଖ୍ୟ ଆଉ ଗୌଣ । ଉପରେ ଯେଉଁ ଗୁଣଗୁଡ଼ିକର କଥା କୁହା ହୋଇଛି ସେସବୁ ହେଲେ ଗୌଣ — ସେସବୁ ବିଷୟୀ ବା ବ୍ୟକ୍ତିର ଚେତନାର ଜିନିଷ । ଆଉ ଏକ ଶ୍ରେଣୀର ଗୁଣ ଅଛି — ଯଥା, ବସ୍ତୁର ଆକାର, ଆୟତନ, ଓଜନ ବା ଭାର — ଏସବୁ ହେଲା ମୁଖ୍ୟ ଗୁଣ, ଏଗୁଡ଼ିକ ବସ୍ତୁରହିଁ ଅଙ୍ଗ, ଏଗୁଡ଼ିକ ହେଲେ ନିତ୍ୟଗୁଣ, ଅନ୍ୟଗୁଡ଼ିକୁ କୁହାଯାଇପାରେ ନୈମିତ୍ତିକ ଗୁଣ । କିନ୍ତୁ ଅନତି-ବିଳମ୍ବରେ ଏଇ ଯେଉଁ ପାର୍ଥକ୍ୟ ସ୍ୱୀକାର କରିବାକୁ ହେଲା, ତାହା ଭ୍ରାନ୍ତି ମାତ୍ର, ସଂସ୍କାରର ସୂତ୍ର ମାତ୍ର । ଦାର୍ଶନିକମାନେ ଯେଉଁ ଉପାୟରେ ଏଇ ପାର୍ଥକ୍ୟ ଦୂର କରି ଦେଇଛନ୍ତି, ତା' ପରେ କହୁଛି, ବୈଜ୍ଞାନିକମାନେ ବି କ୍ରମେ ଆବିଷ୍କାର କରିଛନ୍ତି ଯେ, ମୁଖ୍ୟ ଓ ଗୌଣ ଗୁଣ ମଧ୍ୟରେ ବିଭେଦ-ରେଖା ଟାଣି ହେବନି । ଆଜିକାଲି ଆପେକ୍ଷିକବାଦ ଆମ୍ଭମାନଙ୍କୁ ସ୍ପଷ୍ଟ କରି ଦେଖାଇ, ବୁଝାଇ ଦେଇଛି ଯେ ଜିନିଷର ଆକାର, ଯାହାକୁ ଆମେ ମନେ କରୁ ଜିନିଷର ଅଙ୍ଗୀଭୂତ ସ୍ଥିର ନିର୍ଦ୍ଦିଷ୍ଟ ଗୁଣ, ତାହା ବି ନିର୍ଭର କରେ ଦ୍ରଷ୍ଟାର ସ୍ଥାନ ବା ଦୃଷ୍ଟିକୋଣ ଉପରେ । ସେଇ ଏକହିଁ ଜିନିଷ ତେରଛା, ବଙ୍କା, ଚେପ୍‌ଟା, କାତ୍, ସିଧା, କ୍ଷୀଣ, ସ୍ଥୂଳ ଏପରି କେତେ ଭାବରେ ଯେ ଦେଖାଯାଏ — ଅନ୍ୟସବୁ ଆକାରକୁ ଗୌଣ ବିବେଚନା କରି, ଏକ ବିଶେଷ ଆକାରକୁ — ଅର୍ଥାତ୍ ଗୋଟିଏ ବିଶେଷ ସ୍ଥାନରୁ ଦୃଷ୍ଟି ନିକ୍ଷେପ କରି ଦୃଷ୍ଟ ଆକାରକୁ ବା ଦେଖା ଯାଉଥିବା ରୂପକୁ ଆମେ କହିଥାଉ ବସ୍ତୁର ମୁଖ୍ୟ ନିଜସ୍ୱ ଆକାର ବା ରୂପ । କିନ୍ତୁ ତାହା କେଉଁଥିପାଇଁ ? ସତ୍ୟର ଦୃଷ୍ଟିରୁ ସବୁ ଦୃଷ୍ଟିକୋଣର ତ ସମାନ ମୂଲ୍ୟ; — ଆମର କର୍ମଜୀବନ ପାଇଁ ହୁଏତ ଏକ ବିଶେଷ ଦୃଷ୍ଟିକୋଣ ସୁବିଧାଜନକ ହୋଇପାରେ । ପୁଣି ଜିନିଷର ଗତି ସହିତ ତା'ର ଆକାର ବି ବଦଳିଯାଏ; ଏକ ବିଶେଷ ବସ୍ତୁକୁ ଯେଉଁ ବିଶେଷ ଆକାର ଦେଉ ତାହା ତା'ର ଏକ ବିଶେଷ ଗତି ସହିତ ସଂଯୁକ୍ତ; ଗତି ସହିତ ବସ୍ତୁର ଭାର — ବସ୍ତୁ-ପରିମାଣ (Mass) ବି ବଦଳିଯାଏ । ତା'ହେଲେ କେଉଁ ରୂପଟିକୁ, କେଉଁ ଭାର ବା ଓଜନଟିକୁ ତା'ର ନିଜସ୍ୱ ଗୁଣ ବୋଲି କହିବା ? ସୁତରାଂ ଯାହାକୁ କୁହାଯାଏ ମୁଖ୍ୟ ଗୁଣ ସେସବୁ ବି ନିର୍ଭର କରେ ଦ୍ରଷ୍ଟାର, ବିଷୟୀ ବା ବ୍ୟକ୍ତିର ସ୍ଥିତି, ଗତି ଓ ଦୃଷ୍ଟିଭଙ୍ଗୀ ଉପରେ । ତା'ହେଲେ ଦେଖାଯାଏ ଏ କ୍ଷେତ୍ରରେ ବି ବସ୍ତୁର ଗୁଣ ଲାଗି

ରହିଛି ଦ୍ରଷ୍ଟାର ଚକ୍ଷୁର ପର୍ଦାରେ । ଚକ୍ଷୁର ପର୍ଦାରେ କେତେକ ତରଙ୍ଗ ବା ଢେଉର ଧକ୍କା ଆସି ପଡ଼େ ଏବଂ ଏଇ ତରଙ୍ଗର ଧର୍ମ ବା ତା'ର ଧକ୍କାର ବେଗ ବା ସ୍ୱଧର୍ମ ଦ୍ୱାରା ଏକ ବହିର୍ଜଗତ୍ ବା ବାହାର ଜଗତର ଛକ ଆମେ ସୃଷ୍ଟି କରୁ ।

ଏହିପରି ଭାବରେ ବିଜ୍ଞାନ ସମସ୍ତ ବସ୍ତୁକୁ ଏବଂ ଜଗତ୍‌କୁ ସ୍ପନ୍ଦନରେ ପରିଣତ କରିଛି । କିନ୍ତୁ ପ୍ରଶ୍ନ ଉଠେ – ବୈଜ୍ଞାନିକମାନେହିଁ ବାଧ୍ୟ ହୋଇ ଏ ପ୍ରଶ୍ନ ଉଠାଇଛନ୍ତି ଏବଂ ଏହିପରି ଭାବେ ଦାର୍ଶନିକ ମଧ୍ୟ ହୋଇ ଉଠିଛନ୍ତି – ''ସ୍ପନ୍ଦନ କାହାର ?''; ''କେଉଁଠି ଘଟେ ?'' ଅବଶ୍ୟ ମୋଟ ଉପରେ କୁହାଯାଇପାରେ (ଏବଂ ବିଜ୍ଞାନର ପାଠ୍ୟପୁସ୍ତକରେ ଉଲ୍ଲେଖ ଅଛି) ଯେ, ବାୟୁରେ ସ୍ପନ୍ଦନ, ଆକାଶ ବା 'ଇଥର୍'ରେ ସ୍ପନ୍ଦନ, ଆଲୋକରେ ସ୍ପନ୍ଦନ, ବିଦ୍ୟୁତ୍‌ରେ ସ୍ପନ୍ଦନ ଇତ୍ୟାଦି । ବେଶ୍, ହେଲେ ଏସବୁ ଘଟୁଛି କେଉଁଠି ? ଏସବୁର ହିସାବନିକାଶ, ପରିଚୟ ପ୍ରଭୃତି କିଏ ରଖୁଛି ? ବୈଜ୍ଞାନିକମାନଙ୍କର ସ୍ନାୟୁମଣ୍ଡଳୀ ନୁହେଁ କି ? ସ୍ନାୟୁମଣ୍ଡଳୀର ପ୍ରାନ୍ତରେ ଯେଉଁ ପ୍ରତିକ୍ରିୟା ଘଟେ, ତାହାରି ଛକହିଁ ବୈଜ୍ଞାନିକମାନେ ଆଙ୍କନ୍ତି । ତା'ଛଡ଼ା ଆଉ ବେଶୀ କିଛି କରିପାରନ୍ତି ନାହିଁ । ଆଉ ଏଇ ପ୍ରତିକ୍ରିୟା, ପ୍ରତୀତି, – ମସ୍ତିଷ୍କର ବୃତ୍ତି ନିଶ୍ଚୟ, ତା'ଛଡ଼ା ଆଉ କିଛି ନୁହେଁ ।

ତେଣୁ ଦାର୍ଶନିକମାନେ କହନ୍ତି, ଏତେ ଗବେଷଣାର ସେତେକିଛି ପ୍ରୟୋଜନ ନଥିଲା । ବସ୍ତୁଜଗତ୍ ଯେ ମସ୍ତିଷ୍କର ବୃତ୍ତି ତାହା ତ ସହଜ-ଜ୍ଞାନ, ସେଥିରେ ପ୍ରମାଣ କରିବାର କିଛି ନାହିଁ । ଜଗତ୍ ଯେ ଅଛି ବୋଲି କହୁଛି, ତା' ମୋର ଅନୁଭୂତିର ବିଷୟ; କିନ୍ତୁ ସେଇ ଅନୁଭୂତି ଛଡ଼ା ଆଉ ଅନ୍ୟ କିଛି ଜଗତ୍ ରହିଛି କି ? ମୋର ଅର୍ଥାତ୍ କୌଣସି ବ୍ୟକ୍ତି ବିଶେଷର ବା ବିଷୟୀର ପ୍ରତ୍ୟୟ ଓ ଚିନ୍ତାର ଏକ ସଜା-ଗଢ଼ା ତ ଏଇ ଜଗତ୍ । ବିଷୟୀବର୍ଜିତ ବା ବିଷୟୀ-ନିଃସମ୍ପର୍କିତ ବିଷୟ ଅଛି କି ନା, ପୁଣି ଥିଲେ ତାହା ଅସଲରେ କି ପ୍ରକାର ତାହା ଜାଣିବା ସମ୍ଭବ ନୁହେଁ; କାରଣ ଜାଣିବା ଅର୍ଥ ତ ବିଷୟୀର ଚିନ୍ତାର ଅନ୍ତର୍ଗତ ହେବା ବା ଗ୍ରସ୍ତ ହୋଇଥିବା କଥା । ଆମମାନଙ୍କ ମସ୍ତିଷ୍କ ବା ମଗଜର ଅନୁଭବଟି ଆମେ ସେଇ ମଗଜସୃଷ୍ଟ ଦେଶ ଓ କାଳ ମଧ୍ୟକୁ ନେଇ ଆମ ବାହାରକୁ ଯେପରି ନିକ୍ଷେପ କରୁ, ଆମ୍ଭମାନଙ୍କଠାରୁ ସେଗୁଡ଼ିକର ପୃଥକ୍ ଓ ସ୍ୱାଧୀନ ଅସ୍ତିତ୍ୱ ଅଛି ବୋଲି ବୋଧ କରୁ । ତାହା କିନ୍ତୁ ମାୟାରଚନା – ବର୍କଲେଙ୍କଠାରୁ ଆରମ୍ଭ କରି ଏଡ଼ିଂଟନ୍ ଓ ମର୍ଗାନ୍‌ଙ୍କ ପର୍ଯ୍ୟନ୍ତ ଏହାକୁ କହିଛନ୍ତି objectivisation, ବସ୍ତୁରୂପ ପ୍ରଦାନ ବା ବୌଦ୍ଧମାନେ ଯାହାକୁ କହିଛନ୍ତି ପ୍ରତୀତ୍ୟସମୁତ୍ପାଦ ।*

ବୈଜ୍ଞାନିକ ଓ ଦାର୍ଶନିକଗଣ ମିଶି ଜଗତ୍‌କୁ ଏହିଭଳି ମାୟାମୟ ଓ ଭ୍ରାନ୍ତିମୟ ବୋଲି ଘୋଷଣା କରିଛନ୍ତି । ସ୍ୱପ୍ରତିଷ୍ଠ, ସ୍ୱରୂପସ୍ଥ ଜଗତ୍‌କୁ ଜାଣି ହୁଏନି । ସେଭଳି କିଛି ଅଛି କି ନା ତାହା ବି ଜ୍ଞାନ-ବହିର୍ଭୂତ ଜିନିଷ । ଉର୍ଣ୍ଣନାଭ ବା ବୁଢ଼ିଆଣୀ ପରି ଆମେ ଆମ ନିଜ ଭିତରୁ ସୂତା ବାହାର କରି ଚିନ୍ତା-ଜାଲ ରଚନା କରିଛୁ – ଆଉ ସେଇ ଚିନ୍ତା-ଜାଲ ମଧ୍ୟରେ ବି ଘୂରାଫେରା କରୁଛୁ ।

ଏଇ ସିଦ୍ଧାନ୍ତ ଖୁବ୍ ଯୁକ୍ତିସଙ୍ଗତ ବୋଲି ବୋଧ ହୁଏ ସତ; ମନେ ହୁଏ ବିଚାର-ବିତର୍କ ପଥରେ ଯଦି ଚାଲିବା ତା'ହେଲେ ଅନ୍ୟ କୌଣସି ସିଦ୍ଧାନ୍ତ ବା ମତର ଆଉ ଅବକାଶ ରହିବ ନାହିଁ । କିନ୍ତୁ ଏ ସିଦ୍ଧାନ୍ତରେ ମନୁଷ୍ୟ କେବେ ବି ସନ୍ତୁଷ୍ଟ ନୁହେଁ । ଏହା ମଧ୍ୟରେ କେଉଁଠି ନା କେଉଁଠି ଫାଙ୍କ ବା ଫାଟ ରହିଛି ବୋଲି ମନୁଷ୍ୟ ଅନୁଭବ କରେ, ହେଲେ ସବୁ ସମୟରେ ବୁଝିପାରେନା । ଅବଶ୍ୟ କାଣ୍ଡଜ୍ଞାନୀଙ୍କ (Commonsense school) ପଥ ଅଲଗା । ଟେବୁଲରେ ମୁଥା ବା ବିଧା ମାରି ସେମାନେ ପ୍ରମାଣ କରି ଦିଅନ୍ତି ଯେ, ଜଗତ୍ ଅଛି, ଜଡ଼ ପଦାର୍ଥ ରହିଛି ଆଉ ରହିଛି କଠୋର, କଠିନ, ନିରାଟ, ସୁଦୃଢ଼ ଆଉ ବାସ୍ତବ ଭାବରେ ! ସେମାନେ କହନ୍ତି ଅତି ଜ୍ଞାନର ଦରକାର ନାହିଁ, ଟିକିଏ କାଣ୍ଡଜ୍ଞାନ ରଖ । ଜଗତ୍‌ଟାକୁ ଯେପରି ଦେଖୁଛ, ତାହା ସେହିପରି ରହିଛି, ଆଉ ରହିଛି ସେଇଭଳି ରୂପ ଆଉ ରଙ୍ଗ ନେଇ ।

ବୈଜ୍ଞାନିକ ଓ ଦାର୍ଶନିକମାନେ ବି ଆଜିକାଲି ମୋଟାମୋଟି ଏଇ ଧରଣର କଥାହିଁ କହୁଛନ୍ତି, କାଣ୍ଡଜ୍ଞାନୀଙ୍କ ପରି ସେପରି ସ୍ଥୂଳ ଭାଷାରେ ହୁଏତ ନୁହେଁ, କିନ୍ତୁ ସେହି ଏକା ସିଦ୍ଧାନ୍ତ ଟିକିଏ ସୂକ୍ଷ୍ମ ଭଙ୍ଗୀରେ । ଏଡ଼ିଂଟନ୍ କହୁଛନ୍ତି – ଜଗତ୍‌ଟା ବାହାରେ ଆମେ ଯେଉଁଭଳି ଦେଖୁଛୁ ସେହିଭଳି ଯେ ରହିଛି – ଏହା ବିଶ୍ୱାସର କଥା – an act of faith । ବିଶ୍ୱାସ ଛଡ଼ା (ଆଧ୍ୟାତ୍ମିକ କ୍ଷେତ୍ର ପରି) ଏ

---

* ''ନାମ ଓ ରୂପ ଉଭୟହିଁ ପରମାର୍ଥତଃ ଅସ୍ତିବିହୀନ; ସେମାନଙ୍କ ଅନ୍ତରାଳରେ ଅନିର୍ବାଚ୍ୟ ଓ ଅଜ୍ଞେୟ ବୋଲି କିଛି ନାହିଁ; ସେମାନେ କେବଳ କ୍ଷଣିକ ବିଜ୍ଞାନର ସମଷ୍ଟି ଓ ପରମ୍ପରା ମାତ୍ର; ସେମାନେ ଏଭଳି ଦିଶନ୍ତି ମାତ୍ର'' କିନ୍ତୁ ସେମାନଙ୍କ ପ୍ରକୃତ ସ୍ୱରୂପ ସ୍ୱପ୍ନ ସଦୃଶ; – ଏହାହିଁ 'ପ୍ରତୀତ୍ୟସମୁତ୍ପାଦ'ର ତାତ୍ପର୍ଯ୍ୟ ।
– 'ପ୍ରତୀତ୍ୟସମୁତ୍ପାଦ', ଶ୍ରୀରାମେନ୍ଦ୍ରସୁନ୍ଦର ତ୍ରିବେଦୀ (''ଜିଜ୍ଞାସା'') ।

କ୍ଷେତ୍ରରେ ବି ଅନ୍ୟ ଉପାୟ ନାହିଁ । ଆଉ କେହି କେହି : – ଯଥା, ନବବସ୍ତୁତାନ୍ତ୍ରିକ ସମ୍ପ୍ରଦାୟ ବା Neo-Realistମାନେ ପୁଣି ଏଇ ପ୍ରସଙ୍ଗରେ Natural Piety (ସ୍ୱାଭାବିକ ଦୟାଭାବ) ସହିତ ସବୁକିଛିକୁ ଗ୍ରହଣ କରିନେବା କଥା କହିଛନ୍ତି । 'ବର୍ଟ୍ରାଣ୍ଡ ରସେଲ୍' ବି ଏଇ ସମସ୍ୟା ଓ ବିପତ୍ତି ମଧ୍ୟରେ ଆସି ପଡ଼ି ଯାଇଛନ୍ତି । ସେ କହୁଛନ୍ତି, ଜଗତ୍‌କୁ, ବାହ୍ୟ ବସ୍ତୁକୁ ସ୍ୱୀକାର କରି ନେବାକୁ ହୁଏ ସ୍ୱୀକାର୍ଯ୍ୟ ହିସାବରେ – Working hypothesis ହିସାବରେ; ବସ୍ତୁ ଜଗତ୍‌କୁ ସ୍ୱୀକାର କରିନେଲେ ବସ୍ତୁ ଜଗତର ସମସ୍ତ ବ୍ୟାଖ୍ୟା ସୁସଙ୍ଗତ ହୁଏ, ଅନ୍ୟାନ୍ୟ ସମସ୍ୟାର ବି ଏକ ସମାଧାନ ମିଳେ । ତେଣୁ ବସ୍ତୁ ଜଗତ୍ ସତ୍ୟ ।

କିନ୍ତୁ ଏସବୁ ପ୍ରକାରର ଫନ୍ଦିରେ ଜଗତ୍ ଉପରେ ମାୟାର bar sinister ବା କଳଙ୍କ ଚିହ୍ନହିଁ ଲାଗିଗଲା । ସତରେ କ'ଣ ଏଥିରୁ ଉଦ୍ଧାରର ପଥ ନାହିଁ ? ଦାର୍ଶନିକମାନଙ୍କ ମଧ୍ୟରେ କାଣ୍ଟ୍ ବି ଆଉ ଗୋଟିଏ ପଥ ବାତିଲ କରି ଦେଇଛନ୍ତି – ବିଚାରର ପଥ ସେମିତି ଗୋଳମାଳିଆ ସତ, ହେଲେ ମନୁଷ୍ୟର ଆହୁରି ବି ଭିନ୍ନ ଦିଗ ରହିଛି, ଯେଉଁ ଦିଗରୁ ଜଗତର ବା ବିଚାରାତୀତ ଜିନିଷର ଅସ୍ତିତ୍ୱ ବା ବାସ୍ତବଗ୍ରାହିତା । କଥାଟା ସହଜ ହେଲେ ବି ଗଭୀର; ସମସ୍ୟା ପୂରଣର ପଥ ଏଇ ଦିଗରୁ, – କଥାଟା କହୁଛି : – ଜଗତ୍ ଯେ ରହିଛି, ଆମର ବାହାରେହିଁ ରହିଛି, ଆଉ ଜଗତ୍‌ର ଯେଉଁ ରୂପ ଆମ ଆଗରେ ପ୍ରକାଶିତ ହୁଏ, ତାହା ବି ଯେ ଜଗତର, ତାହା ଯେ ସତ୍ୟ ଓ ବାସ୍ତବ, କେବଳ ମନଗଢ଼ା ନୁହେଁ, ଏହା କେବଳ ବିଶ୍ୱାସର, ସ୍ୱୀକାର୍ଯ୍ୟର ବା ଅନୁମାନର କଥା ମାତ୍ର ନୁହେଁ । ଦାର୍ଶନିକମାନଙ୍କର ତଥା ବୈଜ୍ଞାନିକମାନଙ୍କର ଭୁଲ୍ ଏଇଠି ଯେ, ଜଗତ୍ ସହିତ ପରିଚୟ ବା ସମ୍ବନ୍ଧର ଗୋଟିଏ ମାତ୍ର ପଥ ରହିଛି ବୋଲି ଧରି ନେଇଛନ୍ତି – ଯାହା ହେଲା ମନର, ବୁଦ୍ଧିର, ବିଚାରର ପଥ । କିନ୍ତୁ ତା' ଠିକ୍ ନୁହେଁ । କାଣ୍ଟ୍ ଅନ୍ତତଃ ଅନ୍ୟ ଏକ ପଥ କଥା କହିଛନ୍ତି; ସମ୍ବୋଧିବାଦୀମାନେ (Intuitionist) ବି ଯୁକ୍ତିବାଦୀମାନଙ୍କର ''ନାନ୍ୟଃ ପନ୍ଥା'' (ନ+ଅନ୍ୟଃ ପନ୍ଥା), 'ଅନ୍ୟ କୌଣସି ପଥ ନାହିଁ' ମନ୍ତ୍ରଟିକୁ ସ୍ୱୀକାର କରନ୍ତି ନାହିଁ ।

ଅସଲ କଥା ହେଲା ଏଇୟା – ସତ୍ୟ ଯେ ସତ୍ୟ, ବସ୍ତୁ ଯେ ବାସ୍ତବ ତା'ର ଏକମାତ୍ର ପ୍ରମାଣ ହେଲା ପ୍ରତ୍ୟକ୍ଷ ବା ସାକ୍ଷାତ୍କାର । ତେବେ ଏଇ ସାକ୍ଷାତ୍କାରର ବିଭିନ୍ନ ପର୍ଯ୍ୟାୟ ବା ସ୍ତର ରହିଛି, ବସ୍ତୁର ବା ବାସ୍ତବର ସ୍ତର ହିସାବରେ । ସ୍ଥୂଳ ଇନ୍ଦ୍ରିୟ ଜଗତକୁ ଯେ ଦେଖେ ଓ ଯେପରି ଭାବେ ଦେଖେ ତାହା ଏକ ପ୍ରତ୍ୟକ୍ଷବୋଧ, ସାକ୍ଷାତ୍କାର, ଏକାତ୍ମାନୁଭବ, ଐକାନ୍ତ୍ୟଭାବ । ଇନ୍ଦ୍ରିୟ ସ୍ଥୂଳ ବସ୍ତୁକୁ ଖାଲି ଅନୁମାନ କରି ନିଏନି, ତାକୁ ସ୍ପର୍ଶ କରି, ତା' ସହିତ ଏକୀଭୂତ ହୋଇ ତା'ର ସତ୍ୟତାର ପରିଚୟ ଓ ପ୍ରମାଣ ପାଏ । ଦେଶ ରହିଛି, କାଳ ରହିଛି, ବସ୍ତୁ ରହିଛି,– ବାହ୍ୟ ସତ୍ୟ ହିସାବରେ ସେସବୁ ମନର ଚିନ୍ତାର ରଚନା ମାତ୍ର ନୁହନ୍ତି । ଏସବୁ ବିଷୟ ସମ୍ବନ୍ଧରେ ଇନ୍ଦ୍ରିୟର ଅପରୋକ୍ଷ-ଜ୍ଞାନ ଓ ଉପଲବ୍ଧି ହୁଏ । ଆମେ ସେମାନଙ୍କର ସତ୍ୟତା ସମ୍ବନ୍ଧରେ ସେତେବେଳେ ସନ୍ଦିହାନ ହୋଇଉଠୁ ଯେତେବେଳେ ସେମାନଙ୍କର ସମ-ପର୍ଯ୍ୟାୟର କାରଣ ଦ୍ୱାରା ନୁହେଁ, କିନ୍ତୁ ଭିନ୍ନ ପର୍ଯ୍ୟାୟର କାରଣ ଦ୍ୱାରା ସେମାନଙ୍କର ପରିଚୟ ମନର ବିଚାର ଓ ଯୁକ୍ତି ସାହାଯ୍ୟରେ ଲାଭ କରିବାକୁ ଚାହୁଁ; ସେତେବେଳେହିଁ ସେମାନେ ସ୍ୱଭାବତଃ ଗୌଣ ପ୍ରତ୍ୟୟର ଜିନିଷ ବା ଅନୁମାନର ଜିନିଷ ହୋଇପଡ଼ନ୍ତି । ମନ ସାକ୍ଷାତ୍‌ଭାବେ ଦେଖେ, ପ୍ରତ୍ୟକ୍ଷ କରେ, ଏକାତ୍ମତା ଫଳରେ ମନର ଜିନିଷକୁ ଆଉ ମନର ବିବିଧ ବୃତ୍ତିକୁ ସତ୍ୟବସ୍ତୁ ବୋଲି ଜାଣେ । ମନ-ବୁଦ୍ଧି ତା'ର ନିମ୍ନତର ଜିନିଷ ସମ୍ବନ୍ଧରେ ଯେପରି ସାକ୍ଷାତ୍ ପରିଚୟ ପାଏନି ସେପରି ତା'ର ଊର୍ଦ୍ଧ୍ୱତର ଜିନିଷ – ଯଥା : ଆତ୍ମା, ଭଗବାନ୍ ପ୍ରଭୃତି ସମ୍ବନ୍ଧରେ ସାକ୍ଷାତ୍ ପରିଚୟ ପାଏନି ।

ସେହିପରି ପ୍ରାଣ ବି ତା' ନିଜ ସ୍ତରର ସତ୍ୟକୁହିଁ ଦେଖେ – ସାକ୍ଷାତ୍‌ଭାବେ, ଅପରୋକ୍ଷଭାବେ, ତା' ସହିତ ଏକୀଭୂତ, ଏକାତ୍ମ ହୁଏ । ବେର୍ଗ ସଁଙ୍କର ସମସ୍ତ ଦର୍ଶନ ହେଲା ଏଇ ପ୍ରାଣସ୍ତରର ସାକ୍ଷାତ୍ ଦର୍ଶନର କଥା ଏବଂ ତାଙ୍କର 'ଇଣ୍ଟୁଇଶନ୍' (Intuition – ଅନ୍ତଃପ୍ରେରଣା ବା ଅବବୋଧ) ଏଇ ପ୍ରାଣମୟ ଏକାତ୍ମତା; ଏଇଥିପାଇଁ ଜଡ଼ର ପୃଥକ୍ ଅସ୍ତିତ୍ୱ ସେ ଦେଖି ପାରି ନାହାନ୍ତି ଏବଂ ତାଙ୍କର ଭଗବାନ୍ ବା ଉଚ୍ଚତର ଅଧ୍ୟାତ୍ମ ସତ୍ୟଗୁଡ଼ିକ ଏଇ ପ୍ରାଣମୟ ଅନୁଭୂତିର ବିଭିନ୍ନ ରୂପାୟଣ ମାତ୍ର । ଯେଉଁଠି ପ୍ରାଣର ନିରବଚ୍ଛିନ୍ନ ଗତି ବ୍ୟାହତ ହୋଇଛି, ରହିଯାଇଛି (ଅନ୍ତତଃ ବୁଦ୍ଧି ତାହାହିଁ ବୋଧ କରେ) ସେଇଠିହିଁ ସେତେବେଳେ ଦେଖାଦିଏ – ଯାହାକୁ କହୁ – ଜଡ଼ । ଆଧ୍ୟାତ୍ମିକ ମୁକ୍ତି ବା ସ୍ୱାଧୀନତା ହେଲା ପ୍ରାଣର ଏଇ ନିରବଚ୍ଛିନ୍ନ ଗତି ସହିତ ଏକ ହୋଇଯିବା ।

ସ୍ଥୂଳ ଇନ୍ଦ୍ରିୟ ପ୍ରତ୍ୟକ୍ଷ କରେ ବସ୍ତୁ ଜଗତ୍, ପ୍ରାଣପୁରୁଷ ପ୍ରତ୍ୟକ୍ଷ କରେ ପ୍ରାଣଜଗତ୍, ମନଃପୁରୁଷ ପ୍ରତ୍ୟକ୍ଷ କରେ ମନୋଜଗତ୍ – ଆଉ ଆତ୍ମା ସାକ୍ଷାତ୍ କରେ ଆଧ୍ୟାତ୍ମିକ ଜଗତ୍ । ପ୍ରତ୍ୟେକ ଜଗତ୍‌ହିଁ ସତ୍ୟ, ସକଳହିଁ ସତ୍ୟ – ତେବେ କଥା

ହେଲା ଏଇ ଯେ ପ୍ରତ୍ୟେକେ ସେତେବେଳେହିଁ ସତ୍ୟ ଯେତେବେଳେ ପ୍ରତ୍ୟେକେ ନିଜ ନିଜ କ୍ଷେତ୍ର ମଧ୍ୟରେହିଁ ଆବଦ୍ଧ ଅର୍ଥାତ୍ ସଂଯତ ରହିଥା'ନ୍ତି, ଅନ୍ୟ କ୍ଷେତ୍ର ମଧ୍ୟକୁ ଅନଧିକାର ପ୍ରବେଶ କରିବାର ଚେଷ୍ଟା କରନ୍ତି ନାହିଁ । ଫଳତଃ ଗୋଟିଏ ସ୍ତରର ଦୃଷ୍ଟି ଦେଇ ଅନ୍ୟ ଏକ ସ୍ତରକୁ ଦେଖିବାକୁ ଗଲେହିଁ ଯାହା ପ୍ରତ୍ୟକ୍ଷ ଥିଲା ତାହା ପରୋକ୍ଷ ହୋଇପଡ଼େ । ଇନ୍ଦ୍ରିୟର ଦୃଷ୍ଟି ଦେଇ ଯଦି ମନକୁ ଦେଖିବାକୁ ଯାଉ (Behaviourist – ବ୍ୟବହାରବାଦୀ ନାମକ ମନସ୍ତାତ୍ତ୍ୱିକମାନେ ଯାହା କରିଥା'ନ୍ତି) – ତେବେ ମନର ସ୍ୱାଧୀନ, ସ୍ୱତନ୍ତ୍ର ସତ୍ୟ ଲୋପ ପାଏ, ସେହିଭଳି ମନର ଦୃଷ୍ଟି ଦେଇ ଯଦି ଇନ୍ଦ୍ରିୟର କ୍ରିୟା ଦେଖୁ (Rationalist ବା ଯୁକ୍ତିବାଦୀମାନେ ଯାହା କରିଥା'ନ୍ତି) ତା'ହେଲେ ଇନ୍ଦ୍ରିୟ ହୋଇପଡ଼େ ଏକ ଗୌଣ ଅବାସ୍ତବ ପ୍ରକରଣ । ଆହୁରି କୁହାଯାଇ ପାରେ ଗୋଟିଏ ସ୍ତରର ପ୍ରତ୍ୟକ୍ଷକୁ ଆଉ ଗୋଟିଏ ସ୍ତରର ପ୍ରତ୍ୟକ୍ଷ ଦ୍ୱାରା ବାତିଲ ବା ଅସ୍ୱୀକାର କରି ନୁହେଁ, ସୀମାବଦ୍ଧ କରି ବା ଯଥା-ସନ୍ନିବିଷ୍ଟ କରି, ଯଥୋପଯୁକ୍ତ ସ୍ଥାନରେ ରଖା ଯାଇପାରେ ଏବଂ ସାଧାରଣତଃ ତାହା କରାଯାଇପାରେ ନିମ୍ନତରଟିର ଉର୍ଦ୍ଧ୍ୱତନ ଦ୍ୱାରା । କ୍ଷୁଦ୍ର ସୀମା-ଅନ୍ତର୍ଗତ ସାକ୍ଷାତ୍‌ଲବ୍ଧ ସତ୍ୟକୁ ସାର୍ବଭୌମ ସତ୍ୟ ବୋଲି ଧରିନେବା ହେଲା ଭ୍ରାନ୍ତି ଓ ପ୍ରମାଦ – ଆଧୁନିକ ଆପେକ୍ଷିକ-ତତ୍ତ୍ୱ ବି ଏହି କଥାହିଁ କହେ; କିନ୍ତୁ ତା' ବୋଲି ଯେଉଁ ସତ୍ୟ ଆପେକ୍ଷିକ ଅର୍ଥାତ୍ ସ୍ଥାନକାଳସ୍ୱଚ୍ଛ ତାହା ଯେ ଅସତ୍ୟ ସେ କଥା ନୁହେଁ । ମାୟାବାଦୀମାନେ (ସିଏ ବୈଜ୍ଞାନିକ-ମାୟାବାଦୀ ହୁଅନ୍ତୁ ବା ଦାର୍ଶନିକ-ମାୟାବାଦୀ ହୁଅନ୍ତୁ ବା ଆଧ୍ୟାତ୍ମିକ-ମାୟାବାଦୀ ହୁଅନ୍ତୁ) ଯେଉଁ ଭୁଲ୍ କରନ୍ତି ତାହା ଠିକ୍ ଏହିଠାରେହିଁ ହୁଏ । ଖଣ୍ଡ ସତ୍ୟ ରହିଛି, ଖଣ୍ଡ ବାସ୍ତବ ବି ରହିଛି; କିନ୍ତୁ ପୂର୍ଣ୍ଣ ଅଖଣ୍ଡ ସତ୍ୟ ହେଲା ତାହା ଯାହା ମଧ୍ୟରେ ସେସବୁର ସମନ୍ୱୟ, ସାମଞ୍ଜସ୍ୟ ପ୍ରତିଷ୍ଠିତ ହୋଇଛି, ଏପରି ନୁହେଁ ଯେଉଁଠି ଗୋଟିଏ ମାତ୍ର ସତ୍ୟ ରହିଛି, ଅଥଚ ଅନ୍ୟ ସମସ୍ତ ବିଲୋପ ପାଇଯାଇଛି ।

ଆମେ କହିଛୁ ନିମ୍ନର ସାକ୍ଷାତ୍‌କାରକୁ ତା'ର ଉପରର ସାକ୍ଷାତ୍‌କାର ଦ୍ୱାରା ସୁବ୍ୟବସ୍ଥିତ କରି ନେବାକୁ ହୁଏ । ହେଲେ ଏ କାର୍ଯ୍ୟଟି ସର୍ବତୋଭାବେ ଯଥାଯଥ କରିବା ସମ୍ଭବପର ନୁହେଁ । କାରଣ ଇନ୍ଦ୍ରିୟ, ପ୍ରାଣ-ମନ-ବୁଦ୍ଧି – ଏସବୁ ମୋଟ ଉପରେ ଅଜ୍ଞାନର ବା ଅର୍ଦ୍ଧଜ୍ଞାନର ରାଜ୍ୟରେ ଏକାନ୍ତଭାବେ ସୀମାବଦ୍ଧ । ବୈଜ୍ଞାନିକ ପଦ୍ଧତିରେ ଏହି ପ୍ରକାର ଏକ ସଂସ୍କାରର ପ୍ରକ୍ରିୟା ରହିଛି – ବୈଜ୍ଞାନିକ ପ୍ରଥମେ ଇନ୍ଦ୍ରିୟଜ ସାକ୍ଷାତ୍-ଜ୍ଞାନକୁ ଆଶ୍ରୟ କରି, ତା'ର ସତ୍ୟତାରେ ନିର୍ଭର କରି ତାଙ୍କର ଯାତ୍ରା ଆରମ୍ଭ କରନ୍ତି । କିନ୍ତୁ ଏହାର ସଂକୀର୍ଣ୍ଣତାକୁ ସେ ମନର, ବିଚାର-ବିତର୍କ ଓ ଯୁକ୍ତିର ସହାୟତାରେ ସଂଶୋଧନ କରିନେବାକୁ ଚାହିଁଛନ୍ତି; ହେଲେ ଏ କାର୍ଯ୍ୟଟି ସହଜ ନୁହେଁ, ଏହା କେତେ ଯେ ବିପଜ୍ଜନକ ତାହା ଆମେ ଦେଖୁଛୁ । ସେ ଇନ୍ଦ୍ରିୟପ୍ରତ୍ୟୟକୁ ସଂଶୋଧନ କରିବାକୁ ଯାଇ ସଂହାର କରିଛନ୍ତି । ପ୍ରଥମେ ଇନ୍ଦ୍ରିୟକୁ ଅତିମାତ୍ରା କରି ଧରିଛନ୍ତି, ଶେଷରେ ମନର ବିଚାର-ବିତର୍କକୁ ଅତିମାତ୍ରା କରି ଧରିଛନ୍ତି । ଉଭୟର ସାମଞ୍ଜସ୍ୟ ବା ସଂଯୋଗ ସେ ଖୋଜି ବାହାର କରିପାରି ନାହାନ୍ତି ।

ଏଇ ସାମଞ୍ଜସ୍ୟ ଓ ସଂଯୋଗ ରହିଛି ଆହୁରି ଉର୍ଦ୍ଧ୍ୱତର ଏକ ଚେତନାର କ୍ଷେତ୍ରରେ, ଏକ ଅଧ୍ୟାତ୍ମ ସାକ୍ଷାତ୍‌କାରକୁହିଁ ପୂର୍ଣ୍ଣ ଜ୍ଞାନର ରାଜ୍ୟରେ ଟେକିଧରି । ତେବେ ଏ ରାଜ୍ୟରେ ବି ଗୋଟାଏ ଆଶଙ୍କା ରହିଛି – ଯେମିତି ଗୋଟାଏ ଚୋରାଗଳି, ଫୁସୁଳ ବା ଫୁଟା, ଫ୍ରେଞ୍ଚରେ ଯାହାକୁ କହନ୍ତି 'କ୍ୟୁଲ୍-ଦ-ସାକ୍'(cul-de-sac) । ଏହା ପୂର୍ବରୁ ମୁଁ ତାକୁ ମାୟାବାଦୀଙ୍କ ଆଧ୍ୟାତ୍ମିକତା ନାମ ଦେଇଛି । କାରଣ ଏହା ହେଲା ବିଶୁଦ୍ଧ, ନିଷ୍କଳ, ସମାଧିଗତ ଆଧ୍ୟାତ୍ମିକ ଚୈତନ୍ୟର କଥା – ଏହା ମଧ୍ୟରେ ଜ୍ଞାନର, ଅନୁଭୂତିର ଅଥବା ପ୍ରତ୍ୟୟର ଆଉ କୌଣସି ଅଙ୍ଗ ବା ସ୍ଥିତି ରହେନି । ଅପରାର୍ଦ୍ଧଗତ ଦେହ-ପ୍ରାଣ-ମନର ଅନୁଭୂତି ପରି ଏହାର ଅନୁଭୂତି ଏକଦେଶଦର୍ଶୀ, ଏକପାଖିଆ ।

ଏହି ପ୍ରକାରର ଏକ ଅଖଣ୍ଡ ସାମଞ୍ଜସ୍ୟପୂର୍ଣ୍ଣ ସାକ୍ଷାତ୍‌କାର ରହିଛି – ଯେଉଁଠି ଇନ୍ଦ୍ରିୟ ଦେଖେ ସାକ୍ଷାତ୍ ଭାବରେ, ପ୍ରାଣ ଦେଖେ ସାକ୍ଷାତ୍ ଭାବରେ ଏବଂ ମନ ବି ଦେଖେ ସାକ୍ଷାତ୍ ଭାବରେ, ଏକ ସଙ୍ଗରେ; କାରଣ ସେତେବେଳେ ଏଇ ସମସ୍ତେ ଏକ ଗଭୀରତର, ଉର୍ଦ୍ଧ୍ୱତର ତଥା ବୃହତ୍ତର ଚେତନାର ଅଙ୍ଗୀଭୂତ ହୋଇ ଯାଇଥା'ନ୍ତି । ଏ ଚେତନା ଏକ ଆଧ୍ୟାତ୍ମିକ ଚେତନା ନିଶ୍ଚିତ, କିନ୍ତୁ ମାୟାବାଦୀଙ୍କର ଆଧ୍ୟାତ୍ମିକ ଦୃଷ୍ଟି ଏହା ନୁହେଁ, ତାକୁ ସେ ଅତିକ୍ରମ କରି ଯାଇଛି ।

ଶ୍ରୀଅରବିନ୍ଦ ଏହି ତତ୍ତ୍ୱର ବା ଭୂମିର ନାମ ଦେଇଛନ୍ତି ଅତିମାନସ ବା ଚିନ୍ମୟ ବିଜ୍ଞାନ । ଏହି ଦୃଷ୍ଟିରେ ସମସ୍ତ ସୃଷ୍ଟି ବାସ୍ତବ ହୋଇଉଠିଛି । ଦେହ-ପ୍ରାଣ-ମନ-ଆତ୍ମା ସେମାନଙ୍କର ପ୍ରତ୍ୟେକଙ୍କର ସ୍ୱ-ସ୍ୱ ବାସ୍ତବତାରେ ପ୍ରତିଷ୍ଠିତ ଏବଂ ଏକ ପୂର୍ଣ୍ଣ ଓ ସମଗ୍ର ସମନ୍ୱୟରେ ବିଧୃତ ।

(ମୂଳ ବାଙ୍ଲା ରଚନାବଳି - ୭ମ ଖଣ୍ଡରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି ❑

### ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୬୫)

**ଗୁରୁ ପ୍ରାପ୍ତି :**

ସୈନ୍ୟ ବିଭାଗରୁ ନିଷ୍କୃତି ପାଇବା ପରେ ଏବଂ ଜାପାନରେ ପଦାର୍ପଣ କରିବା ପୂର୍ବରୁ ପବିତ୍ରଙ୍କୁ ତାଙ୍କର ପୂର୍ବ-ବିଦ୍ୟାର୍ଥୀ ଜୀବନକୁ ଫେରି ଆସିବାକୁ ପଡ଼ିଥିଲା । ଯେଉଁ ଶିକ୍ଷା ସେ ଆରମ୍ଭ କରିଥିଲେ, ସେଇଟିକୁ ସେ ନିଶ୍ଚିତ ରୂପେ ସମ୍ପୂର୍ଣ୍ଣ କରିବେ । କିନ୍ତୁ ତାଙ୍କର ଆନ୍ତର ଗତିବିଧିରେ ଏମିତି ଆମୂଳଚୂଳ ପରିବର୍ତ୍ତନ ଘଟିଥିଲା ଯେ ବିଦ୍ୟାର୍ଜନ ପ୍ରତି ତାଙ୍କର ପୂର୍ବ-ଆଗ୍ରହ ସେତେ ନଥିଲା । କିନ୍ତୁ ତାଙ୍କ ସମ୍ମୁଖରେ ଆଉ ଦ୍ୱିତୀୟ ପନ୍ଥା କିଛି ନଥିଲା ।

ପଲିଟେକ୍‌ନିକ୍ ସ୍କୁଲରୁ ବ୍ରିଜ୍ ଏଣ୍ଡ୍ ହାଇଡ୍ରୋଲିକ୍ ଇଞ୍ଜିନିୟରିଂ ପାସ କରି ସେ ପ୍ୟାରିସର ଜଣେ ଜୁନିୟର ଇଞ୍ଜିନିୟର ହିସାବରେ ନିଯୁକ୍ତି ପାଇଲେ । ଏହି ବିଭାଗଟି ତାଙ୍କ ସକାଶେ ଖୁବ୍ ଆଗ୍ରହୋଦ୍ଦୀପକ କାର୍ଯ୍ୟ ଥିବା ସତ୍ତ୍ୱେ ଏହି ଭାବଧାରା ତାଙ୍କୁ ଏକେବାରେ ପରାଭୂତ କରି ନେଇଥିଲା ଯେ ଏ ଧରଣର ଜୀବନଯାପନ ତାଙ୍କ ସକାଶେ ବେଶୀ ଦିନ ନୁହେଁ ।

ପବିତ୍ରଙ୍କ ଉକ୍ତିରେ : ''୧୯୨୦ର ପ୍ରାରମ୍ଭରେ ମୁଁ ସିଦ୍ଧାନ୍ତ ନେଲି ଯେ ଇଞ୍ଜିନିୟର ପଦରୁ ଅବ୍ୟାହତି ନେଇ ମୋର ଆଧ୍ୟାତ୍ମିକ ପଥପ୍ରଦର୍ଶକ, ମୋର ଗୁରୁଙ୍କ ସନ୍ଧାନରେ ଜୀବନ ଅତିବାହିତ କରିବି । କାରଣ ସେତେବେଳକୁ ମୁଁ ଜାଣି ପାରିଥିଲି, ମୋ ପାଇଁ ଏହି ଜାଣିବା ଥିଲା ଏକ ଦୃଢ଼ ନିଶ୍ଚୟତା ଯେ ମୋ ସମଗ୍ର ଜୀବନଟି ହେବ ଆଧ୍ୟାତ୍ମିକ ଉପଲବ୍ଧି ସକାଶେ ଉତ୍ସର୍ଗୀକୃତ ଏକ ଜୀବନ; ଅନ୍ୟ ସବୁକିଛି ମୋ ସକାଶେ ନିରର୍ଥକ ଏବଂ ପୃଥିବୀପୃଷ୍ଠରେ, ନିଶ୍ଚିତ ରୂପେ ଏହି ପୃଥିବୀପୃଷ୍ଠରେ କୌଣସି ନା କୌଣସି ସ୍ଥାନରେ ମୋର ଗୁରୁଙ୍କର ଅସ୍ତିତ୍ୱ ଥିବ, ଯିଏକି ମୋତେ ସତ୍ୟ, ଜ୍ୟୋତିଃର ସନ୍ଧାନ ଦେବେ ଏବଂ ମୋତେ ସେ ଦିଗରେ ବାଟ କଢ଼ାଇ ନେବେ ।

''... ଆନ୍ତର ବାଧାବିପତ୍ତିର ସମ୍ମୁଖୀନ ହୋଇ ମୁଁ କିଛି ମାସ କାର୍ଯ୍ୟରେ ମନୋନିବେଶ କରିବାକୁ ଚେଷ୍ଟା କରି ପରିଶେଷରେ କର୍ମ ତ୍ୟାଗ କଲି । ତୁମେମାନେ ବେଶ୍ ହୃଦୟଙ୍ଗମ କରିପାରୁଥିବ, ଏହା କରିବା ଫଳରେ ମୋ ପରିବାରର ପ୍ରତ୍ୟେକଟି ବ୍ୟକ୍ତି କିପରି ମୋର ବିରୋଧୀ ହୋଇ ଉଠିଥିଲେ ।... କାହିଁକି ନା ମୁଁ ତ ସେତେବେଳକୁ ସେମାନଙ୍କ ବିଚାରରେ ଜଣେ ଧର୍ମ-ପାଗଳ ହୋଇ ଉଠିଥିଲି । ପ୍ରକୃତରେ କହିବାକୁ ଗଲେ ଏହା ଏକେବାରେ ସତ୍ୟ ଏବଂ ମୁଁ ସେତେବେଳକୁ ଆଧ୍ୟାତ୍ମିକ ଜୀବନଯାପନ କରିବା ସକାଶେ ସବୁକିଛି ତ୍ୟାଗ କରିବାକୁ ପ୍ରସ୍ତୁତ ହୋଇ ଉଠିଥିଲି । ଆଉ ଠିକ୍ ଏଇ ମୁହୂର୍ତ୍ତରେହିଁ ମୋ ସାମନାରେ ଏକ ସୁଯୋଗ ଆସି ଉପସ୍ଥିତ ହେଲା – ପ୍ୟାରିସର ମୋର କେତେକ ବନ୍ଧୁ ହଠାତ୍ ସୁଦୂର ପ୍ରାଚ୍ୟକୁ, ଜାପାନକୁ ଆସୁଥିଲେ । ମୁଁ ସେମାନଙ୍କ ସାଥିରେ ଜାପାନକୁ ଆସିବାକୁ ସିଦ୍ଧାନ୍ତ ନେଲି ।...

''ସେତେବେଳେ ମୋ ସକାଶେ ବୌଦ୍ଧ ଧର୍ମ ଓ ହିନ୍ଦୁ ଧର୍ମ ମଧ୍ୟରେ ବିଶେଷ କୌଣସି ତଫାତ ନଥିଲା । ମୋର ମନୋଭାବ ଥିଲା – ଭାରତବର୍ଷର ପ୍ରତ୍ୟେକଟି ଧର୍ମ ସେଇ ଏକହି ଆଧ୍ୟାତ୍ମିକତାକୁ ଜୀବନ୍ତ କରି ଗଢ଼ିତୋଳେ । ତେଣୁ ମୁଁ ଜାପାନକୁ ଆସିବାକୁ ସିଦ୍ଧାନ୍ତ ନେଇଥିଲି । (ଜାପାନରେ 'ଜେନ୍' ବୌଦ୍ଧଧର୍ମର ପ୍ରଭୂତ ପ୍ରଚଳନ ଥିଲା ।)

''ଜାପାନକୁ ମୁଁ ଜଣେ ଇଞ୍ଜିନିୟର ହୋଇ ଆସି ନଥିଲି । ଆସିଥିଲି ଜଣେ ସାଧାରଣ ବ୍ୟକ୍ତି ହିସାବରେ, ଜଣେ ପର୍ଯ୍ୟଟକ ହିସାବରେ । ତେଣୁ ଜାପାନରେ ରହିବା ସକାଶେ ମୋର ଅର୍ଥ ଉପାର୍ଜନର ଆବଶ୍ୟକତା ଥିଲା, ଯାହାକି ଆଦୌ ସୁବିଧାଜନକ ନଥିଲା । କାହିଁକି ନା, ଏସିଆ ମହାଦେଶର ଜାପାନ ଭଳି ଏକ ଦେଶ ସେତେବେଳେ ଅଜଣା ବ୍ୟକ୍ତିଙ୍କୁ କେବେହେଲେ ସାଗ୍ରହେ ଆତିଥ୍ୟ ପ୍ରଦାନ କରୁ ନଥିଲେ । ଜାପାନରେ ରହିବାକୁ ଗଲେ ହୁଏତ ଆଗନ୍ତୁକ ବ୍ୟକ୍ତିଟି ଖୁବ୍ ବିଖ୍ୟାତ ହୋଇଥିବେ, ନଚେତ୍ ନିଜେ ଜଣେ ବିତ୍ତଶାଳୀ ବ୍ୟକ୍ତି ହୋଇଥିବେ ବା ସ୍ୱଦେଶର କୌଣସି ବିତ୍ତଶାଳୀ ସଂସ୍ଥା ଦ୍ୱାରା ଏ ଦେଶକୁ ଆସିବାରେ ସମର୍ଥିତ ହୋଇଥିବେ – ଏସବୁଥିରୁ ମୁଁ କୌଣସିଟିରେ ଅନ୍ତର୍ଭୁକ୍ତ ନଥିଲି ।

''ଯାହା ବି ହେଉ, ଜାପାନରେ ପରିବ୍ରାଜକ ପରି ବେଶ୍

କିଛି ଦିନ ଘୂରାଘୂରି କରି, ଉପର୍ଯ୍ୟୁପରି ପ୍ରଭୂତ ପରିମାଣରେ ବାଧାବିପତ୍ତିର ସମ୍ମୁଖୀନ ହୋଇ, କଷ୍ଟକର ଜୀବନ ଅତିବାହିତ କରି ମୁଁ ଜାପାନରେ ଚାରି ବର୍ଷ କଟାଇଥିଲି । ଆନୁକ୍ରମିକ ବହୁବିଧ ଅଭିଜ୍ଞତାରେ ଭରପୂର ଥିଲା ମୋର ଏହି ଚାରି ବର୍ଷର ଜୀବନଧାରା – 'ଜେନ୍' ବୌଦ୍ଧ ଧର୍ମ ସମ୍ବନ୍ଧରେ ଗଭୀର ଅଧ୍ୟୟନ, ଜାପାନର ବିଭିନ୍ନ ସ୍ଥାନରେ ଥିବା ବୌଦ୍ଧ-ମନ୍ଦିରରେ କାଳାତିପାତ, ଅର୍ଥ ଉପାର୍ଜନ ନିମିତ୍ତ ନିଜ ସୃଷ୍ଟ ପରୀକ୍ଷାଗାରରେ ଦିନତମାମ କଠୋର ପରିଶ୍ରମ ଏବଂ ଦିନାନ୍ତେ ସ୍ୱ-ଆଶ୍ରୟସ୍ଥଳରେ ଗଭୀର ରାତ୍ରି ପର୍ଯ୍ୟନ୍ତ ସ୍ୱାଧ୍ୟାୟରେ ଏକାଗ୍ର ହେବା । ମୋର ସ୍ୱାଧ୍ୟାୟର ବିଷୟ ବସ୍ତୁ ଥିଲା – ଭାରତୀୟ, ଚୀନା ଓ ଜାପାନୀ ଆଧ୍ୟାତ୍ମିକତା । ଐକାନ୍ତିକ ଭାବରେ ସତ୍ୟ-ଜ୍ୟୋତିଃର ଅନ୍ୱେଷୀ ବ୍ୟକ୍ତିଙ୍କ ଜୀବନରେ, ବିଶେଷ କରି ଏକାକୀ, ଅବଶ୍ୟ ଆପାତ ଦୃଷ୍ଟିରେ ଏକାକୀ, ଅନ୍ୱେଷଣ କରୁଥିବା ବ୍ୟକ୍ତିଙ୍କ ଜୀବନରେ ସ୍ୱାଭାବିକ ରୂପେ ବାଧାବିପତ୍ତିର ଅତଡ଼ାସବୁ ଖସିଥାଏ; ଆଲୋକ ଓ ଅନ୍ଧକାର, ଅଗ୍ରଗତି ଓ ନିଶ୍ଚଳତା ଭିତର ଦେଇ ସେମାନେ ଅଗ୍ରସର ହୋଇଥା'ନ୍ତି । ମୁଁ ବି ଏସବୁଥିରୁ ବାଦ୍ ଯାଇଥା'ନ୍ତି କେମିତି ?

''୧୯୨୪ର ଜୁନ୍ ମାସରେ ଦକ୍ଷିଣ ଚୀନର ବହିସ୍ଥ-ମଙ୍ଗୋଲିଆରୁ ଦଳେ ଲାମା-ସନ୍ନ୍ୟାସୀ ପ୍ରତିନିଧି ରୂପେ ଜାପାନ ପରିଦର୍ଶନରେ ଆସିଲେ । ସେମାନେ ଆଗ୍ରହ ପ୍ରକାଶ କରି ମୋର ପରୀକ୍ଷାଗାରକୁ ମଧ୍ୟ ବୁଲି ଆସିଥିଲେ । ଏମାନଙ୍କୁ ଦେଖିବା ମାତ୍ରେ ମୁଁ ମୋ ଅନ୍ତର ଭିତରୁ ଏକ ସୁଯୋଗ ଉପସ୍ଥିତ ବୋଲି ନିଦର୍ଶନ ପାଇଲି । ଏସିଆର କେନ୍ଦ୍ର ଆଡ଼କୁ ଗତି କରିବାର, ସର୍ବୋଚ୍ଚ ହିମାଳୟର ନିକଟବର୍ତ୍ତୀ ହେବାର, ହୁଏତ ତିବ୍ବତକୁ ଟାଣି ହୋଇ ଯିବାର ତୀବ୍ର ପ୍ରେରଣା ପାଇଲି । ତେଣୁ ମୁଁ ମୋର ପରିଚୟ ଦେଇ, ମୋର ଅଭିପ୍ରାୟ ଜଣାଇବା ଉଦ୍ଦେଶ୍ୟରେ ସେମାନଙ୍କ ସହିତ ଯୋଗାଯୋଗ କଲି । କିନ୍ତୁ ଏହା ଆଦୌ ସହଜ ନଥିଲା । କାରଣ ଆମ ଉଭୟଙ୍କ ଭିତରେ ବୋଧଗମ୍ୟ ହେବାକୁ ଏକ ସାଧାରଣ ଭାଷା ନଥିଲା । ସେମାନଙ୍କ ଭିତରେ ଜଣେ ମଙ୍ଗୋଲ ରୁଷିଆ ସୈନ୍ୟବାହିନୀର ଜଣେ ପୂର୍ବତନ ଅଫିସର ଥିଲେ ଯିଏକି ଇଂରାଜୀ ବା ଚୀନ ଭାଷା କିଛି ବି ଜାଣି ନଥିଲେ, କିନ୍ତୁ ସୌଭାଗ୍ୟବଶତଃ ତାଙ୍କ ସ୍ତ୍ରୀ ଏହି ଦୁଇଟି ଭାଷା ଜାଣିଥିଲେ । ଆମେ କୌଣସି ପ୍ରକାରେ ସେହି ଭଦ୍ରମହିଳାଙ୍କ ମାଧ୍ୟମରେହିଁ କଥାବାର୍ତ୍ତା ଆରମ୍ଭ କଲୁ ଏବଂ ସେମାନଙ୍କୁ ମୁଁ ମୋର ମନୋଭାବ ପ୍ରକାଶ କଲି । ଶେଷରେ ଅଫିସର ଜଣଙ୍କ ରାଜି ହେଲେ ଯେ ମୁଁ ସେମାନଙ୍କ ସହିତ ମଙ୍ଗୋଲିଆକୁ ଯାଇ ସେଠାରେ ସେମାନଙ୍କ ତତ୍ତ୍ୱାବଧାନରେ ଥିବା ଏବଂ ତିବ୍ବତୀୟ ଲାମା-ସନ୍ନ୍ୟାସୀଙ୍କ ମଠରେ କିଛି ଦିନ ରହିପାରିବି ।... ବିଭିନ୍ନ ଅଭିଜ୍ଞତାପୂର୍ଣ୍ଣ ଏକ ଦୁଃସାହସିକ, ଅତ୍ୟନ୍ତ କ୍ଳେଶକର ଅଭିଯାନର ଶେଷରେ ସେହି ମଠରେ ଯାଇ ପହଞ୍ଚିଲି ।... କିନ୍ତୁ ମୁଁ ମୋର ସମଗ୍ର ଯାତ୍ରାପଥରେ ଏହି ଧରଣର ମନୋଭାବକୁ ଅକ୍ଷୁଣ୍ଣ ରଖିଥିଲି : 'ମୁଁ ମୋର ଲକ୍ଷ୍ୟ ସମ୍ବନ୍ଧେ ଦୃଢ଼ ନିଶ୍ଚିତ ଯେ ମୁଁ ସତ୍ୟାଭିମୁଖେ ଯାତ୍ରା କରୁଛି; ଏହି ସତ୍ୟରେ ପହଞ୍ଚିବା ସକାଶେ ମୋତେ ମାର୍ଗ ଦେଖାଇ ଦେବାରେ ମୁଁ ମୋର ଗୁରୁଙ୍କର ଅନ୍ୱେଷଣରେ ଯାତ୍ରା କରୁଛି । କିନ୍ତୁ ମୁଁ ଜାଣେ ନାହିଁ ସେ କେଉଁଠି ଅଛନ୍ତି, କେମିତି ତାଙ୍କର ସାନ୍ନିଧ୍ୟ ଲାଭ କରିବି – ଏ ସମ୍ବନ୍ଧେ ମୁଁ କିଛି ବି ଜାଣେ ନାହିଁ । ମୁଁ ମୋ ତରଫରୁ କେବଳ ଏତିକି କରିବାକୁ ଦୃଢ଼ ସଂକଳ୍ପବଦ୍ଧ ଯେ ସକଳ ପରିସ୍ଥିତିରେ ସଦାଉନ୍ନିଦ୍ର ରହି କୌଣସି ପ୍ରକାର ଇଙ୍ଗିତ ପାଇବା ମାତ୍ରେ ମୁଁ ସେଦିଗକୁ ବିନା ଦ୍ୱିଧାରେ ଅଗ୍ରସର ହେବି । ଯଦି ମୁଁ ଦେଖେ କୌଣସି ଏକ ଦିଗରେ ଦରଜା ଖୋଲିଛି, ତା'ହେଲେ ମୁଁ ନିଶ୍ଚିତ ରୂପେ ସେ ଦିଗକୁ ପ୍ରବେଶ କରିବି । ଭିତରେ ପହଞ୍ଚି ଯଦି ମୁଁ କୌଣସି କିଛି ନଦେଖେ, ତେବେ ପୁନର୍ବାର କିଛି ଇଙ୍ଗିତ ପାଇବା ପର୍ଯ୍ୟନ୍ତ ସେଇଠି ଅପେକ୍ଷା କରି ରହିବି ଏବଂ ସତର୍କ ଦୃଷ୍ଟି ରଖିଥିବି । ଆଜି ବି ମୁଁ ଭାବୁଛି ଏଇ ଧରଣର ମନୋଭାବ ରଖିବାଟାହିଁ ପ୍ରକୃତରେ ଏକ ଯଥାର୍ଥ ମନୋଭାବ ।

''ଲାମାମାନଙ୍କ ସହିତ ମୁଁ ନଅ ମାସ କଟାଇଥିଲି । ପୂରା ଶୀତକାଳଟି ଶୀତ ପ୍ରଧାନ ଦେଶରେହିଁ ରହିଥିଲି । ଏଇ ମଠଟି ବେଶ୍ ସୁରକ୍ଷିତ ଥିଲା । ବାହାର ଲୋକମାନଙ୍କ ସହିତ କୌଣସି ସମ୍ପର୍କ ନଥିଲା । ନଅ ମାସ ଭିତରେ ମୁଁ କେତେକ ଚୀନା-ବ୍ୟବସାୟୀ ଏବଂ ମଙ୍ଗୋଲମାନଙ୍କ ବ୍ୟତୀତ ଜଣେ ହେଲେ ବି ୟୁରୋପୀୟଙ୍କୁ ଦେଖି ନଥିଲି । ମଙ୍ଗୋଲ ଭାଷା ଶିଖିବା ପାଇଁ ଖଣ୍ଡିଏ ବହି ପାଇବା ବି ବେଶ୍ କଷ୍ଟକର ଥିଲା । କେବେ କେବେ ମୋତେ ଅତ୍ୟନ୍ତ କଠିନ ସଙ୍ଗୀନ ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଥିଲା ।... ସଂକଟ କାଳରେ ନିଜର ବାଧାବିପତ୍ତି ଓ ଅବସାଦର ମୁହୂର୍ତ୍ତସବୁକୁ ଆଦରି ନେଇ ଏକେବାରେ ଏକୁଟିଆ ପଡ଼ି ରହିବାକୁ ହେଉଥିଲା ଏବଂ ନିଜ ସମ୍ବଳ ଉପରେହିଁ ଏକମାତ୍ର ଭରସା ରଖିବାକୁ ପଡୁଥିଲା ।

''କିନ୍ତୁ ମୋ ଭିତରେ ଯେଉଁ ଏକମାତ୍ର ମନୋଭାବ

ବା ଭାବଧାରାର ପ୍ରଭାବଟି ପ୍ରଭୁତ୍ୱ ବିସ୍ତାର କରିଥିଲା, ତା' ଥିଲା ଏହିପରି : 'ହେ ଭଗବାନ୍, ପୃଥିବୀରେ ମୋର ଜୀବନ ଧାରଣର ମୂଳ ଉଦ୍ଦେଶ୍ୟଟି କ'ଣ ? ମୋତେ ପ୍ରଭୁ ଏତିକି ଜଣାଇ ଦିଅ, ମୋତେ କ'ଣ କରିବାକୁ ହେବ । ସେହି କାର୍ଯ୍ୟଟି ଯାହା ବି ହେଉ ନା କାହିଁକି, ଏମିତିକି ସେଇଟି ଯଦି ରାସ୍ତାରେ ଝାଡୁ ଦେବା କାମ ହୋଇଥାଏ, ମୁଁ ସେଇଟିକୁ ଆନନ୍ଦରେ କରିଯିବି । କିନ୍ତୁ ମୋର ସେଇ କର୍ମଟି ସମ୍ବନ୍ଧେ ମୋତେ ଯଥାର୍ଥ ଜ୍ଞାନ ଦିଅ, ପ୍ରଭୁ !' ମୋର ଏହି ଧରଣର ମନୋଭାବ ତ ତିନି, ଚାରି ବର୍ଷ ଧରି ମୋତେ କାବୁ କରି ରଖିଥିଲା – 'ପୃଥିବୀରେ ମୋର ଯଥାର୍ଥ କର୍ମଟି କ'ଣ ? କେଉଁଠୁ ମୁଁ ଏହାର ସୁସ୍ପଷ୍ଟ ନିର୍ଦ୍ଦେଶନ ପାଇପାରିବି ? କିଏ ମୋତେ ଏହାର ସନ୍ଧାନ ଦେବ ?'

''ଏହିଠାରେ କହିରଖିବା ଉଚିତ ଯେ ଇତି ମଧ୍ୟରେ ମୋର ପାରସ୍ପରିକ ସମ୍ବନ୍ଧ ଥିବା ବନ୍ଧୁମାନଙ୍କଠାରୁ ପୃଥିବୀପୃଷ୍ଠରେ ଶ୍ରୀମା-ଶ୍ରୀଅରବିନ୍ଦଙ୍କର ଉପସ୍ଥିତି ସମ୍ବନ୍ଧେ ଅବଗତ ହୋଇଥିଲି । ଏମିତିକି ଫ୍ରାନ୍ସ ଛାଡ଼ି ଜାପାନକୁ ଆସିବା ସମୟରେ ମୋ ପାଖରେ 'ଆର୍ଯ୍ୟ' ପତ୍ରିକାର ଫରାସୀ ସଂସ୍କରଣର ଏକ ସଂଖ୍ୟା ଥିଲା । ମୁଁ ସେଇଟିରେ ଆଖି ବୁଲାଇ ନେଇଥିଲି ମାତ୍ର । ଆଉ ମୁଁ ସ୍ୱୀକାର କରୁଛି ଯେ ଏହି ପତ୍ରିକାଟି ସେତେବେଳେ ମୋତେ ସେତେ ଆକର୍ଷଣୀୟ ବୋଧ ହୋଇ ନଥିଲା । ମୁଁ ଏହାର ବିଷୟ-ସୂଚୀ ପଢ଼ି ନିଜକୁ ନିଜେ କହି ଉଠିଥିଲି : 'ହଁ, ଏହା ବେଶ୍ ଚିତ୍ତାକର୍ଷକ ।' କିନ୍ତୁ ମୁଁ ସେତେବେଳେ ଯାହା ଚାହୁଁଥିଲି 'ଆର୍ଯ୍ୟ'ରେ ତା' ପାଇ ନଥିଲି । ମୁଁ ସେତେବେଳେ କୌଣସି କିଛିର ସଂସ୍ପର୍ଶରେ ଆସିବାକୁ ଚାହୁଁଥିଲି । 'ଆର୍ଯ୍ୟ'ରେ ଥିଲା 'ଦିବ୍ୟ-ଜୀବନ' ଗ୍ରନ୍ଥର ପ୍ରଥମ ଅଧ୍ୟାୟ ଏବଂ 'ଚିରନ୍ତନ ପ୍ରଜ୍ଞା'ର ଅଭିଜ୍ଞତା ଓ ବିଜ୍ଞତାଲବ୍ଧ ଜ୍ଞାନ ସମ୍ବନ୍ଧେ ଅଧ୍ୟୟନ । ମୁଁ ଏସବୁକୁ ପଢ଼ିଥିଲି, ପ୍ରକୃତରେ କହିବାକୁ ଗଲେ ଏସବୁ ଥିଲା ଅତ୍ୟନ୍ତ ଚିତ୍ତାକର୍ଷକ । କିନ୍ତୁ ମୁଁ ନିଃସନ୍ଦେହରେ କହିପାରେ ଯେ ସେତେବେଳେ ଏହିସବୁ ଲେଖା ମୋ ଅନ୍ତରରେ ଗଭୀର ରେଖାପାତ କରିପାରି ନଥିଲା ।

(ଆଉ ଜାପାନରେ ପହଞ୍ଚିବା ମାତ୍ରେ ଶ୍ରୀମା'ଙ୍କ ସମ୍ବନ୍ଧେ ଜାଣିବା ଓ ଚିଠିପତ୍ରର କୌଣସି ଉତ୍ତର ନପାଇବା କଥା ତ ପୂର୍ବରୁ ବର୍ଣ୍ଣିତ ହୋଇଛି ।)

''ଯେତେବେଳେ ଜାପାନରୁ ମଙ୍ଗୋଲିଆ ଅଭିମୁଖେ ଯାତ୍ରାରମ୍ଭ କଲି ସେତେବେଳେ ବନ୍ଧୁମାନଙ୍କର ତଥା ମୋ ପରିବାରବର୍ଗଙ୍କର ନିରୁତ୍ସାହଜନକ ଆଲୋଚନା ବା ତର୍କବିତର୍କକୁ ଏଡ଼ାଇବା ସକାଶେ ସେମାନଙ୍କୁ ମୁଁ କହିଥିଲି, 'ମୁଁ ଭାରତ ଦେଇ ୟୁରୋପକୁ ଫେରିବି ।' କିନ୍ତୁ ମୋ ନିଜ ସକାଶେ ଏହା ଥିଲା ଏକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏବଂ ମୋ ଅନ୍ତଃକରଣରେ ମୁଁ ଦୃଢ଼ ନିଶ୍ଚିତ ଥିଲି ଯେ ମୁଁ ଭାରତରେହିଁ ରହିବି; ଯାହା ମୁଁ ଖୋଜୁଛି ବା ଯାହାଙ୍କର ସଂସ୍ପର୍ଶ ମୁଁ ଅନ୍ୱେଷଣ କରୁଛି, ସେହି ବସ୍ତୁ ତଥା ସେଇ ବ୍ୟକ୍ତିଙ୍କୁ ମୁଁ ନିଶ୍ଚିତ ରୂପେ ଭାରତରେହିଁ ପାଇପାରିବି ।

''ମଙ୍ଗୋଲିଆରେ ପ୍ରଚଣ୍ଡ ଓ ଦୁଃସହ ଶୀତକାଳ କଟାଇବା ପରେ ମୁଁ ସ୍ୱଷ୍ଟ ଭାବରେ ଅନୁଭବ କଲି ଯେ ଏଠାରେ ମୋର ଯେଉଁ ଅଭିଜ୍ଞତା ଲାଭ କରିବାର ଥିଲା, ତା'ର ସମାପ୍ତି ଘଟିଛି । ଭାରତକୁ ଯିବାର ଯଥାର୍ଥ ମୁହୂର୍ତ୍ତ ଉପସ୍ଥିତ ବୋଲି ତୀବ୍ର ଭାବରେ ମୁଁ ମୋର ଅନ୍ତରରୁ ଅନୁଭବ କଲି । କିନ୍ତୁ ଭାରତର କେଉଁଠାକୁ ?... ପଣ୍ଡିଚେରୀ ହେଉଛି ନିକଟତମ । ପଣ୍ଡିଚେରୀକୁ ଯିବି । କିନ୍ତୁ ସେଠାରେ ପହଞ୍ଚି କି ପ୍ରକାର ଅଭ୍ୟର୍ଥନା ପାଇବି, ତା' ତ ଜାଣେନି । ହୁଏତ ସେମାନେ ମୋତେ ଆଦୌ ଆତିଥ୍ୟ ବି ଦେଇ ନପାରନ୍ତି । ଯାହା ବି ଘଟୁ, ମୁଁ ପଣ୍ଡିଚେରୀକୁ ଯିବି, ପଣ୍ଡିଚେରୀ ନିକଟତମ ।...''

ମଙ୍ଗୋଲିଆରୁ ୧୯୨୫ ଅଗଷ୍ଟରେ ପବିତ୍ର ଜାପାନକୁ ଫେରି ଆସିଲେ ଏବଂ ସେପ୍ଟେମ୍ବରରେ ଭାରତ ଅଭିମୁଖେ ଯାତ୍ରାରମ୍ଭ କଲେ । ଯାତ୍ରାପଥରେ ସେ ଇଣ୍ଡୋ-ଚାଇନା ଦେଇ ଆସିଥିଲେ । ସେତେବେଳେ ସୁଦୂର ପ୍ରାଚ୍ୟରେ ଇଣ୍ଡୋ-ଚାଇନା ଥିଲା ସବୁଠାରୁ ବୃହତ୍ ଫରାସୀ ଔପନିବେଶ । ସେଠାରେ ତାଙ୍କର ଅନୁଜ ଆଲବର୍ଟ ଫରାସୀ-ସରକାରଙ୍କ ଅଧୀନରେ ଜଣେ ରେଡ଼ିଓ ଇଞ୍ଜିନିୟର ହିସାବରେ କାମ କରୁଥିଲେ । ତା'ର ଅନୁରୋଧରେ ସେଠାରେ ମାସଟିଏ ରହି ପବିତ୍ର ନଭେମ୍ବର ଅଧାଅଧିରେ ସିଂହଳର କଲମ୍ବୋ ବନ୍ଦରରେ ପହଞ୍ଚିଲେ ।

କଲମ୍ବୋରୁ ଭାରତକୁ ଆସିବାର ପଥ କିଛି ଦିନ ଲାଗି ବନ୍ଦ ରହିଥିବାରୁ କଲମ୍ବୋରେ ପବିତ୍ରଙ୍କୁ ତିନି ସପ୍ତାହ ଅପେକ୍ଷା କରିବାକୁ ପଡ଼ିଥିଲା । ଦକ୍ଷିଣ-ଭାରତରେ ପ୍ରବଳ ବର୍ଷା ଯୋଗୁଁ ରେଳ-ଲାଇନ ସବୁ ଭୁଶୁଡ଼ି ପଡ଼ିଥିଲା । ମରାମତି ହେବା ମାତ୍ରେ ସେ କଲମ୍ବୋରୁ ଭାରତଭୂମିର ଦକ୍ଷିଣ ପ୍ରାନ୍ତ-ବିନ୍ଦୁ ଧନୁଷ୍କୋଟି ଅଭିମୁଖେ 'ଫେରି ଷ୍ଟିମର୍'ରେ ଯାତ୍ରା କଲେ ।

୧୭ ଡିସେମ୍ବର ୧୯୨୫ର ଏକ ନମ୍ର ସକାଳରେ ପବିତ୍ର ପଣ୍ଡିଚେରୀ ରେଳ ଷ୍ଟେସନରେ ପହଞ୍ଚିଲେ । ସେଠାରେ 'ହୋଟେଲ୍ ଦ ୟୁରୋପ'ରେ ନିଜର ଜିନିଷପତ୍ର ରଖି ନିତ୍ୟକର୍ମ

ସାରି ସିଧା ଆଶ୍ରମକୁ ଆସିଲେ । ସେତେବେଳେ ଔପଚାରିକ ଭାବରେ ଆଶ୍ରମ ବୋଲି କିଛି ନଥିଲା । ଶ୍ରୀଅରବିନ୍ଦ ସେତେବେଳେ ଲାଇବ୍ରେରୀ ହାଉସ୍‌ର ଉପର ମହଲାର ଦକ୍ଷିଣ-ପୂର୍ବ କୋଣ ଘରେ ରହୁଥିଲେ । ଆଶ୍ରମରେ ପହଞ୍ଚି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିବା ନିମିତ୍ତ ଅନୁମତି ଚାହିଁଲେ । ସେସମୟରେ ଶ୍ରୀଅରବିନ୍ଦ ଆଗନ୍ତୁକମାନଙ୍କ ସହିତ ସାକ୍ଷାତ୍ କରୁଥିଲେ । ସେ ତାଙ୍କ ସହିତ ସାକ୍ଷାତ୍ ନିମିତ୍ତ ଅନୁମତି ଦେଲେ ।

ଏବେ ପବିତ୍ରଙ୍କ ଉକ୍ତିରେ : ''ମୁଁ ତାଙ୍କ ନିକଟରେ ବସି ମୋର ସମସ୍ତ ଇତିବୃତ୍ତ କହିଗଲି । ମୁଁ କ'ଣ ଅନ୍ୱେଷଣ କରୁଛି, କାହିଁକି ୟୁରୋପ ଛାଡ଼ିଲି, ଭାରତବର୍ଷକୁ କାହିଁକି ଆସିଛି ଏବଂ କିପରି ମୋର ଦୃଢ଼ ବିଶ୍ୱାସ ଜନ୍ମିଛି ଯେ ଏହି ଭାରତବର୍ଷରେହିଁ ମୁଁ ତା' ପ୍ରାପ୍ତ ହେବି — ଏହିସବୁ ବୃତ୍ତାନ୍ତ ମୁଁ ବିସ୍ତୃତ ଭାବରେ କହିଲି । ମୁକ୍ତି ସକାଶେ ମୋର ତୀବ୍ର ଆସ୍ପୃହା ରହିଥିବା କଥା ତାଙ୍କୁ ସ୍ପଷ୍ଟରୂପେ କହିଥିଲି । ପୂର୍ବଜନ୍ମରୁ ମୁକ୍ତି ନୁହେଁ, ନିଜଠାରୁ ମୁକ୍ତି, ସ୍ୱାଭିମାନ, ଅହଂକାରରୁ ମୁକ୍ତି, ପାପପୁଣ୍ୟବୋଧରୁ ମୁକ୍ତି, ମିଥ୍ୟାଚାରରୁ ମୁକ୍ତି, ଗୋଟିଏ କଥାରେ କହିବାକୁ ଗଲେ ସାଧାରଣ ମନୁଷ୍ୟ-ଜୀବନ ଯେଉଁସବୁ ଉପାଦାନରେ ଭରପୂର ହୋଇରହିଛି, ସେସବୁଥିରୁ ମୁକ୍ତି ମୁଁ ଚାହେଁ । ମୋକ୍ଷ, ମୁକ୍ତି — ଏହାହିଁ ହେଉଛି ମୋର ଲକ୍ଷ୍ୟ, ମୋର ଆଦର୍ଶ । ସଂସାରରୁ ପଳାୟନ କରି ଏସବୁ ପ୍ରାପ୍ତ କରିବାକୁ ଚାହେଁ ନାହିଁ । ସଂସାରରେ ରହି ମୁଁ ଏସବୁ ଲାଭ କରିବାକୁ ଚାହେଁ । ମୁଁ ବିଶେଷ କରି ଦୁଃଖକଷ୍ଟରୁ ପଳାୟନ କରିବାକୁ ଚାହେଁ ନାହିଁ; କିନ୍ତୁ ଅଜ୍ଞାନତା, ମିଥ୍ୟାଚାର, କୁତ୍ସିତତା ଇତ୍ୟାଦିର ଗୁରୁଭାରରୁ ମୁଁ ମୁକ୍ତି ଚାହେଁ । ମୁଁ ଏସବୁ ତଥା ଅନ୍ୟ କୌଣସିଥିରୁ ପଳାୟନ କରିବାକୁ ଚାହେଁ ନାହିଁ । ମୁଁ କିଛି ଅସ୍ତିବାଚକ ଏବଂ ସୁନିଶ୍ଚିତ କିଛିର ଅନ୍ୱେଷଣ କରୁଛି । ମୁଁ ଦିବ୍ୟଜ୍ୟୋତିଃର ସନ୍ଧାନରେ ବ୍ରତୀ, ଦୁଃଖକଷ୍ଟରୁ ପଳାୟନପନ୍ଥୀ ମାର୍ଗ ଚାହେଁ ନାହିଁ । ଦୁଃଖକଷ୍ଟରୁ ଏକେବାରେ ମୁକ୍ତି ବା ମିଥ୍ୟାଚାରରୁ ଏକେବାରେ ମୁକ୍ତି — ଏସବୁ ମୋର ଲକ୍ଷ୍ୟ ନୁହେଁ, ବରଂ ଦିବ୍ୟଜ୍ୟୋତିଃ, ଦିବ୍ୟଜ୍ଞାନ, ଦିବ୍ୟସତ୍ତାହିଁ ମୋର ଲକ୍ଷ୍ୟ ।''

ପ୍ରଥମ ସାକ୍ଷାତ୍‌ରେ ପବିତ୍ର ଥିଲେ ବକ୍ତା ଏବଂ ଶ୍ରୀଅରବିନ୍ଦ ଥିଲେ ଭାବଗ୍ରାହୀ ନୀରବ ଶ୍ରୋତା । ପବିତ୍ର ତାଙ୍କର ଅନ୍ତରର ସମସ୍ତ ବକ୍ତବ୍ୟ ଶ୍ରୀଅରବିନ୍ଦଙ୍କ ନିକଟରେ ନିଃଶେଷରେ ଉଜାଡ଼ି ଦେବା ପରେ ଶ୍ରୀଅରବିନ୍ଦ ମନ୍ଦମଧୁର ସ୍ୱରରେ ତାଙ୍କୁ କହିଲେ, 'ପୁଣି କାଲି ଆସ ।'

ଏହି ସମାନ ଦିନ ଅପରାହ୍ଣରେ ଶ୍ରୀମା ତାଙ୍କୁ ସାକ୍ଷାତ୍ ଦେଇଥିଲେ, ଏହା ତଦାନୀନ୍ତନ ଗତାନୁଗତିକ ନିୟମଧାରାର ସମ୍ପୂର୍ଣ୍ଣ ବହିର୍ଭୂତ ଥିଲା । ସେତେବେଳେ ଶ୍ରୀମା କାହାରିକୁ ସାକ୍ଷାତ୍ ଦେଉ ନଥିଲେ, ବିଶେଷ କରି ଆଗନ୍ତୁକ ଅତିଥିମାନଙ୍କୁ । ସେ ମୁଖ୍ୟତଃ ଭିତରେ ରହୁଥିଲେ ଏବଂ ଶ୍ରୀଅରବିନ୍ଦଙ୍କର ଯତ୍ନ ନେଉଥିଲେ । ଶ୍ରୀଅରବିନ୍ଦହିଁ ସେତେବେଳେ ବରଂ ଅତିଥି ଅଭ୍ୟାଗତଙ୍କୁ ସାକ୍ଷାତ୍ ଦେଉଥିଲେ । ଶ୍ରୀମା କିନ୍ତୁ ପବିତ୍ରଙ୍କ ସକାଶେ ଏହି ନିୟମଟି ଭାଙ୍ଗି ଥିଲେ । ଦୁଇଟି ଚିଠିର ଉତ୍ତର ସିନା ଦେଇ ନଥିଲେ, କିନ୍ତୁ ସ୍ୱୟଂ ଦର୍ଶନ ଦେଲେ ।

ଶ୍ରୀମା'ଙ୍କୁ ପ୍ରଥମ ସାକ୍ଷାତ୍ ସମ୍ବନ୍ଧେ ପବିତ୍ରଙ୍କର ନିଜସ୍ୱ ଉକ୍ତିରେ : ''ମୋର ବେଶ୍ ମନେ ଅଛି ତାଙ୍କର ସେଇ ଜ୍ୟୋତିର୍ମୟ ନୟନଯୁଗଳ । ସକାଳ ଓଳି ଶ୍ରୀଅରବିନ୍ଦଙ୍କୁ ଯେମିତି ମୋର ସମସ୍ତ ବୃତ୍ତାନ୍ତ କହିଥିଲି, ମା'ଙ୍କୁ ମଧ ସମାନ କଥା କହିଲି, କିନ୍ତୁ ଟିକିଏ ସଂକ୍ଷିପ୍ତ ଆକାରରେ । ମା ମୋ କଥା ଶୁଣି ସସ୍ନେହରେ ଦୁଇ, ଚାରି ପଦ କଥା କହିଲେ ଏବଂ ତତ୍‌କ୍ଷଣାତ୍ ମୁଁ ସ୍ପଷ୍ଟଭାବରେ ଅନୁଭବ କଲି ଯେ ତାଙ୍କର ସେହି କେତୋଟି ଶବ୍ଦ ମାଧମରେ ମୁଁ କିଛି ଦିବ୍ୟସ୍ପର୍ଶ ଲାଭ କଲି । ତାଙ୍କଠାରୁ ବିଦାୟ ନେଇ ରାସ୍ତାରେ ଯାଉ ଯାଉ ମୁଁ ତୀବ୍ର ଭାବରେ ବୋଧ କଲି ଯେ ମୋର ସିଦ୍ଧାନ୍ତ ନେବାର ସମାପ୍ତି ଘଟିଛି; ମୁଁ ମୋର ଗନ୍ତବ୍ୟ ସ୍ଥାନରେ ପହଞ୍ଚି ଯାଇଛି; ମୋର ସ୍ଥାନ ଏଇଠି ।''...

ତହିଁ ପରଦିନ ସକାଳଓଳି ଶ୍ରୀଅରବିନ୍ଦଙ୍କ କହିବା ମୁତାବକ ପବିତ୍ର ପୁଣି ତାଙ୍କୁ ଭେଟିଲେ । ଏହି ସାକ୍ଷାତ୍‌କାରରେ ଶ୍ରୀଅରବିନ୍ଦହିଁ ଥିଲେ ବକ୍ତା ଏବଂ ପବିତ୍ର ଥିଲେ ଆଲୋକୋନ୍ମୁଖ ଆସ୍ପୃହାଶୀଳ ଶ୍ରୋତା । ଏହି ସାକ୍ଷାତ୍‌କାରର ସମ୍ପୂର୍ଣ୍ଣ ବିବରଣୀ ସେ ନିଜ ନୋଟ୍ ଖାତାରେ ସେହିଦିନହିଁ ପରେ ଟିପି ରଖିଥିଲେ । ସେଇ ବିବରଣୀରୁ ଉଦ୍ଧୃତି :

''ଶ୍ରୀଅରବିନ୍ଦ କହିଲେ, ତୁମ ସକାଶେ ଏବେ ଫ୍ରାନ୍ସକୁ ଫେରିଯିବାଟା ହେଉଛି ଏକ ପରାଜୟ । ଏପରି କଲେ ଅଧୁନା ତୁମେ ଯେଉଁ ଚେତନାର ସ୍ପର୍ଶ ଓ ଆଭାସ ଲାଭ କରିଛ ସେ ସବୁକୁ ହରାଇ ବସିବ । ଏପରିକି ଆହୁରି ବିନଷ୍ଟି ବି ଘଟିପାରେ । ସମ୍ଭବତଃ କ୍ରମାଗତ କେତେ ବର୍ଷର ଅଧ୍ୟବସାୟ ପରେ ତୁମେ ହରାଇଥିବା ସ୍ଥିତିକୁ ପୁଣି ଲାଭ କରିପାର, କିନ୍ତୁ ତଥାପି ଏପରି କରିବାଟା ହେଉଛି ତୁମ ପକ୍ଷରେ ଏକ ମହାନ୍ ସୁଯୋଗକୁ ଅବହେଳା କରିବା ଏବଂ ତୁମର ଯାହା ଅବଶ୍ୟ କରଣୀୟ ସେଥିରେ ଅକୃତକାର୍ଯ୍ୟ ହେବା ।

''ତୁମେ ତୁମର ଅନ୍ୱେଷଣରେ ଏକ ଅକପଟ ସରଳ ହୃଦୟ ସାଙ୍ଗକୁ ଜ୍ଞାନଲାଭ ନିମିତ୍ତ ଯୁକ୍ତିତର୍କ ସମ୍ୱଳିତ ଏକ ଶକ୍ତିଶାଳୀ ସକ୍ରିୟ ମନ ନେଇ ଆସିଛ । କିନ୍ତୁ ତୁମ ମନର ଏହି ସକ୍ରିୟତା ହେଉଛି ଏକ ବାଧାସ୍ୱରୂପ; ତୁମେ ତୁମର ମନକୁ ନିଶ୍ଚିତ ରୂପେ ନିଶ୍ଚଳ ନୀରବ କରିବା ଉଚିତ ।

''ତୁମ ମଧ୍ୟରେ ଏକ ନୂତନ ଚେତନା ନିଜକୁ ପ୍ରକାଶ କରିବାକୁ ଚାହୁଁଛି । ଭାରତରେ ଏମିତି ବ୍ୟକ୍ତି ବା ଯୋଗୀ ପୁରୁଷ ଅନେକ ରହିଛନ୍ତି, ଯେଉଁମାନେ କି ଏହି କାର୍ଯ୍ୟରେ ତୁମକୁ ନିଶ୍ଚିତ ରୂପେ ସାହାଯ୍ୟ କରିପାରିବେ ଏବଂ ତୁମକୁ ଏହି ନବଜନ୍ମ ଦେଇ ପାରିବେ । ସେମାନଙ୍କୁ ଖୋଜି ବାହାର କରିବାରେ କେତେକ ବାଧାବିପତ୍ତି ନିଶ୍ଚୟ ରହିଛି, କାହିଁକି ନା ସେମାନଙ୍କ ଭାଷା ତୁମକୁ ସମ୍ପୂର୍ଣ୍ଣ ଅଜଣା ଏବଂ ବିଶେଷ କରି ସେମାନେ ଅଧିକାଂଶ ସମୟରେ ଅପରିଚିତ ବିଦେଶୀମାନଙ୍କ ପ୍ରତି ଖୁବ୍ ଅମାର୍ଜିତ ବ୍ୟବହାର ଦେଖାଇଥା'ନ୍ତି । ଯାହା ବି ହେଉ, ତୁମ ସକାଶେ ଏହି ଗୋଟିଏ ପନ୍ଥା ଖୋଲା ରହିଛି । ଏହି ଆଧ୍ୟାତ୍ମିକ ଚେତନା ତୁମକୁ ମୁକ୍ତି ପ୍ରଦାନ କରିବ ।

''ମୋ ସକାଶେ, ବ୍ୟକ୍ତିଗତ ଭାବରେ, ଯଦି ମୋ ଯୋଗର ଲକ୍ଷ୍ୟ ମୋକ୍ଷ ବା ମୁକ୍ତି ହୋଇଥା'ନ୍ତା, ତେବେ ଏହା ସମ୍ପୂର୍ଣ୍ଣ ହୋଇଛି ବୋଲି କହିଥା'ନ୍ତି । ମୁକ୍ତି ହେଉଛି ମୋ ଯୋଗର ପ୍ରଥମ ପାବଛ । ଦ୍ୱିତୀୟଟି ହେଉଛି ଉଚ୍ଚତର ଦିବ୍ୟଜ୍ୟୋତିଃକୁ, ଦିବ୍ୟଶକ୍ତିକୁ ଏହି ମାନବ-ଆଧାର ମଧ୍ୟକୁ ଅବତରଣ କରାଇ ଆଣି ଏହାକୁ ସମ୍ପୂର୍ଣ୍ଣ ରୂପେ ଦୋଷଶୂନ୍ୟ କରି ଦିବ୍ୟସତ୍ୟର ଏକ ପ୍ରତିଭୂ କରି ଗଢ଼ି ତୋଳିବା, ଅର୍ଥାତ୍, ମଣିଷ-ଚରିତ୍ରର ସମ୍ପୂର୍ଣ୍ଣ ରୂପାନ୍ତର ଘଟାଇ ଏହାକୁ ଦିବ୍ୟସତ୍ୟର ଏକ ମାଧ୍ୟମ ରୂପେ ଗଢ଼ି ତୋଳିବା । ତା'ପରେ ବିଶ୍ୱଗତ ଦିବ୍ୟସତ୍ୟ ଓ ଦିବ୍ୟଶକ୍ତି ମଣିଷ ମଧ୍ୟରେ ଏବଂ ମଣିଷ ଦ୍ୱାରା ତା'ର କର୍ମ ସମ୍ପାଦନ କରିବ । ଅଧିକାଂଶ ସମୟରେ ବ୍ୟକ୍ତି ବା ସାଧକ ଉଣାଅଧିକେ ଏହି ଦିବ୍ୟଶକ୍ତିର ଅଚେତନ ମାଧ୍ୟମ ହୋଇଥା'ନ୍ତି; କିନ୍ତୁ ଏ କ୍ଷେତ୍ରରେ ସେ ହୋଇଉଠିବ ଯଥାର୍ଥରେ ଓ ସମ୍ପୂର୍ଣ୍ଣ ରୂପେ ଏକ ସଚେତନ ଯନ୍ତ୍ର । ମଣିଷ-ସ୍ୱଭାବରେ ଏହି ପୂର୍ଣ୍ଣତା ଆଣିବା ବେଶ୍ ଆୟାସସାଧ୍ୟ – ଅତ୍ୟନ୍ତ, ଅତ୍ୟନ୍ତ ଦୁରୂହ ବ୍ୟାପାର; ଏବଂ ଏହା ହେଉଛି ସମଗ୍ର ଜୀବନବ୍ୟାପୀ କଠିନ ଅଧ୍ୟବସାୟ । ସାଧକ ଏହି ଅଧ୍ୟବସାୟରେ ଅକୃତକାର୍ଯ୍ୟ ବି ହୋଇପାରେ, ଏପରିକି ତା'ର ସମଗ୍ର ଜୀବନଟି ବୃଥାରେ କଟି ଯାଇପାରେ । ଯଥାର୍ଥରେ କହିବାକୁ ଗଲେ ଏହା ଏତେ ଦୁରୂହ ଯେ ମୁଁ କାହାରିକୁ ଏହି ପଥ ଅନୁସରଣ କରିବାକୁ ନିର୍ଦ୍ଦେଶ ଦିଏ ନାହିଁ ।

''ଯାହା ବି ହେଉ, ତୁମ ଭିତରେ ଏକ ଶକ୍ତିଶାଳୀ ଆସ୍ପୃହା ରହିଛି ଏବଂ ଉର୍ଦ୍ଧ୍ୱରୁ କିଛି ତୁମ ମଧ୍ୟରେ ଅବତରଣ କରିବାକୁ ଚାହୁଁଛି । ତେଣୁ ମୋର ଏହି ନୂତନ ଯୋଗମାର୍ଗକୁ ତୁମ ସମ୍ମୁଖରେ ଉପସ୍ଥାପନ କଲି । ଯଦି ତୁମେ ଏହାକୁ ଅନୁସରଣ କରିବାକୁ ସ୍ଥିର ସିଦ୍ଧାନ୍ତ ନିଅ, ଏଠାରେ ଆମମାନଙ୍କ ସହିତ ରୁହ ଏବଂ ଦୂରକୁ ଅନ୍ୟ କୌଣସି ସ୍ଥାନକୁ ଯିବା ପୂର୍ବରୁ, ଏହିଠାରେ ରହି ଅନୁଧ୍ୟାନ କର ମୁଁ କ'ଣ ତୁମକୁ ଦେଇ ପାରୁଛି ଏବଂ ତୁମେ ମୋ ପାଖରୁ କ'ଣ ନେଇ ପାରୁଛ ।''

ପୂର୍ବଦିନ ଶ୍ରୀଅରବିନ୍ଦ ଓ ମା'ଙ୍କୁ ସାକ୍ଷାତ୍ କରିବା ପରେ ତ ପବିତ୍ର ନିଜ ଅନ୍ତଃକରଣରେ ଦୃଢ଼ ନିଶ୍ଚିତ ହୋଇ ସାରିଥିଲେ ଯେ ତାଙ୍କର ସିଦ୍ଧାନ୍ତ ନେବାର ସମାପ୍ତି ଘଟିଛି, ତାଙ୍କର ସ୍ଥାନ ଏଇଠି । ଏବେ ଶ୍ରୀଅରବିନ୍ଦଙ୍କର ମୁଖନିଃସୃତ ଅନ୍ତିମ ବାଣୀ ଶ୍ରବଣ ମାତ୍ରେ ସେ ତାଙ୍କର ପାଦପଦ୍ମରେ ଲୋଟି ପଡ଼ିଲେ । ପରମ କାରୁଣିକ ଶ୍ରୀଅରବିନ୍ଦ ଶିଷ୍ୟଙ୍କର ମସ୍ତକୋପରେ ତାଙ୍କର ବରଦହସ୍ତର କୋମଳ ସ୍ପର୍ଶ ଦେଇ ତାଙ୍କୁ ଆଶୀର୍ବାଦ କଲେ । ଅବଶେଷରେ ପବିତ୍ର ଗୁରୁଙ୍କର ନିକଟ ସାନ୍ନିଧ୍ୟ ଲାଭ କଲେ ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

ପ୍ରକୃତରେ ସେହି କେବଳ ସୁଖୀ ଯେ ଭଗବାନଙ୍କୁ ପ୍ରେମ କରେ, କାରଣ ଭଗବାନ୍ ସର୍ବଦାହିଁ ତାହା ସଙ୍ଗରେ ରହିଥା'ନ୍ତି ।

- ଶ୍ରୀମା

ନୂତନ ବିକ୍ରମ-ବେତାଳ କାହାଣୀ :

# ସର୍ବାଧିକ ଧନୀ

ନିଶା ଗରଜୁ ଥାଏ । ଡୁହାକୁଡୁହା ବର୍ଷା ସମେତ ଶୀତଳ ପବନ ଅସ୍ଥିମଜ୍ଜା ଥରାଇ ଦେଉଥାଏ । ଘନ ଘନ ବିଜୁଳି ଚମକରେ ଦିଶି ଯାଉଥାଏ ଭୟାବହ ମୁହଁଟିମାନ । ମଧ୍ୟେ ମଧ୍ୟେ ଶୁଭୁଥାଏ ଶ୍ୱାନଶ୍ୱାପଦଙ୍କ ରଡ଼ି ।

କିନ୍ତୁ ରାଜା ବିକ୍ରମ ତିଳେ ମଧ୍ୟ ବିଚଳିତ ବୋଧ ନକରି ଶ୍ମଶାନ ସୀମାନ୍ତରେ ଥିବା ବିଶାଳ ବଟବୃକ୍ଷ ଆରୋହଣ କରି ଶବଟିକୁ ଉତାରି ଆଣିଲେ । ତେବେ ତାକୁ କାନ୍ଧରେ ପକାଇ ଶ୍ମଶାନ ଅତିକ୍ରମ କରିବାକୁ ଆରମ୍ଭ କରିବା ମାତ୍ରେ ଶବସ୍ଥିତ ବେତାଳ କହିଲା ''ରାଜନ ! ଧନ୍ୟ ତୁମର ସାହସ ତଥା ବୁଦ୍ଧି ବିଚକ୍ଷଣତା । ଆଶା, ତୁମେ ମୋର ଏକ ସନ୍ଦେହ ନିରସନ କରିପାରିବ । ମନଦେଇ ଶୁଣ । ଶୁଣିଲେ ଶ୍ରମଭାର ଲାଘବ ମନେ ହେବ ।''

ଏଥୁ ଅନ୍ତେ ବେତାଳ ଗପିଲା :

ବହୁକାଳ ତଳର କଥା । ଆଜିର ମାଲକାନ୍‌ଗିରି ମୁଲକ ସେତେବେଳେ ଥିଲା ଏକ ନିବିଡ଼ ଅରଣ୍ୟ – ଦଣ୍ଡକାରଣ୍ୟର ଅଂଶବିଶେଷ । ତହିଁ ଏକ ପର୍ବତ କନ୍ଦର ଭିତରେ ରହୁଥା'ନ୍ତି ଜଣେ ତପସ୍ୱୀ । ଦିନକରେ ଥରେ ମାତ୍ର କନ୍ଦର ବାହାରକୁ ଆସି ସେ ପଛପଟ ଝରଣାରେ ସ୍ନାନାନ୍ତେ କନ୍ଦର ମଧ୍ୟରେ ଧ୍ୟାନସ୍ଥ ରହୁଥା'ନ୍ତି । ଅଦୂର ଗ୍ରାମଗ୍ରାମାନ୍ତରର କେହି କେହି କାଠୁରିଆ ଆସି ତାଙ୍କୁ ଫଳମୂଳ, ଦୁଧ ଯୋଗାଇ ଦେଉଥା'ନ୍ତି ଓ କନ୍ଦର ପରିଷ୍କାର ପରିଚ୍ଛନ୍ନ ରଖୁଥା'ନ୍ତି । ତେବେ ପ୍ରାୟ ଦିନେ ଦୁଇଦିନ ଛଡ଼ାରେ ଦୂରଦୂରାନ୍ତର ସହର ବଜାରରୁ ଜଣେ ଜଣେ ବଣିକ, ଶେଠ, ଜମିଦାର ଭଳି ବିଶିଷ୍ଟ ଲୋକେ ଆସି ତାଙ୍କୁ ପ୍ରଣାମ କରୁଥା'ନ୍ତି, କିଛି କହୁଥା'ନ୍ତି ଓ ତପସ୍ୱୀଙ୍କ ଆଶୀର୍ବାଦ କାମନା କରି ବିଦାୟ ନେଉଥା'ନ୍ତି । ସେମାନେ ତପସ୍ୱୀଙ୍କ ସକାଶେ ରଖିଯାଉଥା'ନ୍ତି ଅନେକ ପ୍ରକାର ଉପହାର – ରେଶମ, ପଶମ ଲୁଗା, କଂଉ ଓ ଟଙ୍କା କଉଡ଼ି ତଥା ନାନାବିଧ ଖାଦ୍ୟ । ସେମାନେ ଯିବାପରେ ତପସ୍ୱୀ ତାଙ୍କ ଗ୍ରାମୀଣ ଭକ୍ତମାନଙ୍କୁ ସେସବୁ ଦେଇ ଦେଉଥା'ନ୍ତି ।

ଭିନ୍ନ ରାଜ୍ୟର ଜଣେ ଦୁର୍ଦ୍ଧର୍ଷ ଯୁବା ଡାକୁ ପାର୍ଶ୍ୱବର୍ତ୍ତୀ ଗୋଟାଏ ଗୋପନ ଗୁମ୍ଫାରେ କିଛିଦିନ ଧରି ଆଶ୍ରୟ ନେବା ଭିତରେ ଏସବୁ ଲକ୍ଷ୍ୟ କରୁଥାଏ । ସେ ଡାକୁ ଗୋଟିକର ଜୀବନ ତା' ନିଜ ରାଜ୍ୟରେ ବିପନ୍ନ ହୋଇ ପଡ଼ିଥାଏ । ରାଜାଙ୍କ ଗୁପ୍ତଚରମାନେ ଓ ତା' ନିଜ ପ୍ରତିଦ୍ୱନ୍ଦ୍ୱୀ ଡାକୁମାନଙ୍କ କବଳରୁ ଖସି ଆସି ଏ ପାର୍ବତ୍ୟ ରାଜ୍ୟରେ ସେ ନିଜ ଧନ୍ଦା ଆରମ୍ଭ କରିବା ସୁଯୋଗରେ ରହିଥାଏ ।

ଦିନେ ଆଖପାଖରେ କେହି ନଥିବା ବେଳେ ସେ ଯୁବକ ଯାଇ ତପସ୍ୱୀଙ୍କ କନ୍ଦରରେ ପ୍ରବେଶ କଲା । ତପସ୍ୱୀ ଆଖିବୁଜି ବସିଥିଲେ । ଯୁବକ କନ୍ଦର ଭିତର ଯାକ ଖୋଜାଖୋଜି କଲା । କିନ୍ତୁ ଗୋଟାଏ ମଧ୍ୟ ମୂଲ୍ୟବାନ୍ ଚିଜ ତା' ଆଖିରେ ପଡ଼ିଲା ନାହିଁ । ତା' ଚଳପ୍ରଚଳ ଶବ୍ଦରେ ତପସ୍ୱୀ ଆଖି ଖୋଲନ୍ତେ ଯୁବକ ତାଙ୍କୁ ବଳେ ବଳେ ଜୁହାରଟାଏ କରି ପକାଇଲା ଓ ବସିପଡ଼ି କହିଲା, ''ସାଧୁବାବା ! ତୁମକୁ ଧନୀ ଲୋକେ କେତେ କେତେ ଜିନିଷ ଭେଟିଦେଇ ଯାଆନ୍ତି । ତୁମେ କ'ଣ କିଛି ବି ରଖି ନାହଁ ?''

''ଦେଖୁଛୁ ତ !'' ତପସ୍ୱୀ ଏତକମାତ୍ର କହିଲେ ।

ଟିକିଏ ଗୁମ୍‌ମାରି ବସି ରହି ଡାକୁ କହିଲା, ''ହେଉ, ତୁମଠାରୁ ଆଉ କିଛି ନ ପାଇଲି ନାହିଁ, ଗୋଟାଏ ଖବର ପାଇବି ନିଶ୍ଚୟ । ଯେଉଁମାନେ ତୁମ ପାଖକୁ ଆସନ୍ତି, ସେମାନଙ୍କ ଭିତରେ ସବୁଠାରୁ ଧନୀ କିଏ କହିଲ ?''

''ମୋ ପାଖକୁ ଭିଖାରିମାନେହିଁ ଆସନ୍ତି । ତୁ ପ୍ରଥମ ଲୋକ ଦେଖୁଛି, ଯିଏ ଭିଖାରି ନୁହେଁ ।'' ତପସ୍ୱୀ ଉତ୍ତର ଦେଲେ ।

ଡାକୁ ଚମକୃତ ହେଲା । ସେ ପରିବେଶରେ ଏବଂ ତପସ୍ୱୀଙ୍କ କଥାରେ ଏମିତି କିଛି ଯାଦୁ ଥିଲା, ଯାହାଦ୍ୱାରା ତା' ନିଜ ଭିତରେ କିଛି କପଟତା ରହିଲା ନାହିଁ । ସେ କହିଲା, ''ସାଧୁବାବା ! ମୁଁ ଜଣେ ଡାକୁ । ତେବେ ମୁଁ ସୁଯୋଗ ପାଇବା ମାତ୍ରେ ଯାହାକୁ ମନ ତାହାକୁ ଲୁଣ୍ଠନ କରେ ନାହିଁ । ଯେଉଁମାନେ ବିପୁଳ ଧନୀ ଅଥବା ନିର୍ମମ କୃପଣ, ସେହିମାନଙ୍କ ପାଖରୁ ବିତ୍ତ ହରଣ କରେଁ ଓ ମୋ ନିଜ ଖର୍ଚ୍ଚ ବାଦ୍ ଦୁଃଖୀ-ରଙ୍କିଙ୍କୁ ଦେଇଦିଏଁ । ଭାବିଥିଲି, ତମଠୁଁ ଏ ମୁଲକରେ ଥିବା ସବୁଠାରୁ ଧନୀ ଲୋକର ଠିକଣା ଜାଣି ପାରିବି । ହେଉ, ମୁଁ ଆସେଁ ।''

ଡାକୁ କନ୍ଦରରୁ ବାହାରି ଦୁଇ, ଚାରି ପାହୁଣ୍ଡ ଆଗକୁ ଯାଇଛି, ଶୁଣିଲା ଡାକ, ''ଆରେ ଯୁବକ !'' ସେ ଫେରି ପଡ଼ି ପୁନର୍ବାର କନ୍ଦରରେ ପଶିଲା ।

''ତୋର କିଛି ବିତ୍ତ ଲୋଡ଼ା ?'' ତପସ୍ୱୀ ପଚାରିଲେ ।

''ଆଜ୍ଞା ! ବିତ୍ତ ? ନିଶ୍ଚୟ ଲୋଡ଼ା । କିନ୍ତୁ ବିତ୍ତବାଲାର ଠିକଣା ତ ତମଠୁଁ ପାଇଲି ନାହିଁ । ଭାବୁଥିଲି ଥରେ ସବୁଠାରୁ ଧନୀ ଘର ଲୁଣ୍ଠନ କରି ତେଣିକି ଏ କାମ ଛାଡ଼ିଦେବି ।'' ଡାକୁ ଉତ୍ତର ଦେଲା ।

''ମୋର ମନେ ପଡ଼ିଲା, ବର୍ଷକ ତଳେ ଜଣେ ବଣିକ ଆସି ମୋତେ ଗୋଟାଏ ଭେଟି ଦେଇ ଯାଇଥିଲା; କହିଥିଲା ସେଇଟା ଖୁବ୍ ମୂଲ୍ୟବାନ୍ ହୀରା । ସେ କୁଆଡ଼େ ମୋଠାରେ ମାନସିକ କରି ବେପାର ଆରମ୍ଭ କରି ବହୁତ ଲାଭବାନ୍ ହୋଇଛି । ଦେଖିଲୁ ସେ କୋଣରେ ଗାତ ଭିତରେ ସେ ଗୋଟିକ ପଡ଼ିଛି ନା ନାହିଁ !'' ତପସ୍ୱୀ ଗୋଟାଏ ଅଦୃଶ୍ୟ ପ୍ରାୟ ଅନ୍ଧକାର ଗାତ ଆଡ଼େ ଅଙ୍ଗୁଳି ନିର୍ଦ୍ଦେଶ କଲେ ।

ଡାକୁ ଯାଇ ସାମାନ୍ୟ ସନ୍ଧାନରେ ଯାହା ପାଇଲା, ସେ ଚିଜ ଗୋଟିକର ମୂଲ୍ୟ କୋଟିଏ ବୋଲି ସେ ବୁଝିପାରିଲା ।

''ଯା, ନେଇଯା !'' କହି ତପସ୍ୱୀ ଶୋଇ ପଡ଼ିବା ଅବସରରେ କହିଲେ, ''ସବୁଠୁଁ ଧନୀର ସନ୍ଧାନ ପାଇବା ଯାଏ ଏହା କାମ ଦେବ !''

ଧୀରେ ଧୀରେ ନିଷ୍କ୍ରାନ୍ତ ହେଲା ଯୁବକ । ଯାଇ ଚୁପ୍‌ଚାପ୍ ନିଜ ଗୁମ୍ଫା ଭିତରେ ବସିଲା । ସୂର୍ଯ୍ୟ ଅସ୍ତ ଗଲେ । ପାଖ ଗାଁର କେହି ଜଣେ ଭକ୍ତ ଆସି ତପସ୍ୱୀଙ୍କ କନ୍ଦର ଭିତରେ ଦୀପଟାଏ ଜାଳି ଦେଇ, କିଛି ଦୁଧ ଓ ପିଠା ରଖିଦେଇ ଚାଲିଗଲା ।

ଯୁବକ ଏଥର ନିଜ ବାସସ୍ଥାନରୁ ବାହାରି ତପସ୍ୱୀଙ୍କ କନ୍ଦର ଆଡ଼େ ମୁହାଁଇଲା ।

''ଆଜ୍ଞା !'' କନ୍ଦର ମୁହଁରେ ନଇଁପଡ଼ି ସେ ନିଜ କଣ୍ଠସ୍ୱର ଶୁଣାଇଲା ।

''ଆ !'' କହିଲେ ତପସ୍ୱୀ ।

''ମୁଁ ସବୁଠାରୁ ଧନୀଙ୍କ ସନ୍ଧାନ ପାଇଗଲି ।'' ଯୁବକ ଭିତରକୁ ଯାଇ କହିଲା ।

''ଭଲ ହେଲା !''

''ଯେତେଦୂର ସମ୍ଭବ, ତାଙ୍କରିଠାରୁ ବିତ୍ତ ଆଦାୟ କରୁଥିବି ।''

''ଉତ୍ତମ । ତାହାହିଁ ତୋର ଭବିତବ୍ୟ !'' କହିଲେ ତପସ୍ୱୀ ।

କଥାଟି ଏହିଠାରେ ଶେଷ କରି ହଠାତ୍ ଗମ୍ଭୀର କଣ୍ଠରେ ପ୍ରଶ୍ନକଲା ବେତାଳ, ''ରାଜା ! ମୋ ପ୍ରଶ୍ନ ହେଲା, ତାଙ୍କ ପାଖକୁ ବହୁ ଗଣ୍ୟମାନ୍ୟ ଧନୀଲୋକେ ଆସୁଥିବା ସତ୍ତ୍ୱେ ତପସ୍ୱୀ କେବଳ ଭିଖାରିମାନେ ଆସନ୍ତି ବୋଲି କହିବାର ହେତୁ କ'ଣ ? ଦ୍ୱିତୀୟରେ, କୁଆଡ଼େ ହେଲେ ନଯାଇ ଯୁବକ ସବୁଠାରୁ ଧନୀର ସନ୍ଧାନ ପାଇଛି ବୋଲି ତପସ୍ୱୀଙ୍କୁ ଜଣାଇବାର ତାତ୍ପର୍ଯ୍ୟ ବା କ'ଣ ? ରାଜା ! ପାରିଲେ ମୋ ପ୍ରଶ୍ନର ଉତ୍ତର ଦିଅ । ଉତ୍ତର ଦେବାର ଶକ୍ତିଥିବା ସତ୍ତ୍ୱେ ଯଦି ନିରୁତ୍ତର ରହିବ, ତେବେ ତୁମ ଶିର ହେବ ସ୍କନ୍ଧଚ୍ୟୁତ !''

ମୁହୂର୍ତ୍ତେ ମଧ୍ୟ ବିଳମ୍ବ ନକରି ଉତ୍ତର ଦେଲେ ରାଜା ବିକ୍ରମ : ''ବେତାଳ ! ଯେଉଁ ବିଶିଷ୍ଟ ଲୋକେ ତପସ୍ୱୀଙ୍କ ନିକଟକୁ ଆସୁଥିଲେ, ସେମାନଙ୍କ ଭିତରୁ କିଏ ବେପାରରେ ଲାଭ ପାଇଁ ତ ଆଉ କିଏ ଚାକିରିରେ ପଦୋନ୍ନତି ପାଇଁ, କିଏ ବା ମକଦ୍ଦମାରେ ସାଫଲ୍ୟ ଏବଂ ଆଉ କିଏ ବା ବ୍ୟାଧିର ନିରାକରଣ ନିମନ୍ତେ ତପସ୍ୱୀଙ୍କ ବିଭୂତି ଭିକ୍ଷା କରୁଥିଲେ । ତେଣୁ ତପସ୍ୱୀଙ୍କ ଆଖିରେ ସମସ୍ତେ ଥିଲେ ଭିଖାରି ।

ଯୁବକ ଘଟଣାଚକ୍ରରେ ଡାକୁ ବୃତ୍ତି ଅବଲମ୍ବନ କରୁଥିଲେ ମଧ୍ୟ ସେ ଥିଲା ଜଣେ ବିକଶିତ ଚେତନାବନ୍ତ ସନ୍ଧାନୀ । ଯେତେବେଳେ ସେ ଦେଖିଲା, କୋଟିଏ ଟଙ୍କାର ହୀରା ତପସ୍ୱୀଙ୍କ ପାଇଁ କିଛି ନୁହେଁ, ସେ ଉପଲବ୍ଧି କଲା ଏହି ସତ୍ୟ : ତାଙ୍କ ଭିତରେ ଯେକୌଣସି ସ୍ଥୂଳ ଐଶ୍ୱର୍ଯ୍ୟ ତୁଳନାରେ ବହୁ ବହୁ ଅଧିକ ମୂଲ୍ୟବାନ୍, ବରଂ ଅକଳନ କିଛି ଐଶ୍ୱର୍ଯ୍ୟ ରହିଛି । ସେହିଁ ସବୁଠାରୁ ବଡ଼ ଧନୀ । ତପସ୍ୱୀଙ୍କ ସଂକ୍ଷିପ୍ତ ମନ୍ତବ୍ୟରୁ ମଧ୍ୟ ଆମେ ବୁଝିବା ଯେ ଯୁବକଟିର ଜୀବନରେ ମଧ୍ୟ ସେହି ଅପରୂପ, ମୂଲ୍ୟାତୀତ ଐଶ୍ୱର୍ଯ୍ୟର ସନ୍ଧାନ ନିମନ୍ତେ ମୁହୂର୍ତ୍ତ ଉପସ୍ଥିତ ହୋଇଥିଲା ।''

ରାଜାଙ୍କ ମୌନଭଙ୍ଗ ହେବା ମାତ୍ରକେ ଶବ ସହ ଶବସ୍ଥିତ ବେତାଳ ପୁନର୍ବାର ଖସିଯାଇ ବୃକ୍ଷ ଡାଳରେ ଝୁଲି ପଡ଼ିଲା ।

(ଉତ୍ସ : ସୁପ୍ରାଚୀନ ଲୋକକଥା
ନବବିନ୍ୟାସ : ଦେବପ୍ରିୟ)

❑❑❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୨୦)

## ମହେନ୍ଦ୍ରନାଥ ସ୍ୱାଇଁ

### ଚୈତ୍ୟ-ବିଷାଦ

ଜାନୁଆରୀ ୧୯, ୧୯୧୭ ପ୍ରାର୍ଥନାଟିକୁ ମା ଗୋଟିଏ ବାକ୍ୟରେ ସମାପ୍ତ କରିଛନ୍ତି । ତାହା ହେଲା, "And the hours pass, fading away like unlived dreams..."

''ଏବଂ ସମୟ ଅତିକ୍ରାନ୍ତ ହୋଇଯାଏ, ମିଳାଇଯାଏ ଅଧୁରା ସ୍ୱପ୍ନ ପରି... ।''

ଏହି ପ୍ରାର୍ଥନାଟି କ୍ଷୁଦ୍ର ହେଲେ ମଧ୍ୟ ଜୀବନର ଗତି ସହିତ ସ୍ପନ୍ଦିତ ଏବଂ ପ୍ରତ୍ୟେକ ଶବ୍ଦର ପଶ୍ଚାତରେ ଦଣ୍ଡାୟମାନ ବ୍ୟକ୍ତିତ୍ୱର ସ୍ପନ୍ଦନ ଦ୍ୱାରା ଯୋଗ ପଥର ପଥିକ ଉଦ୍ଦୀପିତ ହୁଏ । ସ୍ୱପ୍ନ ଦେଖୁଥିଲେ ଏବଂ ମଝିରେ ନିଦ୍ରା ଭଗ୍ନ ହେଲେ, ତାହା ଅପୂର୍ଣ୍ଣ ହୋଇ ରହିଯାଏ । କିନ୍ତୁ ଦୁଃସ୍ୱପ୍ନ ମଝିରୁ ନିଦ୍ରାଭଙ୍ଗ ହେଲେ ତାହା ଆରାମଦାୟକ ହୋଇଥାଏ । ଦୁଃସ୍ୱପ୍ନର ଭୟାବହତାରୁ ରକ୍ଷା ମିଳିଯାଇଥାଏ । ସବୁ ଠିକ୍‌ଠାକ୍ ଅଛି ବୋଲି ଦେଖି ଆନନ୍ଦ ପ୍ରାପ୍ତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଏକ ଇଂରାଜୀ କବିତା ଯାହାର ଶୀର୍ଷକ, ''Even this shall pass away''ର ସାରାଂଶଟି ସ୍ମୃତିପଟରେ ଉଙ୍କିମାରେ । ଉକ୍ତ କବିତାଟିରେ କବିଙ୍କର କହିବାର ଉଦ୍ଦେଶ୍ୟ ହେଲା ବର୍ତ୍ତମାନ ଯାହାସବୁ ଘଟୁଛି ତାହା ସୁସ୍ୱପ୍ନ ହେଉ ବା ଦୁଃସ୍ୱପ୍ନ ହେଉ, ସୁଖଦ ହେଉ ବା ଦୁଃଖଦ ହେଉ, ସମୟର ପ୍ରବହମାନ ସ୍ରୋତରେ ସବୁକିଛି ବୋହିଯିବ, କେହି ଚିରସ୍ଥାୟୀ ହୋଇ ରହିବେ ନାହିଁ ।

''ପାରସ୍ୟ ଦେଶର ସମ୍ରାଟଙ୍କ ଅଙ୍ଗୁଳିରେ ଶୋଭା ପାଉଥିଲା ଏକ ବହୁମୂଲ୍ୟ ସୁବର୍ଣ୍ଣ ମୁଦ୍ରିକା । ସେହି ମୀନାକରା ମୁଦ୍ରିକା ଦେହରେ ଲେଖା ହୋଇଥିଲା, ''Even this shall pass away'' ସମ୍ରାଟ ଯେତେବେଳେ କୌଣସି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ମୁଦ୍ରିକାଟିକୁ ଦେଖନ୍ତି ଏବଂ ତତ୍‌କ୍ଷଣାତ୍ ସମସ୍ୟାର ସମାଧାନ ହୋଇଯାଏ । ସମ୍ରାଟ ବାର୍ଦ୍ଧକ୍ୟ ଅବସ୍ଥାରେ । ରୋଗ ଶଯ୍ୟାରେ ଶାୟିତ । ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ଠିକ୍ ସେହି ସମୟରେ ଗବାକ୍ଷ ମଧ୍ୟଦେଇ ଏକ ସ୍ୱର୍ଣ୍ଣାଭ ଉଜ୍ଜ୍ୱଳ ଆଲୋକ-ରଶ୍ମି ମୁଦ୍ରିକା ଉପରେ ପତିତ ହେଲା । ସମ୍ରାଟଙ୍କ ଚକ୍ଷୁ ସମକ୍ଷରେ ଭାସି ଉଠିଲା ସେହି କେତୋଟି ଶବ୍ଦ –''Even this shall pass away''– ଏହି ଅବସ୍ଥା ମଧ୍ୟ ଚାଲିଯିବ । ସମ୍ରାଟଙ୍କ ଶୁଷ୍କ ଓଷ୍ଠାଧରରେ ଫୁଟି ଉଠିଲା ଟେନାଏ ସ୍ମିତହାସ୍ୟ ଏବଂ ତାହାର ପ୍ରଭାବ ସମଗ୍ର ମୁଖ ମଣ୍ଡଳକୁ ବ୍ୟାପିଗଲା । ଶେଷ ନିଃଶ୍ୱାସ ତ୍ୟାଗ କଲାପରେ ମଧ୍ୟ ସମ୍ରାଟଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଦେଖା ଯାଉଥିଲା ।''

ଦିବ୍ୟଜନନୀ ଶ୍ରୀମା ସାଧାରଣ ମାନବୀଟିଏ ହୋଇ ପ୍ରାର୍ଥନା କରିଛନ୍ତି । ମା ଯୋଗ ପଥର ଯାତ୍ରୀ । ବହୁକାଳଧରି ସେହି ପଥରେ ଚାଲିଛନ୍ତି । ମା କହୁଛନ୍ତି, ସମୟ ଚାଲିଯାଉଛି, ଗଡ଼ିଯାଉଛି, ସାକାର ହୋଇ ନଥିବା ସ୍ୱପ୍ନପରି ମିଳେଇ ଯାଉଛି... । ମା'ଙ୍କର ଏହି ଉକ୍ତି ଏକ ଆଧ୍ୟାତ୍ମିକ ହତାଶା ନୁହେଁ । ସେ ତ ଜଗନ୍ମାତା, ଆନନ୍ଦମୟୀ, ଅନ୍ତରର ଭାବକୁ ପ୍ରଭୁଙ୍କୁ ଜଣାଇଛନ୍ତି ।

ଅନନ୍ତ, ଚିରନ୍ତନଙ୍କ ପାଖରେ ସମୟ ବା କାଳର ସ୍ଥିତି ଅତ୍ୟନ୍ତ ନଗଣ୍ୟ । ମା ଏହି ସତ୍ୟକୁ 'ଧ୍ୟାନ ଓ ପ୍ରାର୍ଥନା'ର ଅନେକ କ୍ଷେତ୍ରରେ ଉପସ୍ଥାପନା କରିଅଛନ୍ତି । କିନ୍ତୁ ସମୟ ହେଉଛି ସୁବର୍ଣ୍ଣ ସଦୃଶ ମହାର୍ଘ । ଏହା ହେଉଛି ସୁବର୍ଣ୍ଣ ଘଡ଼ି । ସୁବର୍ଣ୍ଣ ଘଡ଼ିର ପ୍ରତ୍ୟେକ ଟିକ୍ ଟିକ୍ ଶବ୍ଦ ହେଉଛନ୍ତି ଆମ ହୃତ୍‌ପିଣ୍ଡ ସ୍ପନ୍ଦନର ଗୋଟିଏ ଗୋଟିଏ ''ବିଟ୍'' । କିଏ ଜାଣେ ଏହି ଘଡ଼ି କେତେଦିନ ଧରି ଚାଲିପାରିବ ? ଅନେକ ମୁହୂର୍ତ୍ତରେ ସେହି ''ଟିକ୍ ଟିକ୍'' ଶବ୍ଦକୁ ଆମେ ପରିଷ୍କାର ଭାବେ ଶୁଣିପାରୁ । ସେକେଣ୍ଡ ଓ ମିନିଟ୍ କଣ୍ଟାର ଗତି ପଥକୁ ଅନୁଭବ କରିପାରୁ, ନଷ୍ଟ କରି ଦେଇଥିବା ସମୟମାନଙ୍କୁ ମନେପକାଉ ଅଥବା ନିଷ୍ଫଳ ମୁହୂର୍ତ୍ତମାନଙ୍କୁ ମନ୍ଥନ କରୁ ଏବଂ ଯେଉଁ ଗୌରବମୟ ମୁହୂର୍ତ୍ତମାନଙ୍କୁ ଆମେ ଅପେକ୍ଷା କରି ବସିଥାଉ, ଅନେକ ଅନେକ ସମ୍ଭାବନା ନେଇ ସେମାନେ କେତେବେଳେ ଆମକୁ ଅତିକ୍ରମ କରି ଚାଲିଯାଆନ୍ତି ତାହା ଆମେ ଜାଣିପାରୁ ନାହୁଁ । ଏହାକୁହିଁ ''ଆଧ୍ୟାତ୍ମିକ ବ୍ୟସ୍ତତା'' (Spiritual tension) ବୋଲି କୁହାଯାଇଥାଏ ।

ମା'ଙ୍କର ଉକ୍ତ ଏକ-ବାକ୍ୟ ବିଶିଷ୍ଟ ଜାନୁଆରୀ ୧୯, ୧୯୧୭ ପ୍ରାର୍ଥନାଟିର ଅନ୍ତଃସ୍ରୋତରେ ରହିଛି ''କାଳ'' ଓ ''ପ୍ରେମ''ର ଚିରନ୍ତନୀ ସ୍ପର୍ଶ । ଏଥିରେ ଟିମୁଟାଏ ଦୁଃଖର ଲବଣ-ସ୍ୱାଦ ରହିଛି କିନ୍ତୁ ବ୍ୟସ୍ତତା ନାହିଁ, ଏହାହିଁ ଜୀବନ ବଞ୍ଚିବାର ପ୍ରକୃତ କଳା । ପ୍ରେମାସ୍ପଦଙ୍କଠାରୁ ନିଜ ପ୍ରେମର ବିନିମୟରେ କିଛି ଲାଭ ଆଶାକରିବା ବା ଫଳ ପ୍ରାପ୍ତିର ଆଶା ପୋଷଣ କରିବା ମଣିଷର ଏକ ସ୍ୱାଭାବିକ ପ୍ରକ୍ରିୟା । କିନ୍ତୁ ଯେତେବେଳେ ସମୟ ଦ୍ରୁତଗତିରେ ଗଡ଼ିଚାଲେ, ପ୍ରତ୍ୟାଶା ପ୍ରାପ୍ତ ହୁଏ ନାହିଁ ସେହି ମୁହୂର୍ତ୍ତମାନଙ୍କୁ ଅତିବାହିତ କରିବା ମଣିଷ ପକ୍ଷରେ କଷ୍ଟକର ନୁହେଁ କି ? ଦିବ୍ୟଜନନୀ ଶ୍ରୀମାଙ୍କ ଦୟାର୍ଦ୍ର ହୃଦୟରେ ସମଗ୍ର ମାନବଜାତି ପାଇଁ ଏତାଦୃଶ ଭାବ ଜାଗ୍ରତ୍ ହୋଇ ଅମୃତ ଲେଖନୀ ମୁନରୁ ଏକ ପବିତ୍ର – ବିଶୁଦ୍ଧ କବିତାର ଐକୀକ ପଂକ୍ତିର ବିନ୍ଦୁଟିଏ ପତିତ ହୋଇଛି ଶୁଭ୍ର ପୃଷ୍ଠାର ବକ୍ଷ ଦେଶରେ । ଏହାହିଁ ଚୈତ୍ୟ-ବିଷାଦ । (Psychic Sadness)

ଏକଦା ଜନୈକ ଜିଜ୍ଞାସୁ ସାଧକ ତାଙ୍କର ଅନୁଭୂତିଗୁଡ଼ିକ କେଉଁ ଶ୍ରେଣୀର ଅନ୍ତର୍ଭୁକ୍ତ – ମାନସିକ, ପ୍ରାଣିକ ନା ଚୈତ୍ୟିକ – ତାହା ଜାଣିବା ନିମନ୍ତେ ଶ୍ରୀଅରବିନ୍ଦଙ୍କୁ ପତ୍ର ଲେଖି ନିବେଦନ କରି ପ୍ରାର୍ଥନା ଜଣାଇଥିଲେ । ତାହା ନିମ୍ନମତେ –

*Q : What kind of feeling is it that gets satisfaction and Ananda only in seeing the Mother ?*

**It is psychic.**

*ପ୍ରଶ୍ନ : ମା'ଙ୍କୁ ଦର୍ଶନ କଲେ ଯେଉଁ ଆନନ୍ଦ ଏବଂ ଆତ୍ମ-ସନ୍ତୋଷ ପ୍ରାପ୍ତ ହୋଇଥାଏ, ତାହା କେଉଁ ପ୍ରକାରର ଅନୁଭବ ?*

**ଶ୍ରୀଅରବିନ୍ଦ : ଏହା ଚୈତ୍ୟାନୁଭବ**

*Q : What kind of feeling is it that gets satisfaction and Ananda only in remembering the Mother ?*

**Psychic.**

*ପ୍ରଶ୍ନ : ମା'ଙ୍କୁ ସ୍ମରଣ କଲେ ଯେଉଁ ଆତ୍ମସନ୍ତୋଷ ଏବଂ ଆନନ୍ଦ ପ୍ରାପ୍ତ ହୋଇଥାଏ ଏହା କେଉଁ ପ୍ରକାରର ଅନୁଭବ ?*

**ଶ୍ରୀଅରବିନ୍ଦ : ଚୈତ୍ୟାନୁଭବ ।**

*Q : What kind of feeling is it that gives a wound in the heart on hearing anything against the Mother ?*

**Psychic.**

*ପ୍ରଶ୍ନ : ଦିବ୍ୟଜନନୀ ଶ୍ରୀମା'ଙ୍କ ବିରୋଧରେ କେହି କିଛି କଥା କହୁଥିବାର ଶୁଣିଲେ ହୃଦୟ ଭିତରେ ଏକ କ୍ଷତ ସୃଷ୍ଟି ହୋଇ ଯନ୍ତ୍ରଣା ଦେଇଥାଏ, ଏହା ପୁଣି କେଉଁ ପ୍ରକାରର ଅନୁଭବ ?*

**ଶ୍ରୀଅରବିନ୍ଦ : ତାହା ଚୈତ୍ୟାନୁଭବ ।**

*Q : What kind of feeling is it that makes one feel the Mother's presence in the heart, even though one is physically far from her ?*

**Psychic.**

*ପ୍ରଶ୍ନ : ମା'ଙ୍କ ନିକଟରୁ ବହୁ ଦୂରରେ ଥିଲେ ମଧ୍ୟ ହୃଦୟ ଭିତରେ ତାଙ୍କର ଅତି ନିକଟରେ ରହିଥିବା ପରି ଯଦି ଜଣେ ଅନୁଭବ କରେ, ତାହା କେଉଁ ପ୍ରକାରର ଅନୁଭବ ?*

**ଶ୍ରୀଅରବିନ୍ଦ : ତାହା ବି ଚୈତ୍ୟାନୁଭବ ।**

(CWSA, Vol. - 32, p. 466 - 467)

ଉପରୋକ୍ତ ପ୍ରଶ୍ନୋତ୍ତରରୁ ଏହା ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ଦିବ୍ୟଜନନୀ ଶ୍ରୀମାଙ୍କୁ ଦର୍ଶନ କଲେ, ତାଙ୍କୁ ସ୍ମରଣ କଲେ, ମା'ଙ୍କ ବିରୋଧରେ କେହି କିଛି କହୁଥିବାର ଶୁଣିଲେ, ମା ବହୁ ଦୂରରେ ଥିଲେ ମଧ୍ୟ ହୃଦୟ ଭିତରେ ଅତି ନିକଟରେ ଅଛନ୍ତି ବୋଲି ଅନୁଭବ କଲେ ଯେଉଁ ଆନନ୍ଦ, ବିଷାଦ ଓ ସନ୍ତୋଷ ପ୍ରାପ୍ତ ହୋଇଥାଏ, ସେ ସମସ୍ତ ''ଚୈତ୍ୟ ଅନୁଭବ'' ଅଟେ । ଏଥି ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ମା'ଙ୍କ ବିରୋଧରେ କେହି କିଛି କହୁଥିବାର ଶୁଣିଲେ, ନିନ୍ଦା କରୁଥିବାର ଶୁଣିଲେ ଯେଉଁ ବ୍ୟକ୍ତି ବା ସାଧକର ହୃଦୟରେ ଯଦି କ୍ଷତଟିଏ ସୃଷ୍ଟିହୁଏ, ହୃଦୟ ବିଷାଦଗ୍ରସ୍ତ ହୋଇପଡ଼େ, ତେବେ ସେଥିରୁ ଜଣାପଡ଼େ ତାଙ୍କ ହୃଦୟରେ ମା'ଙ୍କୁ ଭଲପାଇବା ନିମନ୍ତେ ମନ୍ଦିରଟିଏ ଅଛି । ସେହି ଅନୁଭବଟି ହେଉଛି ଚୈତ୍ୟାନୁଭବ । ଏହି ଅନୁଭବଟି ଆସୁଥିବା ସମୟରେ ଆମେ ଯଦି ତାଙ୍କୁ ମନ, ପ୍ରାଣ ଓ ଶରୀର ଚେତନାର ସୀମିତତା ମଧ୍ୟରେ ରୂପ ଦେବାକୁ

ଚେଷ୍ଟା କରୁ ତାହାହେଲେ ଏହି ଚୈତ୍ୟାନୁଭବଟି ମିଳେଇଯାଏ । ସେଥିପାଇଁ ଏହି ସମସ୍ତ ବିରୋଧାତ୍ମକ ଅନୁଭବକୁ ପରମ ପ୍ରଭୁଙ୍କ ପାଦପଦ୍ମରେ ଢାଳିଦେଇ ସମର୍ପିତ ହୋଇ ପ୍ରାର୍ଥନା କରିବାକୁ ହେବ, ''ହେ ପ୍ରଭୁ ! ଆପଣଙ୍କ ଇଚ୍ଛାହିଁ ପୂର୍ଣ୍ଣ ହେଉ !''

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା; (୨) Notes on The Prayers and Meditations : Goutam Ghosal

ଯାହାର ଜୀବନ ଓ ଏହାର ବାଧାବିପତ୍ତିସବୁକୁ ଧୈର୍ଯ୍ୟ ଏବଂ ଦୃଢ଼ତାର ସହ ମୁକାବିଲା କରିବା ଲାଗି ସାହସ ନାହିଁ ସେ ସାଧନା କ୍ଷେତ୍ରରେ ଏହାଠାରୁ ଆହୁରି ବୃହତ୍ତର ଆନ୍ତର ବାଧାବିପତ୍ତି ମଧ୍ୟଦେଇ କେବେ ବି ଗତି କରିବା ଲାଗି ସମର୍ଥ ହୋଇ ପାରିବ ନାହିଁ । ଏ ଯୋଗର ସର୍ବ ପ୍ରଥମ ଶିକ୍ଷା ହେଉଛି ଏକ ସ୍ଥିର ମନ, ଦୃଢ଼ ସାହସ ଓ ଦିବ୍ୟଶକ୍ତି ଉପରେ ଏକ ପରିପୂର୍ଣ୍ଣ ନିର୍ଭରତା ସହ ଜୀବନ ଓ ତା'ର ପରୀକ୍ଷା ସମୂହର ମୁକାବିଲା କରିବା ।

— ଶ୍ରୀଅରବିନ୍ଦ


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: office@ayurlabsindia.com

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୪୯)

## ସାହାନା ଦେବୀ

**ସାହାନା :** ...ଯାହାସବୁ ଘଟୁଛି ସେସବୁ ଦେଖି ମୁଁ ନିଜକୁ ଖୁବ୍ ଉତ୍‌ଫୁଲ୍ଲିତ ହେବାକୁ ଦେଉ ନାହିଁ । କାରଣ ମୁଁ ଦେଖୁଛି ତା'ହେଲେ ସେସବୁ ଜିନିଷ ତା' ସଙ୍ଗେ ଯେପରି ଭିତରୁ ବାହାରି ଯିବାକୁ ଚାହେଁ । ସେ ହେତୁ ସବୁଥିରେ ସମତା ରଖିବାର ଏକ ଚେଷ୍ଟା ଆସିଛି ଯେଉଁଥି ପାଇଁ ସେସବୁ ହ୍ରାସ ନହୋଇ କ୍ରମଶଃ ବଢ଼ିପାରେ । ଯାହା ପାଉଛି ତାକୁ ଭିତରେ ଧରି ରଖିବାର ଏକ ଆନ୍ତରିକ ଚେଷ୍ଟା ଚାଲିଛି ବୋଲି ମନେ ହେଉଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ହଁ, ତାହାହିଁ ସର୍ବୋତ୍ତମ । କେହି ଯଦି ଅପରିବର୍ତ୍ତନୀୟ ଶାନ୍ତି ଏବଂ ସମଭାବର ଭିତ୍ତି ସ୍ଥାପନ କରିପାରେ ତେବେ ସେଇଟାହିଁ ସର୍ବଦା ଆଧ୍ୟାତ୍ମିକ ପ୍ରଗତି ନିମନ୍ତେ ସର୍ବୋତ୍ତମ ପ୍ରଚେଷ୍ଟା ।

**ସାହାନା :** ତୁମ କରୁଣାରୁହିଁ ମୁଁ କ୍ରମଶଃ ଯେପରି ସଚେତନ ହୋଇ ଉଠୁଛି – କାହାରିକୁ ସମାଲୋଚନା କରିବା ଅବା କାହାରି ଦୋଷତ୍ରୁଟି ଦେଖିବା ବା ନିନ୍ଦା କରିବା ଇତ୍ୟାଦିର ସ୍ପୃହା କେଉଁଠାରୁ ଆସେ, ଏସବୁ ପ୍ରବୃତ୍ତି ବା ପ୍ରେରଣାର ପଶ୍ଚାତ୍‌ରେ କ'ଣ ଥାଏ ବା କେଉଁ ଜିନିଷ କାର୍ଯ୍ୟ କରେ ଏବଂ କାହିଁକି ଆମେମାନେ ଏସବୁ କରୁ । ମା'ଗୋ, ଦେଖିବାର କେତେ ଯେ ଦିଗ ଅଛି, ତୁମେ ସେସବୁକୁହିଁ ପ୍ରକାଶ କରୁଛ ତୁମମାନଙ୍କର କରୁଣାର ଆଲୋକ ଦେଇ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ପ୍ରତ୍ୟେକଙ୍କ ଭିତରେହିଁ ଏଇ କ୍ଷୁଦ୍ର ଅହମିକା ଭଲ ପାଏ (ଠିକ୍ ବା ବେଠିକ୍) ଅନ୍ୟମାନଙ୍କର ଦୋଷ ଦୁର୍ବଳତା ଆବିଷ୍କାର କରିବାକୁ ଏବଂ ତାହାକୁହିଁ ଆଲୋଚନା କରିବାକୁ – ପ୍ରକୃତରେ କିଛି ବି ସେମାନଙ୍କର ଯାଏ ଆସେ ନାହିଁ ଯେ ସେସବୁ ଠିକ୍ କି ଠିକ୍ ନୁହେଁ । ଅହଂର କୌଣସି ଅଧିକାର ନାହିଁ ଅନ୍ୟମାନଙ୍କୁ ବିଚାର କରିବାର, କାରଣ ଅହଂର ସେଇ ସତ୍ୟ ଦୃଷ୍ଟି ବା ପ୍ରକୃତ ଭାବ ନାହିଁ । କେବଳ ସେଇ ସ୍ଥିର ଅନାଗ୍ରହୀ, ଅନାସକ୍ତ, ସର୍ବକାରୁଣିକ ପରମ ପ୍ରେମମୟ ଦିବ୍ୟ-ପୁରୁଷହିଁ ଠିକ୍ ଭାବେ ବିଚାର କରିବାକୁ ସକ୍ଷମ ଏବଂ ଯଥାର୍ଥଭାବେ ଦେଖିପାରନ୍ତି ପ୍ରତିଟି ସତ୍ତାର ଶକ୍ତି ଏବଂ ଦୁର୍ବଳତାକୁ । (୧୨.୬.୩୪)

**ସାହାନା :** ମୁଁ ଚେଷ୍ଟା କରୁଛି ମନକୁ ଅନ୍ତର୍ମୁଖୀ କରି ରଖିବାକୁ । ଏଇ ଚେଷ୍ଟା ଭିତରେ କେତେବେଳେ ଆନନ୍ଦ ପାଏ ତ ଆଉ କେତେବେଳେ ଖୁବ୍ ଶୁଷ୍କ ଲାଗେ । ଏଇ ଧରଣର ଏକ ଟଣାଟଣି ମଧ୍ୟ ଦେଇ ଗତି କରୁଛି । ସମୟ ସମୟରେ ଖୁବ୍ କଠିନ ଲାଗେ, ପୁଣି ଆଉ କେତେବେଳେ ଖୁବ୍ ସହଜରେ ସବୁ ହୋଇଯାଏ । ଆଜି ଗୋଟାଏ ଆଶ୍ଚର୍ଯ୍ୟ ପ୍ରକାରର ପରିବର୍ତ୍ତନ ଦେଖୁଛି – ଏଇ ପ୍ରକାର ବୋଧ, ଏଇ ପ୍ରକାର ଅନୁଭବ ଯୋଗୁଁ ସବୁକିଛି ଯେପରି ବଦଳି ଯାଇଛି । ଯାହା ଶୁଷ୍କ, ନୀରସ ମନେ ହେଉଥିଲା ତାହା ଯେପରି ସହଜସାଧ୍ୟ, ଉତ୍ସାହପୂର୍ଣ୍ଣ ଆନନ୍ଦର ଘଟଣା ହୋଇଉଠିଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହି ଉପାୟରେହିଁ ସର୍ବଶେଷରେ ଏସବୁକୁ ପରିବର୍ଜନ କରିବା ଏକ ଅଭ୍ୟାସରେ ପରିଣତ ହୋଇଯାଏ । ସେସବୁକୁ ବର୍ଜନ କରିବାକୁହିଁ ପଡ଼ିବ କାରଣ ଏହାହିଁ ବର୍ତ୍ତମାନ ସାଧନାର କ୍ଷେତ୍ର ଏବଂ ପ୍ରଗତି ନିମନ୍ତେ ଏଇ ଭୂମିକୁ ପରିଷ୍କାର କରିବାକୁ ପଡ଼ିବ ।

(୧୬.୬.୩୪)

**ସାହାନା :** ମା ମୋର, ଗତ ମାସର ହିସାବ ପଠାଉଛି । ଏଥିରେ ତୁମେ ଦେଖିବାକୁ ପାଇବ ମୁଁ ଗତ ମାସରେ ଅଗ୍ରିମ ଦଶ ଟଙ୍କା ନେଇଛି, ଏ ମାସରେ ବି ମୁଁ କ'ଣ ଆଉ ଦଶ ଟଙ୍କା ଅମୃତଙ୍କ ପାଖରୁ ନେଇପାରିବି ? କାହିଁକିନା ଶ୍ରୀଅରବିନ୍ଦଙ୍କର ସ୍ୟାଣ୍ଡଉଇଚ୍ ତିଆରି ପାଇଁ ମୁଁ ଗୋଟିଏ ଖୁବ୍ ଭଲ ''ଚିଜ୍'' (cheese) କିଣିଛି । ଦୋକାନରେ ମୁଁ ମୋ ନାଆଁରେ ଦସ୍ତଖତ କରି ଆସିଛି କିନ୍ତୁ ଟଙ୍କା ଏପର୍ଯ୍ୟନ୍ତ ଦେଇ ନାହିଁ । ଯେତେବେଳେ ମୁଁ ଯେଉଁଠି କିଛି ବିଶେଷ ରକମର ଭଲ କିଂବା ମନୋରମ କିଛି ଦେଖେ ତତ୍‌କ୍ଷଣାତ୍ ତାହା କିଣି ନେବାକୁ ଇଚ୍ଛା ହୁଏ ତୁମମାନଙ୍କ ନିମନ୍ତେ, କିନ୍ତୁ ଟଙ୍କାର ପ୍ରଶ୍ନ ସେତେବେଳେ ମନକୁ ଆସେ ନାହିଁ । ଯଦିବା ତୁମେ ମୋତେ ଏହା ପାଇଁ ଅନୁମତି ଦେଇଥିଲ, ତେବେ ବର୍ତ୍ତମାନ ମଧ୍ୟ ମୁଁ କ'ଣ ସେଇ ଭାବେ ଚାଲିପାରିବି ? ମୋର ମନେହୁଏ ମୁଁ ଟିକିଏ ବେଶୀ ମାତ୍ରାରେ ଅମିତବ୍ୟୟୀ ହୋଇଯାଉଛି

*(ଅବଶିଷ୍ଟାଂଶ ପୃଷ୍ଠା ୨୮ରେ ଦେଖନ୍ତୁ)*

# ଗୋଲାପି ନଗରୀରେ ସୁନେଲି କୃତଜ୍ଞତା

## (୧)

## ସୂର୍ଯ୍ୟକାନ୍ତି ମହାନ୍ତି

ଭାରତର ଗୋଲାପି ନଗରୀ (Pink City) ଜୟପୁର ବିଶ୍ୱବିଖ୍ୟାତ । ୧୮୭୭ ମସିହାରେ ତତ୍କାଳୀନ ମହାରାଜା ଦ୍ୱିତୀୟ ସୱାଇ ରାମ ସିଂ ତାଙ୍କର ରାଜକୀୟ ଅତିଥିଙ୍କର ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ନିମନ୍ତେ ନିଜ ରାଜଧାନୀ ଜୟପୁରର ସମସ୍ତ ଅଟ୍ଟାଳିକାକୁ ଗୋଲାପି ରଙ୍ଗରେ ରଙ୍ଗାୟିତ କରିଥିଲେ । ଏହା ଥିଲା ମହାରାଜାଙ୍କର ପ୍ରିୟ ପତ୍ନୀଙ୍କର ମନ ପସନ୍ଦର ରଙ୍ଗ । ଏଥିପାଇଁ କାର୍ବନ୍ ଅକ୍ସାଇଡ୍‌ରୁ ପ୍ରସ୍ତୁତ ସ୍ଥାୟୀ ଟେରାକୋଟା ଗୋଲାପି ରଙ୍ଗ ବ୍ୟବହାର କରାଯାଇଥିଲା । ଗୋଲାପି ରଙ୍ଗ ପ୍ରେମର ପ୍ରତୀକ । ଏଠାରେ ମହାରାଜାଙ୍କର ପତ୍ନୀ-ପ୍ରେମ ଏବଂ ରାଜକୁମାରଙ୍କ ପାଇଁ ରାଜକୀୟ ପ୍ରେମ – ଏ ଦୁଇଟି କଥା ନିହିତ । ତେବେ ମହାରାଜାଙ୍କ ରାଜଧାନୀର ସୌନ୍ଦର୍ଯ୍ୟୀକରଣ ଯେଉଁ ବିଖ୍ୟାତ ଅତିଥିଙ୍କ ଉଦ୍ଦେଶ୍ୟରେ କରାଯାଇଥିଲା, ସେ ଥିଲେ ୱେଲସ୍ (ଗ୍ରେଟ୍ ବ୍ରିଟେନ)ର ରାଜକୁମାର ଆଲବର୍ଟ, ଯିଏ ପରବର୍ତ୍ତୀ ସମୟରେ ସପ୍ତମ ଏର୍ଡ୍‌ୱାର୍ଡ୍ ରୂପେ ପରିଚିତ ହୋଇଥିଲେ । ମହାରାଣୀ ଭିକ୍‌ଟୋରିଆ ଥିଲେ ତାଙ୍କ ପତ୍ନୀ ।

ସପ୍ତଦଶ ଶତାବ୍ଦୀର ଶେଷ ଭାଗ ପର୍ଯ୍ୟନ୍ତ ରାଜସ୍ଥାନର ରାଜଧାନୀ ଥିଲା 'ଆମେର୍' । ୧୬୯୯ ରୁ ୧୭୪୪ ପର୍ଯ୍ୟନ୍ତ ଶାସନ କରିଥିବା ମହାରାଜା ଦ୍ୱିତୀୟ ଜୟସିଂହ ତାଙ୍କର ରାଜଧାନୀକୁ 'ଆମେର୍'ରୁ 'ଜୟପୁର'କୁ ସ୍ଥାନାନ୍ତରିତ କରିଥିଲେ । ଜୟପୁରକୁ ନୂତନ ରାଜଧାନୀ ଭାବରେ ୧୭୪୭ ମସିହା ନଭେମ୍ବର ୧୮ ତାରିଖ ଦିନ ବିଧିବଦ୍ଧଭାବେ ଘୋଷଣା କରାଯାଇଥିଲା । ମହାରାଜା ଜୟସିଂହଙ୍କ ନାମ ଅନୁଯାୟୀ ଏହି ନୂତନ ନଗରୀକୁ ଜୟପୁର ନାମରେ ନାମିତ କରାଯାଇଥିଲା । ଭାରତୀୟ ବାସ୍ତୁଶାସ୍ତ୍ର ଓ ଶିଳ୍ପ ଶାସ୍ତ୍ରର ନିୟମ ଅନୁଯାୟୀ ଏହା ନିର୍ମିତ ହୋଇଥିଲା ।

ଜୟପୁର ବର୍ତ୍ତମାନ ସମୟରେ ପର୍ଯ୍ୟଟକମାନଙ୍କ ନିମନ୍ତେ ଅତୀବ ଆକର୍ଷଣୀୟ ସ୍ଥାନ । ରାଜସ୍ଥାନର ଶୁଷ୍କ ଜଳବାୟୁ ଓ ମରୁଭୂମି ଅଞ୍ଚଳରେ 'ଦ୍ରବ୍ୟବତୀ' ନଦୀ ପ୍ରବାହିତ । ଏହା ରାଜ୍ୟବାସୀଙ୍କ ନିମନ୍ତେ ଯଥେଷ୍ଟ ଗୁରୁତ୍ୱ ବହନ କରେ । ଏଠାରେ ଅଛି ଦୁଇଟି ୟୁନେସ୍କୋ ହେରିଟେଜ୍ ସାଇଟ୍ । ଗୋଟିଏ ଯନ୍ତର ମନ୍ତର ଓ ଅନ୍ୟଟି ଆମେର୍ ଦୁର୍ଗ ।

ଭାରତରେ ଥିବା ପାଞ୍ଚୋଟି ଯନ୍ତର ମନ୍ତର – ଜୟପୁର, ନୂଆଦିଲ୍ଲୀ, ଉଜ୍ଜୟିନୀ, ମଥୁରା ଓ ବାରାଣସୀରେ ଅବସ୍ଥିତ । ଏମାନଙ୍କ ମଧ୍ୟରେ ଜୟପୁରରେ ଥିବା ଯନ୍ତର ମନ୍ତର ସର୍ବାପେକ୍ଷା ବୃହତ୍ । ଏହା ମଧ୍ୟରେ ଅଛି ବୃହତ୍ ଯନ୍ତ୍ର, ଯାହା ହେଉଛି ଏକ ସୂର୍ଯ୍ୟ ଘଡ଼ି । ଏହା ସ୍ଥାନୀୟ ସମୟ ପୂରାପୂରି ଠିକ୍ ଭାବରେ ପ୍ରଦାନ କରିଥାଏ । ଗୋଲାପି ନଗରୀରେ ତିନିଟି ଫାଟକ ଅଛି । ପୂର୍ବ ଦିଗରେ ଥିବା ଫାଟକର ନାମ ସୁରଜ୍ ପୋଲ୍ ବା ସୂର୍ଯ୍ୟ ଫାଟକ, ପଶ୍ଚିମ ଦିଗରେ ଥିବା ଫାଟକର ନାମ ଚାନ୍ଦ ପୋଲ୍ ବା ଚନ୍ଦ୍ର ଫାଟକ ଏବଂ ଉତ୍ତରରେ ଥିବା ଫାଟକଟି ପୁରାତନ ରାଜଧାନୀ 'ଆମେର୍' ଦିଗକୁ ମୁଖ କରିଛି ।

ଜାଣିଲେ ଆଶ୍ଚର୍ଯ୍ୟ ଲାଗେ ଯେ ଏହିପରି ଏକ ଗୋଲାପି ନଗରୀ ଅଛି ମନୁଷ୍ୟର ଶରୀର ମଧ୍ୟରେ, ଯାହାର ନାମ ଅନାହତ ଚକ୍ର । ଏହାର ଅବସ୍ଥିତି ଏଣ୍ଡୋକ୍ରିନ୍ ସିଷ୍ଟମ୍‌ରେ, ହୃଦୟର ନିକଟରେ ଏବଂ ଥାଇମସ୍ ଗ୍ରନ୍ଥି ସହିତ ଏହା ସଂଯୁକ୍ତ । ଜୀବନୀ ବା ପ୍ରାଣଶକ୍ତିର ପରିବାହକ ଯେଉଁ ସପ୍ତଶକ୍ତି ତାହାର କେନ୍ଦ୍ରଗୁଡ଼ିକ ମନୁଷ୍ୟର ସୂକ୍ଷ୍ମ ଶରୀରରେ ଅଛି, ସେମାନଙ୍କ ମଧ୍ୟରୁ ଚତୁର୍ଥ ସ୍ଥାନରେ ବା ଠିକ୍ ମଧ୍ୟ ସ୍ଥାନରେ ଥିବା ଏହି ଚକ୍ରର ରଙ୍ଗ ହେଉଛି ଗୋଲାପି । ଏହା ପ୍ରେମର ପ୍ରତୀକ । ଏଣୁ ଏହି ଅନାହତ ଚକ୍ରକୁ କୁହାଯାଏ ଗୋଲାପି ନଗରୀ ବା ପ୍ରେମ ନଗରୀ । ଏହି ଚକ୍ର ଦ୍ୱାଦଶ ଦଳ ସମ୍ପନ୍ନ ଏକ ପ୍ରସ୍ଫୁଟିତ ପଦ୍ମପୁଷ୍ପ ଭାବରେ ସୂଚିତ ହୋଇଥାଏ ଏବଂ ଏହି ସବୁ ଦଳର ସଂସ୍କୃତ ମନ୍ତ୍ର ହେଲା – କମ୍, ଖମ୍, ଗମ୍, ଘମ୍, ଙ୍‌ମ୍, ଚମ୍, ଛମ୍, ଜମ୍, ଝମ୍, ଞମ୍, ଟମ୍, ଠମ୍ । ଅନାହତ ଚକ୍ର ମଧ୍ୟରେ ଦୁଇଟି ତ୍ରିଭୁଜ ବିପରୀତ ଭାବରେ ପରସ୍ପରକୁ ଛେଦନ କରି ଷଟ୍ କୋଣ ସୃଷ୍ଟି କରନ୍ତି । ଏହି ଛେଦନର ମଧ୍ୟବର୍ତ୍ତୀ ଅଞ୍ଚଳରେ ସୁନେଲି ରଙ୍ଗର ରେଣୁ ଅଛି । ସମୁଦାୟ ପ୍ରତୀକଟି ହିନ୍ଦୁଧର୍ମର ଏକ ଯନ୍ତ୍ର ଅଟେ । ଏହି ଯନ୍ତ୍ରର ରଙ୍ଗ ଗୋଲାପି, ସବୁଜ ଓ ସୁନେଲି । ଏଠାରେ ପ୍ରତୀକାତ୍ମକ ଭାବରେ ଗୋଲାପି ହେଉଛି

ପଦ୍ମପୁଷ୍ପ ଯାହା ସୂଚିତ କରେ ପ୍ରେମକୁ । ସବୁଜ ରଙ୍ଗ ସୂଚିତ କରେ କରୁଣାକୁ, ଯାହା ପଦ୍ମର ପତ୍ର ଭାବରେ ପରିଚିତ ଏବଂ ସୁନେଲି ରେଣୁ ସୂଚିତ କରେ କୃତଜ୍ଞତାକୁ, ଯାହାକି ହେଉଛି ପଦ୍ମ ସରୋବରର ଜଳ । ଏପରି ଭାବରେ ଅନାହତ ଚକ୍ରର ପରିସରରେ ପ୍ରେମ, କରୁଣା ଓ କୃତଜ୍ଞତା ଯଥାକ୍ରମେ ପଦ୍ମପୁଷ୍ପ, ପତ୍ର ଓ ଜଳ ପରସ୍ପର ସହିତ ସଂଯୁକ୍ତ ହୋଇ କାର୍ଯ୍ୟଶୀଳ ଥାଆନ୍ତି ।

ଏହି ଗୋଲାପି ନଗରୀର ଉପରି ଭାଗରେ ଯେଉଁ ତିନୋଟି ଚକ୍ର ଅଛି, ସେଗୁଡ଼ିକ ହେଲେ – ଯଥାକ୍ରମେ ବିଶୁଦ୍ଧ ଚକ୍ର ଯାହା ନୀଳ, ଆଜ୍ଞାଚକ୍ର ଯାହା ଘନ ନୀଳ ଓ ସହସ୍ରାର ଯାହା ବାଇଗଣି ରଙ୍ଗ । ଜ୍ଞାନୀ ଲୋକମାନଙ୍କର ଚେତନା ଏହି ତିନୋଟି ଚକ୍ରରେ କେନ୍ଦ୍ରୀଭୂତ ହୋଇଥାଏ । ପୁନଶ୍ଚ ଅନାହତର ନିମ୍ନ ଭାଗରେ ଥିବା ଚକ୍ରଗୁଡ଼ିକ ହେଲେ – ଯଥାକ୍ରମେ ମଣିପୁର, ଯାହାର ରଙ୍ଗ ହଳଦୀ, ସ୍ୱାଧିଷ୍ଠାନ ଯାହା କମଳା ବା ନାରଙ୍ଗୀ ଏବଂ ମୂଳାଧାର ଯାହା ଗାଢ଼ ଲାଲ ରଙ୍ଗ । ଇନ୍ଦ୍ରିୟ ଭୋଗରେ ବାସ କରୁଥିବା ଲୋକମାନଙ୍କର ଚେତନା ଏହି ତିନୋଟି ଚକ୍ରରେ ପ୍ରାୟଶଃ ଏକୀଭୂତ ହୋଇଥାଏ । ପ୍ରେମ, କରୁଣା ଓ କୃତଜ୍ଞତା ପୂର୍ଣ୍ଣ ମନୁଷ୍ୟର ଚେତନା ଅନାହତ ଚକ୍ରରେ ନିବଦ୍ଧ ଥାଏ ।

ଅନାହତ ଚକ୍ର ଜୀବାତ୍ମନ୍ ଓ ପରାଶକ୍ତିର ସ୍ଥାନ ଅଟେ । ଏହାର ମୂଳତତ୍ତ୍ୱ ହେଉଛି ସତ୍ୟ ଓ ନିଃସର୍ତ୍ତ ପ୍ରେମ । ଏହି ଚକ୍ରର କାର୍ଯ୍ୟ ସର୍ବଦା ସୁସଂହତ । ଏହାର ଯୋଗ ହେଉଛି ଭକ୍ତି ଯୋଗ । ଏଣୁ ଯେଉଁ ମଣିଷ ହୃଦୟରେ ଧ୍ୟାନରତ ହୁଏ, ସ୍ୱକୀୟ ଭାବରେ ତା' ଚରିତ୍ରରେ ଫୁଟି ଉଠେ ସମଗ୍ର ଜଗତ୍ ପ୍ରତି ପ୍ରେମ ଭାବ । ସାଧାରଣତଃ ଲୋକମାନେ ପ୍ରେମ ଓ କରୁଣା ସମ୍ବନ୍ଧରେ ଅବଗତ ଥା'ନ୍ତି, ହେଲେ ଖୁବ୍ କମ୍ ଲୋକ ଜାଣନ୍ତି କୃତଜ୍ଞତାର ମୂଲ୍ୟ । କୃତଜ୍ଞତାର ଭାଷା ଖୁବ୍ ସରଳ ଏବଂ ଏହାର ଆବେଗ ସର୍ବଦା ପ୍ରାଣସ୍ପର୍ଶୀ । ଋଗ୍‌ବେଦର ସମସ୍ତ ମନ୍ତ୍ର, ଶ୍ଳୋକ ଓ ସ୍ତୋତ୍ରର ମୂଳତତ୍ତ୍ୱ ହେଉଛି କୃତଜ୍ଞତା ।

ଯଦି ଜଣେ ଜୀବନରେ ଅଧିକ କିଛି ପାଇବା ପାଇଁ ଇଚ୍ଛା କରେ, ଯେପରି – ଅର୍ଥ, ସୁଖ, ଶାନ୍ତି, ସୁସ୍ଥତା, ଆନନ୍ଦ, ଲୋକ ସମ୍ପର୍କ ଓ ନିଜର ସାମର୍ଥ୍ୟ ଆଦି – ଏଥି ନିମନ୍ତେ ଏକହିଁ ଉପାୟ ରହିଛି । ଏହା ଅବିଶ୍ୱସନୀୟ ବୋଲି ମନେ ହେଲେ ମଧ୍ୟ ସତ୍ୟ । ତେବେ ସେ ଉପାୟଟି କ'ଣ ? କେଉଁଠି, କିପରି ଭାବରେ ଏହା ଲାଭ କରିବାକୁ ହେବ ? ଏଥି ପାଇଁ ସର୍ବନିମ୍ନ ଓ ସର୍ବାଧିକ ଶିକ୍ଷାଗତ ଯୋଗ୍ୟତା ଓ ବୟସର ସୀମା, ସ୍ୱାସ୍ଥ୍ୟର ଅବସ୍ଥା କିଂବା ବୁଦ୍ଧିର ହିସାବ (I.Q.)ର ଆବଶ୍ୟକତା ରହିଛି କି ? ଅବଶ୍ୟ ଏହାର ଆବଶ୍ୟକତା ରହିଛି । ତେବେ ଏସବୁ ସବିଶେଷ ଆବଶ୍ୟକତା ନୁହେଁ । ପ୍ରୟୋଜନ ହେଉଛି ହୃଦୟର ଗଭୀରରେ ମହଜୁଦ ଥିବା ଏକ ଭାବର ଅନୁଭବ ମାତ୍ର । ଏହା ହେଉଛି କୃତଜ୍ଞ ଭାବ । ଯଦି ଜଣେ ସଚେତନ ଭାବେ ତା' ଜୀବନକୁ ନିରୀକ୍ଷଣ କରେ, ତେବେ ସେ ଦେଖିବ ଯେ ତାକୁ ଉପକାର କରିଥିବା ଲୋକଙ୍କ ସଂଖ୍ୟା ଅନେକ । କୃତଜ୍ଞତାର ଋଣ, ଅର୍ଥ ପରିଶୋଧ କରିବା ସହ ସମାନ ନୁହେଁ । ଏହା ଅନ୍ତରର ଏକ ବୋଧ ଶକ୍ତି । ଜଣେ ଯଦି ଏହି ଭାବ ଅନୁଭବ କରେ, ଦେଖିବ ଯେ ପ୍ରକୃତି ନିକଟରେ ଏବଂ ତା' ଚତୁଃପାର୍ଶ୍ୱରେ ଥିବା ଅନେକ ଲୋକଙ୍କ ନିକଟରେ ସେ ଋଣୀ । ସେ ବିସ୍ମିତ ହେବ ଯେ ତା'ର ଅନେକ ଉପକାରୀ ବନ୍ଧୁ ଅଛନ୍ତି । ମନୁଷ୍ୟ ସୂର୍ଯ୍ୟ, ଚନ୍ଦ୍ର, ବୃକ୍ଷ ଓ ନଦୀମାନଙ୍କଠାରୁ ଉପକାର ପାଉଥିବାରୁ ଏମାନଙ୍କୁ ସେ ପୂଜା କରେ । ହୃଦୟର କୃତଜ୍ଞତା ପ୍ରକାଶ କରେ ।

ମାତ୍ର ଆଧୁନିକ ମଣିଷ ତା' ସାଧାରଣ ଜୀବନରେ କୃତଜ୍ଞତା ପ୍ରକାଶ କରିବାକୁ ଭୁଲିଯାଏ ବା ଇଚ୍ଛା ପ୍ରକାଶ କରେ ନାହିଁ ବା ଗୁରୁତ୍ୱ ଦିଏ ନାହିଁ । ସେ ପାଇଥିବା ଉପକାରକୁ ମଧ୍ୟ ସ୍ୱୀକାର କରେ ନାହିଁ, କେବଳ ତା' ନିଜର ଅହଙ୍କାର ପାଇଁ । କାହାରିଠାରୁ ଉପକାର ପାଇ ସେ ଯେ ଜୀବନରେ ଉନ୍ନତି କରିଛି, ଏକଥା କାହାକୁ ଜଣାଇବାକୁ ଚାହେଁନି । ସେ ସର୍ବଦା ପରିଚୟ ଦିଏ ଯେ ସେ ନିଜେ ତା' ସୌଭାଗ୍ୟର କର୍ତ୍ତା । ଆଉ କେତେକଙ୍କୁ ମଧ୍ୟ ଲଜ୍ଜା ଲାଗେ ଏକଥା ସ୍ୱୀକାର କରିବା ପାଇଁ । ସମୟ ସମୟରେ ଏପରି ହୁଏ ଯିଏ ଉପକାର କରିଥାଏ, ତା'କୁ ବି କୁହାଯାଏ ସେ କୁଆଡ଼େ କିଛି ଜାଣେ ନାହିଁ କିଂବା ତାକୁ କିଛି ଜଣା ନାହିଁ ! ଏହାଠାରୁ ହୀନମନ୍ୟତା ଭାବ ଆଉ କ'ଣ ଅଛି ?

ବର୍ତ୍ତମାନର ମଣିଷ ପ୍ରକୃତି ନିକଟରେ କୃତଜ୍ଞ ରହୁ ନାହିଁ । ଏଣୁ ପରିବେଶର ସୁରକ୍ଷା ରକ୍ଷା କରାଯାଇ ପାରୁ ନାହିଁ । ଏ ସଭ୍ୟତା ପୃଥିବୀକୁ ଧ୍ୱଂସାଭିମୁଖୀ କରିଛି । ଦେଖିବାକୁ ଗଲେ ଏବେକାର ପାରିବାରିକ, ସାମାଜିକ, ଶିକ୍ଷା ଓ ଶାସନ ବ୍ୟବସ୍ଥା ଭିତରେ କୃତଜ୍ଞତାର ଚିହ୍ନବର୍ଣ୍ଣ ନାହିଁ । ମଣିଷ ବୁଡ଼ି ରହିଛି ଭୋଗ ଭିତରେ, ଯାବତୀୟ କୁକାର୍ଯ୍ୟ ମଧ୍ୟରେ ।

ଯେଉଁ ଜନ୍ମଦାତ୍ରୀ ମାଆ ମଣିଷକୁ ଜନ୍ମ ଦିଏ, ଖୁଆଇ ପିଆଇ, ରାତ୍ରି ଉଜାଗର ରହି ସେବା କରେ, ଶିକ୍ଷାର ବ୍ୟବସ୍ଥା

କରି ବଡ଼ କରାଏ, ସେହି ମା'ର ଖାଦ୍ୟ, ପାନୀୟ ପରଷିବା ସମୟରେ ସାମାନ୍ୟ ବିଳମ୍ବ ହେଲେ ଯୁବକ ପୁତ୍ର ତା' ପ୍ରତି କରେ ଆକ୍ରମଣ ! ଏପରିକି କିଛି କୃତଘ୍ନ ମଣିଷ ବୃଦ୍ଧା ମା'କୁ ଗୃହରୁ ବହିଷ୍କାର କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ବାସ୍ତବରେ କୃତଜ୍ଞତାର ହ୍ରାସରେ ମାନବିକତାର ଲୋପ ହୋଇଥାଏ । କୃତଜ୍ଞତା ହେଉଛି ଜୀବନ-ପ୍ରଦାନକାରୀ ଶକ୍ତି । କୃତଘ୍ନତା ସର୍ବଦା ବିଧ୍ୱଂସୀ ଶକ୍ତି ।

ତେବେ କୃତଜ୍ଞତାର ଅନ୍ୟ ଏକ ପାର୍ଶ୍ୱ ବିଷୟରେ ଧାରଣା ରହିବା ମଧ୍ୟ ଆବଶ୍ୟକ । ସମୟ ସମୟରେ ଏପରି ହୋଇଥାଏ ଯେ କିଛି ଲୋକ ଉପକାରର ପ୍ରତିବଦଳରେ କୃତଜ୍ଞତାରେ ପୂର୍ଣ୍ଣ ଲୋକଠାରୁ କିଛି ଫାଇଦା ହାସଲ କରିବାକୁ ଇଚ୍ଛା କରୁଥା'ନ୍ତି । ଏଣୁ ଏସବୁ ପ୍ରତି ସାବଧାନ ରହିବା ବି ଦରକାର ।

ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ମାତ୍ର ଥରକର କୃତଜ୍ଞତାର ଭାବ ଜୀବନର ଆନନ୍ଦକୁ ୧୦% ବୃଦ୍ଧି କରିବା ବେଳେ ବିଷାଦଗ୍ରସ୍ତ ଅବସ୍ଥାକୁ ୩୫% କମ୍ କରିଦିଏ । ବାସ୍ତବରେ କୃତଜ୍ଞତା ହେଉଛି ଏକ ବିମୋହନ ଶକ୍ତି, ଯାହା ଘୃଣା, ପୀଡ଼ା ଓ ଶୋକକୁ ଦ୍ରବୀଭୂତ କରିଦିଏ ।

ଯୁକ୍ତରାଷ୍ଟ୍ର ଆମେରିକାର ପେନସିଲ୍‌ଭାନିଆ ବିଶ୍ୱ-ବିଦ୍ୟାଳୟରେ ଦୁଇ ଶହ ଧନୀଛାତ୍ରଙ୍କୁ ନେଇ ଏକ ପରୀକ୍ଷା କରାଯାଇଥିଲା । ସେମାନଙ୍କୁ ପ୍ରଶ୍ନ କରାଯାଇଥିଲା, ''ତୁମକୁ ୧୦୦ଟଙ୍କା ଖର୍ଚ୍ଚ ପାଇଁ (ଭାରତୀୟ ମୁଦ୍ରାରେ) ଦିଆ ଯାଉଛି । ଏହାକୁ ପ୍ରାପ୍ତ କଲେ ତୁମର ମନୋଭାବ କ'ଣ ହେବ ?'' ଏ କଥାରେ ଜଣକୁ ଛାଡ଼ି ଅନ୍ୟ ମାନେ କିଛି ବି ଗୁରୁତ୍ୱ ଦେଇ ନଥିଲେ । ସେହି ଛାତ୍ର ଜଣକ ଲେଖିଥିଲା, ''ମୁଁ ୧୦୦ ଟଙ୍କା ପାଇ ବହୁତ କୃତଜ୍ଞ'' । କିଛି ଦିନ ପରେ ଖବର ନେବାରୁ ଜଣାଗଲା ଯେ ବିଭିନ୍ନ ଆଡୁ ସେହି ପିଲା ପାଖକୁ ଅର୍ଥ ଆସିବାରେ ଲାଗିଛି ।

ବିଜ୍ଞାନ ଦୃଷ୍ଟିରୁ ଗୋଟିଏ କୃତଜ୍ଞ ବ୍ୟକ୍ତିର ହୃଦୟ ହେଉଛି ଅଲୌକିକ ଘଟଣାବଳୀର ଏକ ଚୁମ୍ବକ ସଦୃଶ । ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଏହା ସତ୍ୟ । ଆକର୍ଷଣର ମହାଜାଗତିକ ନିୟମ ଏଠାରେ କାର୍ଯ୍ୟକରେ । କୃତଜ୍ଞ ବ୍ୟକ୍ତିର ହୃଦୟ ମଧ୍ୟକୁ ସୁସ୍ଥତା, ଶାନ୍ତି, ସମୃଦ୍ଧି, ସାଫଲ୍ୟ, ସୌହାର୍ଦ୍ଦ୍ୟ ଆଦି ବହୁ ସଦ୍-ଗୁଣାବଳୀ ଆକର୍ଷିତ ହୋଇଥାଏ । ଏପରି ପରିସ୍ଥିତିରେ ହୃଦୟ ହୋଇଉଠେ ସଂଗୀତମୟ, ଛନ୍ଦୋମୟ ଓ ସଂହତିମୟ । ଆଶ୍ଚର୍ଯ୍ୟ ଲାଗେ ଯେ ଯଦି ଜଣେ ପୂର୍ଣ୍ଣରୂପେ ଏକାଗ୍ର ରହିଥାଏ, ସେ ବ୍ୟକ୍ତି ହୃଦୟର ସେହି ଛନ୍ଦୋମୟ ସଂଗୀତକୁ ଶୁଣି ବି ପାରେ ! ଅବଶ୍ୟ ସେତେବେଳେ ସେ ଆତ୍ମହରା ହୋଇଯାଏ । ତା'ର ଏହି ଛୋଟ ହୃଦୟଟି ସତରେ କେଡ଼େ ମହାନ୍, କେତେ ମହନୀୟ ଓ ଚମତ୍କାର ସତେ !

ଶ୍ରୀମା କହନ୍ତି, ''The nobility of a being is measured by its capacity of gratitude.''

ଅର୍ଥାତ୍, ଜଣକର ମହାନତା ମାପ କରାଯାଏ ତା'ର କୃତଜ୍ଞତାର ସାମର୍ଥ୍ୟରୁ ।

(କ୍ରମଶଃ) ❑

---

*(ପୃଷ୍ଠା ୨୫ର ଅବଶିଷ୍ଟାଂଶ)*

ବୋଧହୁଏ । ଯାହା ମୁଁ ଅଗ୍ରିମ ନେଇଥିଲି ତାହା ପୁଣି ଫେରାଇ ଦେବାକୁ ଭରି ରଖିଛି । ଏଥର ବି କ'ଣ ମୁଁ ଅତିରିକ୍ତ ହିସାବରେ ଖର୍ଚ୍ଚ କରିପାରେ କାରଣ ମୋର ମନେ ହେଉନି ନିର୍ଦ୍ଦିଷ୍ଟ ପରିମାଣ ଟଙ୍କାରୁ ଏଇ ଟଙ୍କାକୁ ପୁଣି ବାଦ୍ ଦେଇ ପାରିବି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମର ଯେମିତି ଇଚ୍ଛା – କିନ୍ତୁ ଏମିତି ଭାବରେ ଖର୍ଚ୍ଚ କରିବା କ'ଣ ଦରକାର ? ତୁମର ଗୋଟିଏ ନିୟମ କରିବା ଉଚିତ, ଯେଉଁଥିରେ ତୁମର ଯାହା ପୁଞ୍ଜି ତା'ଠାରୁ ଅଧିକ ଖର୍ଚ୍ଚ ଯେପରି ନହୁଏ – ତା'ହେଲେ ତୁମେ ନିଜକୁ ଶିକ୍ଷା ଦେଇ ପାରିବ ଅତି ସହଜରେ ବେଶୀ ଖର୍ଚ୍ଚ କରିବାର ଅଭ୍ୟାସକୁ ସଂଯତ କରିବାକୁ ।

(୧.୯.୩୪)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

# ବାଧା-ବିଘ୍ନ ଓ ବେଦନା

## କୁମାର ଚନ୍ଦ୍ର ମିଶ୍ର

ଜୀବନ-ପଥ ସର୍ବଦା କୁସୁମିତ ଓ ଆଲୋକିତ ହୋଇ ନଥାଏ । ଉତ୍ଥାନ-ପତନ, ଆଲୋକ-ଅନ୍ଧକାର, ସୁଖ-ଦୁଃଖ ଏହାର ସ୍ୱାଭାବିକ ଗତିଧାରା । ବାଧା-ବିଘ୍ନ, ଦୁଃଖ-ଯନ୍ତ୍ରଣା ସମସ୍ତଙ୍କ ପାଇଁ ରହିଛି । ଧନୀ-ଦରିଦ୍ର, ସଂସାରୀ-ବୈରାଗୀ, ମୂର୍ଖ-ପଣ୍ଡିତ ସମସ୍ତଙ୍କ ଜୀବନରେ ବାଧା-ବିପତ୍ତି, ଦୁଃଖ-ଯନ୍ତ୍ରଣା କେବେ ନା କେବେ ଆସିଥାଏ । ଏସବୁ ମଣିଷ ଜୀବନର ସ୍ୱାଭାବିକ ପରିଣତି । ଏହାର କାରଣ କ'ଣ ? ଏସବୁର କ'ଣ କିଛି ଉପଯୋଗିତା ରହିଛି ? ଏସବୁ ଅତିକ୍ରମ କରିବା ପାଇଁ କିଛି ଉପାୟ ଅଛି କି ? ଏସବୁ ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ସମ୍ୟକ୍ ପ୍ରୟାସ କରାଯାଉ ।

**କାରଣ :**

ଅଜ୍ଞାନତା (Ignorance) ହେଲା ଦୁଃଖ-ଯନ୍ତ୍ରଣାର ମୂଳ କାରଣ । "Pain is the signature of the Ignorance." (Savitri, P. 453) ବେଦନା ହେଲା ଅଜ୍ଞାନତାର ସ୍ୱାକ୍ଷର । ଅହଂକାର ହେଲା ମୁଖ୍ୟ ଅଜ୍ଞାନତା । ଅହଂକାର ମଣିଷକୁ ସଂକୀର୍ଣ୍ଣ କରିଦିଏ । ସଂକୀର୍ଣ୍ଣତା ଦୁଃଖର କାରଣ ହୁଏ । ଯେଉଁଠି ଅଜ୍ଞାନତା ରହିଛି ସେଠାକୁ ବେଦନା ଆସିବହିଁ ଆସିବ । "Where Ignorance is, there suffering too must come;" (Savitri, P. 443) ତେବେ ଅଜ୍ଞାନତାର ଉତ୍ସ ହେଲା ନିଶ୍ଚେତନା । ନିଶ୍ଚେତନାର ପ୍ରଥମ ସନ୍ତାନ ହେଲା ବେଦନା । "Pain was the first-born of the Inconscience" (Savitri, P. 443) ମନ ଦ୍ୱାରା ଏପରି ବି କଳନା କରି ହେବ ଯେ : ନିଶ୍ଚେତନାରୁ ଜନ୍ମ ନେଇଛି ଅଜ୍ଞାନତା, ଅଜ୍ଞାନତାରୁ ଜନ୍ମ ନିଏ ଅହଂକାର, ଅହଂକାରରୁ ଜନ୍ମ ନିଏ କାମନା-ବାସନା ଓ କାମନା-ବାସନାରୁ ଉତ୍ପନ୍ନ ହୁଏ ଦୁଃଖ-ଯନ୍ତ୍ରଣା । ସେଥିପାଇଁ ବୁଦ୍ଧଦେବ ଯଥାର୍ଥରେ କହିଛନ୍ତି : କାମନାହିଁ ଦୁଃଖର କାରଣ, କାମନାର ବିନାଶରେ ଦୁଃଖର ବିନାଶ ।

ଲକ୍ଷ୍ୟହୀନତା ମଧ୍ୟ ଦୁଃଖର ଅନ୍ୟ ଏକ କାରଣ । "An aimless life is always a miserable life." ଲକ୍ଷ୍ୟବିହୀନ ଜୀବନ ସର୍ବଥା ଏକ ଦୁଃଖମୟ ଜୀବନ । ମଣିଷ ଜୀବନର ଲକ୍ଷ୍ୟ କ'ଣ ? ଆମେ କେଉଁଥିପାଇଁ ଏହି ପାର୍ଥିବ ଜଗତକୁ ଆସିଛୁ ? ଏଠାରେ ଆମର କ'ଣ କରଣୀୟ ଓ କ'ଣ ଅକରଣୀୟ ? ମଣିଷ ଏସବୁ ପ୍ରଶ୍ନର ଉତ୍ତର କମ୍ ଖୋଜିଥାଏ । ପାଲବିହୀନ ନୌକାପରି ମନୁଷ୍ୟ ସଂସାର ସାଗରରେ ଏଣେ ତେଣେ ବୁଲୁଥାଏ । ଏପରି ଦିଗହରା ଜୀବନର କୌଣସି ମୂଲ୍ୟ ନଥାଏ । ଷୋଡ଼ଶ ଶତାବ୍ଦୀର ବିଶିଷ୍ଟ ଫରାସୀ ଦାର୍ଶନିକ ମାଇକେଲ୍. ଦ. ମୋଣ୍ଟେଞ୍ଜି (Michel de Montaigne) କହିଛନ୍ତି : "The soul that has no established aim loses itself." ଯାହାର ସ୍ଥିର ଲକ୍ଷ୍ୟ ନଥାଏ ସେ ନିଜକୁ ହରାଇ ବସେ । ଜୀବନରେ ଲକ୍ଷ୍ୟ ନାହିଁ ତ ଜୀବନର ସ୍ୱାଦ ନାହିଁ ।

ଆଧ୍ୟାତ୍ମିକ ଜୀବନରେ ବାଧାବିଘ୍ନର ଭିନ୍ନ ଏକ କାରଣ ରହିଛି । ନିତିଦିନିଆ ଜୀବନ ଶଗଡ଼ଗାଡ଼ିର ଯାତ୍ରା ଭଳି, ଦୀର୍ଘ ସମୟରେ ଅଳ୍ପ ରାସ୍ତା ଅତିକ୍ରମ କରାଯାଉ ଥିବାରୁ ବାଧା ବେଶୀ ଜଣା ପଡ଼େନି । ଯୋଗ-ଜୀବନ ହେଉଛି ମୋଟର ଗାଡ଼ିର ଯାତ୍ରା । ଦୀର୍ଘ ପଥ ଅଳ୍ପ ସମୟରେ ଅତିକ୍ରମ କରାଯାଉ ଥିବାରୁ ବାଧା ଅଧିକ ଜଣା ପଡ଼ିଥାଏ । ତା'ଛଡ଼ା ସାଧକର ଅବଚେତନାରେ ବହୁପ୍ରକାର କୁସଂସ୍କାର ଅବଦମିତ ଅବସ୍ଥାରେ ଥାଏ । ଯୋଗଶକ୍ତି ସାଧକ ମଧ୍ୟରେ କାର୍ଯ୍ୟ କରିବାକୁ ଆରମ୍ଭ କଲେ ଅନେକ ପୁରୁଣା ଦୁର୍ବଳତା ତା'ର ଚାପରେ ସମ୍ମୁଖକୁ ଆସି ଅଗ୍ରଗତିର ପଥରେ ବାଧା ସୃଷ୍ଟି କରେ । ସେହି ଦୁର୍ବଳତା ସାଧକ ଭିତରେ ପୂର୍ବରୁ ରହିଥିଲେ ବି ସେ ସମ୍ପର୍କରେ ସାଧକ ସଚେତନ ନଥାଏ । କିନ୍ତୁ ଯୋଗ ପଥରେ ପ୍ରବେଶ କଲା ପରେ ଦୁର୍ବଳତାଗୁଡ଼ିକ ତା' ନିକଟରେ ସ୍ପଷ୍ଟ ହୋଇଉଠେ । ପ୍ରକୃତ ବାଧା ବାହାରେ ନଥାଏ, ବରଂ ଜଣଙ୍କର ନିଜ ଭିତରେହିଁ ଆସ୍ଥାନ ମାଡ଼ି ବସିଥାଏ । ଏହିପରି ଅଶୋଧିତ, ଅମାର୍ଜିତ ଅବଚେତନାରେ ସ୍ଥିତ ବାଧାବିଘ୍ନ ହେଉଛି ଅନ୍ୟ ଏକ କାରଣ ।

ଯଦି ଏହି ଜଗତ୍ ସଚ୍ଚିଦାନନ୍ଦ ପରଂବ୍ରହ୍ମଙ୍କ ଦ୍ୱାରା ସୃଷ୍ଟ ଓ ତାଙ୍କରି ଅଂଶ ବିଶେଷ, ଯଦି ସେହିଁ ଏ ଜଗତ୍‌ରେ ପରିଣତ ହୋଇଛନ୍ତି, ତେବେ ଏଠାକୁ ନିରାନନ୍ଦ ଓ ଦୁଃଖକ୍ଲେଶ ଆସିଲା କାହିଁକି ? କଥିତ ଅଛି ଯେ ଏହି ଜଗତ୍ ତା'ର ମୂଳ ଉତ୍ସରୁ ବିଚ୍ଛିନ୍ନ ହୋଇ ବହୁ ଦୂରକୁ ଅପସାରିତ ହୋଇ ଚାଲିଛି । ଆଲୋକ ଯେପରି ମୂଳ ଉତ୍ସରୁ ଅପସାରିତ ହୋଇ ଯାଇ ଶେଷରେ

ଅନ୍ଧକାରରେ ପର୍ଯ୍ୟବସିତ ହୁଏ, ଠିକ୍ ସେହିପରି ଅପସାରଣ ଯୋଗୁଁ ଏ ଜଗତରେ ଆନନ୍ଦ ନିରାନନ୍ଦରେ, ଚେତନା ଅଚେତନାରେ, ଜ୍ଞାନ ଅଜ୍ଞାନରେ ଓ ଜୀବନ ମୃତ୍ୟୁରେ ପରିଣତ ହୋଇଯାଇଛି । ସୃଷ୍ଟି – ସ୍ରଷ୍ଟାଙ୍କର ପ୍ରତ୍ୟକ୍ଷ ସଂଯୋଗ ହରାଇବା ମୁହୂର୍ତ୍ତରୁ ଅଜ୍ଞାନତାର ରାଜତ୍ୱ ଆରମ୍ଭ ହୋଇଯାଇଛି । ଯାବତୀୟ ଦୁଃଖ-ଯନ୍ତ୍ରଣା ହେଲା ଏହାର ପରିଣତି ।

ପୁରାଣଶାସ୍ତ୍ରମାନଙ୍କରେ ଲକ୍ଷ୍ୟ କରାଯାଏ ଯେତେବେଳେ ଜଣେ ଅଭୀପ୍ସୁ ଘୋର ସାଧନାରେ ବ୍ରତୀ ହୁଏ ସେତେବେଳେ କେବଳ ବିରୋଧିଶକ୍ତିମାନେ ବିଘ୍ନ ଉପୁଜାନ୍ତି ନାହିଁ, ଦେବତାମାନେ ମଧ୍ୟ କଠୋର ପରୀକ୍ଷାସବୁ କରିଥା'ନ୍ତି । ଅସଲ କଥା ହେଲା ବିଶ୍ୱପ୍ରକୃତିରେ ଅନେକ ପ୍ରତିକୂଳ ଶକ୍ତି କାମ କରନ୍ତି । ଅଦିବ୍ୟକୁ ପ୍ରତ୍ୟାଖ୍ୟାନ କରି ଜଣେ ଦିବ୍ୟକୁ ଗ୍ରହଣ କରିବା ପାଇଁ ଆଗଭର ହେଲେ ଏହି ବିରୋଧିଶକ୍ତିମାନେ ପ୍ରଚଣ୍ଡ ଆକ୍ରମଣ କରିଥା'ନ୍ତି; ଫଳରେ ଅନେକପ୍ରକାର ତୁଚ୍ଛ ବିରୁଦ୍ଧାତ୍ମକ ଭାବତରଙ୍ଗ ସାଧକ ଭିତରକୁ ପଶି ଆସିଥାଏ । ଅନ୍ୟ ପକ୍ଷେ ମଙ୍ଗଳକାମୀ ଉଚ୍ଚତର ଦିବ୍ୟଶକ୍ତି କାର୍ଯ୍ୟ କରିବାକୁ ଆରମ୍ଭ କଲେ ସାଧକ ଭିତରେ ଥିବା ପୁରୁଣା ଦୋଷ ଦୁର୍ବଳତା ବାହାରି ଆସି ଅନ୍ତରାୟ ସୃଷ୍ଟି କରେ । ସାଧନା କ୍ଷେତ୍ରରେ ଏହିପରି ବାହ୍ୟ ଓ ଆନ୍ତର-ଆକ୍ରମଣର ସମ୍ମୁଖୀନ ହେବାକୁ ପଡ଼ିଥାଏ ।

ଦୁଃଖ-ଯନ୍ତ୍ରଣା, ବାଧାବିଘ୍ନ ପ୍ରତି ଆମର ମନୋଭାବ ଓ ପ୍ରତିକ୍ରିୟା ଉପରେ ସେସବୁର ତୀକ୍ଷ୍ଣତା, ତୀବ୍ରତା ଓ ପ୍ରଭାବ ପୂର୍ଣ୍ଣତଃ ନିର୍ଭର କରେ । ଏ ସଂକ୍ରାନ୍ତରେ ଗୋଟିଏ ବାସ୍ତବ ଘଟଣା ମନେ ପଡ଼େ –

ଗୋଟିଏ ଶିକ୍ଷାୟତନର କେତେଜଣ ଶିକ୍ଷକ, ଶିକ୍ଷିକା ଅଟୋରିକ୍ସାରେ ନିକଟସ୍ଥ ଗାଁକୁ ଗଲା ବେଳେ ରିକ୍ସାଟି ଗୋଟିଏ ଗଛରେ ଧକ୍କା ଲାଗି ଦୁର୍ଘଟଣାଗ୍ରସ୍ତ ହେଲା । ଦୁର୍ଘଟଣାରେ ସମସ୍ତେ ଅଳ୍ପ ବହୁତେ ଆଘାତ ପାଇଲେ ଓ ସଦର ଡାକ୍ତରଖାନାରେ ସମସ୍ତଙ୍କୁ ଭର୍ତ୍ତି କରି ଦିଆଗଲା । ଶିକ୍ଷାୟତନର କର୍ମକର୍ତ୍ତାମାନଙ୍କୁ ଓ କେତେଜଣ ଅଭିଭାବକଙ୍କୁ ଖବର ଦିଆଗଲା । ସେମାନେ ତୁରନ୍ତ ଆସି ପହଞ୍ଚିଗଲେ । ସମସ୍ତଙ୍କର ଚିକିତ୍ସା ଆରମ୍ଭ ହୋଇଯାଇଥାଏ । ଲକ୍ଷ୍ୟ କରାଗଲା ଯେଉଁ ଶିକ୍ଷିକା ଭୀଷଣ ଆଘାତ ପାଇ ଶଯ୍ୟାଶାୟୀ, ସେ ଚୁପ୍‌ଚାପ୍ ସ୍ଥିର ରହିଛନ୍ତି । ମୁଖମଣ୍ଡଳ ପ୍ରଶାନ୍ତ ଓ ନୀରବ – ହୁଏତ ନାମ ଜପ କରୁଛନ୍ତି । ମାତ୍ର ସାମାନ୍ୟ ଆଘାତ ପାଇଥିବା ଜଣେ ଶିକ୍ଷିକା ଏକଦମ ଅସ୍ଥିର ହୋଇ ପାଟି କରି ଚାଲିଛନ୍ତି । ଭବିଷ୍ୟତରେ ଲକ୍ଷ୍ୟ କରାଗଲା ସ୍ଥିର ଓ ନୀରବ ରହିଥିବା ଶିକ୍ଷିକା ଜଣକ ଶୀଘ୍ର ଆରୋଗ୍ୟ ଲାଭ କଲାବେଳେ ଅସ୍ଥିର ହେଉଥିବା ଶିକ୍ଷିକା ଦୀର୍ଘଦିନ ପରେ ସୁସ୍ଥ ହେଲେ । ଏହା ଏକ ଅନୁଭୂତ ଘଟଣା ।

ଏ ସମ୍ବନ୍ଧରେ ଦିବ୍ୟଜନନୀ ଶ୍ରୀମାଙ୍କ ବକ୍ତବ୍ୟ ହେଲା :

''ଜଣେ ଦିବ୍ୟପରମ ସତ୍ତାଙ୍କ ସହିତ ସଚେତନଭାବେ ସମ୍ମିଳିତ ନହେବା ଯାଏ ଯନ୍ତ୍ରଣା ଓ ବାଧାବିଘ୍ନ ସମସ୍ତଙ୍କ ପାଇଁ ରହିଛି ।''

ତେଣୁ ଏକମାତ୍ର କରଣୀୟ କାର୍ଯ୍ୟ ହେଲା ଧୀର ସ୍ଥିର ରହିବା ସହିତ ଯାହାକିଛି ଆସୁଛି – ଭଲ ହେଉ କିଂବା ମନ୍ଦ ହେଉ ଧୈର୍ଯ୍ୟ ଓ ସହନଶୀଳତାର ସହ ତାହାର ସମ୍ମୁଖୀନ ହେବା । କାରଣ ଯାବତୀୟ ଅସ୍ଥିରତା ବିପଦଗୁଡ଼ିକୁ ଅଧିକ ଅସୁବିଧାରେ ପରିଣତ କରିଦିଏ ।''

(Ref : White Roses, 17th February, 1956, P. 7)

**ଉପଯୋଗିତା :**

ସ୍ଥୂଳ ଦୃଷ୍ଟିରେ ବିଚାର କଲେ ଜୀବନ ପ୍ରବାହରେ ଯଦି ଝଡ଼ଝଞ୍ଜା ଓ ଉତ୍ଥାନ-ପତନ ନଥା'ନ୍ତା ତେବେ ଜୀବନ ହୁଏତ ନିରସ ମନେ ହୁଅନ୍ତା । ମଣିଷର ବର୍ତ୍ତମାନ ସ୍ଥିତିରେ ଦୁଃଖ ଅଛି ବୋଲି ସେ ସୁଖର ଗୁରୁତ୍ୱ ଅନୁଭବ କରିପାରୁଛି ।

ଦୁଃଖ-ଯନ୍ତ୍ରଣାର ଅନୁପସ୍ଥିତିରେ ଅଭୀପ୍ସାର ଅଗ୍ନି ପ୍ରାୟଶଃ ପ୍ରଜ୍ୱଳିତ ହୁଏ ନାହିଁ । ଅଭୀପ୍ସାକୁ ଊର୍ଦ୍ଧ୍ୱଗାମୀ କରିବା ପାଇଁ, ଜଡ଼ତା, ନିଷ୍କ୍ରିୟତା ଓ ସ୍ଥାଣୁତ୍ୱରୁ ମୁକ୍ତ ହେବା ପାଇଁ ଦୁଃଖ-ଯନ୍ତ୍ରଣା ସହାୟକ ହୁଏ । ଅବଶ୍ୟ ଆମେ ଦୁଃଖ-ଯନ୍ତ୍ରଣାକୁ ନିମନ୍ତ୍ରଣ କରିବା ନାହିଁ, କିନ୍ତୁ ଯେତେବେଳେ ତାହା ଆସେ ସେତେବେଳେ ଅଭୀପ୍ସାକୁ ତୀବ୍ର କରିବା ପାଇଁ ଏପରି ପରିସ୍ଥିତିକୁ ବିନିଯୋଗ କରିପାରିବା । ତାହାହିଁ ପ୍ରଗତିର ଦ୍ୱାରକୁ ଉନ୍ମୁକ୍ତ କରି ଦେଇପାରିବ ।

ବାଧାବିଘ୍ନ ଓ ଦୁଃଖ-ଯନ୍ତ୍ରଣା ଭଗବାନଙ୍କର ଏକ ବରଦାନ । ସେସବୁ ରହିଛି, ସେଗୁଡ଼ିକୁ ଅତିକ୍ରମ କରିଯିବା ଜନିତ ଆନନ୍ଦ ଲାଗି । ଏସବୁ ଆସୁଛି ଆମ ଭିତରେ ଲୁଚି ରହିଥିବା ଦୋଷ-ଦୁର୍ବଳତାଗୁଡ଼ିକୁ ଦେଖାଇ ଦେବା ପାଇଁ ତଥା ସେସବୁକୁ ଦୂର କରିବା ଲାଗି ଏକ ଅବସର ସୃଷ୍ଟି କରିବା ନିମିତ୍ତ ଓ ଯାବତୀୟ ଅସୁବିଧା ସ୍ଥିତିରେ ଶାନ୍ତ, ଧୀର ସ୍ଥିର ରହିବାର ଶିକ୍ଷା ଦେବା ଲାଗି ।

ପ୍ରତ୍ୟେକଙ୍କର ଆତ୍ମିକ ଉନ୍ନତି ପାଇଁ ଯେପରି ପରିବେଶ ଓ ପରିସ୍ଥିତି ଆବଶ୍ୟକ, ଅନ୍ତରାତ୍ମାହିଁ ସେପରି ପରିସ୍ଥିତି ଓ ପରିବେଶ ବାଛି ନେଇଥାଏ । ତେଣୁ ଆମ ଜୀବନର ଅସୁବିଧା, ଦୁଃଖ-ଦୁର୍ଦ୍ଦଶା ପାଇଁ ଅଭିଯୋଗ କରିବା ହେଲା ଅଜ୍ଞାନତାର ପରିଚାୟକ ।

"This troubled world thou hast
chosen for thy home,
Thou art thyself the author of thy pain."

(Savitri, P. 454)

ଆମେ ନିଜେହିଁ ଆମ ନିଜ ବେଦନାର ପ୍ରଣେତା । ତେଣୁ ଅନ୍ୟ କାହାରିକୁ ଦୋଷ ଦେବା ଅଯଥାର୍ଥ । ସେସବୁର ମୁକାବିଲା କରିବା ପାଇଁ ଆମେ ସର୍ବଦା ନିଜକୁ ପ୍ରସ୍ତୁତ ରଖିବା ଆବଶ୍ୟକ ।

''ବାଧାବିଘ୍ନ ସବୁ ଆସୁଛି, ତା'ର କାରଣ ତୁମ ମଧ୍ୟରେ ସମ୍ଭାବନାସବୁ ରହିଛି ବୋଲି । ଯଦି ଜୀବନରେ ସବୁକିଛି ସହଜ ହୁଅନ୍ତା, ତେବେ ତାହା ମାଦକତାବିହୀନ ଏକ ଜୀବନ ହୁଅନ୍ତା । ଯେହେତୁ ତୁମ ପଥରେ ବାଧାବିଘ୍ନସବୁ ଆସୁଛି ତାହା ସୂଚାଇ ଦେଉଛି ଯେ ତୁମର ଅଗ୍ରଗତି ନିମନ୍ତେ ସମ୍ଭାବନାସବୁ ରହିଛି । ଭୟ କର ନାହିଁ ।... ବାଧାବିଘ୍ନ ଯେତେ ବେଶୀ ଆସେ ପ୍ରଗତି ମଧ୍ୟ ସେତିକି ବେଶୀ ହୋଇଥାଏ ।''

(Ref. CWM - 14, P. 220) — ଶ୍ରୀମା

ବାଧାବିଘ୍ନ ଆସିଥାଏ ଆମ ଉପଲବ୍ଧିଗୁଡ଼ିକୁ ଅଧିକ ପୂର୍ଣ୍ଣାଙ୍ଗ କରିବା ପାଇଁ । ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଦାରୁଣ ଆଘାତ ଓ କଠୋର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼େ । ଏସବୁ ହେଲା ଦିବ୍ୟସତ୍ତାଙ୍କ ନିକଟକୁ ସଂକ୍ଷିପ୍ତତମ ପଥ । ଦୁଃଖ-ଯନ୍ତ୍ରଣା ମାଧ୍ୟମରେହିଁ କେତେକ ଅତ୍ୟାବଶ୍ୟକ ସଦ୍‌ଗୁଣାବଳୀର ବିକାଶ ଘଟେ ।

"Pain is the hand of Nature sculpturing men to greatness:" (Savitri, P. 444)

ବେଦନା ହେଲା ବିଶ୍ୱପ୍ରକୃତିର ହସ୍ତ ଯାହା ମଣିଷମାନଙ୍କୁ ମହାନତାର ରୂପ ଦେଇ ଚାଲିଛି । ମଣିଷର ଅନିଚ୍ଛୁକ ଉପାଦାନଗୁଡ଼ିକୁ ଏକ ସ୍ୱର୍ଗୀୟ ନିଷ୍ଠୁରତା ମାଧ୍ୟମରେହିଁ ନବସୃଜନର ଉପଯୋଗୀ କରୁଛି । ଦେଖାଯାଏ ଯେ ଦୁଃଖ-ଦୁର୍ଦ୍ଦଶାର ଅଗ୍ନିଦାହ ମଧ୍ୟରେ ମହାମାନବଙ୍କ ଜୀବନ ଶୁଦ୍ଧ ସୁବର୍ଣ୍ଣତୁଲ୍ୟ ଜାଜ୍ୱଲ୍ୟମାନ ହୁଏ ।

ମଣିଷର ହୃଦୟରୁ ଜଡ଼ତାର ବାଧା-ବିଘ୍ନକୁ ଭାଙ୍ଗି-ଚୂରି ଦେବା ଲାଗି ବେଦନା ହେଲା ଦେବତାମାନଙ୍କ ହାତରେ ଏକ ହାତୁଡ଼ି । ହୃଦୟକୁ ଯଦି ଅଭାବ-ଅନଟନ, ଦୁଃଖ-ଯନ୍ତ୍ରଣା ଓ ବାଧା-ବିପତ୍ତି, କ୍ରନ୍ଦନ ରୋଦନ ଦେଇ ବାଧ୍ୟ କରା ନଯାଏ ତେବେ ତା'ର ଅନ୍ତରାତ୍ମା ସୁଷୁପ୍ତି ମଧ୍ୟରେ ଆରାମରେ ଶୋଇ ରହିବ । ଏପରି ନହେଲେ ମାନୁଷୀ ଯାତ୍ରାରମ୍ଭକୁ ଅତିକ୍ରମ କରିବା ପାଇଁ କିଂବା ପରମ ସତ୍ୟ ଦିଗରେ ଯାତ୍ରା କରିବା ପାଇଁ ଅନ୍ତରାତ୍ମାର ଅଭୀପ୍ସା ଜାଗ୍ରତ୍ ହେବ ନାହିଁ । ତଥାକଥିତ ସୁଖଶାନ୍ତି ଓ ମଉଜ-ମଜଲିସ ଆମକୁ ବାଷ୍ପ ପରି ହାଲୁକା କରିଦିଏ, ଏହା ଆମକୁ ଠକି ଦିଏ, ଧ୍ୱଂସ ଆଡ଼କୁ ନେଇଯାଏ । ଇନ୍ଦ୍ରିୟ ସୁଖ ହେଉଛି ପ୍ରତାରଣାମୂଳକ ଏକ ବିକୃତ ଛଦ୍ମବେଶ । ଯନ୍ତ୍ରଣାହିଁ ଆମକୁ ଏକ ଗଭୀରତର ସତ୍ୟ ଉପଲବ୍ଧିରେ ସାହାଯ୍ୟ କରେ, ଆମକୁ ସହନଶୀଳ କରାଇଥାଏ, ସତ୍ୟ ଉପରେ ଏକାଗ୍ର କରାଏ, ପ୍ରକୃତ ଶକ୍ତି ଓ ବିଶ୍ୱାସକୁ ଜାଗ୍ରତ୍ କରାଏ ।

"Only in an uplifting hour of stress
Men answer to the touch of greater things:"

(Savitri, P. 689)

''ଦୁଃଖ ଓ ବେଦନା ଆତ୍ମାକୁ ସ୍ମରଣ କରାଇଦିଏ ଯେ ଯେଉଁ ସୁଖ ସେ ଉପଭୋଗ କରୁଛି ତାହା ଯଥାର୍ଥ ଆନନ୍ଦର ଏକ ଦୁର୍ବଳ ଇଙ୍ଗିତମାତ୍ର । ଆମ ସତ୍ତାର ପ୍ରତ୍ୟେକ ବେଦନା ଓ ଉତ୍ପୀଡ଼ନ ପଶ୍ଚାତ୍‌ରେ ଏପରି ଏକ ରହସ୍ୟମୟ ଜ୍ୱଳନ୍ତ ଆନନ୍ଦାଗ୍ନି ରହିଛି ଯାହାର ତୁଳନାରେ ଆମର ସର୍ବୋଚ୍ଚ ସୁଖସବୁ କେବଳ ଏକ ସ୍ଫୁଲିଙ୍ଗମାତ୍ର । ଏହି ରହସ୍ୟ ଯୋଗୁଁ ଜୀବନର ଯାବତୀୟ କଠୋର ପରୀକ୍ଷା ଓ ଅସହ୍ୟ ଅନୁଭୂତି ପାଇଁ ଆତ୍ମାର ଏକ ସହଜାତ ଆକର୍ଷଣ ରହିଛି, ଯାହା ଆମର ଅସ୍ଥିର, ଅଥୟ ମନ ଘୃଣା କରେ ଓ ଦୂରେଇ ରଖେ ।'' — ଶ୍ରୀଅରବିନ୍ଦ

**ନିରାକରଣ :**

ପ୍ରତିବନ୍ଧକ ଓ ବାଧାବିପତ୍ତି ଏକ ବିଶ୍ୱଗତ ବ୍ୟାପାର, ଆମ ଅତୀତ କର୍ମାବଳୀର ଏକ ସ୍ୱାଭାବିକ ପରିଣତି । ସେସବୁର ଉପଶମ ପାଇଁ ସେଥିପ୍ରତି ଆମର ମନୋଭାବଟିକୁ ବଦଳାଇବାକୁ ହେବ । ଅଙ୍ଗେ ନିଭାଇଥିବା ଘଟଣାଟିଏ ମନେପଡ଼େ —

ଏକଦା ଜଣେ ମହିଳାଙ୍କର ସ୍ୱାମୀଙ୍କ ଅକାଳ ବିୟୋଗ ହୋଇଥାଏ । ସେ ନିରାଶ ଓ ହତୋତ୍ସାହିତ ହୋଇ ନିଜ ଗୁରୁଙ୍କ ଦର୍ଶନାର୍ଥେ ଗଲେ ଓ ତାଙ୍କ ନିକଟରେ ନିଜର ଦୁଃଖଦୁର୍ଦ୍ଦଶା ଜଣାଇଲେ । ସହାନୁଭୂତିର ସହିତ ସବୁ ଶୁଣିସାରିଲା ପରେ

ଗୁରୁ କହିଲେ : ''ଭଗବାନ୍ ଯାହା ବି କରନ୍ତି ମଙ୍ଗଳ ସକାଶେ । ବର୍ତ୍ତମାନ ତୁମକୁ ସୁଯୋଗ ଦିଆଗଲା । ପୂର୍ବ ଅପେକ୍ଷା ଅଧିକ ଗଭୀର ଓ ତୀବ୍ର ଭାବରେ ତୁମ ସାଧନାରେ ତୁମେ ବ୍ରତୀ ହୋଇପାରିବ ।'' ମହିଳା ଜଣକ କି ଭାବରେ କଥାଟିକୁ ଗ୍ରହଣ କଲେ ତାହା ଅଗୋଚର । କିନ୍ତୁ ଗୁରୁ କେଉଁ ଦୃଷ୍ଟିରୁ ଘଟଣାଟିକୁ ବିଚାର କଲେ ତାହାହିଁ ଗୁରୁତ୍ୱପୂର୍ଣ୍ଣ । ମହିଳା ଜଣକ ଗୁରୁଙ୍କ କଥାକୁ ଯଦି ଗୁରୁତ୍ୱର ସହ ଗ୍ରହଣ କରିଥା'ନ୍ତି ତେବେ ନିଶ୍ଚିତ ରୂପେ ତାଙ୍କ ପାଇଁ ଏକ ସୁଯୋଗର ଅବକାଶ ସୃଷ୍ଟି କରିଥିବ ।

ମହାପୁରୁଷମାନଙ୍କ ଜୀବନୀକୁ ଅନୁଧ୍ୟାନ କଲେ ଆମେ ଅବଗତ ହେବା ଯେ ସେମାନେ ଯେଉଁ ହିମାଳୟତୁଲ୍ୟ ବାଧା-ବିପତ୍ତି ଓ ଦୁଃଖ-ଯନ୍ତ୍ରଣା ଅନୁଭବ କରିଛନ୍ତି ତାହା ତୁଳନାରେ ଆମ ଜୀବନର ବାଧା ଏକ ଉପଲଖଣ୍ଡ ବା ବାଲିଗରଡ଼ା ମାତ୍ର । ଏହି ସଚେତନତାହିଁ ଆମକୁ ଆଶ୍ୱସ୍ତ କରିବ, ଆଗକୁ ବଢ଼ିବା ପାଇଁ ସାହସ ଯୋଗାଇବ ଓ ଦୁଃଖ-ଯନ୍ତ୍ରଣାର ତୀବ୍ରତା ଲାଘବ କରିବ ।

"To Keep steady one's aspiration and to look oneself with an absolute sincerity are the sure means to overcome all obstacles."

(C.W.M. - 14, P. 229)

''ନିଜ ଅଭୀପ୍ସାକୁ ଅଟଳ ରଖିବା ଓ ଚରମ ନିଷ୍ଠାର ସହ ନିଜକୁ ସମୀକ୍ଷା କରିବା ହେଲା ପ୍ରତିବନ୍ଧକଗୁଡ଼ିକୁ ଅତିକ୍ରମ କରିବା ଲାଗି ସୁନିଶ୍ଚିତ ଉପାୟ ।''

ଅନେକେ ଦୁଃଖ ଯନ୍ତ୍ରଣାକୁ ସ୍ୱେଚ୍ଛାରେ ବରଣ କରିଥା'ନ୍ତି । କେତେକ ସାଧୁ, ସନ୍ନ୍ୟାସୀ, ସହିଦ, ସତ୍ୟାଗ୍ରହୀ ଓ ଦେଶପ୍ରେମୀ ଯନ୍ତ୍ରଣାକୁ ଖୁସିରେ ଆପଣେଇ ନିଅନ୍ତି । ସେ କ୍ଷେତ୍ରରେ ଯନ୍ତ୍ରଣା ରହିଥାଏ, କିନ୍ତୁ ତା'ର ତୀକ୍ଷ୍ଣତା ଅନୁଭୂତ ହୁଏ ନାହିଁ । ସାମାଜିକ, ନୈତିକ କିଂବା ଧାର୍ମିକ ଆଦର୍ଶ ଦ୍ୱାରା ତାହା ଅବଦମିତ, ଶୋଧିତ ବା ମହିମାନ୍ୱିତ ହୋଇ ରହିଥାଏ । ଏହାଠାରୁ ଉତ୍ତମ ଯନ୍ତ୍ରଣାବିହୀନ ଏକ ସ୍ଥିତି ରହିଛି ଯାହାକୁ ଆତ୍ମାର-ସ୍ଥିତି (soul-state) ବୋଲି କୁହାଯାଇପାରେ । ଏହା ହେଉଛି ପରମାତ୍ମାଙ୍କ ମଧ୍ୟରେ ନିତ୍ୟ ନିବାସ । ଏ ସ୍ଥିତିରେ ଯନ୍ତ୍ରଣା ଅବଦମିତ ହୋଇ ରହେ ନାହିଁ, ବରଂ ମାର୍ଜିତ, ଶୋଧିତ ଓ ରୂପାନ୍ତରିତ ହୋଇ ଶୁଦ୍ଧ ପୂର୍ଣ୍ଣାନନ୍ଦରେ ପରିଣତ ହୋଇଥାଏ ।

ଦିବ୍ୟଜନନୀ ଶ୍ରୀମା ବାଧାବିଘ୍ନ ଓ ବେଦନାକୁ ଅତିକ୍ରମ କରିଯିବା ଲାଗି ଚାରୋଟି ଉପାୟର ଅବତାରଣା କରିଛନ୍ତି ।

୧. **ତିତିକ୍ଷା ବା ସହନଶୀଳତା** (Endurance) ।

ଜଣେ ଯଦି ଅତିଶୟ ସୁକୁମାର ହୋଇ ନଥାଏ ଓ ତା'ଠାରେ ସାମାନ୍ୟ ସହନଶୀଳତାର ସାମର୍ଥ୍ୟ ଥାଏ, ତେବେ ଯେତେବେଳେ ସେ ବେଦନା ପ୍ରତି ନଜର ନଦିଏ ବା ତାକୁ ଅଗ୍ରାହ୍ୟ କରେ ସେତେବେଳେ ବେଦନା କମିଯାଏ । ଅନ୍ୟପକ୍ଷେ ବେଦନା ଉପରେ ଏକାଗ୍ର ହେବା ଅର୍ଥ ତା'ର ବଳକୁ ବୃଦ୍ଧି କରିବା । ପୁଣି ବେଦନାଗ୍ରସ୍ତ ଅଙ୍ଗରେ ଯଦି ନିଶ୍ଚଳତା (Immobility)କୁ କେନ୍ଦ୍ରୀଭୂତ କରାଯାଏ ତେବେ ତାହା ଏକ ନିଶ୍ଚେତକ (Anaesthesia) ପରି କାର୍ଯ୍ୟ କରେ । ଏହି ନିଶ୍ଚଳତା ହେତୁ ବେଦନା ଅନୁଭୂତ ହୁଏ ନାହିଁ କିଂବା ସହନୀୟ ହୁଏ । ଏହିପରି ଆନ୍ତର ନିଶ୍ଚଳ ଅବସ୍ଥାକୁ ଧରି ରଖିପାରିଲେ ବେଦନାଟି ଉଭେଇଯାଏ । ସେଥିପାଇଁ କୁହାଯାଇଛି : Endure and you shall conquer. ସହ୍ୟକର ଓ ତୁମେ ବିଜୟ ହାସଲ କରିବ ।

୨. **ସମଭାବ** (Equality) ।

ଆନନ୍ଦମୟ ଜୀବନ ପାଇଁ ଆବଶ୍ୟକ ଏକ ସମତା-ଯୁକ୍ତ ହୃଦୟ । ସମତା କହିଲେ ନିଷ୍କ୍ରିୟତା, ଉଦାସୀନତା କିଂବା ବିତୃଷ୍ଣାକୁ ବୁଝାଏ ନାହିଁ । ସମତାର ଅର୍ଥ ହେଲା ଏକ ଅବିଚଳିତ ମନ, ପ୍ରାଣ ଓ ହୃଦୟ । ସମଭାବାପନ୍ନ ହେବା ଅର୍ଥ ଅସୀମ ଓ ବିଶ୍ୱଜନୀନ ହୋଇଉଠିବା । ସମତା ହେଲା ମୁକ୍ତିର ଅଭ୍ରାନ୍ତ ସଙ୍କେତ । ଏହା ଯୋଗ-ଜୀବନର ଭିତ୍ତିଭୂମି । ଏଥିପାଇଁ ପ୍ରୟୋଜନ ଏକ ମଙ୍ଗଳକାମୀ ଦୃଢ଼ ବିଶ୍ୱାସ, ଯେଉଁଥିରେ ସକଳ ଦୁଃଖ-ଦୁର୍ଦ୍ଦଶା ପଶ୍ଚାତ୍‌ରେ ରହିଛି ଦିବ୍ୟପ୍ରେମର ରହସ୍ୟ ଓ ସକଳ ବେଦନା ପଛରେ ରହିଛି ଦିବ୍ୟସାମର୍ଥ୍ୟ ଓ ଆନନ୍ଦ ।

୩. **ଅହଂଶୂନ୍ୟତା** (Egolessness)

ଅହଂ ବିଶ୍ୱପ୍ରକୃତି (Universal Nature)ର ଏକ ଉଦ୍ଭାବନ । ଏହା ଦ୍ୱାରା ବ୍ୟକ୍ତିସତ୍ତା ସମୂହ ନିଶ୍ଚେତନା ଓ ଅବଚେତନାଠାରୁ ନିଜକୁ ପୃଥକ୍ କରିପାରେ । ବିବର୍ତ୍ତନଧାରାରେ ଜଣଙ୍କର ବ୍ୟକ୍ତିସତ୍ତା ଗଠନ କରିବାରେ ଅହଂର ମୁଖ୍ୟ ଭୂମିକା ରହିଥିଲା । ବର୍ତ୍ତମାନ ଆନ୍ତର ଆଧ୍ୟାତ୍ମିକ ସତ୍ତାଟିର ଆବିର୍ଭାବ ପାଇଁ ତା'ର ବିଲୋପ ଅବଶ୍ୟମ୍ଭାବୀ ହୋଇଉଠିଛି । ଯେଉଁ ଅହଂ ଦିନେ ସହାୟକ ଥିଲା, ବର୍ତ୍ତମାନ ବିବର୍ତ୍ତନ ପଥରେ ତାହା ଅନ୍ତରାୟ ହୋଇ ଦଣ୍ଡାୟମାନ । ଅହଂ ଚେତନାକୁ ସଂକୀର୍ଣ୍ଣ କରିଦିଏ, ତଦ୍ଦ୍ୱାରା ଜ୍ଞାନ ସୀମିତ ହୁଏ, ଶକ୍ତି କମିଯାଏ, ଅସାମର୍ଥ୍ୟ ଓ ଦୁର୍ବଳତା ଘେରିଯାଏ, ଏକତ୍ୱବୋଧ ରହେ ନାହିଁ,

ଅସଙ୍ଗତି ରାଜତ୍ୱ କରେ, ସତ୍ତାରେ ଆନନ୍ଦ ବିଖଣ୍ଡିତ ହୁଏ । ଏସବୁର ପରିଣତି ହେଲା ଦୁଃଖ-ଯନ୍ତ୍ରଣା ଓ ବେଦନା । ଯେକୌଣସି ଉପାୟରେ ହେଉନା କାହିଁକି ସୁଖ, ଶାନ୍ତି ଓ ଆନନ୍ଦ ପାଇଁ ଏଥିରୁ ମୁକ୍ତ ହେବା ଅପରିହାର୍ଯ୍ୟ । ବିଶ୍ୱ-ବିଖ୍ୟାତ ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ଅହଂକାରର ବିଲୋପ ସାଧନ ପାଇଁ ଏକ ସହଜ ଗାଣିତିକ ସୂତ୍ର ଦେଇ ଯାଇଛନ୍ତି ।

ସୂତ୍ରଟି ହେଲା : ଅହଂକାର = ୧/ଜ୍ଞାନ

ଜ୍ଞାନ ବୃଦ୍ଧି ହେଲେ ଅହଂକାର କମିବ, ଜ୍ଞାନ କମିଲେ ଅହଂକାର ବୃଦ୍ଧି ହେବ । ଜ୍ଞାନ ଅସୀମ ହେଲେ ଅହଂକାର ଶୂନ୍ୟ ହେବ ।

୪. **ସମର୍ପଣ** (Surrender)

ଜୀବନର ସମସ୍ତ ଦାୟିତ୍ୱ ଭଗବାନଙ୍କୁ ହସ୍ତାନ୍ତର କରିବାର ଦୃଢ଼ ନିଷ୍ପତ୍ତିକୁ ସମର୍ପଣ କୁହାଯାଏ । ଏହାର ଅର୍ଥ ହେଲା ନିଜର ସଂକୀର୍ଣ୍ଣ ସୀମାଗୁଡ଼ିକୁ ପରିହାର କରିବା, ତାଙ୍କରି ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଅଧିକୃତ ହେବା, ତାଙ୍କରି ଲୀଳାର କ୍ଷେତ୍ର ହେବା, କେବଳ ତାଙ୍କରି ସଂକଳ୍ପକୁ ଅନୁସରଣ କରିବା । ମନ ଦ୍ୱାରା, ଭାବାବେଗ ଦ୍ୱାରା, ଅନୁପ୍ରେରଣା ଦ୍ୱାରା କିଂବା ଏସବୁ କିଛି ମାଧ୍ୟମରେ ସମର୍ପଣ କରାଯାଇପାରେ । ନିଜର କାମନା, ବାସନା, ସଂକଳ୍ପ, ଅଭିଳାଷ, ଚିନ୍ତା, ଅନୁଭବ, ଯାବତୀୟ କର୍ମ, ଦୋଷ-ଦୁର୍ବଳତା, ନିଜର ଚରିତ୍ର – ସବୁକିଛି ବିନା ସର୍ତ୍ତରେ ସମର୍ପିତ ହେବା ଆବଶ୍ୟକ । ସମର୍ପଣ ହେଲା ଯୋଗ ଜୀବନର ପରମ ରହସ୍ୟ । ଏହାହିଁ ପରିପୂର୍ଣ୍ଣ ଶାନ୍ତି ଓ ଅନାବିଳ ଆନନ୍ଦ ପାଇଁ ଏକମାତ୍ର ସର୍ତ୍ତ । ଯେତେବେଳେ ଜଣେ ଦୁଃଖ-ଯନ୍ତ୍ରଣା ଅନୁଭବ କରେ ସେତେବେଳେ ସେ ଜାଣିବା ଉଚିତ ଯେ ତା'ର ସମର୍ପଣ ସମ୍ପୂର୍ଣ୍ଣ ହୋଇ ନାହିଁ । ଦୁଃଖ-କ୍ଳେଶ ଅତିକ୍ରମ କରିବା ପାଇଁ ସମର୍ପଣ ହେଲା ଏକ ଅମୋଘ ଓ ଅବ୍ୟର୍ଥ ଉପାୟ ।

ଦୁଃଖ-ଯନ୍ତ୍ରଣା ଉପଶମ କରିବା ପାଇଁ ଦିବ୍ୟଜନନୀ ଶ୍ରୀମାଙ୍କ ଦ୍ୱାରା ଆଉ ଏକ ସହଜ ବ୍ୟବହାରିକ ଉପାୟ ପ୍ରଶ୍ନୋତ୍ତର ଛଳରେ ବ୍ୟକ୍ତ କରାଯାଇଛି ।

***ପ୍ରଶ୍ନ :*** *ତୀବ୍ର ଯନ୍ତ୍ରଣାର ଆବେଶନରୁ ରକ୍ଷା ପାଇବା ପାଇଁ ଉପାୟ କ'ଣ ?*

**ଉତ୍ତର :** ମନୋହର ସୁନ୍ଦର ଫୁଲଟିଏ ନିରୀକ୍ଷଣ କର ।

***ପ୍ରଶ୍ନ :*** *କିନ୍ତୁ ଯେତେବେଳେ ଜଣେ ଭୀଷଣ ଯନ୍ତ୍ରଣାରେ ବିବଶ ହୋଇ ରହିଥାଏ ସେତେବେଳେ ଗୋଟିଏ ସୁନ୍ଦର ଫୁଲ ମଧ୍ୟ ବିରକ୍ତିକର ମନେ ହୋଇପାରେ...*

**ଉତ୍ତର :** ଏହା ଯନ୍ତ୍ରଣାକ୍ଲିଷ୍ଟ ପ୍ରାଣସତ୍ତା ଦ୍ୱାରା ସମ୍ପୂର୍ଣ୍ଣ ରୂପେ ବଶୀଭୂତ ହୋଇଥିବାର ଏକ ସଙ୍କେତ । ପଶ୍ଚାଦ୍‌ଗମନ କରିବା ଶିକ୍ଷା କର (learn to stand back) ଓ ବାହ୍ୟ ଗତିବୃତ୍ତିଗୁଡ଼ିକଠାରୁ ନିଜକୁ ପୃଥକ୍ କରିନିଅ ।

(Ref : CWM - 17, P. 103)

ଦିବ୍ୟଜନନୀଙ୍କର ଅମୃତୋପମ ବାଣୀଟିଏ ଉଦ୍ଧାର କରି ଅନ୍ୱେଷଣଟିକୁ ସ୍ଥଗିତ ରଖାଯାଉ ।

"The only way out of your difficulty is to find the psychic being and to live entirely in its consciousness.

Life upon earth as it is now is full of miseries and any sensitive heart is full of sorrow because of that. To get in contact with the Divine Consciousness and to live in its mercy, its strength and its light is the only truly effective way to get out of this difficulty and suffering and by uniting with the psychic we can obtain this condition.

My help and blessings are with you for this purpose."

(C.W.M, Vol. 14, P. 131)

''ତୁମ ଅସୁବିଧାରୁ ମୁକ୍ତ ହେବା ପାଇଁ ଏକମାତ୍ର ଉପାୟ ହେଲା ତୁମ ଚୈତ୍ୟସତ୍ତାକୁ ଆବିଷ୍କାର କରିବା ଓ ସେହି ଚେତନାରେ ସମ୍ପୂର୍ଣ୍ଣ ରୂପେ ବସବାସ କରିବା ।

ବର୍ତ୍ତମାନ ପରିସ୍ଥିତିରେ ପାର୍ଥିବ ଜୀବନ ଦୁଃଖ-ଯନ୍ତ୍ରଣାରେ ପରିପୂର୍ଣ୍ଣ ଓ ସେଥିପାଇଁ ଯେକୌଣସି ସଂବେଦନଶୀଳ ବ୍ୟକ୍ତି ଦୁଃଖରେ ଜର୍ଜରିତ । ଦିବ୍ୟଚେତନା ସହ ଯୁକ୍ତ ହେବା, ତା'ର ଅଧୀନରେ, ଶକ୍ତି ଓ ଆଲୋକରେ ଜୀବନଯାପନ କରିବା ହେଲା ଏହିସବୁ ବାଧା-ବିଘ୍ନ ଓ ଦୁଃଖ-ଯନ୍ତ୍ରଣାରୁ ମୁକ୍ତ ହେବା ନିମିତ୍ତ ଏକମାତ୍ର ଫଳପ୍ରଦ ଉପାୟ ଓ ଚୈତ୍ୟସତ୍ତା ସହ ଯୁକ୍ତ ହେବା ଦ୍ୱାରା ଆମେ ଏହି ସ୍ଥିତି ପ୍ରାପ୍ତ କରିପାରିବା ।

ଏଥିନିମିତ୍ତ ମୋର ସାହାଯ୍ୟ ଓ ଆଶୀର୍ବାଦ ତୁମ ସହ ରହିଛି ।''

– ଶ୍ରୀମା

❑❑❑

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୧୦)

## ଭୟଙ୍କର ସରୋବର

## ମନୋଜ ଦାସ

[**କାହାଣୀ ଏଯାବତ୍ :** ମଥୁରାର ଦାନବ ରାଜା ଶୁଣିଥାଏ ଏକ ଦୈବବାଣୀ । ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ତେଣୁ ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ସେ ତାକୁ ମାରି ପକାଉଥାଏ । ତେବେ ତା' ଅଗୋଚରରେ ଅଷ୍ଟମ ସନ୍ତାନଟି ଯାଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ବଢ଼ୁଥାଏ । କିନ୍ତୁ ଅଚିରେ କଂସର ସନ୍ଦେହ ହେଲା, କୃଷ୍ଣ ନାମଧାରୀ ସେହି ଶିଶୁହିଁ ହେବ ତା'ର କାଳ । ଶିଶୁଟିକୁ ମାରିଦେବା ନିମନ୍ତେ ସେ ଜଣକ ପରେ ଜଣେ ଦାନବ, ଦାନବୀଙ୍କୁ ପ୍ରେରଣ କଲା । ସେମାନେ ନାନା ଛଦ୍ମବେଶରେ ଗଲେ, କିନ୍ତୁ ସଭିଏଁ ମଲେ । ତେବେ ଗୋପପୁରରେ ନିରବଚ୍ଛିନ୍ନ ଭାବରେ ନାନାଦି ଅମଙ୍ଗଳଜନକ ଘଟଣା ଘଟନ୍ତେ ସେ ଜନପଦର ଅଭିଭାବକମାନେ ବସତି ଅଦୂରବର୍ତ୍ତୀ ଏକ ମନୋରମ ଉପତ୍ୟକାକୁ ଉଠାଇ ନେଲେ । ସେଇଠାରେ, ଯମୁନା ତୀରବର୍ତ୍ତୀ କଦମ୍ବମୂଳରେ ବାଳକ କୃଷ୍ଣଙ୍କର ଏକ ନୂତନ ପ୍ରତିଭାର ସ୍ଫୁରଣ ହେଲା । ଅପୂର୍ବ ବଂଶୀସ୍ୱନରେ ସେ ସ୍ପନ୍ଦିତ କଲେ ବାତାବରଣ । ତା'ପରେ...]

ଯମୁନାର ନୀର ସ୍ୱଚ୍ଛ, ନିର୍ମଳ । ଉପତ୍ୟକାର ଉତ୍ତର-ପଶ୍ଚିମ ପ୍ରାନ୍ତରେ, ନଦୀ ଯେଉଁଠି ବାଙ୍କ ବୁଲିଛି, ସେଇଠି ଥାଏ ଏକ ହ୍ରଦ । କାହିଁ କେଉଁ ସୁଦୂର ଅତୀତରେ ନଈକୁ ଲାଗି ସୃଷ୍ଟ ହୋଇଥିଲା ଗୋଟାଏ ବିଶାଳ ଏବଂ ସୁଗଭୀର ଗର୍ତ୍ତ । ନଦୀ ଜଳ ତହିଁ ଭିତରକୁ ପଶି ଆସି ତାକୁ ପୂର୍ଣ୍ଣ କରିଥିଲା । ଭାଗ୍ୟକୁ ସେ ହ୍ରଦର ଜଳ ନଦୀ ଭିତରକୁ ଫେରି ଯାଉ ନଥିଲା ।

ହ୍ରଦଟିର ଏକ ଦିଗରେ କୁଳୁକୁଳୁନାଦିନୀ ଯମୁନା; ଅନ୍ୟ ତିନି ଦିଗରେ ନାନା କିସମର ଗଛଲତାର ଉଚ୍ଛଳ ସବୁଜ ସମାବେଶ । ହ୍ରଦଟିର ନାମ କାଳିନ୍ଦୀ ।

ହାୟ ! ଏଡ଼େ ମନୋରମ ସ୍ଥାନରେ କିନ୍ତୁ ଆଖିରେ ପଡୁ ନଥିଲେ କୌଣସି ଜନମାନବ । ଏମିତିକି ଛୋଟ ବଡ଼ କୌଣସି ଅନ୍ୟ ପ୍ରାଣୀ ମଧ୍ୟ ସେ ତୋଟା ଭିତରକୁ ପଶିବାର ଦେଖା ଯାଉ ନଥିଲା । ଏଡ଼େ ସୁନ୍ଦର ଗଛଟିମାନ, କିନ୍ତୁ ସେସବୁର ପତ୍ର ଉହାଡ଼ରୁ କୌଣସି ପକ୍ଷୀର କୂଜନ ଶୁଣା ଯାଉ ନଥିଲା ! ଶେଷ ପରିତ୍ୟକ୍ତ ପକ୍ଷୀ-ନୀଡ଼ଟିକୁ ମଧ୍ୟ ଦୁରନ୍ତ ପବନ କାହିଁ କେତେ ବର୍ଷ ଆଗରୁ ଉଡ଼ାଇ ନେଇ ଯାଇଥିଲା ।

ଗଛଟିମାନ ସୁନ୍ଦର ବୋଲି କୁହାଗଲା ସିନା, କିନ୍ତୁ ଟିକିଏ ଉତ୍ତମ ରୂପେ ଲକ୍ଷ୍ୟ କଲେ ଜାଣି ହେଉଥିଲା, ହ୍ରଦ ଉପରକୁ ଢଳି ରହିଥିବା ସେସବୁର ଡାଳପତ୍ର ଯେମିତି ପୋଡ଼ି ଯାଇଛି । ହ୍ରଦ ତୀରବର୍ତ୍ତୀ ଘାସସବୁ ମଧ୍ୟ ଶୁଖି ଯାଇଥା'ନ୍ତି କିଂବା ଝାଉଁଳି ପଡ଼ିଥା'ନ୍ତି । ଥରେ ଝାଙ୍କେ ପକ୍ଷୀ ସେ ହ୍ରଦ ଉପରେ ଚକ୍ରାକାରେ ଉଡ଼ି ଉଡ଼ି ସେଠାରେ ଅବତରଣ କରିବାକୁ ଯାଉଥିଲେ । କିନ୍ତୁ ହଠାତ୍ ସେମାନେ ଅବଶ ହୋଇ ତହିଁ ଖସି ପଡ଼ିଲେ; ଆଉ ଉଠିଲେ ନାହିଁ; ଥରେ ଅଧେ ଛାଟିପିଟି ହୋଇ ଲଭିଲେ ସଲିଳ ସମାଧି ।

ଭୂତକୋଠିଠାରୁ ଦୂରେଇ ରହିବା ପ୍ରାୟେ ଆଖପାଖ ଜନପଦର ଲୋକେ ସେ ହ୍ରଦର ପାଖ ମାଡୁ ନଥିଲେ ।

କିନ୍ତୁ ଏକଦା ପରିସ୍ଥିତି ଥିଲା କେଡ଼େ ଭିନ୍ନ ! ଲୋକେ ସେ ସ୍ଥାନକୁ ପବିତ୍ର ଜ୍ଞାନ କରୁଥିଲେ । ହ୍ରଦ ତୀରରେ ଗୋଟାଏ କୁଟୀରରେ ରହୁଥିଲେ ଜଣେ ଋଷି । ନାମ ତାଙ୍କର ଶୌଭରି । ସେ ଅନେକ ସମୟ ଧରି ହ୍ରଦ ଜଳକୁ ଲାଗି ବସି ରହୁଥିଲେ; କେତେବେଳେ ଧ୍ୟାନ କରୁଥିଲେ ତ କେତେବେଳେ ସେ ହ୍ରଦଟିର ବାସିନ୍ଦାମାନଙ୍କୁ ସ୍ନେହପୂର୍ଣ୍ଣ ଆଖିରେ ଅନାଇ ରହୁଥିଲେ । ସ୍ନାନ ନିମନ୍ତେ ଋଷିଜଣକ ସରୋବରରେ ପଶିବା ମାତ୍ରେ ବଡ଼ ବଡ଼

ମାଛ ଓ କୂର୍ମମାନେ ତାଙ୍କ ପାଖକୁ ଲାଗି ଆସୁଥିଲେ ଓ ତାଙ୍କ ସହ ଖେଳୁଥିଲେ ।

ଦିନେ ବିଷ୍ଣୁଙ୍କ ସେବକ ଗରୁଡ଼ ସେ ହ୍ରଦ ଉପର ଦେଇ ଉଡ଼ିଗଲା ବେଳେ ସ୍ୱଚ୍ଛ ପାଣିରେ ବିରାଟ ମାଛଟିଏ ସନ୍ତରଣ କରୁଥିବାର ଦେଖିଲେ । ସେ ତତ୍‌କ୍ଷଣାତ୍ ତଳକୁ ଝାମ୍ପ ଦେଲେ । ''ରୁହ, ରୁହ !'' ପାଟି କରି କହିଲେ ଋଷି, ''ଏ ହ୍ରଦର ସମସ୍ତ ପ୍ରାଣୀ ମୋଠୁଁ ଅଭୟ ପାଇଛନ୍ତି !''

କିନ୍ତୁ ଗରୁଡ଼ଙ୍କୁ ଭୋକ କରୁଥିଲା । ସେ ଋଷିଙ୍କ ଚେତାବନୀ ଶୁଣିଲେ ନାହିଁ । ମାଛଟିକୁ ଉଠାଇ ନେଲେ ।

ଋଷି ଦେଲେ ଏହି ଅଭିଶାପ : ''ପୁନର୍ବାର ଯଦି ତୁମେ ଏ ପାଣି ସ୍ପର୍ଶ କରିବ, ଏପରିକି ତୁମ ଛାଇ ଯଦି ଏ ଜଳ ଉପରେ ପ୍ରତିଫଳିତ ହେବ, ତେବେ ତୁମେ ତତ୍‌କ୍ଷଣାତ୍ ହେବ ଭସ୍ମୀଭୂତ ।

ଗରୁଡ଼ ଅବଶ୍ୟ ଉଡ଼ି ଚାଲିଗଲେ; କିନ୍ତୁ କ୍ଷୁଧା ନିବାରଣ ପରେ ହୃଦୟଙ୍ଗମ କଲେ ସେ ତୀବ୍ର ଅଭିଶାପର ଗୁରୁତ୍ୱ । ସେହିଦିନଠାରୁ ସେ ହ୍ରଦ ହେଲା ତାଙ୍କ ପାଇଁ ନିଷିଦ୍ଧ ଇଲାକା ।

କାଳକ୍ରମେ ସେ ଋଷି ପରଲୋକ ଗମନ କଲେ । ବହୁ ବର୍ଷ ବିତିଗଲା । ଋଷିଙ୍କ ଅଭିଶାପ କଥା ଅନେକେ ଜାଣିଗଲେ । ଦିନେ କାଳୀୟ ନାମକ ପ୍ରଚଣ୍ଡ ସାପ ଗରୁଡ଼ଙ୍କ ପ୍ରତି ଦୁର୍ବ୍ୟବହାର କରନ୍ତେ ଗରୁଡ଼ ତାକୁ ଶାସ୍ତି ଦେବାକୁ ଉଦ୍ୟତ ହେଲେ । ଗରୁଡ଼ଙ୍କ କବଳରୁ ନିସ୍ତାର ପାଇବା କୌଣସି ସାପ ପକ୍ଷରେ ସହଜ ନୁହେଁ । କାଳୀୟ କଳେ ବଳେ କୌଶଳେ ଖସି ଆସି କାଳିନ୍ଦୀ ହ୍ରଦରେ ନେଲା ଆଶ୍ରୟ । ସେଠାକୁ ଗରୁଡ଼ କଦାପି ଆସିବେ ନାହିଁ ବୋଲି ସେ ନିଶ୍ଚିତ ଥାଏ ।

କାଳୀୟ ଏକ ଭୟଙ୍କର ନାଗ । ତା'ର ବହୁତ ଫଣା । ସେ ଆସି କାଳିନ୍ଦୀରେ ଆଶ୍ରୟ ନେବା ସଙ୍ଗେ ସଙ୍ଗେ ତା'ର ପରିବାର ମଧ୍ୟ ଆସି ସେଠାରେ ବସବାସ କଲେ । ସେମାନଙ୍କ ବିଷରୁ କାଳିନ୍ଦୀର ପାଣି ହେଲା ଭୟାବହ ମାରାତ୍ମକ । ସେଥିରୁ ବୁନ୍ଦାଏ ମାତ୍ର କାହାରି ପେଟକୁ ଗଲେ ସେ ଟଳି ପଡୁଥାଏ; ମୁହୂର୍ତ୍ତକ ପରେ ତା' ପ୍ରାଣବାୟୁ ଉଡ଼ି ଯାଉଥାଏ ।

ସେ ସାପ ବଂଶର ପ୍ରଖର ବିଷାକ୍ତ ନିଃଶ୍ୱାସରେ ହ୍ରଦ କୂଳରେ ନୂଆ ଘାସ ମଧ୍ୟ ଉଧେଇ ପାରୁ ନଥାଏ । ଗଛଲତାର ଡାଳପତ୍ର ପୋଡ଼ି ଯାଉଥା'ନ୍ତି । ତହିଁ ପବନ ହୋଇ ଯାଉଥାଏ ବିଷାକ୍ତ ଏବଂ ତା' ସ୍ପର୍ଶରେ ପକ୍ଷୀମାନେ ବି ଅଚେତ ହୋଇ ଖସି ପଡୁଥା'ନ୍ତି ।

ଏହାହିଁ ଥାଏ ସେଠାକାର ଭୟାବହ ପରିସ୍ଥିତି ।

ଦିନକର ଦିପହର ବେଳେ ନନ୍ଦଙ୍କ ଘର ସାମନା ଉଦ୍ୟାନ ଭିତରେ ଖେଳୁଥିଲେ ଦଳେ ବାଳକ । ସେମାନଙ୍କ ଭିତରେ ଥିଲେ କୃଷ୍ଣ । ମା' ଯଶୋଦା ଘର ଭିତରେ ଥାଇ ସେମାନଙ୍କ ହସ ଓ ପାଟିଗୋଳ ଶୁଣୁଥା'ନ୍ତି । କିଛି ସମୟ ପରେ ସେ ଚେତି ଉଠିଲେ ଯେ ସବୁ କେମିତି ନୀରବ ହୋଇ ଯାଇଛି ।

ସେ ବାହାରି ଆସି ଦେଖିଲେ ଏକା ବଳରାମ ଗୋଟାଏ ବାଛୁରିକୁ ଆଉଁଶି ଦେଉଛନ୍ତି, ଗେଲ କରୁଛନ୍ତି । ଆଖ ପାଖରେ ଆଉ କେହି ନାହିଁ ।

''କୃଷ୍ଣ କାହିଁ ?'' ସେ ପଚାରିଲେ ।

''ମୁଁ ତ ଜାଣେନା ! ମୁଁ ବର୍ତ୍ତମାନ ଏଠାକୁ ଆସିଲି । ଏଠି ତ କେହି ନଥିଲେ !'' ଏହା କହି ବଳରାମ ଏଣେତେଣେ ଅନାଇଲେ । ତା'ପରେ ସେ ଉଦ୍ୟାନ ଫାଟକ ଟପି ବାହାର ମୈଦାନର ସବୁ ଦିଗକୁ ଅନାଇଲେ ।

''କ'ଣ ହେଲା, କୃଷ୍ଣ ତୋ ଆଖିରେ ପଡୁଛି ?'' ଯଶୋଦା ପୁଣି ପଚାରିଲେ ।

ବଳରାମ ହାତ ହଲାଇ ନାସ୍ତି ସୂଚନା ଦେଲେ ।

''ତେବେ ? ତେବେ ସେ ଗଲା କୁଆଡ଼େ ?'' ଯଶୋଦା ଉଦ୍‌ବିଗ୍ନ ହୋଇ ପ୍ରଶ୍ନ କଲେ । ''ତା' ଖେଳ-ସାଥୀମାନେ କାହାନ୍ତି ?''

ତାଙ୍କ କଣ୍ଠସ୍ୱର ଶୁଣିଲେ ନନ୍ଦଙ୍କ ପରିଚାରକମାନେ । ସେମାନେ ଏଣେତେଣେ ଦୌଡ଼ାଦୌଡ଼ି କରି କୃଷ୍ଣଙ୍କୁ ଠାବ କରିବାର ଚେଷ୍ଟା କଲେ । ଜଣେ ଗ୍ରାମବାସୀଙ୍କଠୁଁ ସେମାନେ ପାଇଲେ ସମ୍ବାଦ – କୃଷ୍ଣ ଆଉ ଦୁଇଟି ବାଳକ ସହ ପ୍ରାନ୍ତର ଭିତର ଦେଇ କାଳିନ୍ଦୀ ହ୍ରଦ ଦିଗରେ ଦୌଡୁଥିବାର ସେମାନେ ଦେଖିଥିଲେ ।

ସମସ୍ତେ ସେ ଆଡ଼େ ଦୌଡ଼ିଲେ । ଜଣେ ଯୁବକ ଗୋଟାଏ ଉଚ୍ଚ ଗଛ ଚଢ଼ି ଚିତ୍କାର କରି କହିଲା, ହ୍ରଦ କୂଳରେ ଦୁଇଜଣ ବାଳକ ପଡ଼ି ରହିଥିବାର ସେ ଦେଖି ପାରୁଛି ।

''ଆଶ୍ଚର୍ଯ୍ୟ !'' କହିଲେ କେତେଜଣ । ''ଭୟଙ୍କର କଥା !'' ପାଟି କରି କହିଲେ ଅନ୍ୟ କେତେଜଣ ।

''ଆଶା, ସେମାନେ ଖାଲି ମୂର୍ଚ୍ଛା ଯାଇଥିବେ !'' ଏତକ କହି ଚାରି, ପାଞ୍ଚଜଣ ଯୁବକ ହ୍ରଦ ଅଭିମୁଖେ ଦୌଡ଼ିଲେ । ତହିଁ ପଡ଼ିଥିବା ପିଲାଙ୍କୁ ଯଥାଶୀଘ୍ର ଉଠାଇ ନଆଣିଲେ ସେମାନଙ୍କର ପ୍ରାଣର ଆଶା ନାହିଁ ।

କେତେଜଣ ଯାଇ ଅଣନିଃଶ୍ୱାସୀ ହୋଇ ନନ୍ଦଙ୍କୁ ଏ ସମ୍ବାଦ ଦେଲେ । ତତ୍‌କ୍ଷଣାତ୍ ନନ୍ଦ ରାଜା ବାହାରି ଆସି ହ୍ରଦ ଆଡ଼େ ଗତି କ୍ଷିପ୍ର କଲେ । ଅନ୍ୟମାନେ ତାଙ୍କୁ କଲେ ଅନୁସରଣ । ରାଣୀ ଯୋଶାଦା ମଧ୍ୟ କୋହ ଚାପି କେତେଜଣ ମହିଳାଙ୍କ ସହ ଦ୍ରୁତ ଗତିରେ ଯାଇ ସେମାନଙ୍କ ପଛରେ ଛିଡ଼ା ହେଲେ ।

ଯେଉଁ ଦୃଶ୍ୟ ଦେଖାଗଲା, ତାହା ସମସ୍ତଙ୍କୁ ହତବାକ୍ କରି ଦେଲା । ଯଶୋଦା ଚେତା ହରାଇ ପଡ଼ିଗଲେ ।

କୃଷ୍ଣଙ୍କ ଦୁଇ ସାଥୀ ହ୍ରଦଜଳକୁ ଲାଗି ମୃତ ଭଳି ପଡ଼ି ରହିଥିଲେ । କୃଷ୍ଣ ନିଜେ କିନ୍ତୁ ଥିଲେ ଜଳରେ – କାଳୀୟ ନାଗ କବ୍‌ଜାରେ । ସେ ଗୋଟାଏ ଗଛଡ଼ାଳକୁ କୁଣ୍ଢାଇ ଧରିଥିଲେ । ଭୟଙ୍କର ନାଗ ତା' ଲାଞ୍ଜଟିକୁ ତାଙ୍କ ଛାତିରେ ଗୁଡ଼ାଇ ଦେଇଥିଲା ।

ସେ ଦୃଶ୍ୟରେ କିଏ ବା ଆତଙ୍କିତ ନହେବ ? ସମସ୍ତେ ସ୍ତବ୍ଧ । ହଠାତ୍ ସେମାନଙ୍କ ଭିତରୁ ଆଗକୁ କୁଦି ପଡ଼ିଲେ ବଳରାମ । ସେ କୃଷ୍ଣଙ୍କୁ ଲକ୍ଷ୍ୟ କରି କହିଲେ, ''ତୁ କରୁଛୁ କ'ଣ ? ଏଇ ସାମାନ୍ୟ ସାପ ତୋତେ ହିନସ୍ତା କରୁଥିବ ? ଗଛଟାକୁ ଜାବୁଡ଼ି ଧରି ତୁ କେତେ ସମୟ ରହିବୁ ? ତା'ଠୁଁ ଅଧିକ କିଛି କ'ଣ କରିପାରନ୍ତୁ ନାହିଁ ? ଡରିଗଲୁ କିରେ ?''

କୃଷ୍ଣ ବଳରାମଙ୍କ ଆଡ଼େ ଅନାଇ ହସି ଦେଲେ । ପିଲାଟି ସେ ଅବସ୍ଥାରେ ପୁଣି ହସୁଛି ! ସେତେବେଳକୁ ହ୍ରଦ ତଟରେ ଜମି ଗଲେଣି ଶତାଧିକ ନରନାରୀ । ସେମାନେ ଏମିତି ଗୋଟାଏ ଦୃଶ୍ୟ ଦେଖିବେ, ଏହା ସ୍ୱପ୍ନରେ ବି ଭାବି ପାରି ନଥା'ନ୍ତେ ।

''ଆରେ ହସୁଛୁ କ'ଣ ? ଯାହା କରିବାର ତୁରନ୍ତ କର !'' ନିର୍ଦ୍ଦେଶ ଦେଲେ ବଳରାମ ।

ସଙ୍ଗେ ସଙ୍ଗେ କୃଷ୍ଣ ଗଛରୁ ହାତ ମୁକୁଳାଇ ଆଣି ଚୋପା ଛଡ଼ାଇଲା ଭଳି ନିଜ କଅଁଳା ହାତ ଦୁଇଟିରେ ସାପର ସେ ଭୀଷଣ ବନ୍ଧନରୁ ନିଜକୁ ଫିଟାଇ ନେଲେ । ସେତିକି ନୁହେଁ, କାଳୀୟର ମଝି ଫଣା ଉପରେ ଭରା ଦେଇ ସେ ଲମ୍ଫ ମାରି ତା' ମୁଣ୍ଡ ଉପରେ ଚଢ଼ିଗଲେ ।

ଖିଲି ଖିଲି ହସି ସେ ନାଚିବାକୁ ଲାଗିଲେ । ଭୀଷଣ ଗର୍ଜନ ସହକାରେ କାଳୀୟ ତା'ର ଶକ୍ତ ଲାଞ୍ଜ ଟେକିଲା ତାଙ୍କୁ ପ୍ରହାର କରିବା ନିମନ୍ତେ । ସେ ତତ୍‌କ୍ଷଣାତ୍ ସେ ଲାଞ୍ଜର ଶେଷ ପ୍ରାନ୍ତକୁ ଧରି ନେଲେ । ସାପ ଯେତେ ଛାଟିପିଟି ହେଲେ ମଧ୍ୟ ଲାଞ୍ଜକୁ ତାଙ୍କ ମୁଷ୍ଟିରୁ ମୁକ୍ତ କରିପାରିଲା ନାହିଁ ।

କାଳୀୟର ପାଗଳ ପ୍ରାୟ ଅଙ୍ଗଚାଳନା ଯୋଗୁଁ ହ୍ରଦ ହେଉଥାଏ ଉତ୍ତାଳ । ତା'ର ଗର୍ଜନ କ୍ରମେ ଅଧିକରୁ ଅଧିକ ଭୟଙ୍କର ଶୁଭୁଥାଏ – ଯେମିତି ଏକ ଅଦୃଶ୍ୟ ଝଡ଼ର ଶବ୍ଦ !

କିଛି ସମୟ ପରେ ସାପ ପାଟିରୁ ବାହାରିଲା ପୁଳା ପୁଳା ରକ୍ତ ।

ହ୍ରଦ ଭିତରୁ ମୁଣ୍ଡ ଟେକିଲେ କାଳୀୟର ପରିବାରବର୍ଗ । ସେମାନେ ମିନତି କଲେ – କାଳୀୟକୁ କ୍ଷମା କରି ଦିଅନ୍ତୁ କୃଷ୍ଣ ।

''ବେଶ୍ !'' କହିଲେ କୃଷ୍ଣ । ''ଯଦି ଏହି କ୍ଷଣି ତୁମେ ସଭିଏଁ ହ୍ରଦଟି ତ୍ୟାଗ କରି ଚାଲିଯିବ, ତେବେ ମୁଁ କଥା ଦେଉଛି ଗରୁଡ଼ କେବେ ବି ତୁମର କୌଣସି ଅନିଷ୍ଟ କରିବେ ନାହିଁ ।''

କୃଷ୍ଣ ଗୋଟାଏ ଲମ୍ଫରେ ଆସି କୂଳରେ ପହଞ୍ଚିଯାଇ ବଳରାମଙ୍କ ପାଖରେ ଠିଆ ହେଲେ । ତାଙ୍କର ଦୁଇ ସାଥୀଙ୍କ ଚେତା ଫେରି ଆସିଥାଏ ।

କାଳୀୟ ସପରିବାର କାଳିନ୍ଦୀ ହ୍ରଦରୁ ଦୂରକୁ ଦୂରକୁ ଚାଲିଯିବାକୁ ଲାଗିଲା । ଆସିଲା ପ୍ରବଳ ପବନ । ବାତାବରଣରୁ ତାହା ଉଡ଼େଇ ନେଇଗଲା ଅଦୃଶ୍ୟ ବିଷ । ଆସିଲା ଘୋର ବର୍ଷା । ହ୍ରଦରେ ବହୁ ଦିନର ଜମାଟ ବିଷ କ୍ରମେ ପତଳା ହୋଇ ନଦୀ ଧାରରେ ବିଲୀନ ଓ ପ୍ରଭାବହୀନ ହୋଇଗଲା । କାଳିନ୍ଦୀ ତଟ ପୁନର୍ବାର ହେଲା ଏକ ମନୋରମ ଉପବନ ।

(କ୍ରମଶଃ) ❑

> ପ୍ରଥମ କଥା ଯାହା ଆବଶ୍ୟକ ତାହା ହେଉଛି ନିଜ ଉପରେ ସଂଯମ, ବିଶେଷ କରି ନିଜ ବାକ୍‌ଶକ୍ତି ଉପରେ । ଯଦି ଲୋକମାନେ ନୀରବ ରହିବାକୁ ଶିକ୍ଷା କରିପାରନ୍ତେ ତେବେ କେତେ ଅସୁବିଧାକୁ ଏଡ଼େଇ ଦେଇ ହୁଅନ୍ତା !
>
> – ଶ୍ରୀମା

# ହାରାଧନ

## (୪)

**ହାରାଧନଙ୍କର ଡାଏରିରୁ ଆଉ କିଛି ଉଦ୍ଧୃତି :**

**୧୯ ନଭେମ୍ବର ୧୯୨୬**

**ହାରାଧନ :** ଆପଣ (ଶ୍ରୀଅରବିନ୍ଦଙ୍କୁ ସମ୍ବୋଧିତ) ମୋତେ ଏଇ ଅଳ୍ପଦିନ ପୂର୍ବରୁ କହିଥିଲେ ଯେ ମୋତେ ମା'ଙ୍କ ସହିତ ('ମୀରା'ଙ୍କୁ ହାରାଧନ ପ୍ରଥମ କରି ତାଙ୍କର ଡାଏରିରେ ମା' ବୋଲି ସମ୍ବୋଧନ କରିଛନ୍ତି) ମୋର ବ୍ୟକ୍ତିଗତ ସମ୍ପର୍କର ଅନୁସନ୍ଧାନ କରିବାକୁ ହେବ । ଯଥାର୍ଥ ସମ୍ପର୍କସବୁର ଅଭିବ୍ୟକ୍ତି ଘଟୁଥିବା ବିଭିନ୍ନ ଉର୍ଦ୍ଧ୍ୱସ୍ତର ସମ୍ବନ୍ଧେ ମୋର କୌଣସି ଜ୍ଞାନ ନଥିବାରୁ ମୁଁ ଏ ସମ୍ବନ୍ଧରେ କେତେକ ଆଭାସ ବା ଇଙ୍ଗିତ ପାଇଁ ଅପେକ୍ଷା କରିଥିଲି । ବର୍ତ୍ତମାନ ମୋର ସେଇ ଯଥାର୍ଥ ଜ୍ଞାନଲାଭ ହେବାର ମୁହୂର୍ତ୍ତଟି ଉପସ୍ଥିତ ହେବାରୁ ମୋର ବିଶ୍ୱାସ ଯେ ଆପଣ ହେଉଛନ୍ତି ମୋର ପିତୃଦେବ ଏବଂ ଦିବ୍ୟସତ୍ୟ, ତେଣୁ ସେ (ମା) ହେଉଛନ୍ତି ମୋର ଦିବ୍ୟଜନନୀ, ଏବଂ ମୋ ସକାଶେ ସେ ହେଉଛନ୍ତି ଦିବ୍ୟପ୍ରେମ, ଦିବ୍ୟଜ୍ଞାନ, ଦିବ୍ୟଶକ୍ତି ଏବଂ ଦିବ୍ୟ-ପ୍ରଭୁତ୍ୱ । ମୁଁ ମୋ ମନରେ ଯେତିକି ଅନୁଭବ କରୁଛି ଏବଂ ଯେତିକି ମୋର ବୋଧଗମ୍ୟ ହୋଇଛି, ମୁଁ ଅନୁଭବ କରୁଛି ଯେ ଆପଣ ଦୁହେଁ ହେଉଛନ୍ତି ଶ୍ରୀକୃଷ୍ଣ ଓ ମହାଲକ୍ଷ୍ମୀ, ଏବଂ ସମସ୍ତ ଐଶ୍ୱର୍ଯ୍ୟ ସହିତ ଏକହିଁ ପରମେଶ୍ୱର, ଏକମେବା ଅଦ୍ୱିତୀୟମ୍ । ଆପଣ ଦୁହେଁ ସମସ୍ତ ଐଶ୍ୱରୀୟମ୍ ସହିତ ସମ୍ଭବତଃ ଏଇ ମର୍ତ୍ତ୍ୟଲୋକରେ ନିଜକୁ ଅଭିବ୍ୟକ୍ତ କରିବାକୁ ଆଗଭର ହୋଇଛନ୍ତି ଏବଂ ଆପଣଙ୍କର ସେଇ ଯୁଗଳମୂର୍ତ୍ତିର ଆହ୍ୱାନ, ବିଶେଷତଃ ମୋ ସତ୍ତାରେ, ମୋ ମସ୍ତିଷ୍କର 'ଆଜ୍ଞାଚକ୍ର'ରେ ।

ମୋ ମା, ମୋ ସମ୍ବନ୍ଧେ ଆପଣଙ୍କୁ ଆଉ କ'ଣସବୁ କହିଲେ ? କେବେ ମୁଁ ତାଙ୍କୁ ପୁଣି ସାକ୍ଷାତ୍ କରିପାରିବି ? ନିତି ସକାଳେ ମୁଁ ତାଙ୍କୁ ପ୍ରଣାମ କରିବାକୁ ଆସିପାରେ କି ?

**୨୪ ନଭେମ୍ବର ୧୯୨୬** (ସିଦ୍ଧି ଦିବସ)*

(ସନ୍ଧ୍ୟା ସାତଟାରୁ ଆଠଟା ଭିତରେ) ସନ୍ଧ୍ୟା ସାତଟାରେ ଶ୍ରୀମୀରା ଦେବୀ 'ଲାଇବ୍ରେରୀ ହାଉସ୍'ର ଉପର ମହଲାକୁ ଆମ ସମସ୍ତଙ୍କୁ ଡକାଇ ପଠାଇଲେ । ୨୦ ମିନିଟ୍ ଭିତରେ ଶ୍ରୀମୀରା ଦେବୀ ଏବଂ ଶ୍ରୀଅରବିନ୍ଦ ବାରଣ୍ଡାକୁ ଆସି ନିଜ ନିଜ ଆସନରେ ବସିଲେ ।... ଉପସ୍ଥିତ ଆମେ ସମସ୍ତେ ଦୁହିଁଙ୍କ ଚରଣକମଳରେ ନତମସ୍ତକ ହେଲୁ । ଶ୍ରୀଅରବିନ୍ଦ ମୋ ମଥାରେ ସମ୍ପୂର୍ଣ୍ଣ ନୂତନ ଭାବରେ ତାଙ୍କର ବରଦହସ୍ତର ସ୍ପର୍ଶ ଦେଲେ । ଇତିମଧ୍ୟରେ ଯେତେସବୁ ବାଧାବିପତ୍ତି ମୋତେ ଅଗ୍ରସର ହେବାରେ ପଛକୁ ଟାଣୁଥିଲା, ସେସବୁ ସ୍ମରଣରେ ଆସିବାରୁ ତୀବ୍ର ଅନୁଶୋଚନା ବୋଧ କଲି ଏବଂ ଯେଉଁ ସତ୍ୟର ଅବତରଣ ଘଟୁଥିବାର ଇତିପୂର୍ବରୁ ମୋର ଅନୁଭୂତି ହୋଇଥିଲା, ସେହି ସତ୍ୟକୁ ଗ୍ରହଣ କରିବା ସକାଶେ ପ୍ରସ୍ତୁତ ହୋଇଉଠିଲି । ମୋର ମଧ୍ୟ ଏପରି ଏକ ଧାରଣା ଜନ୍ମିଲା ଯେ ଆଜିର ଏହି ଅନୁଷ୍ଠାନଟି ଏକପ୍ରକାର ସମବେତ ଦୀକ୍ଷା । ତେଣୁ ମୁଁ ନିଜକୁ ମୋର ପାଦୁପର୍ଯ୍ୟନ୍ତ ଉନ୍ମୀଳିତ କରି ରଖିଲି ଏବଂ ଗ୍ରହଣଶୀଳ ହୋଇଉଠିଲି ।

ଶ୍ରୀଅରବିନ୍ଦ ଚେୟାରରେ ବସିଥିଲେ ଏବଂ ଶ୍ରୀମୀରା ଦେବୀ ତାଙ୍କ ବାମ ପାର୍ଶ୍ୱରେ ଛୋଟ ଷ୍ଟୁଲ୍‌ଟିଏ ଉପରେ ଉପବେଶନ କରିଥିଲେ । ଶ୍ରୀଅରବିନ୍ଦଙ୍କ ବାମ ହସ୍ତଟି ମୀରାଦେବୀଙ୍କ ମସ୍ତକ ଉପରେ ରହିଥିଲା, କିନ୍ତୁ ତାଙ୍କୁ ସ୍ପର୍ଶ କରୁ ନଥିଲା ଏବଂ ତାଙ୍କର ଦକ୍ଷିଣ ହସ୍ତଟି ବରାଭୟ ଭଙ୍ଗିରେ ଆମ ସମସ୍ତଙ୍କୁ ଆଶୀର୍ବାଦ କରୁଥିଲା ।

ବାରଣ୍ଡାର ଉତ୍ତର-ପୂର୍ବ କାନ୍ଥରେ ଏକ ବାଇଗଣୀ ରଙ୍ଗର ପରଦା ଝୁଲୁଥିଲା – ସେଥିରେ ଗାଢ଼ ନୀଳ ଏବଂ ଉଜ୍ଜ୍ୱଳ ସୁବର୍ଣ୍ଣ ତାରକସିର ସୂଚିକାର୍ଯ୍ୟରେ ଶୋଭିତ କିଛି ଅଙ୍କା ଯାଇଥିଲା । ମୁଁ ପରେ ବୁଝିଲି ଯେ ଏହି ପରଦା ଓ ଅଙ୍କନର ନିଗୂଢ଼ାର୍ଥ ହେଲା ଦୀପ୍ତିମାନ୍ ଶକ୍ତିରାଜି ଓ ସତ୍ତାମାନଙ୍କର

---

* ଏହି ଦିବସର ବିବରଣୀ ନଳିନୀକାନ୍ତ, ପୁରାଣୀ, ଅନିଲବରଣ ଇତ୍ୟାଦି ବରେଣ୍ୟ ସାଧକବୃନ୍ଦ ସ୍ୱ-ସ୍ୱ ଧାରାରେ ବର୍ଣ୍ଣନା କରିଛନ୍ତି; ସେସବୁ ଅବଶ୍ୟ ପଠନୀୟ । ଏଠାରେ ହାରାଧନଙ୍କର ଡାଏରି-ବିବରଣୀ ପ୍ରଦତ୍ତ । ପାଠକମାନଙ୍କ ବୋଧଗମ୍ୟ ସକାଶେ କେତେକ ଅତ୍ୟାବଶ୍ୟକୀୟ କଥା ଏଥିରେ ଯୋଗ କରାଯାଇଛି । – ସଂକଳକ

ପୃଥିବୀପୃଷ୍ଠକୁ ଅବତରଣ ଘଟିଛି ବା କହିବାକୁ ଗଲେ ଏହା ପରମେଶ୍ୱର ଓ ପରମେଶ୍ୱରୀଙ୍କର ଦିବ୍ୟସୃଷ୍ଟି ପୃଥିବୀକୁ ଅବତରି ଆସିଛି । ପକ୍ଷୀସଦୃଶ ଅଙ୍କିତ ସେହି ଆକୃତିଟି ଗରୁଡ଼ ପକ୍ଷୀର ଅନୁରୂପ ଥିଲା । (ଚୀନା-ଶୈଳୀରେ ଅଙ୍କିତ ଡ୍ରାଗନ୍ ଛବି ଥିଲା ।)

ତା'ପରେ ଶ୍ରୀଅରବିନ୍ଦ ଓ ଶ୍ରୀମୀରା ଦେବୀ ଭିତରକୁ ଅପସରି ଗଲେ ଏବଂ ମୁଁ ସ୍ୱସ୍ଥାନରେ ପୁଣି ବସି ଦୁହିଁଙ୍କ ପ୍ରତି ବ୍ୟାପକ ଭାବରେ ଉନ୍ମୀଳିତ ହୋଇରହିଲି । ଯଦ୍ୱାରା ଦୁହେଁ ମୋ'ଠୁ କ'ଣସବୁ ଦାବି କରନ୍ତି ସେସବୁକୁ ଠିକ୍ ଠିକ୍ ହୃଦୟଙ୍ଗମ କରିପାରିବି ।

ଶ୍ରୀମୀରା ଦେବୀଙ୍କ ସ୍ପର୍ଶ ମୋର ହୃତ୍‌କେନ୍ଦ୍ରରେ ଅନୁଭବ କଲି ଏବଂ ଶ୍ରୀଅରବିନ୍ଦଙ୍କର ମୋର ମସ୍ତକର ଊର୍ଦ୍ଧ୍ୱରେ ('ସହସ୍ରାର'ରେ) । ଏଇ ମୁହୂର୍ତ୍ତରେ ମୋର ବାଧାବିପତ୍ତିସବୁ ସେତେ ପରିମାଣରେ ସକ୍ରିୟ ନଥିଲେ ବା ଏହି ମୁହୂର୍ତ୍ତରେ ସେତେ ପ୍ରତିରୋଧ ବି କରୁ ନଥିଲେ, କିନ୍ତୁ ସେସବୁ ରହିଥିଲେ । ମୋତେ ଗ୍ରହଣ କରିନେବାକୁ ଆଉ ମୋତେ ଏଥିରୁ ରକ୍ଷା କରିବା ସକାଶେ ମୁଁ ସେ ଦୁହିଁଙ୍କୁ ଅନ୍ତରରେ ପ୍ରାର୍ଥନା ଜଣାଇଲି ।

ଶେଷରେ ଦତ୍ତା ଏକ ପ୍ରାର୍ଥନା ଆବୃତ୍ତି କଲେ – 'ଭଗବାନ୍ ଅବତରି ଆସିଛନ୍ତି; ଦୁଃଖ-ଯନ୍ତ୍ରଣା ଓ ମୃତ୍ୟୁକୁ ଜୟ କରି ଆମକୁ ଅମରତ୍ୱ ପ୍ରଦାନ କରିବେ ।'

କିନ୍ତୁ ସେଇ ମୁହୂର୍ତ୍ତରେ ଏହାର ନିଗୂଢ଼ାର୍ଥ ଅସ୍ପଷ୍ଟ ରହିଗଲା । ପରେ ଜାଣିବାକୁ ହେବ ବୋଲି ସିଦ୍ଧାନ୍ତ ନେଲି । ଧ୍ୟାନସ୍ଥ ଅବସ୍ଥାରେ ମୁଁ ଚୈତ୍ୟ-ଚେତନାରେ ଦେଖିଲି ମଣ୍ଡଳାକାରରେ ଉପବେଶନ କରିଥିବା ସାଧକଙ୍କର ଏକ ଗୋଷ୍ଠୀ । ସେମାନଙ୍କର କେନ୍ଦ୍ରସ୍ଥଳରେ ବିରାଜମାନ କରିଥିବା ଏକ ଦିବ୍ୟସତ୍ତାଙ୍କ ନିକଟରେ ନିଜକୁ ଉତ୍ସର୍ଗ କରିବା ମୁଦ୍ରାରେ ସେମାନେ ବସିଛନ୍ତି । କିନ୍ତୁ କେନ୍ଦ୍ରସ୍ଥଳରେ ଥିବା ଦିବ୍ୟସତ୍ତାଙ୍କୁ ମୁଁ ଦେଖି ପାରିଲି ନାହିଁ । ସେତେବେଳକୁ ଶ୍ରୀଅରବିନ୍ଦ ଓ ଶ୍ରୀମୀରା ଦେବୀ ଅଭ୍ୟନ୍ତରକୁ ଚାଲିଯାଇଥିଲେ । (ରାତି ୧୦ଟା)

ରାତ୍ରିରେ, ମୋ କକ୍ଷରେ, ଉପରୋକ୍ତ ସୂକ୍ଷ୍ମଦର୍ଶନର ସୂଚନା ବା ଆଭାସ ପାଇବା ସକାଶେ ମୁଁ ନିଜକୁ ଏକନିଷ୍ଠ ଭାବରେ ଶାନ୍ତ, ନୀରବ ଓ ନିଶ୍ଚଳ ରଖିଲି । ଧୀରେ ମୋର ଶାରୀର-ସତ୍ତାରେ ଏକ କଳ୍ପନା ବା ଭାବନାର ରୂପ ନେଲା ଏବଂ ଦେଖିଲି ଏକ ଦିବ୍ୟସତ୍ତା ତାଙ୍କର ଦକ୍ଷିଣ ହସ୍ତର ବିଶିଆଙ୍ଗୁଠି ବା ତର୍ଜନୀରେ ଏକ ଚକ୍ର ଧାରଣ କରିଛନ୍ତି ଏବଂ ଅନ୍ୟ ହସ୍ତଟିରେ ଆଶୀର୍ବାଦର ଅଭୟ ମୁଦ୍ରା । (କିନ୍ତୁ ଏହି ସୂକ୍ଷ୍ମଦର୍ଶନଟି ହୁଏତ ଶ୍ରୀକୃଷ୍ଣଙ୍କ ଆବିର୍ଭାବ ସମ୍ବନ୍ଧରେ ମୋର ଦୃଢ଼ ଧାରଣାରୁ ରୂପ ନେଇ ପାରିଥାଏ)

**୨୫ ନଭେମ୍ବର ୧୯୨୬**

(ପୂର୍ବାହ୍ଣରେ ଲିଖିତ ଡାଏରିରୁ କିଛି ଉଦ୍ଧୃତି :)

ରାଜଙ୍ଗମଙ୍କ ପାଖରୁ ଶୁଣିଲି ଯେ ଗତକାଲି ଦତ୍ତା ତାଙ୍କର ପ୍ରାର୍ଥନାରେ ଉଲ୍ଲେଖ କରିଥିଲେ ଯେ ଶ୍ରୀକୃଷ୍ଣଙ୍କର ଆବିର୍ଭାବ ଘଟିଛି ।

ଆଜି ଶ୍ରୀମୀରା ଦେବୀ ଡାକ୍ତର ବାବୁ (ଉପେନ୍ ବାନାର୍ଜୀ)ଙ୍କୁ କହିଛନ୍ତି ଯେ ଶ୍ରୀକୃଷ୍ଣ ଅବତରି ଆସିଛନ୍ତି ଏବଂ ଅଳ୍ପ କିଛି ବାଧାବିପତ୍ତି ବ୍ୟତୀତ ଶାରୀର କ୍ଷେତ୍ରରେ ସବୁକିଛି ଉପରେ ବିଜୟ ହାସଲ କରିଛନ୍ତି; ଆସନ୍ତା ଅଗଷ୍ଟ ୧୫ ଭିତରେ ସେସବୁ ଉପରେ ବିଜୟ ହାସଲ କରାଯିବ ।

**୨୫ ନଭେମ୍ବର ୧୯୨୬**

(ଦିନାନ୍ତେ ଲିଖିତ ଡାଏରିରୁ)

ଅପରାହ୍ଣ ଦୁଇଟାରୁ ସାଢ଼େ ଦୁଇଟା ପର୍ଯ୍ୟନ୍ତ ମୁଁ ଶ୍ରୀମୀରା ଦେବୀଙ୍କ ଚରଣ ସାମନାରେ ଧ୍ୟାନସ୍ଥ ହେଲି ।

ଧ୍ୟାନ ପରେ ସେ ମୋତେ କହିଲେ, 'ସନ୍ଧ୍ୟାରେ ଆମେ ସମବେତ ଧ୍ୟାନ କରିବାକୁ ଯାଉଛୁ; ଯଦି ତୁମେ ଚାହଁ ସେଥିରେ ଯୋଗ ଦେଇପାର ।'

**ହାରାଧନ :** ଯଦି ତୁମେ ମୋତେ ଅନୁମତି ଦିଅ, ତା'ହେଲେ ମୁଁ ଅତ୍ୟନ୍ତ ଖୁସିରେ ସେଥିରେ ନିଶ୍ଚୟ ଯୋଗ ଦେବି ।

**ଦେବୀ :** ହଁ, ତୁମେ ସାଢ଼େ ସାତଟାରେ ଆସିପାର ।

**ହାରାଧନ :** ସକାଳେ ତୁମକୁ ପ୍ରଣାମ କରିବାକୁ ଆସିପାରେ କି ?

**ଦେବୀ :** ହଁ, ଆସିପାର; କିନ୍ତୁ ସମୟ ଖୁବ୍ କମ୍ । ତୁମେ ଯଦି ମୋତେ କେବଳ ସାକ୍ଷାତ୍ କରି ଯାଇପାର, ତେବେ ଆସ ।

**ହାରାଧନ :** ହଁ, ମୁଁ କେବଳ ସେତିକି ଚାହୁଁଛି । କେବଳ ତୁମର ଦର୍ଶନ ଲାଭ କରି ନତଶିର ହୋଇ ଆଶୀର୍ବାଦ ପ୍ରାପ୍ତ କରି ଚାଲି ଆସିବି । ଅପରାହ୍ଣ ଧ୍ୟାନରେ ମୁଁ ନିତି ଯୋଗ ଦେଇପାରେ କି ?

**ଦେବୀ :** ମୁଁ ତୁମକୁ କାଲି ସକାଳେ ଜଣାଇବି । ଆଜି ସନ୍ଧ୍ୟାରେ ଆସ, ଆଉ କାଲି ସକାଳେ ବି ଆସ ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

# ଆମ ଶରୀର

## (୭)

## ଭୋଳେଶ୍ୱର ଭୂୟାଁ

### ସାମ୍ପ୍ରତିକ ଜୀବନରେ ରୋଗ

ଶରୀର ରୂପାନ୍ତର ଦିଗରେ ପ୍ରଥମ ପଦକ୍ଷେପ ହେଲା ଶରୀରକୁ ସମସ୍ତ ରୋଗରୁ ମୁକ୍ତ କରିବା । ଏ କାମ କଠିନ ହେଲେ ମଧ୍ୟ ଅସମ୍ଭବ ନୁହେଁ । ପୃଥିବୀରେ ଅଜସ୍ର ହସ୍‌ପିଟାଲ, ଡାକ୍ତର, ନର୍ସ, ବିଭିନ୍ନ ଚିକିତ୍ସା ପ୍ରଣାଳୀ ସୃଷ୍ଟି ହେଲା ପରେ ମଧ୍ୟ ମଣିଷ କ'ଣ ରୋଗମୁକ୍ତ ହୋଇ ପାରିଛି ? ଏଲୋପ୍ୟାଥିକ ଔଷଧ ରୋଗକୁ ଜଟିଳରୁ ଜଟିଳତର କରିଥାଏ – ଏହାକୁ ଭଲ କରିବା ତ ଦୂରର କଥା । ଶ୍ରୀମା କହୁଛନ୍ତି : ''ଉଦାହରଣ ସ୍ୱରୂପ, ଯଦି କୌଣସି ଏକ ଔଷଧ, ଅନୁକୂଳ ପରିବେଶର ମିଶ୍ରଣରେ କିଛି ଲୋକଙ୍କୁ ତତ୍‌କ୍ଷଣାତ୍ ଭଲ କରି ପାରିଥାଏ ତେବେ ଏହା ଦାବି କରାଯାଇଥାଏ ଯେ ଏହି ଔଷଧ ଏହି ରୋଗ ପାଇଁ ଅବ୍ୟର୍ଥ ଔଷଧ । କିନ୍ତୁ ଏହା ସତ୍ୟ ନୁହେଁ । ଏବଂ ଏହାର ପ୍ରମାଣ ହେଲା – ଯଦି ଏହି ଔଷଧକୁ ସମାନ ଭାବରେ ଶହେ ଜଣ ବ୍ୟକ୍ତିଙ୍କ ଉପରେ ପ୍ରୟୋଗ କରାଯାଏ, ତେବେ ଦେଖାଯିବ ଏହାର ଫଳ ଦୁଇଜଣ ବ୍ୟକ୍ତିଙ୍କ ପାଇଁ ମଧ୍ୟ ସମାନ ନୁହେଁ; ଏବଂ ବେଳେବେଳେ ଦେଖାଯାଏ ଏହାର ଫଳ ପୂରା ଓଲଟା ହେଉଛି । ସେଥିପାଇଁ ଔଷଧର ଗୁଣ ଯେ ରୋଗକୁ ଭଲ କରେ ତା' ନୁହେଁ; ଔଷଧ ଉପରେ ଏହି ବିଶ୍ୱାସହିଁ ହେଲା ଏକ ଅନ୍ଧ ବିଶ୍ୱାସ ।'' (MCW, Vol. 8, p. 92)

ଅନ୍ୟାନ୍ୟ ଚିକିତ୍ସା ବିଜ୍ଞାନରେ ମଧ୍ୟ ବିଭିନ୍ନ ଅକ୍ଷମତା ରହିଛି । ଯେପରି ହୋମିଓପ୍ୟାଥିକ ଔଷଧ । ଏହି ଚିକିତ୍ସା ବିଜ୍ଞାନର ମୁଖ୍ୟ ପ୍ରଣାଳୀ ହେଲା – ପ୍ରଥମେ ଜଣେ ସୁସ୍ଥ-ସବଳ ବ୍ୟକ୍ତି ଉପରେ ନୂତନ ଔଷଧ ପ୍ରୟୋଗ କରାଯାଏ ଏବଂ ସେହି ବ୍ୟକ୍ତି ଏହି ଔଷଧ ସେବନ କଲା ପରେ ଯେଉଁ ରୋଗକୁ ଭଲ କରିବା କଥା ସେହି ରୋଗର ଲକ୍ଷଣ ଉକ୍ତ ବ୍ୟକ୍ତିର ସୁସ୍ଥ ଶରୀରରେ ପ୍ରକାଶ ହୁଏ । ଏହିସବୁ ଲକ୍ଷଣକୁ ଲିପିବଦ୍ଧ କରି ଏହି ବିଜ୍ଞାନ ଉତ୍ପତ୍ତି ହୋଇଥାଏ । ଏହିସବୁ ଲକ୍ଷଣ ଦେଖା ଦେଇଥିବା ରୁଗ୍ଣ ଶରୀରରେ ଏହି ଔଷଧକୁ ପ୍ରୟୋଗ କରି ଏହାକୁ ଭଲ କରାଯାଇଥାଏ । ଆମର ପ୍ରଶ୍ନ ହେଲା ଏ ପୃଥିବୀରେ ପୂର୍ଣ୍ଣ ସୁସ୍ଥ ବ୍ୟକ୍ତି କେତେ ଜଣ ମିଳିବେ ଯାହାଙ୍କ ଉପରେ ଔଷଧର ପରୀକ୍ଷା କରାଯିବ । ପୁଣି ଯେଉଁ ଔଷଧକୁ ଶହ ଶହ ବର୍ଷ ପୂର୍ବେ ସୁସ୍ଥ ଶରୀରରେ ପ୍ରୟୋଗ କରି ଏହାର ଲକ୍ଷଣ ଲିପିବଦ୍ଧ କରାଯାଇଥିଲା ତାହା ବର୍ତ୍ତମାନର ରୋଗକୁ କିପରି ଭଲ କରିବ ? ଏବେକାର ଶରୀର ପୃଥିବୀର ଏହି ଦୂଷିତ ବାତାବରଣରେ ଏପରି ବିକୃତ ହୋଇ ଯାଇଛି ଯେ ତାକୁ ପୁରାତନ ଔଷଧ-ବିଜ୍ଞାନ କିପରି ସୁସ୍ଥ କରିପାରିବ ?

ଆୟୁର୍ବେଦ ତଥା ପ୍ରାକୃତିକ ଚିକିତ୍ସା ପ୍ରଣାଳୀ ମଧ୍ୟ ମଣିଷର ରୋଗ ଭଲ କରିଥାଏ ସତ କିନ୍ତୁ ଯେଉଁ କାରଣରୁ ରୋଗ ହୋଇଥାଏ ସେହି କାରଣକୁ ଦୂରକରି ପାରି ନଥାଏ । ଏହା ମଣିଷର ଅଭ୍ୟାସ ଓ ପ୍ରକୃତିକୁ ସହଜରେ ବଦଳାଇ ପାରି ନଥାଏ । ତେଣୁ ରୋଗ ବାରବାର ଆକ୍ରମଣ କରିଥାଏ ।

ଏଲୋପ୍ୟାଥିକ ଔଷଧ କଥା ନ କହିବା ଭଲ । କାରଣ ଏହା ରୋଗକୁ ଭଲ କରିବା ବଦଳରେ ତାକୁ ବେଶୀ ଜଟିଳ କରିଥାଏ । ସମସ୍ତ ଏଲୋପ୍ୟାଥିକ ଔଷଧରେ କିଛି ନା କିଛି ବିଷ ରହିଥାଏ । ଏହିସବୁ ବିଷ ଆମ ଶରୀରରୁ ନିଷ୍କାସିତ ହୋଇ ପାରି ନଥାଏ । ଏହା ଆମ ଶରୀରରେ ଜମି ଜମି ଆମ ଶରୀରକୁ ପୂର୍ଣ୍ଣ ବିଷାକ୍ତ କରିଦିଏ । ଶେଷରେ ଆଉ କୌଣସି ଔଷଧ ଆମ ଶରୀରରେ କାମ କରିବାରେ ସକ୍ଷମ ହୋଇ ନଥାଏ । ଆମକୁ କଠିନରୁ କଠିନତମ ରୋଗ ହୋଇ ଶେଷରେ ଆମକୁ ମୃତ୍ୟୁମୁଖକୁ ଠେଲି ଦେଇଥାଏ । ''ଡାକ୍ତରମାନେ ରୋଗ ଭଲ କରିବାର ଆଗ୍ରହ ନେଇ ରୋଗୀର ବହୁ କ୍ଷତି କରିଥାଆନ୍ତି । ସେମାନେ ଅନେକଙ୍କୁ ସେମାନଙ୍କ ମୃତ୍ୟୁର ଆଗରୁ ଶ୍ମଶାନକୁ ପଠାଇ ଦିଅନ୍ତି, ଯେଉଁମାନେ ହୁଏତ ଭଲ ହୋଇ ପାରିଥାଆନ୍ତେ ଯଦି ତାଙ୍କୁ ପ୍ରକୃତି ହାତରେ ଛାଡ଼ି ଦିଆ ଯାଇଥାଆନ୍ତା । ଆମର ସମସ୍ତ ଆରୋଗ୍ୟକାରୀ ଉପକରଣ ହେଲା ବିଷ, ଏବଂ ଏହା ଫଳରେ ଔଷଧର ପ୍ରତ୍ୟେକ ମାତ୍ରା ରୋଗୀର ପ୍ରାଣଶକ୍ତି ହ୍ରାସ କରିଥାଏ । ଯଦିଓ ବା କେବେ ରୋଗୀ ଭଲ ହୋଇଥାଏ – ଏହା ବିନା ଔଷଧରେ ।''

(History of Medicine by Bostwick)

ଶ୍ରୀଅରବିନ୍ଦ କହୁଛନ୍ତି : ''ଡାକ୍ତର ଗୋଟିଏ ରୋଗର ଚିକିତ୍ସା କରିବାକୁ ଯାଇ ଏକ ନିର୍ଦ୍ଦିଷ୍ଟ ଔଷଧର ପ୍ରୟୋଗ କରନ୍ତି । ବେଳେବେଳେ ତାହା ଠିକ୍ କାମ କରେ, ବେଳେବେଳେ ଆଦୌ କାମ କରେ ନାହିଁ । କାମ ନ କରୁଥିବା ଦୃଷ୍ଟାନ୍ତଗୁଡ଼ିକୁ ଧରାଯାଏ ନାହିଁ, କାମ କରିଥିବା ଦୃଷ୍ଟାନ୍ତଗୁଡ଼ିକୁ ସାଇତି ରଖାଯାଏ; ସେହିଗୁଡ଼ିକୁହିଁ ସ୍ୱୀକୃତି ଦିଆଯାଏ ଓ ସୂତ୍ରବଦ୍ଧ କରାଯାଇ ସେଥିରୁ ଏକ ବିଜ୍ଞାନକୁ ଗଢ଼ି ଥୋଇ ଦିଆଯାଏ ।''

(Thoughts and Aphorisms, No. 388)

''ମନର ସାର୍ବଭୌମ କ୍ଷମତା ମଣିଷଜାତିକୁ ଡାକ୍ତର ଓ ସେମାନଙ୍କର ଚିକିତ୍ସାର ଦାସ କରି ଗଢ଼ି ତୋଳିଛି । ଏହାର ଫଳ ସ୍ୱରୂପ ରୋଗର ସଂଖ୍ୟା ଓ ତା'ର ଗୁରୁତ୍ୱ ବଢ଼ି ଚାଲିଛି ।''

(Integral Healing, p.190) — ଶ୍ରୀମା

''ଚିକିତ୍ସା ବିଜ୍ଞାନ ମଣିଷସମାଜ ଲାଗି ଏକ ଆଶୀର୍ବାଦ ହେବା ପରିବର୍ତ୍ତେ ଏକ ଅଭିଶାପରେହିଁ ପରିଣତ ହୋଇଛି ।''

(Thoughts and Aphorisms, No. 387) — ଶ୍ରୀଅରବିନ୍ଦ

ଆମେ ଯଦି ଧାରାବାହିକ ଭାବେ ଔଷଧ ବ୍ୟବହାର କରୁ ତେବେ ଆମ ଶରୀର ପାଇଁ ପ୍ରାକୃତିକ ରକ୍ଷାକାରିଶକ୍ତି ଠିକ୍ ଭାବରେ କାମ କରିପାରେ ନାହିଁ । ବରଂ ଏହା ରୋଗ ଜୀବାଣୁମାନଙ୍କ ରକ୍ଷାକାରିଶକ୍ତିକୁ ବଢ଼ାଇ ଥାଏ । ଅର୍ଥାତ୍ ଔଷଧ ଆଉ ସେମାନଙ୍କୁ ମାରିପାରି ନଥାଏ । ଏହା ଏକ ଭୟଙ୍କର ପରିସ୍ଥିତି । ଯେପରି ଆମେ ବସନ୍ତ, ଯକ୍ଷ୍ମା ପ୍ରଭୃତି ରୋଗ ପାଇଁ ଟିକା ଆଦି ନେଇ ଆମ ଶରୀରରେ ସେହିସବୁ ରୋଗ ଜୀବାଣୁକୁ ଭରି ଥାଉ ଓ କିଞ୍ଚିତ୍ ମାତ୍ରାରେ ଆମ ଶରୀରରେ ସେହି ରୋଗ ଉତ୍ପନ୍ନ କରିଥାଉ, ଯଦ୍ଦ୍ୱାରା ଏହିସବୁ ରୋଗ ଜୀବାଣୁ ମାରିବା ପାଇଁ ଆମ ଶରୀରର ପ୍ରତିରକ୍ଷା କୋଷମାନେ ସକ୍ଷମ ହୋଇ ଥାଆନ୍ତି । ଏହିପରି ଭାବରେ ଆମ ଶରୀରକୋଷମାନଙ୍କୁ ଏହିସବୁ ରୋଗ ସହିତ ଲଢ଼ିବା ପାଇଁ ତାଲିମ ଦିଆଯାଏ । ଏହା ହେଲା ପ୍ରତ୍ୟେକ ପ୍ରତିଷେଧକ (Vaccination)ର ଉଦ୍ଦେଶ୍ୟ । କିନ୍ତୁ ଆମେ ଦୀର୍ଘଦିନ ଔଷଧ ସେବନ କଲେ ଏହି ପ୍ରତିଷେଧକ କ୍ଷମତା ମଧ୍ୟ ଆମ ଶରୀରରେ ଆଉ କାମ କରେ ନାହିଁ ।

ଏହିପରି ଭାବରେ ଔଷଧର ପ୍ରଭାବ, ବାତାବରଣର ପ୍ରଭାବ ତଥା ଆମ ଜଟିଳ ମନର ପ୍ରଭାବ ଆମ ଶରୀରରେ ଏକ ଜଟିଳ ପରିସ୍ଥିତି ଉତ୍ପନ୍ନ କରିଥାଏ । ତେଣୁ ଆମ ଶରୀରରୁ ରୋଗ କମିବା ବଦଳରେ ବଢ଼ିବାରେ ଲାଗିଛି । ଏପରିକି ସାଧାରଣ ରୋଗ ମଧ୍ୟ ଆମକୁ ଛାଡ଼ିବା ବଦଳରେ ଜାବୁଡ଼ି ଧରିଛି । ସାଧାରଣ ସର୍ଦ୍ଦି, କାଶ, ଆଣ୍ଠୁଗଣ୍ଠି ବାତ, ଗ୍ୟାସ୍ ଓ ଅମ୍ଳରୋଗ ମଧ୍ୟ ଆମକୁ ଛାଡ଼ିଯାଉ ନାହିଁ ।

ଆଜି ପ୍ରତି ତିନିଜଣଙ୍କ ଭିତରେ ଜଣକର ମଧୁମେହ ରୋଗ ରହିଛି । ସେହିପରି ମଣିଷ ମାନସିକ ସନ୍ତୁଳନ ହରାଇ ଉଚ୍ଚ-ରକ୍ତଚାପ ରୋଗ ଲାଭ କରିଛି । ରକ୍ତଚାପ ରୋଗ ଯେଉଁମାନଙ୍କର ରହିଛି ସେମାନେ ସାରା ଜୀବନ ଏହି ରୋଗର ଔଷଧ ସେବନ କରି ଏହାକୁ କେବଳ ଟିକିଏ ନିୟନ୍ତ୍ରଣରେ ରଖିଛନ୍ତି କିନ୍ତୁ ଅନ୍ୟ ଦିଗରେ ସେମାନଙ୍କର ବୃକ୍କ (Kidney) ଯେ ଆସ୍ତେ ଆସ୍ତେ ଖରାପ ହେବାକୁ ଲାଗୁଛି ତାହା ସେମାନଙ୍କୁ ଜଣା ନାହିଁ । ତେଣୁ ରୋଗକୁ ନିୟନ୍ତ୍ରଣ କରି ରଖିବା ବଦଳରେ ତାକୁ ସମୂଳେ ନାଶ କରିବା ଉଚିତ । ଏଲୋପ୍ୟାଥିକ ଔଷଧ ଏହା କରିପାରିବ ନାହିଁ । ଆୟୁର୍ବେଦିକ ଔଷଧ ହୁଏତ ଏହାକୁ ସମୂଳେ ନାଶ କରିବା ପାଇଁ ସକ୍ଷମ ହୋଇଥାଏ । ସେଥିପାଇଁ ଆଜି ଦୂରଦର୍ଶନରେ ଆୟୁର୍ବେଦିକ ଔଷଧର ପ୍ରଚାର ଚାଲିଛି । ଲୋକେ ଅଧିକରୁ ଅଧିକ ଏହି ଚିକିତ୍ସା ପ୍ରଣାଳୀ ଦିଗରେ ଆକୃଷ୍ଟ ହେଉଛନ୍ତି । ଏବେ ଦୂରଦର୍ଶନ ଚ୍ୟାନେଲରେ ABZY. Com ମାଧ୍ୟମରେ ରୋଗୀଙ୍କୁ କେବଳ ଆୟୁର୍ବେଦିକ ଔଷଧ ଦେବା କଥା କହୁ ନାହାନ୍ତି; ସେମାନେ ତା' ସହିତ ରୋଗକୁ କିପରି ସମୂଳେ ବିନାଶ କରାଯିବ ସେଥିପାଇଁ ବିଭିନ୍ନ ବ୍ୟାୟାମ ତଥା ଯଥାର୍ଥ ଜୀବନଶୈଳୀ ବିଷୟରେ ଶିକ୍ଷା ଦେଉଛନ୍ତି । କ'ଣ ଖାଦ୍ୟ ଖାଇବେ, କିପରି ଖାଇବେ ଏ ବିଷୟରେ ରୋଗୀଙ୍କୁ ସେମାନେ ବତାଇ ଥାଆନ୍ତି । ଏହା ସହିତ ଏଲୋପ୍ୟାଥିକ ଔଷଧର କୁପରିଣାମ ବିଷୟରେ ଏବଂ ଏହାର ଭୁଲ୍ ଅସ୍ତ୍ରୋପଚାର ବିଷୟରେ ରୋଗୀଙ୍କୁ ବୁଝାଇ ଥାଆନ୍ତି । ନିଜ ଶରୀର ବିଷୟରେ ନିଜେ ଡାକ୍ତର ହେବା ପାଇଁ ସେମାନେ ଚେଷ୍ଟା କରିଛନ୍ତି । ଶରୀରର ରକ୍ଷାକାରୀ ଶକ୍ତିକୁ ବୃଦ୍ଧି କରି ରୋଗ ସହିତ କିପରି ଲଢ଼ିବାକୁ ହେବ — ସେ ବିଷୟରେ ମଧ୍ୟ କହିଥାଆନ୍ତି ।

ଆଜି ଆମ ଅତିମାନସ ଯାତ୍ରାପଥରେ ଆଧୁନିକ ରୋଗ ପାହାଡ଼ ସଦୃଶ୍ୟ ବାଧା ସୃଷ୍ଟିକରି ଆମର ପ୍ରତିଦ୍ୱନ୍ଦ୍ୱୀ ରୂପେ ଦଣ୍ଡାୟମାନ ହୋଇଛି । କିନ୍ତୁ ମା'ଶ୍ରୀଅରବିନ୍ଦଙ୍କ କରୁଣା ତଥା ଭାଗବତ ଶକ୍ତି ଏହି ବାଧାକୁ ଚୂର୍ଣ୍ଣବିଚୂର୍ଣ୍ଣ କରି ଧରାଶାୟୀ କରିବ ଏବଂ ଆମକୁ ବିଜୟୀ କରି ନୂତନ ଯୁଗର ଦ୍ୱାରଦେଶରେ ଉପନୀତ କରାଇବ । ଏହିସବୁ ଆକ୍ରମଣ କରିବା ହେଲା

ବିରୋଧିଶକ୍ତିଙ୍କ ଶେଷ ପ୍ରୟାସ । କିନ୍ତୁ ଏଥିପାଇଁ ଆମମାନଙ୍କର ସହଯୋଗ ଦରକାର । ଏହି ସହଯୋଗ ହେଲା ନିଜକୁ ନୂତନ ଅତିମାନସ ଶକ୍ତିକୁ ନିଜ ଭିତରେ କାମ କରିବା ପାଇଁ ଉନ୍ମୁକ୍ତ କରିବା ଏବଂ ମା'ଶ୍ରୀଅରବିନ୍ଦଙ୍କୁ ପୂର୍ଣ୍ଣ ସମର୍ପଣ କରିବା ଦ୍ୱାରା ମା'ଶ୍ରୀଅରବିନ୍ଦ ଆମ ଭିତରେ ନିର୍ବିଘ୍ନରେ କାମ କରିପାରିବେ ।

ପୂର୍ବକାଳରେ ପୃଥିବୀର ବାତାବରଣ ଏତେ ଦୂଷିତ ହୋଇ ନଥିଲା । ମଣିଷ ସରଳ ବିଶ୍ୱାସୀ ଥିଲା, ତା'ର ମନ ଏତେ ଜଟିଳ ନଥିଲା କି ମାନସିକ ଚାପ ମଧ୍ୟ ନଥିଲା । ତେଣୁ ସେତେବେଳେ ରୋଗର ପ୍ରଭାବ ମଣିଷକୁ ଏତେ ପ୍ରଭାବିତ କରୁ ନଥିଲା, ଡାକ୍ତର ବା ଔଷଧର ଦରକାର ମଧ୍ୟ ହେଉ ନଥିଲା । ଜଡ଼ିବୁଟିର ଘରୋଇ ଚିକିତ୍ସା ଦ୍ୱାରା ସହଜରେ ରୋଗ ଭଲ ହୋଇଯାଉଥିଲା । ସେତେବେଳେ ମଣିଷ ଶରୀର ମଧ୍ୟରେ ରୋଗ ରକ୍ଷାକାରୀ ଶକ୍ତି ସବଳ ଥିଲା । ତେଣୁ ତା'କୁ ସହଜରେ ରୋଗ ଆକ୍ରମଣ କରିପାରୁ ନଥିଲା । କିନ୍ତୁ ଆଜି ମାନସିକ ଚାପ ପ୍ରଭାବରୁ, ଭୟ ଓ ଆଶଙ୍କାର ପ୍ରଭାବରୁ ଆମର ରୋଗ ପ୍ରତିରୋଧକ ଶକ୍ତି କ୍ଷୀଣ ହୋଇଯାଇ ଥିବାରୁ ଆମକୁ ସହଜରେ ବଡ଼ ବଡ଼ ରୋଗ ଆକ୍ରମଣ କରିପାରୁଛି । ଅନ୍ୟ ଦିଗରେ ରୋଗର ଜୀବାଣୁମାନେ ବିଭିନ୍ନ ଔଷଧର କ୍ରିୟାକୁ ଭ୍ରୂକ୍ଷେପ ନକରି ଆମ ଶରୀରରେ ନିର୍ବିଘ୍ନରେ ବାସ କରୁଛନ୍ତି । ସାମାନ୍ୟ ମାନସିକ ଭୟ ଓ ଆଶଙ୍କା ଦେଖା ଦେଲେ ସେମାନଙ୍କର ବଂଶ ଆମ ଭିତରେ ବୃଦ୍ଧି ହେବାକୁ ଆରମ୍ଭ କରେ ଏବଂ ଆମେ ରୋଗଗ୍ରସ୍ତ ହେଉ ।

ତେଣୁ ଔଷଧ ଉପରେ ଭରସା ନକରି, ମଣିଷକୁ ତା'ର ଆଚାର ବ୍ୟବହାର ଓ ଚାଲିଚଳନକୁ ପୂର୍ଣ୍ଣରୂପେ ବଦଳାଇବାକୁ ହେବ । ମାନସିକ ଚାପ ଗ୍ରସ୍ତ ହୋଇ ଆମେ ଖାଦ୍ୟ ଖାଇଲେ, ଶୋଇବାକୁ ଗଲେ ଶରୀରରେ ବିଷ କ୍ରିୟା ଉତ୍ପନ୍ନ ହୁଏ । ଆମ ଭିତରେ ଥିବା ରାଗ, ହିଂସା, ଦ୍ୱେଷ, କାମ, କ୍ରୋଧ ଆଦି ନିମ୍ନ-ପ୍ରକୃତିରୁ ମୁକ୍ତ ହୋଇ ମା'ଶ୍ରୀଅରବିନ୍ଦଙ୍କୁ ପୂର୍ଣ୍ଣ ସମର୍ପଣ କରିପାରିଲେ ଆମେ ତାଙ୍କର ଉପଯୁକ୍ତ ଯନ୍ତ୍ର ହୋଇପାରିବୁ ।

ଏ ଲେଖକ ଜାଣେ – ଏକଥା କହିବା ସହଜ କିନ୍ତୁ କରିବା ଅତ୍ୟନ୍ତ କଠିନ । କିନ୍ତୁ ବୀର ଯୋଦ୍ଧାଙ୍କ ପାଇଁ ସବୁଠାରୁ କଠିନ କାମଟିକୁହିଁ କରିବାକୁ ପଡ଼ିଥାଏ । ବର୍ତ୍ତମାନର ପରିସ୍ଥିତି ହେଲା ଶରୀର ରୂପାନ୍ତର ପଥରେ ଶରୀରର ପ୍ରତିରୋଧ ପ୍ରକ୍ରିୟା । ଅର୍ଥାତ୍ ଶରୀରର ଜଡ଼ତ୍ୱ ଏ ରୂପାନ୍ତର ଚାହେଁ ନାହିଁ । ଏ ବିଷୟରେ ମା କହୁଛନ୍ତି : ''ଆମ ପାଇଁ ଯାହା ଦରକାର ତାହା ହେଲା ଆମ ଭିତରୁ ଖୁବ୍ କମ୍ ଲୋକ ଯେଉଁମାନେ କି ସଚେତନ ଭାବେ ଦିବ୍ୟଶକ୍ତିକୁ ଅଭିବ୍ୟକ୍ତ କରୁଛନ୍ତି । ଏହାହିଁ ହେଲା ଆମର ବିଜୟ, ଆମମାନଙ୍କ ମଧ୍ୟରୁ ଏହି ଅଳ୍ପ ଲୋକ ଏ କାମକୁ ଅବଶ୍ୟ କରିପାରିବୁ, ଦିବ୍ୟଶକ୍ତିକୁ ଧାରଣ କରିପାରିବୁ । ବିଜୟର ଅର୍ଥ ହେଲା ଶରୀରର ଏହି ପ୍ରତିରୋଧକୁ ଅତିକ୍ରମ କରିବା । ଏହା ଆମେ କରିବୁ । ଏହା ହେଲା ଆମର କର୍ତ୍ତବ୍ୟ । ଅର୍ଥାତ୍ ଆମ ଭିତରେ ଥିବା ସମସ୍ତ ମୂର୍ଖତାପୂର୍ଣ୍ଣ ଅଚେତନତା ପ୍ରତିରୋଧର ପୂର୍ଣ୍ଣ ସମାପ୍ତି । ଏହା ହେଲା ଆମର କାମ, ଏବଂ ଏହା ଏଠାରେ (ଶରୀରରେ)ହିଁ କରିବାକୁ ହେବ ।''

(The Mother's Yoga, part - 2, p. - 443)

(କ୍ରମଶଃ)

❑❑❑

## ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ

ଶ୍ରୀ ମଧୁସୂଦନ ସାହୁ, ଦି ମଦର୍ସ ସ୍କୁଲ, ଅରୋଶ୍ରୀ ବିହାର, ପୋ. ଗୁମୁଡ଼ା, ଜି. ରାୟଗଡ଼ା, ପିନ୍ – ୭୬୫ ୦୨୪, ମୋବାଇଲ୍ ଫୋନ୍ : ୯୪୩୭୦୯୫୨୮୨ ଜଣାଇଛନ୍ତି ଯେ ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ହୋଇ ଗଢ଼ି ଉଠିଥିବା ଆବାସିକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ ମାତୃପ୍ରେମୀ ଶିକ୍ଷକ/ଶିକ୍ଷୟିତ୍ରୀ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

# ସମଗ୍ର ଜୀବନହିଁ ଶିକ୍ଷା

## ପ୍ରପତ୍ତି

ଶ୍ରୀଅରବିନ୍ଦ ''ସମଗ୍ର ଜୀବନହିଁ ଯୋଗ'' ବୋଲି ଉଲ୍ଲେଖ କରିଛନ୍ତି । ଆତ୍ମପରିପୂର୍ଣ୍ଣତା (Self-perfection) ସାଧନର ପ୍ରଣାଳୀହିଁ ଯୋଗ । ଯୋଗ ଏକ ପଦ୍ଧତି, ଏକ ସାଧନ, ଏକ ଉପାୟ ଯଦ୍ୱାରା ବ୍ୟକ୍ତି ନିଜର ଅନ୍ତରାତ୍ମା ସହିତ ଏକୀଭୂତ ହୁଏ, ବିଶ୍ୱଗତ ଓ ବିଶ୍ୱାତୀତ ପରମ ଦିବ୍ୟସତ୍ୟ ସହିତ ମିଳିତ ହୁଏ । ଯଥାର୍ଥରେ କହିବାକୁ ଗଲେ ଯୋଗର ଅର୍ଥହିଁ ଭାଗବତ ଚେତନା, ଶକ୍ତି ଓ ଜ୍ଞାନ ସହିତ ମିଳନ । ନାନା କାରଣରୁ ବର୍ତ୍ତମାନ ବ୍ୟକ୍ତି ତାହାର ମୂଳ ସତ୍ତାରୁ ବିଚ୍ଛିନ୍ନ ହୋଇଯାଇଛି । ଯୋଗସାଧନାର ଶୈଳୀରେ ଆତ୍ମ-ଜାଗରଣ ଆସିଲେ ଏହି ବିଚ୍ଛିନ୍ନତା ଦୂର ହୁଏ । ବିଚ୍ଛିନ୍ନତା ଦୂର ହେଲେ ବ୍ୟକ୍ତି ତାହାର ସତ୍ତାର ଗଭୀରତମ ସତ୍ୟ, ଚୈତ୍ୟପୁରୁଷ ବା ଅନ୍ତଃପୁରୁଷଙ୍କ ସହ ମିଳିତ ହୁଏ । ଏଥିରେ ବ୍ୟକ୍ତି ପରିପୂର୍ଣ୍ଣତା ଉପଲବ୍ଧି କରେ ଏବଂ ତାହାର ସର୍ବାଙ୍ଗୀଣ ବିକାଶ ସାଧିତ ହୁଏ । ଯେପର୍ଯ୍ୟନ୍ତ ତାହାର ଅହଂଗତ ବ୍ୟକ୍ତିତ୍ୱ ପୃଥକ୍ତ୍ୱ ତଥା ବିଭେଦ ମଧ୍ୟରେ ରହିଛି ସେପର୍ଯ୍ୟନ୍ତ ଯଥାର୍ଥ ଓ ସର୍ବାଙ୍ଗୀଣ ବିକାଶ ହୋଇପାରେ ନାହିଁ ।

ଅନ୍ୟପକ୍ଷରେ ଶିକ୍ଷାର ଅର୍ଥହିଁ ହେଲା ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶ, ବ୍ୟକ୍ତିତ୍ୱର ବିଭିନ୍ନ ଅଂଶର ଅନ୍ତଃପୁରୁଷଙ୍କ ଚତୁଃପାର୍ଶ୍ୱରେ ଏକୀକରଣ ଏବଂ ବ୍ୟକ୍ତିର ପୁନର୍ନିର୍ମାଣ । ବ୍ୟକ୍ତିତ୍ୱର ପୂର୍ଣ୍ଣାଙ୍ଗ ବିକାଶର ଅର୍ଥ ସତ୍ତାର ସକଳ ଅଂଶ – ଦେହ, ପ୍ରାଣ, ମନର ବିକାଶ ଓ ପରିପୂର୍ଣ୍ଣତା ସାଧନ । ପୂର୍ଣ୍ଣଯୋଗର ବ୍ୟାପକ ଦୃଷ୍ଟିରେ ସମଗ୍ର ବ୍ୟକ୍ତିତ୍ୱର ରୂପାନ୍ତର ସାଧନ ତଥା ନବୀକରଣହିଁ ଲକ୍ଷ୍ୟ । ଏହାହିଁ ପୂର୍ଣ୍ଣାଙ୍ଗ ଶିକ୍ଷାର ସର୍ବୋତ୍ତମ ଲକ୍ଷ୍ୟ । ପୂର୍ଣ୍ଣଯୋଗର ଆତ୍ମ-ବିଶ୍ଳେଷଣ ପଦ୍ଧତି ଏପରି ଉନ୍ନତ ଓ ଗଭୀର ଯେ ତଦ୍ୱାରା ସତ୍ତାର କୌଣସି ଅଂଶ ଅନ୍ଧକାରରେ ପଡ଼ି ରହେ ନାହିଁ । ଆଧୁନିକ ପାଶ୍ଚାତ୍ୟ-ମନସ୍ତତ୍ତ୍ୱ ସତ୍ତାର ବିଶ୍ଳେଷଣ କରି ଯେଉଁ ବିଭାବଗୁଡ଼ିକ ଆବିଷ୍କାର କରିଛି ତାହା ଖୁବ୍ ସାମାନ୍ୟ । ଯୋଗମାର୍ଗରେ ଗତି କରିବା ଫଳରେ ସମଗ୍ର ସତ୍ତାର ଉଦ୍‌ଘାଟନ ସମ୍ଭବ ହୁଏ ଏବଂ ତାହାର ଏକୀକରଣ ମଧ୍ୟ ସମ୍ଭବ ହୁଏ ।

ସେଥିପାଇଁ ସମଗ୍ର ଜୀବନ ଯେପରି ଯୋଗ, ସେହିପରି ଜୀବନହିଁ ଶିକ୍ଷା । ଶିକ୍ଷାହିଁ ଯୋଗ ଓ ଯୋଗହିଁ ଶିକ୍ଷା ।

ଯେହେତୁ ଶିକ୍ଷା ଆତ୍ମ-ଉନ୍ନୟନ, ଆତ୍ମ-ଜାଗରଣର ପଥ ଓ ଆତ୍ମ-ବିକାଶ ସାଧନର ଯନ୍ତ୍ର, ଏହା କେବେ ବି ଶେଷ ହୁଏ ନାହିଁ । ଏହା ଜନ୍ମଠାରୁ ଆରମ୍ଭ ହୋଇ ସମଗ୍ର ଜୀବନବ୍ୟାପୀ ଚାଲେ । ସେଥିପାଇଁ ପୂର୍ଣ୍ଣାଙ୍ଗ ଶିକ୍ଷାର ସମାପ୍ତି ନାହିଁ ଏବଂ ଏହାର କୌଣସି ନିର୍ଦ୍ଦିଷ୍ଟ ସ୍କୁଲ ନାହିଁ । ଆମ ଜୀବନହିଁ ବିଦ୍ୟାଳୟ ଏବଂ ଏହି ବିଦ୍ୟାଳୟରୁ ସବୁକିଛି ଶିକ୍ଷା କରିବାକୁ ହୁଏ । ଶିଶୁ ଜନ୍ମ ହେବା ପରଠାରୁ ଶିକ୍ଷା କରିବାକୁ ଆରମ୍ଭ କରେ । କେବଳ ତା'ର ଶୋଇବାର ସମୟ ଛାଡ଼ିଦେଲେ, ବାକୀ ସମସ୍ତ ସମୟ ତା'ର ଶିକ୍ଷାରେ ନିୟୋଜିତ ହୁଏ । ନିଜର ଆତ୍ମୀୟସ୍ୱଜନ, ଗୃହ, ବୃକ୍ଷ, ପଶୁ, ପକ୍ଷୀ – ଏ ବିଶ୍ୱର ବିଭିନ୍ନ ବସ୍ତୁକୁ ଚିହ୍ନିବା ଓ ମନେ ରଖିବାକୁ ପଡ଼େ । ଏତେ ବେଶୀ ସମୟ ଧରି ଏତେ ଜିନିଷକୁ ଜାଣିବା ଓ ମନେ ରଖିବା କେବଳ ଶିଶୁ ଅବସ୍ଥାରେ ସମ୍ଭବ ହୋଇଥାଏ, ସୁତରାଂ ସମଗ୍ର ଜୀବନହିଁ ଶିକ୍ଷା । ❑

# ପିଲାଙ୍କ ଅନ୍ତର କଥା

## ରମାକାନ୍ତ ସାହୁ

ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଏପରି କିଛି ନିହିତ ଯାହା ଦିବ୍ୟ, ଯାହା ତାହାର ନିଜସ୍ୱ, ଏବଂ ପୂର୍ଣ୍ଣତା ଓ ସାମର୍ଥ୍ୟ ପ୍ରାପ୍ତି ନିମିତ୍ତ ପ୍ରତ୍ୟେକର ରହିଛି ସୁଯୋଗ – ତାହାର ପରିସର ଯେତେ କ୍ଷୁଦ୍ର ହେଉନା କାହିଁକି – ଯାହା ଭଗବାନ୍ ତାକୁ ଦାନ କରନ୍ତି ଏବଂ ଯାହାକୁ ସେ ଗ୍ରହଣ ଅଥବା ବର୍ଜନ କରିପାରେ । ଆମର ଏକାନ୍ତ କର୍ତ୍ତବ୍ୟ ହେଲା ଏହାକୁ ଆବିଷ୍କାର କରିବା, ବିକଶିତ କରାଇବା ଓ ବ୍ୟବହାର କରିବା । ଶିକ୍ଷାର ସର୍ବପ୍ରଧାନ ଲକ୍ଷ୍ୟ ହେବା ଉଚିତ ଏକ ମହତ ଉଦ୍ଦେଶ୍ୟ ସାଧନ ନିମିତ୍ତ ବିକାଶଶୀଳ ଅନ୍ତରାତ୍ମାକୁ ତାହାର ନିଜ ମଧ୍ୟସ୍ଥ ସର୍ବୋତ୍କୃଷ୍ଟ ବସ୍ତୁକୁ ବାହାର କରି ଆଣିବାରେ ଓ ତାହାକୁ ପୂର୍ଣ୍ଣତା ପ୍ରଦାନ କରିବାରେ ସାହାଯ୍ୟ କରିବା ।

(‘ଶିକ୍ଷା’ ପୁସ୍ତକ, ପୃଷ୍ଠା-୨୮) – ଶ୍ରୀମା ଓ ଶ୍ରୀଅରବିନ୍ଦ

ଏ ବିଷୟରେ ‘‘ଶିକ୍ଷା ଅଧିକାର ନିୟମ-୨୦୧୦’’ର ପଞ୍ଚମ ଅଧ୍ୟାୟରେ ଥିବା ‘‘ପାଠ୍ୟକ୍ରମ ଓ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ନିୟମ- 29(2)(c)’’ରେ ମଧ୍ୟ ଉଲ୍ଲେଖ ଅଛି ଯେ –

ଶିଶୁର ଜ୍ଞାନବର୍ଦ୍ଧନ ସହିତ ଅନ୍ତର୍ନିହିତ ଶକ୍ତି ଓ ପ୍ରତିଭାର ଅଭିବୃଦ୍ଧି ସାଧନ କରିବା ।

ପୁନଶ୍ଚ ନିୟମ 29(2)(d)ରେ ଉଲ୍ଲେଖ ଅଛି ଯେ –

ଉଭୟ ମାନସିକ ଓ ଶାରୀରିକ ଦକ୍ଷତାର ପୂର୍ଣ୍ଣତମ ବିକାଶ ସାଧନ । ତେବେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ଏହି ଅନ୍ତର୍ନିହିତ ଶକ୍ତିର ଆବିଷ୍କାର ଓ ବିକାଶ କରାଇବାର ସଠିକ୍ ଉପାୟ କ’ଣ ?

ପୁରାତନ ଅବଧାନି ଶିକ୍ଷା ଧାରାରେ ମାତାପିତା, ଶିକ୍ଷକଙ୍କର ଇଚ୍ଛାନୁସାରେ କୁମ୍ଭାର କିଛିଟା ମାଟିରୁ ପିତୁଳା ଗଢ଼ିଲା ପରି ପିଲାଟିକୁ ଗଢ଼ିବାର କୌଶଳ । ଏଥିରେ ବଣୁଆ ପଶୁଙ୍କୁ ପୋଷା ମନାଇବାର କୌଶଳକୁ ଉପଯୋଗ କରାଯାଏ । ତାକୁ ଦିଆଯାଉଥିବା ଖାଦ୍ୟ, ପୋଷାକ, ସୁବିଧା-ସୁଯୋଗକୁ ନିୟନ୍ତ୍ରିତ କରି ପିଲାଟିକୁ ଅଭିଭାବକଙ୍କ ଇଚ୍ଛାନୁସାରେ ଗଢ଼ି ଉଠିବାକୁ ବାଧ୍ୟ କରାଯାଏ । ତାକୁ ମଣିଷ ରୂପେ ଗଢ଼ି ତୋଳିବା ପାଇଁ ମାତାପିତା ଓ ଶିକ୍ଷକ କିଛି ପାରମ୍ପରିକ ବିଧିବିଧାନକୁ ଆପଣେଇ ଥା’ନ୍ତି । ପିଲାଟି ସେଥିରେ ଖାପ ଖାଇବାକୁ ବାଧ୍ୟ । ଆବଶ୍ୟକ ପଡ଼ିଲେ ଶାରୀରିକ, ମାନସିକ ଓ ପ୍ରାଣିକ ଦଣ୍ଡ ଦେବାର ବିହିତ ବ୍ୟବସ୍ଥା ମଧ୍ୟ ରହିଥାଏ । ଉଚ୍ଚାକାଂକ୍ଷାରେ ପ୍ରଲୁବ୍ଧ ଅଭିଭାବକମାନଙ୍କର ଏ ପ୍ରକାର ଦଣ୍ଡ ବ୍ୟବସ୍ଥାକୁ ବଞ୍ଚାଇ ରଖିଥିବା ଶିକ୍ଷକମାନଙ୍କ ପ୍ରତି ସଂଭ୍ରମତା ରହିଥାଏ । ବିଗତ ୨୦୦ ବର୍ଷରେ ପ୍ରତିଯୋଗିତାମୂଳକ ଶିକ୍ଷା ବ୍ୟବସ୍ଥାରେ ନିଜେ ଅଭିଭାବକଟି ମାଡ଼ଗାଳି ଖାଇ ଖାଇ କୌଣସି ପ୍ରକାରେ ଗୋଟେ ଝଲମଲ ସହରଟିରେ ନିଜ ଗୋଡ଼ରେ ଠିଆ ହେବାର ସୁଯୋଗ ପାଇଥାଏ । ଏହି ଧରଣର କୂପମଣ୍ଡୁକ ମଣିଷର ଅନ୍ୟ ଉତ୍ତମ ବ୍ୟବସ୍ଥା ବିଷୟରେ ଚିନ୍ତା ନଥାଏ କି ଆସ୍ଥା ନଥାଏ । ଯଦିବା କୌଣସି ପ୍ରକାରେ ସୁବିଧା, ସୁଯୋଗ ଓ ସୌଭାଗ୍ୟ ବାଣ୍ଟୁଥିବା ଯୋଗୀ-ଋଷିଙ୍କ ସଂସ୍ପର୍ଶରେ ଆସି ପିଲାଟିକୁ ଏକ ମୁକ୍ତ ଆତ୍ମା ବୋଲି ପ୍ରବଚନରୁ ଶୁଣି ଶୁଣି ଟିକେ ବିଶ୍ୱାସ ଆସିଥାଏ, ସେଗୁଡ଼ିକ ଜୀବନର ବାସ୍ତବ କ୍ଷେତ୍ରରେ ଅଲୋଡ଼ା ଫୁଲ ପରି ଅବେଳରେ ଝଡ଼ିଯାଏ । କିନ୍ତୁ ଅବଚେତନରେ ଶିକ୍ଷା ସହ ଦଣ୍ଡ ବ୍ୟବସ୍ଥାର କ୍ଷୀର-ନୀର ସମ୍ପର୍କ କଥା ବଳବତ୍ତର ଥାଏ । ବରଂ ଆଶଙ୍କା ଆସେ ପିଲାଙ୍କୁ ପ୍ରଶଂସା ବା ସ୍ୱାଧୀନତା ଦେଲେ ହୁଏତ ଏହା କେବଳ ତାକୁ ବିପଥଗାମୀ କରିବାରେ ସହାୟକ ହେବ । ତେଣୁ ବୟସ୍କମାନେ ଅନ୍ୟ ପିଲାଙ୍କ ପାଇଁ ଯଥେଷ୍ଟ ଉଦାରତା ଦେଖାଇବା ସମୟରେ ନିଜ ପିଲାଙ୍କ ପାଇଁ ଅନାବଶ୍ୟକ ନିଷ୍ଠୁରତା ଦେଖାଇ ତାଙ୍କ ଅଭିଭାବକତ୍ୱକୁ ଜାରି ରଖନ୍ତି ।

୭୫ ବର୍ଷ ପୂର୍ବେ ପରୀକ୍ଷାମୂଳକ ଭାବେ ଶ୍ରୀଅରବିନ୍ଦ ଆନ୍ତର୍ଜାତୀୟ ଶିକ୍ଷାକେନ୍ଦ୍ର, ପଣ୍ଡିଚେରୀରେ ଏବଂ ପରବର୍ତ୍ତୀ ସମୟରେ ଅରୋଭିଲ୍, ଦିଲ୍ଲୀ ମୀରାମ୍ବିକା ... ଇତ୍ୟାଦି ସ୍ଥାନରେ ମୁକ୍ତ ପ୍ରଗତି ଭିତ୍ତିକ ଶିକ୍ଷାର ଶୁଭାରମ୍ଭ କରାଯାଇଥିଲା । ପ୍ରାୟ ୧୨/୧୩ ବର୍ଷ ହେବ ଜାତୀୟ ଶିକ୍ଷାଦାନ କ୍ଷେତ୍ରରେ ପରିବର୍ତ୍ତନର ସ୍ୱର ଶୁଭୁଛି । ୨୦୦୫ରେ ଜାତୀୟ ଶିକ୍ଷାନୀତିରେ ତଦ୍ରୂପ ପରିବର୍ତ୍ତନ ଆଣିବାର ପ୍ରୟାସ ହୋଇଛି । ଏଥିରେ ପିଲାର ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ତା’ର ମନ, ପ୍ରାଣ, ଶରୀରକୁ ଶ୍ରଦ୍ଧା ଓ ସମ୍ମାନ ଦେବାକୁ ନିର୍ଦ୍ଦେଶ ରହିଥିଲା । କିନ୍ତୁ ଅନେକ ତାଲିମ ଶିବିର, ପୁସ୍ତକ ରଚନା, ଯୋଜନା ଓ

ଶିକ୍ଷା ଅଧିକାର ଆଇନ -୨୦୧୦ ଇତ୍ୟାଦିର ପ୍ରବର୍ତ୍ତନ ସତ୍ତ୍ୱେ ଶିକ୍ଷକ ତଥା ଅଭିଭାବକଙ୍କ ଆଭିମୁଖ୍ୟରେ ବିଶେଷ କିଛି ପରିବର୍ତ୍ତନ ଆସି ନାହିଁ । ଏହାର ସମାଧାନ ପାଇଁ ବିକଳ୍ପ ପନ୍ଥା ଖୋଜିବାରେ ନିମ୍ନଲିଖିତ କାହାଣୀଟି ସାହାଯ୍ୟ କରିପାରେ :

ଜଣେ ଜେନ୍ ଗୁରୁଙ୍କ ପାଖରୁ ଶିକ୍ଷା ଗ୍ରହଣ କରିବା ଲାଗି ଆସି ପହଞ୍ଚିଲେ ଜଣେ ରାଜପୁତ୍ର । ସେ ଥିଲେ ମହା-ଅହଂକାରୀ । କିଛିଦିନ ଗଲା । ତାଙ୍କର ଅହଂକାର ଭାଙ୍ଗିବାକୁ ଗୁରୁ କୌଣସି ଉଦ୍ୟମ କଲେ ନାହିଁ । ଜେନ୍ ଗୁରୁଙ୍କର ସବୁଠାରୁ ପ୍ରିୟ ତଥା ଜଣେ ବରିଷ୍ଠ ଶିଷ୍ୟ ଗୁରୁଙ୍କୁ କହିଲେ – ଆପଣ କାହିଁକି ତା'ର ଅହଂକାର ଭାଙ୍ଗୁ ନାହାନ୍ତି ? ସେ କେମିତି ସୁଧୁରିବ ?

ଗୁରୁ କହିଲେ : ତୁମେ ଏଠାରେ ଟିକିଏ ବସ । ମୁଁ ଭିତରୁ ଆସୁଛି ।

ଏହା କହି ଗୁରୁ ଭିତରକୁ ଗଲେ ଏବଂ ଗୋଟିଏ କ୍ଷୁଦ୍ର ମଞ୍ଜିଟିଏ ନେଇ ଆସିଲେ । ସେ କହିଲେ ଏ ମଞ୍ଜିଟିକୁ ଦେଖ । ଏହା ଭିତରେ ଲୁଚି ରହିଛି ଚମତ୍କାର ଫୁଲ ଗଛଟିଏ । ହେଲେ ଏ ମଞ୍ଜିର ଯେଉଁ କଠିନ ଆବରଣ ଦେଖୁଛ, ତାହା ସେଇ ଫୁଲ ଫୁଟିବାର ସମ୍ଭାବନାକୁ ଚାପି ରଖିଛି । ତୁମେ ଭାବୁଛ କି – ଏ ମଞ୍ଜିକୁ ପଥରରେ ଛେଚି ଉପରର କଠିନ ଆବରଣକୁ ଭାଙ୍ଗି ଦେଲେ ତୁମକୁ ଫୁଲ ମିଳିଯିବ ? ଫୁଲ ପାଇବାକୁ ହେଲେ ତୁମେ ଏହି ମଞ୍ଜିଟି ନେଇ ମାଟିରେ ପୋତିବ । ମାଟି ଭିତରର ପରିବେଶ ଏହି ଆବରଣକୁ ନରମ କରି ମାଟିରେ ମିଶାଇ ଦେବ । ତା'ପରେ ମଞ୍ଜି ଭିତରେ ଥିବା ଫୁଲ ଗଛର ଆତ୍ମା ମୁକ୍ତ ହୋଇଯିବ । ତାହା ବାହାରକୁ ଆସିବ । କିଛି ମାସ ପରେ ଅତି ସୁନ୍ଦର ଫୁଲ ଫୁଟି ଜନମନକୁ ମୋହିନେବ । ତା'ର ଜୀବନର ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇଯିବ ।

ସେମିତି ଏ ରାଜକୁମାରର ଅହଂକାରକୁ ତୁମେ ଉପରୁ ଭାଙ୍ଗିବାକୁ ଚେଷ୍ଟା କଲେ ନଗ୍ନ ମଞ୍ଜିର ଶସ ମିଳିଯିବ ସିନା ଫୁଲଟିକୁ ପାଇବ ନାହିଁ ।

ସେ ଏଇ ଆଶ୍ରମରେ ରହିବ । ଏଠାକାର ସ୍ନେହ, ସଦିଚ୍ଛାର ଅନ୍ତରଙ୍ଗ ପରିବେଶ, ଆମମାନଙ୍କର ଆଚାର, ବିଚାର ଓ ବିହାର; ଏସବୁ ମିଶି ତା'ର ଶକ୍ତ ଅହଂକାରକୁ ଦ୍ରବୀଭୂତ କରିଦେବ । ତା'ପରେ ଦେଖିବ ରାଜପୁତ୍ରର ବ୍ୟକ୍ତିତ୍ୱରେ କି ଯାଦୁକରୀ ପରିବର୍ତ୍ତନ ଆସିଛି ।

ପରୀକ୍ଷା ପାଇଁ ମନେକର ଆମେ କିଛି ମୁଗ ମଞ୍ଜି ନେବା ।

**ଉଦ୍ୟମ-୧** : ଆମେ ଚୋପା ଭିତରେ ଲୁଚି ରହିଥିବା ମୁଗକୁ ବାହାରକୁ ଆଣିବା ପାଇଁ ତାକୁ ଉତ୍ତପ୍ତ କଡ଼େଇରେ ଭାଜିବା । ଭଜା ମୁଗକୁ ଚକିରେ ଚୁରି ମୁଗ ଡାଲି ପାଇବା । ଏହା ମଣିଷର ଖାଦ୍ୟରୂପେ ଥରୁଟିଏ ମାତ୍ର ବ୍ୟବହୃତ ହୋଇ ଶେଷ ହୋଇଯିବ ।

**ଉଦ୍ୟମ-୨** : ଆମେ ୨/୪ ମୁଠା ମୁଗକୁ ପାଣିରେ ଭିଜାଇବା । ୮/୧୦ ଘଣ୍ଟା ବତୁରିଗଲା ପରେ କପଡ଼ାରେ ବାନ୍ଧି ଟାଙ୍ଗିଦେବା । ୧୦/୧୨ ଘଣ୍ଟା ପରେ ଏହା ଭିତରୁ ମୁଗ ଗଜା ବାହାରିବ । ଏହାକୁ ଅଧିକ ୩/୪ ଘଣ୍ଟା ଛାଡ଼ିଦେଲେ – ଗଜା ବଡ଼ ହୋଇଯିବ । ହାତରେ ସାମାନ୍ୟ ଘଷିଦେଲେ ସହଜରେ ଚୋପାଗୁଡ଼ିକ ଛାଡ଼ିଯିବ । ଭିତରର ଅଙ୍କୁରିତ ଜୀବନ୍ତ ମୁଗଗୁଡ଼ିକ ମିଳିଯିବ । ଏହା ମଧ୍ୟ ମଣିଷର ଖାଦ୍ୟ ରୂପେ ଥରୁଟିଏ ବ୍ୟବହୃତ ହେବ । କିନ୍ତୁ ୧ମ ଉଦ୍ୟମ ଅପେକ୍ଷା ଅଧିକ ପ୍ରାଣଶକ୍ତି ଓ ପୁଷ୍ଟିସାର ମିଳିଯିବ ।

**ଉଦ୍ୟମ-୩ :** ଚାଷ ଜମିରେ କିଛି ମୁଗ ବୁଣିଦେବା । ବାୟୁମଣ୍ଡଳର କାକର ଭିଜା ପାଣିରେ ଏହା ଗଜା ହୋଇପାରେ । ନତୁବା ଅଳ୍ପ ଛିଞ୍ଚାପାଣି ମଧ୍ୟ ଦିଆଯାଇପାରେ । ବାସ୍ ! ଏଥିରୁ ଗଜା ହେବ, ଗଛ ହେବ । ପରିବେଶରୁ ଜଳ, ଆଲୋକ ଓ ଖାଦ୍ୟସାର ପାଇ ଏହା ଫୁଲଫଳରେ ହସି ଉଠିବ । ଆମର କାମ କେବଳ ଛେଳି, ମେଣ୍ଢା, ଗାଈ-ଗୋରୁଙ୍କ ପାଟିରୁ ତାକୁ ବଞ୍ଚାଇ ରଖିବା । ଟିକେ ସୁରକ୍ଷା ଲୋଡ଼ା । ଫଳସ୍ୱରୂପ ମଣିଷ ପାଇଁ ଢେର୍ ମୁଗ ଫସଲ ମିଳିଯିବ । ମଣିଷର ଅଜାଣତରେ କିଛି ପାକଳ ମୁଗଛୁଇଁ ଫାଟିଯାଇ ଆଗାମୀ ବର୍ଷ ପାଇଁ ବିହନ ହୋଇ ମାଟିରେ ଲୁଚି ରହିବ । ଚାଷୀକୁ ମିଳିବ ତା ନିଜ ବ୍ୟବହାର ପାଇଁ, ସମାଜ ପାଇଁ ତଥା ପରବର୍ତ୍ତୀ ବର୍ଷର ବିହନ ମଞ୍ଜି ପାଇଁ ... ଭବିଷ୍ୟତ୍ ପାଇଁ ।

ଲୋଭ, ଦଣ୍ଡ, ଭୟ ଆକଟ ଓ ଖିଟ୍‌ଖିଟିଆ ଗାଳି-ମାଡ଼ ଦେଇ ଆମେ ଯେଉଁ ପିଲାକୁ ଶିକ୍ଷିତ କରାଇବା – ତାହା କେବଳ ଶିକ୍ଷକ ଓ ଅଭିଭାବକଙ୍କ ଉଚ୍ଚାକାଂକ୍ଷାରେ ବଳିପଡ଼ିବା ପାଇଁ ଉପଯୁକ୍ତ ହେବ । ଏହା ପ୍ରଥମ ଧରଣର ଉଦ୍ୟମ । ଏହା ପ୍ରତିଯୋଗିତାମୂଳକ ବ୍ୟବସାୟିକ ଶିକ୍ଷା ।

ପିଲାର ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ କିଛିଟା ସ୍ୱାଧୀନତା, କିଛିଟା ଆକଟ, ସାମୟିକ ଗାଳି-ମାଡ଼, ରାଗ-ଅନୁରାଗ, ପ୍ରେମ ଓ ପ୍ରତ୍ୟାଶାର ଅପୂର୍ବ ମିଶ୍ରଣରେ ଧର୍ମଗୁରୁଙ୍କ ନାମରେ ଗଢ଼ି ଉଠିଛି ନୈତିକ ଶିକ୍ଷାକେନ୍ଦ୍ର । ଏହା ଉଦ୍ୟମ ନଂ ଦୁଇ ।

ପିଲାର ଆତ୍ମାର ବିକାଶ ପାଇଁ ଭାରତରେ ତଥାପି ସଂଘର୍ଷରତ ୪/୫ଟି ଶିକ୍ଷାକେନ୍ଦ୍ରରେ ସବୁଜ ସୁନ୍ଦର ହୋଇ ବିକଶିତ ହୋଇ ଉଠୁଛନ୍ତି କିଛି ଦେବଶିଶୁ । ଏହା ମୁକ୍ତ-ପ୍ରଗତି-ଭିତ୍ତିକ-ଶିକ୍ଷା । ଏହା ଉଦ୍ୟମ ନଂ. ୩ । ଏଠାରୁ ବାହାରୁ ଥିବା ଶିଶୁ ନିଜକୁ ସୁଧାରିବ, ସମାଜ ସୁଧାରିବ ଓ ଭବିଷ୍ୟତ୍ ମଣିଷ ସମାଜକୁ ନେଇ ନୂଆ ଚେତନାରେ ପହଞ୍ଚାଇବ । ଏହା ଆତ୍ମାନୁମୋଦିତ ସ୍ୱାଭାବିକ ଶିକ୍ଷା ।

ଆମେ ଆମ ଅନ୍ତରାତ୍ମାର ଡାକରେ ଯେକୌଣସି ଏକ ଉଦ୍ୟମରେ ସାମିଲ ହୋଇପାରିବା । ଆପଣ ନିଶ୍ଚୟ ଉଦ୍ୟମ କରିବେ ଓ ସଫଳ ହେବେ । ତେଣୁ ଧନ୍ୟବାଦ । ❑

# ରୂପମୟ ତୁମେ ଅପରୂପ

## ଧର୍ମକୁମାର ଶତପଥୀ

ସୌନ୍ଦର୍ଯ୍ୟର କେଉଁ ରଙ୍ଗ ଦେଇ
ଆଙ୍କିବି ତୁମକୁ ?
ତୁମେହିଁ ତ ସୁନ୍ଦରର ଚରମ ପ୍ରକାଶ !
ବିସ୍ମିତର କେଉଁ ଭାବ ଦ୍ୱାରା
ବର୍ଣ୍ଣିବି ତୁମକୁ ?
ତୁମେହିଁ ତ ବିସ୍ମୟର ବିମଳ ଉତ୍କର୍ଷ !! ।୧।

କେଉଁ ଭାଷା ଚାତୁର୍ଯ୍ୟରେ
ବଖାଣିବି ତୁମ ସଉଷ୍ଠବ ?
ଯେତେ କହିଲେ ବି ଅକୁଳାଣ ହେବ
ସବୁଠାରୁ ଶକ୍ତିଶାଳୀ ଭାଷା,
ତୁମେ ତ କହିଛ –
ନୀରବତା ଭିତରେହିଁ
ପ୍ରକାଶିତ ହୋଇଥାଏ ସତ୍ୟର ସ୍ୱରୂପ ।୨।

କେଉଁ ରଙ୍ଗେ ରଙ୍ଗାଇବି ମୁଁ ଯେ,
ତୁମର ସେ ଶ୍ୱେତ ଶୁଭ୍ର ତନୁ !
ସବୁ ରଙ୍ଗର ମିଳନ ଯେ ଧବଳ ବର୍ଣ୍ଣ
ଯେତେ ରଙ୍ଗେ ମାଖ ତୁମେ
ଏ ସୃଷ୍ଟିର ବର୍ଣ୍ଣବିଭା ତନୁ ।୩।

କେଉଁପରି ରୂପ ଦେବି
ତୁମ ପ୍ରତି ହୃଦୟର ଯେତେ ଭାବୋଚ୍ଛ୍ୱାସ,
ଯେତେ ପ୍ରେମ !
ସୀମିତ ପ୍ରକାଶ ମଧ୍ୟେ
ବାନ୍ଧିରଖି ହୁଅଇ କି କେବେ,
ଯା' ଅନନ୍ତ, ଯା' ଅଟେ ଅସୀମ !! ।୪।

ଚୈତନ୍ୟର ଦିବ୍ୟ-ରୂପକଳ୍ପ
ବ୍ରହ୍ମା, ବିଷ୍ଣୁ, ଶିବ ରୂପେ ଅବତୀର୍ଣ୍ଣ,
ରୂପମୟ ପୁଣି ଅପରୂପ,
ହେ ସ୍ୱୟମ୍ଭୁ ! ୫।

ନିଭୃତରେ ମୋ ଅନ୍ତରେ,
ପୁଣି ବହିର୍ଜଗତରେ
ବିରାଜିତ ହେ ପ୍ରଣମ୍ୟ, ମହାନ,
କରିଛ ଏ ଚରାଚର ଧନ୍ୟ
ସର୍ବଜ୍ଞାତ ହେ ଦିବ୍ୟ-ପ୍ରତିଭୂ !
ତୁମ କରୁଣା ପରଶେ
ଅସଙ୍ଗତି ଦିବ୍ୟଗତି ଲଭୁ ।୬।
❑❑❑



# ତୋତ୍ତୋ-ଚାନ୍
## ତେତ୍‌ସୁକୋ କୁରୋୟାନାଗି

[ତୋତ୍ତୋ-ଚାନ୍ ଗୋଟିଏ କୁନି ଝିଅର ମରମଭେଦି ସତ କାହାଣୀ । କିନ୍ତୁ ଅନେକ ଦୃଷ୍ଟିରୁ ଏହା କାହାଣୀଠାରୁ ବହୁତ କିଛି ଅଧିକ । ବର୍ତ୍ତମାନର ନିରସ ଶିକ୍ଷା ବ୍ୟବସ୍ଥା ଉପରେ ଏହା ଏକ ଗଭୀର ଅଭିଯୋଗ ତଥା ମାର୍ଗଦର୍ଶକ । ଶିକ୍ଷାବିତ୍, ଶିଶୁ ମନସ୍ତତ୍ତ୍ୱବିତ୍ ଏବଂ ସମାଜବିଜ୍ଞାନୀ ଆଦିଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦର୍ଭ । କିନ୍ତୁ ପିଲା, ବଡ଼, ମାଆବାପା, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସବୁ ଶ୍ରେଣୀର ଜନସାଧାରଣଙ୍କ ପାଇଁ ଏହା ଏକ ସରସ ସୁନ୍ଦର ଜୀବନ୍ତ କାହାଣୀ । ସନ୍ଦର୍ଭ ହେଉ ବା କାହାଣୀ ହେଉ ପିଲାଙ୍କୁ ତାଙ୍କ ଶୈଶବର ଖୁସି ଆଣି ଦେବାରେ, ଶିକ୍ଷାକୁ ପ୍ରାଣବନ୍ତ କରିବାରେ ଏବଂ ଭବିଷ୍ୟତର ମଣିଷକୁ ଦରଦୀ କରି ଗଢ଼ିବା ଦିଗରେ ତୋତ୍ତୋ-ଚାନ୍‌ର ଧାରା ସଭିଙ୍କୁ ଆଗେଇ ନେଇପାରିବ ।

ବହିଟିର ଲେଖିକା ତେତ୍‌ସୁକୋ କୁରୋୟାନାଗି ଜାପାନର ଜଣେ ଅତି ଲୋକପ୍ରିୟ ଟି. ଭି. ତାରକା । ସେ ଟୋକିଓ ସହରରେ ଜନ୍ମ ହୋଇଥିଲେ ଓ ଟୋକିଓ ସଙ୍ଗୀତ ମହାବିଦ୍ୟାଳୟରେ 'ଅପେରା' (ଗୀତିନାଟ୍ୟ) ଗାୟିକା ହେବା ପାଇଁ ତାଲିମ ନେଇଥିଲେ । କିନ୍ତୁ ସେ ଅଭିନେତ୍ରୀ ପେସା ବାଛିଲେ ଏବଂ ୧୯୭୨ ମସିହାରେ ନିଉୟର୍କଠାରେ ଅଭିନୟ ଶିକ୍ଷା କଲେ । ୧୯୭୫ ମସିହାରୁ ସେ 'ତେତ୍‌ସୁକୋ କୋଠରି' ନାମକ ଦୈନିକ ଟି. ଭି.ର ଆଳାପ କାର୍ଯ୍ୟକ୍ରମ ଚଳାଇ ଆସୁଥିଲେ । ତାହା ସେସମୟରେ ଟି. ଭି.ର ସର୍ବୋଚ୍ଚ ପୁରସ୍କାର ପାଇଛି ଏବଂ ତାଙ୍କର ଅନ୍ୟ କାର୍ଯ୍ୟକ୍ରମଗୁଡ଼ିକ ଭଳି ଦର୍ଶକଙ୍କର ଅତି ପ୍ରିୟ ହୋଇପାରିଛି । ସମାଜ କଲ୍ୟାଣ ତାଙ୍କର ବ୍ରତ । ତାଙ୍କ ବହି ଲେଖା ପ୍ରାପ୍ୟରେ ଚଳୁଥିବା 'ତୋତ୍ତୋ ପ୍ରତିଷ୍ଠାନ' ବଧିର ଅଭିନେତାଙ୍କୁ ପେସାଦାର ତାଲିମ ଦିଏ । ସେ 'ପାଣ୍ଡା ଓ ମୁଁ' ଓ 'ସପ୍ରେମ ନିଉୟର୍କରୁ' ନାମକ ଆଉ ଦୁଇଟି ବହି ଲେଖିଛନ୍ତି । ସେ 'ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠି-ଜାପାନ ଶାଖା'ର ଜଣେ ନିର୍ଦ୍ଦେଶିକା ଏବଂ ୟୁନିସେଫ୍‌ର ଜଣେ 'ଶୁଭେଚ୍ଛୁ ଦୂତ' । — ଅନୁବାଦକ]



**ରେଳଷ୍ଟେସନ**

ଜିଉଗାଓକା ଷ୍ଟେସନରେ ଓଇମାଚି ରେଳଗାଡ଼ିରୁ ଦୁହେଁ ଓହ୍ଲାଇ ପଡ଼ିଲେ । ତୋତ୍ତୋ-ଚାନ୍‌ର ହାତକୁ ଧରି ତା'ର ମା ଫାଟକ ଆଡ଼କୁ ଚାଲିଲେ । ତୋତ୍ତୋ-ଚାନ୍ ଆଗରୁ ପ୍ରାୟ କେବେ ଟ୍ରେନ୍‌ରେ ଚଢ଼ି ନଥିଲା । ଧରିଥିବା ଟିକେଟଟିକୁ ଏବେ ଫାଟକରେ ଦେଇଦେବାକୁ ତା'ର ମନ ନଥିଲା ।

''ମୁଁ ଏଇଟାକୁ ରଖିବି ?'' ତୋତ୍ତୋ-ଚାନ୍ ପଚାରିଲା ଟିକେଟରଖାଳିଙ୍କୁ ।

''ନା, ତୁମେ ରଖି ପାରିବନି'', କହି ସେ ଟିକେଟଟି ନେଲେ ।

ଟିକେଟରେ ଭରି ରହିଥିବା ବାକ୍ସକୁ ଦେଖାଇ କହିଲା, ''ସେସବୁ କ'ଣ ତୁମର ?''

''ନାଇଁ, ସେସବୁ ରେଳଷ୍ଟେସନର'', ଲୋକଙ୍କଠୁ ଟିକେଟ ରଖୁ ରଖୁ ସେ ଉତ୍ତର ଦେଲେ ।

''ଓ !'', ତୋତ୍ତୋ-ଚାନ୍ ବଡ଼ ଲୋଭରେ ବାକ୍ସ ଭିତରକୁ ଚାହିଁ କହିଚାଲିଲା, ''ବଡ଼ ହେଲେ ମୁଁ ରେଳ ଟିକେଟ ବିକିବି ।''

ଟିକେଟରଖାଳି ପ୍ରଥମ ଥର ପାଇଁ ତାକୁ ଚାହିଁଲେ । କହିଲେ, ''ମୋ ସାନପୁଅ ବି ଷ୍ଟେସନରେ କାମ କରିବାକୁ ଚାହୁଁଛି । ତେଣୁ ତୁମେ ଦୁହେଁ ଏକାଠି ଏ କାମ କରିପାରିବ ।''

ତୋତ୍ତୋ-ଚାନ୍ କଡ଼କୁ ଘୁଞ୍ଚିଯାଇ ଟିକେଟ କଲେକ୍ଟରଙ୍କୁ ନିରେଖି ଚାହିଁଲା । ସେ ମୋଟାସୋଟା ଥିଲେ, ଚଷମା ଲଗାଇ ଥିଲେ ଓ ଦୟାଳୁ ଜଣା ପଡୁଥିଲେ ।

''ହୁଁ..ଉଁ..'' ସେ ଅଣ୍ଟାରେ ହାତ ରଖି କଥାଟି ଭାବିଲା । ''ତୁମ ପୁଅ ସହିତ କାମ କରିବାରେ ମୋର ଆପତ୍ତି ନାହିଁ । ମୁଁ ଏ କଥା ଭାବି ଦେଖିବି । କିନ୍ତୁ ଏବେ ମୁଁ ଗୋଟେ ନୂଆ ସ୍କୁଲକୁ ଯାଉଛି । ତେଣୁ ମୋର ବେଳ ନାହିଁ ।'' ମା'ଙ୍କ ପାଖକୁ ଦୌଡ଼ି ଯାଉ ଯାଉ ସେ ପାଟି କଲା, ''ମୁଁ ଜଣେ ଟିକେଟବିକାଳି ହେବି ।''

ମା ମୁରୁକି ହସିଲେ । କହିଲେ, ''ତୁ ଜଣେ ଗୁଇନ୍ଦା ହେବୁ ।'' ତୋତ୍ତୋ-ଚାନ୍ ମା'ଙ୍କ ହାତ ଧରି ଚାଲିଲା । ତା'ର ମନେ ପଡ଼ିଲା ଯେ କାଲି ଯାଏଁ ସେ ନିଶ୍ଚିତ ଥିଲା ଯେ ସେ ଜଣେ ଗୁଇନ୍ଦା ହେବ । କିନ୍ତୁ ଟିକେଟରେ ଭରି ରହିଥିବା ଗୋଟିଏ ବାକ୍ସର ମାଲିକ ହେବାଟା କେତେ ମଜାର କଥା ।

''ସାବାସ୍ !'', ବାଃ ବଢ଼ିଆ କଥାଟିଏ ମନକୁ ଆସିଲା । ସେ ମା'ଙ୍କୁ ବଡ଼ ପାଟିରେ କହିଲା, ''ମୁଁ ଟିକେଟବିକାଳି ବେଶରେ ଜଣେ ଗୁଇନ୍ଦା ହେବି ।''

ମା ଉତ୍ତର ଦେଲେନି । ଟିକି ଫୁଲରେ ସଜା ଗୋଟିଏ ଗୋଲେଇ ଟୋପି ସେ ପିନ୍ଧିଥିଲେ । ତାଙ୍କ ସୁନ୍ଦର ମୁହଁଟି ବେଶ୍ ଗମ୍ଭୀର ଜଣାପଡୁଥିଲା । ସତରେ ତାଙ୍କୁ ବଡ଼ ଚିନ୍ତା ଘାରିଥିଲା । ନୂଆ ସ୍କୁଲରେ ଯଦି ସେମାନେ ତୋତ୍ତୋ-ଚାନ୍‌କୁ ନ ନିଅନ୍ତି ତା'ହେଲେ କ'ଣ ହେବ ? ତୋତ୍ତୋ-ଚାନ୍ ରାସ୍ତାରେ ଡେଇଁ ଡେଇଁକା ଗୁଣୁ ଗୁଣୁ ହୋଇ ଗପି ଚାଲିଛି । ମା'ଙ୍କ ଚିନ୍ତା କଥା ତାକୁ ଜଣା ନଥାଏ । ମା'ଙ୍କୁ ଚାହିଁ ସେ ଖୁସିରେ କହିଲା, ''ମୁଁ ଏବେ ମୋ ମନକୁ ବଦଳାଇ ଦେଇଛି । ମୁଁ ଭାବୁଛି ଗୋଟିଏ ଛୋଟ ବାଜା ଦଳରେ ମିଶିବି । ରାସ୍ତାରେ ବୁଲି ବୁଲି ନୂଆ ଦୋକାନ ବିଷୟରେ ପ୍ରଚାର କରିବି ।'' ମା ଟିକିଏ ହତାଶିଆ ସ୍ୱରରେ କହିଲେ, ''ଜଲ୍‌ଦି ଚାଲ । ଡେରି ହୋଇଯିବ । ପ୍ରଧାନ ଶିକ୍ଷକ ତେଣେ ଅପେକ୍ଷା କରିଥିବେ । ରାସ୍ତାକୁ ଚାହିଁ ଚୁପ୍‌ଚାପ୍ ଚାଲ ।''

ଆଗରେ ଗୋଟିଏ ଛୋଟ ସ୍କୁଲର ଫାଟକ ପାଖେଇ ଆସୁଥାଏ ।

## ଝରକାରେ କୁନି ଝିଅଟି

ମା'ଙ୍କ ଚିନ୍ତାର କାରଣ ବି ଥିଲା । ତୋତ୍ତୋ-ଚାନ୍ ସ୍କୁଲ ଯାଉ ଯାଉ ତା'କୁ ସ୍କୁଲରୁ ବାହାର କରି ଦିଆଯାଇଥିଲା । ପ୍ରଥମ ଶ୍ରେଣୀରୁ ପୁଣି କିଏ ବିଦା ହୁଏ !

ସପ୍ତାହକ ତଳର କଥା । ତୋତ୍ତୋ-ଚାନ୍‌ର ସ୍କୁଲ ଦିଦି ତା'ର ମା'ଙ୍କୁ ଡକାଇଥିଲେ । ସେ ସିଧାସଳଖ କହିଲେ, ''ଆପଣଙ୍କ ଝିଅ ମୋର ପୂରା ଶ୍ରେଣୀକୁ ଗଣ୍ଡଗୋଳିଆ କରୁଛି । ମୁଁ କହିବାକୁ ବାଧ୍ୟ ହେଉଛି ଯେ ଆପଣ ଝିଅକୁ ଆଉ କେଉଁ ସ୍କୁଲକୁ ନେଇ ଯାଆନ୍ତୁ ।'' ଅଳ୍ପ ବୟସର ଶିକ୍ଷକ ଜଣକ ଦୀର୍ଘଶ୍ୱାସ ଛାଡ଼ି କହିଲେ, ''ମୁଁ ମୋଟେ ତାକୁ ପାରୁ ନାହିଁ ।''

ମା କାବା ହୋଇଗଲେ । ସତରେ ତୋତ୍ତୋ-ଚାନ୍ କ'ଣ ଏମିତି କରି ପକାଇଲା ଯେ ସାରା ଶ୍ରେଣୀ ଗୋଳମାଳ ହୋଇଗଲା !

ଦିଦି ବି ଟିକିଏ ଘାବରେଇ ଯାଇଥିଲେ । ତାଙ୍କର ଛୋଟ ଛୋଟ ବାଳକୁ ହାତରେ ସଜାଡ଼ି ନେଇ ତୋତ୍ତୋ-ଚାନ୍‌ର କଥା କହିବାକୁ ଲାଗିଲେ, ''ଆଚ୍ଛା, ଏଇଠୁ ଆରମ୍ଭ କରିବା । ସିଏ ତା'ର ଡେସ୍କର ଘୋଡ଼ଣୀକୁ ଶହେ ଥର ଖୋଲେ ଆଉ ବନ୍ଦ କରେ । ମୁଁ ତାକୁ କହିଛି ଯେ କେବଳ କିଛି ରଖିବାକୁ ବା କାଢ଼ିବାକୁ ଥିଲେ ଡେସ୍କ ଖୋଲିବ । ଆପଣଙ୍କ ଝିଅର ସବୁବେଳେ କିଛି କାଢ଼ିବା ଓ ରଖିବା ଲାଗି ରହିଛି । କେତେବେଳେ ଖାତା, କେତେବେଳେ ପେନ୍‌ସିଲ ଡବା, ପୁଣି ବହି, ଆଉ ଡେସ୍କ ଭିତରେ ଥିବା ସବୁକିଛି । କିଛି ଲେଖିବାକୁ ହେଲେ ଆପଣଙ୍କ ଝିଅ ଡେସ୍କ ଖୋଲି ତା'ର ଖାତା ବାହାର କରିବ, ଆଉ ଧଡ଼୍ କରି ବନ୍ଦ କରିବ । ତା'ପରେ ସେ ପୁଣି ଡେସ୍କ ଖୋଲିବ, ସେ ଭିତରେ ମୁଣ୍ଡଟା ପୂରେଇ ଦେଇ ପେନ୍‌ସିଲ କାଢ଼ିବ, ଆଉ ଧଡ଼୍‌କରି ଢାଙ୍କୁଣୀଟା ପକାଇବ । ଗୋଟିଏ ଅକ୍ଷର ଲେଖିବ । ଯଦି ଲେଖୁ ଲେଖୁ ଖରାପ ବା ଭୁଲ ହୋଇଗଲା ସେ ପୁଣି ଡେସ୍କକୁ ଖୋଲିବ, ରବର କାଢ଼ିବ, ଡେସ୍କ ବନ୍ଦ କରିବ, ଅକ୍ଷରଟି ଲିଭେଇଦେବ । ରବର ରଖିବାକୁ ପୁଣି ଡେସ୍କ ଖୋଲିବ ଓ ବନ୍ଦ କରିବ, ଏ ସବୁ କାମ ପୁଣି ପୂରା ବେଗରେ । ଅକ୍ଷରଟିଏ ଲେଖିବା ପରେ ସେ ଗୋଟି ଗୋଟି କରି ସବୁ ଜିନିଷ ଡେସ୍କ ଭିତରେ ରଖିବ । ସେ ପେନ୍‌ସିଲଟା ରଖି ଡେସ୍କ ବନ୍ଦ କରିବ, ତା'ପରେ ପୁଣି ଖାତା ରଖିବା ପାଇଁ । ତା'ପରେ ପର ଅକ୍ଷରଟି ଲେଖିବା ପୂର୍ବରୁ

ଗୋଟି ଗୋଟି କରି ସବୁ କାଢ଼ିବ । ପ୍ରଥମେ ଖାତା, ତା'ପରେ ପେନ୍‌ସିଲ, ତା'ପରେ ରବର – ପ୍ରତି ଜିନିଷ ପାଇଁ ସେ ଥରେ ଡେସ୍କଟି ଖୋଲେ ଆଉ ବନ୍ଦ କରେ । ଏଥିରେ ମୋ ମୁଣ୍ଡ ଘୂରାଇଯାଏ । ଆଉ ମୁଁ ତାକୁ ଗାଳି ବି ଦେଇପାରେନି । କାରଣ ପ୍ରତ୍ୟେକ ଥର ତା'ର କିଛି ଦରକାର ଥିବାରୁ ସେ ଡେସ୍କ ଖୋଲେ ଆଉ ବନ୍ଦ କରେ ।''

ସେସବୁ କଥା ମନେ ପଡ଼ି ଦିଦିଙ୍କ ଆଖିପତା ଅଧିକ ଥରି ଉଠିଲା । ମା କିନ୍ତୁ ସାଙ୍ଗେ ସାଙ୍ଗେ ବୁଝିଗଲେ ତୋତ୍ତୋ-ଚାନ୍ କାହିଁକି ଏତେଥର ତା'ର ଡେସ୍କକୁ ଖୋଲୁଥିଲା ଆଉ ବନ୍ଦ କରୁଥିଲା । ତାଙ୍କର ମନେ ପଡ଼ିଲା ପ୍ରଥମ ଦିନ ସ୍କୁଲରୁ ଘରକୁ ଫେରିବା ବେଳକୁ ତୋତ୍ତୋ-ଚାନ୍ କେତେ ଉଲ୍ଲସିତ ଥିଲା ! ସେ କହିଥିଲା, ''ସ୍କୁଲଟା କି ଚମତ୍କାର ! ମୋର ଘର ଡେସ୍କର ଡ୍ରୟରଗୁଡ଼ିକ ଟାଣିବାକୁ ପଡ଼ୁଛି । କିନ୍ତୁ ସ୍କୁଲରେ ଥିବା ଡେସ୍କର ଉପର ପଟାକୁ ଟେକିଲେ ଖୋଲି ଯାଉଛି । ଏହା ଗୋଟିଏ ବାକ୍ସ ପରି, ଆଉ ସେ ଭିତରେ ସବୁ ଜିନିଷ ରଖିହେବ । ଏହା ଖୁବ୍ ବଢ଼ିଆ !''

ଡେସ୍କ ଖୋଲିବା ଓ ବନ୍ଦ କରିବାରେ ମଜ୍ଜି ରହିଥିବା ତୋତ୍ତୋ-ଚାନ୍‌ର ଚିତ୍ର ମା'ଙ୍କ ଆଖି ଆଗରେ ଭାସି ଉଠିଲା । ମା କିନ୍ତୁ ଏହାକୁ ଦୁଷ୍ଟାମିରେ ଗଣି ନଥିଲେ । ଯାହାହେଲେ ବି କିଛିଦିନ ପୁରୁଣା ହୋଇଗଲେ ତୋତ୍ତୋ-ଚାନ୍ ବୋଧେ ଏଭଳି କରିବା ବନ୍ଦ କରିଦେବ । କିନ୍ତୁ ସେ ଦିଦିଙ୍କୁ ଖାଲି କହିଲେ, ''ମୁଁ ତାକୁ ତାଗିଦା କରିଦେବି ।''

ଦିଦି ପୁଣି ବଡ଼ ପାଟିରେ କହିଲେ, ''ଖାଲି ଏତିକି ହୋଇଥିଲେ ହୁଏତ ଚଳିଥା'ନ୍ତା । କିନ୍ତୁ ଯେତେବେଳେ ସେ ଡେସ୍କ ଧଡ଼ ଧଡ଼ କରୁନି, ସେ ଠିଆ ହୋଇ ରହୁଛି । ଏପରିକି ଶ୍ରେଣୀ ସରିବା ଯାଏଁ ।''

''ଛିଡ଼ା ହୋଇ ରହୁଛି ? କେଉଁଠି ?'', ମା' ଆଶ୍ଚର୍ଯ୍ୟ ହୋଇ ପଚାରିଲେ ।

''ଝରକା ପାଖରେ'', ବିରକ୍ତି ଦେଖାଇ ଦିଦି କହିଲେ ।

''ଝରକା ପାଖରେ କାହିଁକି ?'' ମା' ଆଶ୍ଚର୍ଯ୍ୟ ହୋଇଗଲେ ।

ଦିଦି ପ୍ରାୟ ଚିତ୍କାର କରି ଉଠିଲେ, ''ରାସ୍ତାରେ ଯାଉଥିବା ବାଜାବାଲାଙ୍କୁ ଡାକିବା ପାଇଁ ।''

ଦିଦିଙ୍କର କହିବାର ସାରକଥା ଏହି ଯେ ଘଣ୍ଟାଏ ଯାଏଁ ଡେସ୍କରେ ଲାଗିବା ପରେ ତୋତ୍ତୋ-ଚାନ୍ ଝରକାକୁ ଲାଗି ଠିଆ ହେବ ଓ ବାହାରକୁ ଚାହିଁଥିବ । ଚୁପ୍‌ଚାପ୍ ହୋଇ ଛିଡ଼ା ହେଲେ ବି ଦିଦିଙ୍କର କିଛି କହିବାର ନଥିଲା । ହେଲେ ଚକଚକିଆ ପୋଷାକ ପିନ୍ଧି ରାସ୍ତାରେ ଯାଉଥିବା ବାଜାବାଲାଙ୍କୁ ଦେଖି ତୋତ୍ତୋ-ଚାନ୍ ଡାକ ଛାଡ଼ିବ । ତୋତ୍ତୋ-ଚାନ୍‌ର ଖୁସି ଆଉ ଦିଦିଙ୍କର ଦୁଃଖ ଯେ ତାଙ୍କ ଶ୍ରେଣୀଘରଟି ତଳ ମହଲାରେ ଓ ରାସ୍ତା କଡ଼ରେ । ମଝିରେ କେବଳ ଅଳ୍ପ ଉଚ୍ଚର ବାଡ଼ଟିଏ । ତେଣୁ ଶ୍ରେଣୀ ଘର ଭିତରୁ ରାସ୍ତାରେ ଯାଉଥିବା ଲୋକଙ୍କ ସହ କଥା ହେବା ସହଜ । ତୋତ୍ତୋ-ଚାନ୍‌ର ଡାକରେ ବାଜାବାଲାମାନେ ଝରକା ପାଖକୁ ଆସିଗଲେ, 'ଆସିଲେ, ଆସିଲେ' କହି ସେ ଚିଲେଇବ । ସେମାନେ ଆସିଗଲେ ସବୁ ପିଲା ଝରକା ପାଖରେ ଜମା ହେବେ ଓ ବାଜାବାଲାଙ୍କୁ ଡାକିବାରେ ଲାଗିଯିବେ ।

''ଟିକେ ବାଜା ବଜାଅ'', ତୋତ୍ତୋ-ଚାନ୍ କହିବ । ଆଉ ବାଜାଦଳଟି ତାଙ୍କ ତୂରୀ, ଗିନି, ଡ୍ରମ୍ ଆଦି ବଜେଇ ପିଲାଙ୍କ ପାଇଁ ସଙ୍ଗୀତ ଆସରଟିଏ ଜମାଇ ଦିଅନ୍ତି । ଦିଦି ବିଚାରୀ ଆଉ କରିବେ କ'ଣ ? ସେହି ଧୁମ୍‌ଧଡ଼ାସ୍ ବନ୍ଦ ହେବା ଯାଏଁ ଅନାଇ ରହନ୍ତି ।

ଶେଷରେ ବାଜା ସରେ । ବାଜାବାଲାମାନେ ତାଙ୍କ ବାଟ ଧରନ୍ତି । ପିଲାମାନେ ନିଜ ଜାଗାକୁ ଫେରି ଯାଆନ୍ତି । କେବଳ ତୋତ୍ତୋ-ଚାନ୍‌କୁ ଛାଡ଼ି । ଦିଦି ପଚାରିଲେ ତୋତ୍ତୋ-ଚାନ୍ ଗମ୍ଭୀର ହୋଇ କହେ, 'ଆଉ ଦଳେ ବାଜାବାଲା ଆସିପାରନ୍ତି । ସେମାନେ ନ ଅଟକି ଚାଲିଗଲେ କେଡ଼େ ଖରାପ କଥା ହେବ ।' ''ମୋ ଶ୍ରେଣୀର ଅବସ୍ଥା କଥା ଆପଣ ବୁଝି ପାରୁଥିବେ ନିଶ୍ଚୟ ।'' ଏତେ ଆବେଗରେ ଦିଦି ଏସବୁ କହିଗଲେ ଯେ ତାଙ୍କ ଉପରେ ମା'ଙ୍କର ଦୟା ଆସିଲା । ପ୍ରାୟ କାନ୍ଦୁରା ସ୍ୱରରେ ସେ ପୁଣି ଆରମ୍ଭ କଲେ, ''ଏହାଛଡ଼ା...''

''ସେ ଆଉ ସବୁ କ'ଣ କରେ ?'', ମା ଦବି ଯାଇ ପଚାରିଲେ ।

''ଆଉ କ'ଣ ?'', ଦିଦି ଚିହିଙ୍କି ଉଠିଲେ, ''ସିଏ ଯାହା ଯାହା କରେ ମୁଁ ଯଦି ଗଣି ବି ପାରନ୍ତି ମୁଁ ତାକୁ ନେଇଯିବାକୁ କହନ୍ତିନି ।''

ଶିକ୍ଷିକା ନିଜକୁ ଟିକେ ସମ୍ଭାଳି ନେଲେ । ମା'ଙ୍କୁ ସିଧା ଚାହିଁ କହିଲେ, ''ଗତକାଲି ତୋତ୍ତୋ-ଚାନ୍ ସବୁଦିନ ପରି ଝରକା ପାଖରେ ଠିଆ ହୋଇଥିଲା । ସେ ରାସ୍ତାର ବାଜାବାଲାଙ୍କୁ ଅପେକ୍ଷା କରିବ ଭାବି ମୁଁ ପଢ଼ାଇବାକୁ ଆରମ୍ଭ କଲି । ହଠାତ୍

ସେ କାହାକୁ କହିବାକୁ ଲାଗିଲା, 'ତୁମେ କ'ଣ କରୁଛ ?' ମୋ ଜାଗାରୁ ମୁଁ ଦେଖି ପାରିଲିନି ସେ କାହା ସହିତ ଗପୁଥିଲା । ସିଏ ପୁଣି ଡାକ ଛାଡ଼ିଲା, 'ତୁମେ କ'ଣ କରୁଛ ?' ସେ ରାସ୍ତାରେ କାହାକୁ କିଛି କହୁ ନଥିଲା ବରଂ ଉଚ୍ଚା ଜାଗାରେ ଥିବା କାହାକୁ ଏହା କହୁଥିଲା । ମୁଁ କୌତୂହଳୀ ନହୋଇ ରହି ପାରିଲି ନାହିଁ ଏବଂ ଉତ୍ତର ଶୁଣିବାକୁ ଚେଷ୍ଟା କଲି । କିନ୍ତୁ କିଛି ଉତ୍ତର ନଥିଲା । ତଥାପି ଆପଣଙ୍କ ଝିଅ ପଚାରି ଚାଲିଥାଏ, 'ତୁମେ କ'ଣ କରୁଛ ?' ମୁଁ ଆଉ ପଢ଼େଇ ନପାରି ଝରକା ପାଖକୁ ଦେଖିବାକୁ ଗଲି । ଝରକାରେ ମୁଣ୍ଡ ଗଳାଇ ମୁଁ ଉପରକୁ ଚାହିଁଲି । ଦେଖିଲି ଦଳେ ଘରଚଟିଆ ଓଳି ତଳେ ବସା ବାନ୍ଧୁଛନ୍ତି । ସେ ଚଢ଼େଇ ଦୁଇଟି ସହ କଥା ହେଉଥାଏ । ମୁଁ ଛୁଆଙ୍କୁ ଜାଣେ । ତେଣୁ ଚଢ଼େଇ ସହ ଗପିବା କିଛି ବଡ଼ କଥା ବୋଲି ମୁଁ କହିବି ନାହିଁ । ହେଲେ ଶ୍ରେଣୀ ମଝିରେ ?''

ମା କ୍ଷମା ମାଗିବା ପାଇଁ ପାଟି ଖୋଲିବା ଆଗରୁ ଦିଦି କହି ଚାଲିଲେ, ''ତା'ପରେ ଶୁଣନ୍ତୁ ତା'ର ଚିତ୍ର ଆଙ୍କିବା କଥା । ଜାପାନୀ ପତାକାର ଚିତ୍ର ଆଙ୍କିବା ପାଇଁ ମୁଁ ଦିନେ ପିଲାଙ୍କୁ କହିଲି । ସମସ୍ତେ ଠିକ୍ ଭାବେ ଆଙ୍କିଲେ, କିନ୍ତୁ ଆପଣଙ୍କ ଝିଅ ଅନ୍ୟ ପ୍ରକାରର ଗୋଟିଏ ପତାକା ଆଙ୍କିବାକୁ ଲାଗିଲା । ମୁଁ ଭାବିଲି ସେଥିରେ ବିଶେଷ ଭୁଲ୍ ନାହିଁ । କିନ୍ତୁ ହଠାତ୍ ଏହା ଚାରିପଟେ ସେ ଏକ ଝାଲର ଆଙ୍କିଲା । ଚାନ୍ଦୁଆର ଝାଲର ଭଳି । କିନ୍ତୁ ସେ କ'ଣ କରିଛି ମୁଁ ବୁଝିବା ଆଗରୁ ତା'ର ହଳଦିଆ ଝାଲର କାଗଜର ଧାର ଡେଇଁ ଡେସ୍କ ଉପରକୁ ମାଡ଼ି ଯାଇଥିଲା । ତା'ର ପତାକାଟିରେ ତ କାଗଜଟି ପ୍ରାୟ ଭରି ଯାଇଥିଲା । ତେଣୁ ଝାଲର କରିବା ପାଇଁ ବେଶୀ ଜାଗା ନଥିଲା । ଝାଲରର ଶହ ଶହ ହଳଦିଆ ଗାର କାଗଜ ଟପି ଟେବୁଲ ଉପରକୁ ମାଡ଼ି ଗଲା । ସେ ବିକୃତ ହଳଦିଆ ରଙ୍ଗକୁ ଯେତେ ଘଷିଲେ ବି ଛାଡ଼ିଲା ନାହିଁ । ଭାଗ୍ୟକୁ ଗାରଗୁଡ଼ିକ କେବଳ ତିନୋଟି କଡ଼ରେ ପଡ଼ିଥିଲା ।''

ଆଶ୍ଚର୍ଯ୍ୟ ହୋଇ ଶୁଣୁଥିବା ମା ପଚାରିଲେ, ''କେବଳ ତିନି ପାଖରେ କାହିଁକି ?''

ଦିଦି ହାଲିଆ ଜଣା ପଡୁଥିଲେ, ତଥାପି ସେ ବୁଝାଇଦେଲେ, ''ପତାକାର ବାମ ପଟେ ଖୁଣ୍ଟଟିଏ ଥିଲା । ତେଣୁ ଝାଲରଗୁଡ଼ିକ ତିନି ପଟେହିଁ ଥିଲା । ହେଲେ କ'ଣ ହେବ, ପତାକା ଖୁଣ୍ଟର ଚିତ୍ର କାଗଜ ଟପି ଏବେ ବି ରହିଛି ।''

ଦିଦି ଏଥର ଉଠିଲେ ଓ ନିର୍ଲିପ୍ତ ଭାବରେ କଥା ଶେଷ କଲେ, ''କେବଳ ମୁଁ ନୁହେଁ, ପାଖ ଶ୍ରେଣୀର ଶିକ୍ଷକ ମଧ୍ୟ ହଇରାଣ ହୋଇଛନ୍ତି ।''

ମା'ଙ୍କୁ ବାଧ୍ୟ ହୋଇ ଏ ବିଷୟରେ କିଛି କରିବାକୁ ପଡ଼ିଲା । ଅନ୍ୟ ପିଲାଙ୍କ ପାଇଁ ଏହା ଜମା ଠିକ୍ ନଥିଲା । ତାଙ୍କୁ ଅନ୍ୟ ଏକ ସ୍କୁଲ ଖୋଜିବାକୁ ପଡ଼ିବ ଯେଉଁଠି ସେମାନେ ତାଙ୍କ କୁନି ଝିଅକୁ ବୁଝିପାରିବେ ଏବଂ ଅନ୍ୟ ଲୋକଙ୍କ ସହ ମିଳିମିଶି ଚଳିବା ପାଇଁ ତାକୁ ଶିଖାଇବେ । ଏବେ ଯେଉଁ ସ୍କୁଲକୁ ସେମାନେ ଯାଉଛନ୍ତି ବହୁତ ଖୋଜିବା ପରେ ମା ସେଇଟିକୁ ପାଇଛନ୍ତି ।

ମା ତୋତ୍ତୋ-ଚାନ୍‌କୁ କହି ନଥିଲେ ଯେ ତାକୁ ସ୍କୁଲରୁ ବାହାର କରିଦିଆ ଯାଇଛି । ସେ ଜାଣୁଥିଲେ ଯେ ତୋତ୍ତୋ-ଚାନ୍ କ'ଣ ଭୁଲ୍ କରିଛି ବୁଝି ପାରିବନି । ସେ ଚାହୁଁ ନଥିଲେ ଯେ ତା'ର ମନରେ କିଛି ଗୋଳମାଳ ଚିନ୍ତା ପଶୁ । ବଡ଼ ହେଲେ ତୋତ୍ତୋ-ଚାନ୍ ସେକଥା ଜାଣିବ । ତୋତ୍ତୋ-ଚାନ୍‌କୁ ସେ ପଚାରିଲେ, ''ଗୋଟିଏ ନୂଆ ସ୍କୁଲକୁ ଗଲେ କେମିତି ହେବ ? ମୁଁ ଗୋଟିଏ ଖୁବ୍ ବଢ଼ିଆ ସ୍କୁଲ କଥା ଶୁଣିଛି ।''

କିଛି ଭାବିବା ପରେ ତୋତ୍ତୋ-ଚାନ୍ କହିଲା, ''କିନ୍ତୁ...''

ମା' ଟିକେ ଭାବିଲେ ଓ ଡରିଗଲେ । ଭାବିଲେ ସେ କ'ଣ ଜାଣିଛି ଯେ ତାକୁ ସ୍କୁଲରୁ ବାହାର କରି ଦିଆଯାଇଛି ?

କ୍ଷଣକ ପରେ ତୋତ୍ତୋ-ଚାନ୍ ପଚାରିଲା, ''ବାଜାବାଲାମାନେ ସେ ନୂଆ ସ୍କୁଲକୁ ଆସିବେ ତ ?''

**ନୂଆ ସ୍କୁଲ**

ନୂଆ ସ୍କୁଲର ଫାଟକକୁ ଚାହିଁ ତୋତ୍ତୋ-ଚାନ୍ ଅଟକିଗଲା । ପୁରୁଣା ସ୍କୁଲର ଫାଟକରେ ମଜଭୁତ ସିମେଣ୍ଟ ଖୁଣ୍ଟ ଥିଲା । ତା' ଉପରେ ସ୍କୁଲର ନାଁ ବଡ଼ ବଡ଼ ଅକ୍ଷରରେ ଲେଖା ଯାଇଥିଲା । କିନ୍ତୁ ଏହି ନୂଆ ସ୍କୁଲର ଫାଟକର ଖୁଣ୍ଟ ଦୁଇଟିରେ ଡାଳ ପତ୍ର ଥିଲା ।

''ଏହି ଫାଟକ ତ ବଢୁଛି'', ତୋତ୍ତୋ-ଚାନ୍ କହିଲା । ''ଏହା ଟେଲିଫୋନ୍ ଖମ୍ବଠାରୁ ଉଚ୍ଚା ହେବାଯାଏଁ ବଢ଼ି ଚାଲିଥିବ ।'' ଏହି ଫାଟକ ଖୁଣ୍ଟ ଦୁଇଟି ସତରେ ଦୁଇଟି ଜିଅନ୍ତା ଗଛ ଥିଲା । ସ୍କୁଲର ନାଁ ଲେଖିଥିବା ପଟାଟି ପବନରେ ବଙ୍କାଇ ଯାଇଥିଲା । ତେଣୁ ସେ ତା'ର ମୁଣ୍ଡକୁ ଢଳାଇ ପଢ଼ିଲା ।

'ତୋ-ମୋ-ଏ-ଗା-କୁ-ଏ-ନ୍'

ତୋତ୍ତୋ-ଚାନ୍ ମା'ଙ୍କୁ ପଚାରିବାକୁ ଯାଉଥିଲା 'ତୋମୋଏ'ର ଅର୍ଥ କ'ଣ । କିନ୍ତୁ ସେ ଭିତରେ କ'ଣ ଗୋଟିଏ ତା'ର ଆଖିରେ ପଡ଼ିଲା । ଯାହା ଦେଖି ସେ ଭାବିଲା ଯେ ସେ ସ୍ୱପ୍ନ ଦେଖୁଛି । ସେ ତଳେ ବସିଗଲା ଓ ବୁଦା ବୁଦା ଗଛ ଭିତରେ ଭଲ ଭାବେ ଦେଖିବାକୁ ଚେଷ୍ଟା କଲା । ତଥାପି ସେ ନିଜ ଆଖିକୁ ବିଶ୍ୱାସ କରିପାରିଲା ନାହିଁ । ପଚାରିଲା, ''ମା ସେଇଟା କ'ଣ ସତରେ ଗୋଟିଏ ରେଳଗାଡ଼ି ? ସେଠି ସେ ସ୍କୁଲ ପଡ଼ିଆରେ ।''

ଛଅଟି ପୁରୁଣା ରେଳଡବା ଥିଲା ସେ ସ୍କୁଲର ଶ୍ରେଣୀଘର । ତୋତ୍ତୋ-ଚାନ୍ ପାଇଁ ଏହା ଏକ ସ୍ୱପ୍ନ ଥିଲା । ରେଳଡବାରେ ସ୍କୁଲ !

ସକାଳର ସୂର୍ଯ୍ୟ କିରଣରେ ସେ ରେଳଡବାଗୁଡ଼ିକ ଝଟକୁଥିଲା । ଲତା ଗହଳରୁ ଉଙ୍କି ମାରୁଥିବା ସେ କୁନି ଝିଅଟିର ଆଖି ଦୁଇଟି ଆହୁରି ଅଧିକ ଝଟକୁ ଥିଲା ।

## ମୁଁ ସ୍କୁଲକୁ ଭଲପାଏ

କ୍ଷଣକ ପରେ ତୋତ୍ତୋ-ଚାନ୍ ଖୁସିରେ କୁଦି ପଡ଼ିଲା ଓ ରେଳସ୍କୁଲ ଆଡ଼କୁ ଦୌଡ଼ିବାରେ ଲାଗିଲା । ପଛକୁ ଅନାଇ ମା'ଙ୍କୁ ଡାକ ଦେଲା, ''ଆସ, ଶୀଘ୍ର ଆସ । ଛିଡ଼ା ହୋଇଥିବା ରେଳଗାଡ଼ିରେ ଚଢ଼ିବା ଚାଲ ।''

ମା ଚମକି ପଡ଼ି ତା' ପଛରେ ଦଉଡ଼ିବାକୁ ଲାଗିଲେ । ମା ଆଗରୁ ଜଣେ ବାସ୍କେଟବଲ୍ ଖେଳାଳି ଥିଲେ । ତେଣୁ ସେ ତୋତ୍ତୋ-ଚାନ୍‌ଠାରୁ ଜୋର୍‌ରେ ଦୌଡ଼ିଲେ । ଠିକ୍ ଦୁଆର ପାଖରେ ସେ ତୋତ୍ତୋ-ଚାନ୍‌ର ଜାମାକୁ ଭିଡ଼ି ଧରିଲେ ।

''ଏବେ ତୁ ଭିତରକୁ ଯାଇପାରିବୁ ନାହିଁ'', ତାକୁ ଭିଡ଼ି ଧରି ମା କହିଲେ, ''ଏହି ଡବାଗୁଡ଼ିକ ଶ୍ରେଣୀଘର । ଆଉ ଏଯାଏଁ ଏଠାରେ ତୋର ନାଁ ଲେଖା ହୋଇ ନାହିଁ । ତୁ ଯଦି ଏ ଟ୍ରେନ୍‌ରେ ବସିବାକୁ ଚାହୁଁ ତେବେ ତତେ ଭଲପିଲା ହେବାକୁ ପଡ଼ିବ । ଆମେ ଏବେ ପ୍ରଧାନ ଶିକ୍ଷକଙ୍କୁ ଦେଖା କରିବାକୁ ଯାଉଛେ । ସେ ଯଦି ତତେ ଭଲ ଭାବିବେ ତେବେ ତୁ ଏ ସ୍କୁଲକୁ ଆସିବୁ । ବୁଝୁଛୁ ତ ?''

ସାଙ୍ଗେ ସାଙ୍ଗେ ଟ୍ରେନ୍ ଭିତରକୁ ଯାଇ ନପାରିବାରୁ ତୋତ୍ତୋ-ଚାନ୍ ଖୁବ୍ ହତାଶ ହେଲା । କିନ୍ତୁ ସେ ଜାଣିଲା ଯେ ମା'ଙ୍କ କହିବା ଅନୁସାରେ ତାକୁ କରିବାକୁ ପଡ଼ିବ । ''ଠିକ୍ ଅଛି'', ସେ କହିଲା, ''କିନ୍ତୁ ସ୍କୁଲଟି ମୋତେ ଭଲ ଲାଗୁଛି ।''

ମା ତାକୁ କହିବାକୁ ଚାହୁଁଥିଲେ ଯେ ତା'ର ସ୍କୁଲକୁ ଭଲ ପାଇବା ନପାଇବାରେ କିଛି କଥା ନାହିଁ । ପ୍ରଧାନ ଶିକ୍ଷକ ତାକୁ ଠିକ୍ ଭାବିବେ କି ନାହିଁ ସେକଥା ଅଲଗା । କିନ୍ତୁ ସେ କିଛି କହିଲେ ନାହିଁ । ତୋତ୍ତୋ-ଚାନ୍‌ର ପୋଷାକକୁ ଛାଡ଼ି ତା'ର ହାତକୁ ଧରିଲେ ଓ ପ୍ରଧାନ ଶିକ୍ଷକଙ୍କ ଅଫିସ୍ ଆଡ଼କୁ ଚାଲିଲେ ।

କ୍ଲାସ ଚାଲୁଥିଲା । ତେଣୁ ରେଳଡବାଗୁଡ଼ିକ ଚୁପ୍‌ଚାପ୍ ଥିଲେ । ପଡ଼ିଆଟି ଅତି ବଡ଼ ନଥିଲା । ତା'ର ଚାରିପଟେ ପାଚେରି ବଦଳରେ ଗଛ ଘେରି ରହିଥିଲା । ଚାରିଆଡ଼େ କେତେ ଲାଲ, ହଳଦିଆ ଫୁଲ ଫୁଟିଥିଲା ।

ପ୍ରଧାନ ଶିକ୍ଷକଙ୍କ ଅଫିସଟି ରେଳଡବା ଭିତରେ ନଥିଲା । କିନ୍ତୁ ଗେଟ୍ ପାଖରେ ଗୋଟିଏ କୋଠାଘରେ ଥିଲା । ଏହି ଏକ ମହଲା ଘରଟି ସାତଟି ଅଧ ଗୋଲାକାର ପଥର ପାହାଚ ଉପରେ ଥିଲା । ତୋତ୍ତୋ-ଚାନ୍ ମା'ଙ୍କ ହାତରୁ ଖସି ଦୌଡ଼ି ଦୌଡ଼ି ପାହାଚ ଉପରକୁ ଚଢ଼ିଗଲା । ଉପରେ ପହଞ୍ଚି ସେ ବୁଲିପଡ଼ି ଛିଡ଼ା ହୋଇଗଲା । ମା ଡରିଗଲେ । କାଳେ ଏ ସ୍କୁଲରୁ ତା' ମନ ଛାଡ଼ି ଯାଇଥିବ । ପଚାରିଲେ, ''କ'ଣ ହେଲା ?''

ଉପର ପାହାଚରେ ଠିଆ ହୋଇ ତୋତ୍ତୋ-ଚାନ୍ ଗମ୍ଭୀର ଭାବରେ ମା'ଙ୍କୁ ଫୁସ୍‌ଫୁସ୍ କରି କହିଲା, ''ଆମେ ଯେଉଁ ଲୋକଙ୍କୁ ଦେଖିବାକୁ ଯାଉଛେ ସେ ନିଶ୍ଚୟ ଜଣେ ଷ୍ଟେସନ ମାଷ୍ଟର ହୋଇଥିବେ ।'' ମା'ଙ୍କର ବେଶ୍ ଧୈର୍ଯ୍ୟ ଥିଲା ଆଉ ଥିଲା ମଉଜିଆ ମନ । ସେ ମୁହଁ ବୁଲାଇ ତୋତ୍ତୋ-ଚାନ୍‌କୁ ପଚାରିଲେ, ''କାହିଁକି ?''

ତୋତ୍ତୋ-ଚାନ୍ ବି ଏକା ସ୍ୱରରେ କହିଲା, ''ତୁମେ କହିଲ ଯେ ସେ ଜଣେ ପ୍ରଧାନ ଶିକ୍ଷକ । କିନ୍ତୁ ତାଙ୍କର ଯଦି ଏତେ ଟ୍ରେନ୍ ଅଛି ସେ ନିଶ୍ଚୟ ଜଣେ ଷ୍ଟେସନ ମାଷ୍ଟର ହୋଇଥିବେ ।''

ମା ଏହା ମାନିଲେ ଯେ, ପୁରୁଣା ରେଳଡବାରେ ସ୍କୁଲ କରିବା କିଛି ସାଧାରଣ କଥା ନୁହେଁ । କିନ୍ତୁ ବୁଝାଇବା ପାଇଁ ସମୟ ନଥିଲା । ସେ କେବଳ କହିଲେ, ''ତୁ ନିଜେ କାହିଁକି ତାଙ୍କୁ ପଚାରୁନୁ ? ତେବେ ବାପାଙ୍କ କଥା ଭାବିଲୁ । ସେ ବେହେଲା ବଜାନ୍ତି ଓ ତାଙ୍କର ଅନେକ ବେହେଲା ବି ଅଛି । କିନ୍ତୁ ଏଥିଯୋଗୁଁ କ'ଣ ଆମ ଘରକୁ ଗୋଟିଏ ବେହେଲା ଦୋକାନ କହିବା ?''

''ନା, ତା' ତ ନୁହେଁ ।'' ତୋତ୍ତୋ-ଚାନ୍ ରାଜି ହେଲା ଓ ମା'ଙ୍କ ହାତକୁ ଧରି ଚାଲିଲା ।

ମା ଓ ତୋତ୍ତୋ-ଚାନ୍ ଭିତରକୁ ଗଲେ । ଅଫିସରେ ଥିବା ଲୋକ ଜଣକ ଚଉକିରୁ ଉଠି ଠିଆ ହୋଇଗଲେ ।

ତାଙ୍କର ମୁଣ୍ଡର ବାଳ ବେଶ୍ ପତଳା ଥିଲା । କେତୋଟି ଦାନ୍ତ ପଡ଼ି ଯାଇଥିଲା । କିନ୍ତୁ ମୁହଁଟି ବେଶ୍ ସୁସ୍ଥ ଜଣା ପଡୁଥିଲା । ଯଦିଓ ସେ ବେଶୀ ଡେଙ୍ଗା ନଥିଲେ, ତାଙ୍କର କାନ୍ଧ ଓ ବାହୁ ବେଶ୍ ଟାଣୁଆ ଥିଲା । ପୁରୁଣା କଳା କୋଟ୍‌ଟିକୁ ସେ ବାଗେଇ କରି ପିନ୍ଧିଥିଲେ ।

ତୋତ୍ତୋ-ଚାନ୍ ତରବରିଆ ନମସ୍କାରଟିଏ ପକାଇ ଦେଇ ତାଙ୍କୁ ପଚାରିଲା, ‘‘ଆପଣ ଜଣେ ସ୍କୁଲ ମାଷ୍ଟର ନା ଷ୍ଟେସନ ମାଷ୍ଟର ?’’

ମା ଟିକିଏ ଲାଜେଇ ଗଲେ । କିନ୍ତୁ ସେ ଲୋକ ଜଣକ ହସିଲେ ଓ ଉତ୍ତର ଦେଲେ, ‘‘ମୁଁ ଏ ସ୍କୁଲର ପ୍ରଧାନ ଶିକ୍ଷକ ।’’

ତୋତ୍ତୋ-ଚାନ୍ ଖୁସି ହୋଇଗଲା, ‘‘ଓଃ, ମୁଁ ବହୁତ ଖୁସି ।’’ ସେ କହିଲା, ‘‘କାରଣ ମୁଁ ଆପଣଙ୍କ ସ୍କୁଲକୁ ଆସିବାକୁ ଚାହେଁ ।’’

ପ୍ରଧାନ ଶିକ୍ଷକ ତାକୁ ଗୋଟିଏ ଚଉକିରେ ବସିବାକୁ କହିଲେ ଓ ମା’ଙ୍କୁ କହିଲେ, ‘‘ଆପଣ ଏବେ ଘରକୁ ଯାଇପାରନ୍ତି । ମୁଁ ତୋତ୍ତୋ-ଚାନ୍ ସହ କଥା ହେବାକୁ ଚାହେଁ ।’’

ତୋତ୍ତୋ-ଚାନ୍‌କୁ କ୍ଷଣକ ପାଇଁ ଟିକିଏ ଅଡୁଆ ଲାଗିଲା । କିନ୍ତୁ ତା’ର ବିଶ୍ୱାସ ହେଲା ଯେ ସେ ଏହି ଲୋକଟି ସହ ଭଲରେ ଚଳିପାରିବ ।

‘‘ଆଚ୍ଛା, ତା’ହେଲେ ମୁଁ ତାକୁ ଆପଣଙ୍କ ପାଖରେ ଛାଡୁଛି’’, ମା ଦମ୍ଭ ଧରି କହିଲେ ଓ ପଛରେ କବାଟ ବନ୍ଦ କରି ବାହାରିଗଲେ ।

ପ୍ରଧାନ ଶିକ୍ଷକ ଚଉକିଟିଏ ଟାଣି ଆଣି ତୋତ୍ତୋ-ଚାନ୍ ଆଗରେ ବସିଲେ । ପାଖାପାଖି ବସି ସେ କହିଲେ, ‘‘ଏବେ ତୁମ ବିଷୟରେ ମୋତେ କିଛି କୁହ । ତୁମେ ଯାହା ଚାହୁଁଛ ସେ ବିଷୟରେ କିଛି କୁହ ।’’

‘‘ମୁଁ ଯାହା ଚାହିଁବି ?’’, ତୋତ୍ତୋ-ଚାନ୍ ଭାବିଥିଲା ଯେ, ସେ କେତେଗୁଡ଼ିଏ ପ୍ରଶ୍ନ ପଚାରିବେ ଓ ତାକୁ ସେଗୁଡ଼ିକର ଉତ୍ତର ଦେବାକୁ ପଡ଼ିବ । ପ୍ରଧାନ ଶିକ୍ଷକ କିନ୍ତୁ ତାକୁ ପୂରା ସ୍ୱାଧୀନତା ଦେଇଦେଲେ । ସେ ଏତେ ଖୁସି ହୋଇଗଲା ଯେ ସେ ସିଧା ଗପିବା ଆରମ୍ଭ କଲା । କଥା ନୁହେଁ ତ ପୂରା ଖେଚେଡ଼ି । ସେ କଥାର ମୁଣ୍ଡ, ଲାଞ୍ଜ ନଥିଲା ତଥାପି ସେ ଗପି ଚାଲିଲା । ସେମାନେ ଆସିଥିବା ଟ୍ରେନ୍ କେତେ ବେଗରେ ଯାଉଥିଲା, ଟିକେଟରଖାଳିଙ୍କୁ ମାଗିଲେ ବି ସେ କିପରି ଟିକେଟ ଦେଲେ ନାହିଁ, ଆଗ ସ୍କୁଲରେ ତା’ର ଦିଦି କେତେ ସୁନ୍ଦର ଥିଲେ, ଚଢ଼େଇ ବସା ବିଷୟରେ, କେତେ ଖେଳ ଜାଣିଥିବା ତାଙ୍କ ମାଟିଆ କୁକୁର ରକି ବିଷୟରେ, ସେ କିପରି ପାଟି ଭିତରେ କଇଁଚି ପୂରାଇ କଟକଟ କରି ଚଳାଏ, ଜିଭ କଟିବାର ଡର ବା ଶିକ୍ଷକଙ୍କର ମନା ବି ମାନେ ନାହିଁ, ସର୍ଦି ବେଳେ ତା’ର ନାକପୋଛା କଥା, ତା’ ବାପା କେତେ ଭଲ ପହଁରାଳି ଥିଲେ ଓ ସେ କିପରି ପାଣିକୁ ବଢ଼ିଆ ଡେଉଁଥିଲେ... ଏଭଳି କେତେ ଯେ କ’ଣ ସେ କହି ଚାଲିଲା । ପ୍ରଧାନ ଶିକ୍ଷକ ମଝିରେ ମଝିରେ ହସନ୍ତି, ମୁଣ୍ଡ ହଲାନ୍ତି ବା ପଚାରନ୍ତି, ‘‘ତା’ପରେ ?’’ ଆଉ ତୋତ୍ତୋ-ଚାନ୍ ଏତେ ଖୁସି ଥିଲା ଯେ, ସେ ସେପରି କହି ଚାଲିଥାଏ । କିନ୍ତୁ ଶେଷରେ ସେ ଆଉ କିଛି କହିବାକୁ ପାଇଲା ନାହିଁ । ସେ ପାଟି ବନ୍ଦ କରି ଭାବିବାକୁ ଲାଗିଲା କ’ଣ କହିପାରିବ ।

‘‘ଆଉ ଅଧିକ କିଛି କହିବାକୁ ନାହିଁ ?’’, ପ୍ରଧାନ ଶିକ୍ଷକ ପଚାରିଲେ ।

ତୋତ୍ତୋ-ଚାନ୍ ଭାବିଲା ଏବେ ଏପରି ଅଟକି ଯିବାଟା କି ଲାଜର କଥା । ଗପିବା ପାଇଁ ଏହା କି ଚମତ୍କାର ସୁଯୋଗ ଥିଲା । ସେ ତା’ର ମୁଣ୍ଡକୁ ଘାଣ୍ଟି ପକାଇଲା । କହିବାକୁ କ’ଣ ଆଉ କିଛି କଥା ନାହିଁ ? ହଠାତ୍ ତା’ ମନକୁ ଗୋଟିଏ କଥା ଆସିଗଲା ।

ସିଏ ସେଦିନ ପିନ୍ଧିଥିବା ପୋଷାକ ବିଷୟରେ ତ କହିପାରିବ । ମା ତା’ର ସବୁ ଜାମା ହାତରେ ତିଆରି କରନ୍ତି । କିନ୍ତୁ ଏଇଟି ଦୋକାନରୁ କିଣା ହୋଇ ଆସିଛି । ପ୍ରାୟ ସବୁଦିନ ସନ୍ଧ୍ୟା ବେଳକୁ ଫେରିଲା ବେଳକୁ ସେ ତା’ର ଜାମା ଚିରି ସାରିଥାଏ । କେବେ କେବେ ଚିରାଗୁଡ଼ିକ ଖୁବ୍ ବଡ଼ ହୋଇଥାଏ । ଏସବୁ କିପରି ଚିରୁଥିଲା ମା କେବେ ବି ଜାଣି ପାରୁ ନଥିଲେ । ବେଳେବେଳେ ତା’ର ସୁନ୍ଦର ଧଳା ପ୍ୟାଣ୍ଟଗୁଡ଼ିକ ମଧ୍ୟ କଟି ଯାଉଥିଲା । ସେ ପ୍ରଧାନ ଶିକ୍ଷକଙ୍କୁ ବୁଝାଇଦେଲା ଯେ କଣ୍ଟା ତାରବାଡ଼ ଗଳି କରି ଯିବାବେଳେ ତା’ର ଜାମା ଏଭଳି ଚିରୁଥିଲା । ତେଣୁ ଆଜି ସକାଳେ ବାହାରିଲା ବେଳକୁ ମା’ଙ୍କର ହାତ ତିଆରି ଜାମା ସବୁ ଚିରି କରି ପଡ଼ିଥିଲା । ତେଣୁ ମା କିଣି ଆଣିଥିବା ନୂଆ ପୋଷାକଟି ତାକୁ ପିନ୍ଧିବାକୁ ପଡ଼ିଲା । ଏଥିରେ ଗାଢ଼

ନାଲି ଓ ପାଉଁଶିଆ ରଙ୍ଗର ଗାର ସବୁ ପଡ଼ିଥିଲା । ନରମ କନାର ଏହି ଜାମାଟି ମୋଟାମୋଟି କିଛି ଖରାପ ନଥିଲା । କିନ୍ତୁ ତା'ର କଲାର୍‌ରେ ଥିବା ଲାଲ ଫୁଲଗୁଡ଼ିକ ମା'ଙ୍କର ପସନ୍ଦ ନଥିଲା । ତୋତ୍ତୋ-ଚାନ୍ କଲାର୍‌ଟିକୁ ହାତରେ ଧରି ପ୍ରଧାନ ଶିକ୍ଷକଙ୍କୁ ଦେଖାଇ ଦେଲା ।

ଏହାପରେ ଯେତେ ଚେଷ୍ଟା କଲେ ମଧ୍ୟ କ'ଣ କହିବ ସେ ଭାବି ପାରିଲାନି । ଏଥିପାଇଁ ତା'ର ବେଶ୍ ମନ ଦୁଃଖ ହେଲା । ଠିକ୍ ସେତିକିବେଳେ ପ୍ରଧାନ ଶିକ୍ଷକ ଉଠି ଠିଆ ହେଲେ । ତୋତ୍ତୋ-ଚାନ୍‌ର ମୁଣ୍ଡକୁ ଆଦରରେ ଥାପୁଡ଼ାଇ କହିଲେ, ''ଆଚ୍ଛା, ତୁମେ ଏବେ ଏ ସ୍କୁଲର ଜଣେ ଛାତ୍ରୀ'' ।

ସେ ଠିକ୍ ଏହି ଶବ୍ଦଗୁଡ଼ିକ କହିଲେ । ଆଉ ସେତେବେଳେ ତୋତ୍ତୋ-ଚାନ୍‌ର ମନେ ହେଲା ଯେପରି ତା' ଜୀବନରେ ପ୍ରଥମ ଥର ପାଇଁ ଜଣେ କେହି ତାକୁ ବହୁତ ଭଲ ଲାଗିଛନ୍ତି । କାରଣ ଏତେ ସମୟ ଧରି ତା' କଥାକୁ କେହି କେବେ ଶୁଣି ନଥିଲା । ଏତେ ସମୟ ଧରି ପ୍ରଧାନ ଶିକ୍ଷକ ନା ଉଦାସ ହୋଇଥିଲେ, ନା ବିରକ୍ତି ଦେଖାଇ ଥିଲେ । ବରଂ ତା'ର ସବୁ କଥାକୁ ସେ ଆଗ୍ରହର ସହ ଶୁଣୁଥିଲେ ।

ତୋତ୍ତୋ-ଚାନ୍ ଏଯାଏଁ ଘଣ୍ଟା ଦେଖି ଜାଣି ନଥିଲା । ତଥାପି ତାକୁ ଲାଗିଲା ଯେ ବେଶ୍ ଲମ୍ବା ସମୟ ଧରି ସେ ଗପୁଥିଲା । ଯଦି ସେ ସମୟ ଠିକ୍ ଜାଣି ପାରୁଥା'ନ୍ତା ତେବେ ସେ ନିଶ୍ଚୟ ଆଶ୍ଚର୍ଯ୍ୟ ହୋଇ ଯାଇଥା'ନ୍ତା ଏବଂ ପ୍ରଧାନ ଶିକ୍ଷକଙ୍କ ପ୍ରତି ଅଧିକ କୃତଜ୍ଞ ହୋଇଥା'ନ୍ତା । କାରଣ ମା ଓ ତୋତ୍ତୋ-ଚାନ୍ ସକାଳ ୮ଟା ବେଳେ ସ୍କୁଲରେ ପହଞ୍ଚିଥିଲେ । ଯେତେବେଳେ ତା'ର କଥା ସରିଲା ଓ ପ୍ରଧାନ ଶିକ୍ଷକ ତାକୁ ଜଣେ ଛାତ୍ରୀ ବୋଲି କହିଲେ ସେ ତାଙ୍କ ପକେଟ ଘଡ଼ି ଦେଖି କହିଲେ, ''ଆରେ, ଖାଇବା ବେଳ ହେଲାଣି ।'' ତେଣୁ ପ୍ରଧାନ ଶିକ୍ଷକ ନିଶ୍ଚୟ ୪ ଘଣ୍ଟା ଧରି ତୋତ୍ତୋ-ଚାନ୍‌ର କଥା ଶୁଣିଛନ୍ତି ।

ଏହା ଆଗରୁ ବା ପରେ କେହି ବି ବୟସ୍କ ଲୋକ ଏତେ ସମୟ ଧରି ତୋତ୍ତୋ-ଚାନ୍‌ର କଥା ଶୁଣି ନାହାନ୍ତି । ତା'ର ମା ବା ଦିଦି ନିଶ୍ଚୟ ଚକିତ ହୋଇ ଯାଇଥିବେ ଯେ ଗୋଟିଏ ସାତ ବର୍ଷର ପିଲା ୪ ଘଣ୍ଟା କାଳ ଅନବରତ ଗପି ପାରିଲା ।

ତୋତ୍ତୋ-ଚାନ୍‌ର ସେ ଯାଏଁ ଧାରଣା ନଥିଲା ଯେ ତାକୁ ଆଗର ସ୍କୁଲରୁ ବାହାର କରି ଦିଆଯାଇଛି ବା ତା' ବିଷୟରେ ମାଆବାପା ଖୁବ୍ ଚିନ୍ତିତ । ତା'ର ସ୍ଫୂର୍ତ୍ତିସ୍ୱଭାବ ଓ ଅନ୍ୟମନସ୍କତା ଯୋଗୁଁ ସେ ବେଶ୍ ସରଳ ଜଣା ପଡୁଥିଲା । କିନ୍ତୁ ମନ ଭିତରେ ସେ ଜାଣୁଥିଲା ଯେ ତାକୁ ସମସ୍ତେ ଟିକିଏ ଅଲଗା ଓ ବିଚିତ୍ର ଧରଣର ବୋଲି ଭାବୁଛନ୍ତି । କିନ୍ତୁ ପ୍ରଧାନ ଶିକ୍ଷକଙ୍କ ପାଖରେ ତାକୁ ବେଶ୍ ସୁରକ୍ଷିତ ଓ ଖୁସି ଲାଗିଲା । ସେ ସବୁଦିନ ପାଇଁ ତାଙ୍କ ସହ ରହିବାକୁ ଇଚ୍ଛା କଲା ।

ପ୍ରଥମ ଦିନରେ ପ୍ରଧାନ ଶିକ୍ଷକ ସୋସାକୁ କୋବାୟାଶି ତାକୁ ଏପରି ଲାଗିଲେ । ଖୁସିର କଥା ଯେ ପ୍ରଧାନ ଶିକ୍ଷକଙ୍କୁ ମଧ୍ୟ ତୋତ୍ତୋ-ଚାନ୍ ସେହିପରି ଲାଗିଥିଲା ।

(କ୍ରମଶଃ...)

(ଅନୁବାଦକ : ବିନୟକୃଷ୍ଣ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ସୃଜନୀକା ଅନୁଷ୍ଠାନ, ଭୁବନେଶ୍ୱର) ❑

ସାତ ବର୍ଷ ପର୍ଯ୍ୟନ୍ତ ପିଲାମାନେ ନିଜେ ଉପଭୋଗ କରନ୍ତୁ । ବିଦ୍ୟାଳୟ ଖେଳଘର ପରି ହେବା ଉଚିତ । ସେମାନେ ଖେଳୁ ଖେଳୁ ଶିଖିବେ । ଖେଳ ମଧ୍ୟରୁ ସେମାନଙ୍କର ଶିଖିବାର, ଜାଣିବାର ଓ ଜୀବନକୁ ବୁଝିବାର ରୁଚି ବିକଶିତ ହେବ । କେଉଁ ପ୍ରଣାଳୀ ଅବଲମ୍ବନ କରୁଛ ତାହା ସେତେ ବଡ଼ କଥା ନୁହେଁ । ଶିକ୍ଷକ କେଉଁ ମନୋଭାବ ନେଇ ଶିଖାଉଛନ୍ତି ସେଇଟି ହେଉଛି ମହତ୍ତ୍ୱପୂର୍ଣ୍ଣ । ଶିକ୍ଷକ ଏପରି ହେବେ ନାହିଁ ଯାହାଙ୍କୁ ପିଲାମାନେ ଅତି ବାଧ୍ୟ ହୋଇ ସହ୍ୟ କରିବାକୁ ପଡୁଥିବ । ସିଏ ସର୍ବଦା ଏପରି ଜଣେ ବନ୍ଧୁ ହୋଇ ରହିଥିବେ, ଯାହାଙ୍କ ପ୍ରତି କି ତୁମର ପ୍ରଗାଢ଼ ଶ୍ରଦ୍ଧା ଥିବ; କାରଣ ସିଏ ତୁମକୁ ସାହାଯ୍ୟ କରୁଥିବେ, ତୁମକୁ ସରସତା ଆଣି ଦେଉଥିବେ ।

(CWM, Vol. 12, p.183) — ଶ୍ରୀମା

# ପାଠଚକ୍ର ସମ୍ମିଳନୀର ମହତ୍ତ୍ୱ

## ରାମକୃଷ୍ଣ ଦାସ

ଯେଉଁଠାରେ ସତ୍-ଚର୍ଚ୍ଚା, ସତ୍ୟଗୋଷ୍ଠୀ ହୁଏ ସେଠାରେ ସତ୍ୟ ବିଦ୍ୟମାନ ଥାଏ । ଯଥାର୍ଥ ସତ୍ୟ ସମସ୍ତ ସ୍ଥାନରେ ବିଦ୍ୟମାନ । କିନ୍ତୁ ବ୍ୟକ୍ତି ସଦାସର୍ବଦା ସାଂସାରିକ କାର୍ଯ୍ୟରେ ଆସକ୍ତ ଓ ବ୍ୟାପୃତ ରହିଥିବାରୁ ସେ ସତ୍ୟକୁ ଅନୁଭବ କରିପାରେ ନାହିଁ ।

ସଦ୍ ମଣ୍ଡଳୀରେ ସଦ୍-ଚର୍ଚ୍ଚା ହେଲେ ବ୍ୟକ୍ତି କିଛି ସମୟ ପାଇଁ ସଂସାର ଚିନ୍ତାରୁ ନିଷ୍କୃତି ପାଏ ଓ ଶାନ୍ତି, ଆନନ୍ଦ, ଭାଗବତ ଭକ୍ତି ଅନୁଭବ କରେ । ସେହି ସକାଶେ ଉତ୍ତମ ବିଚାରବାନ୍ ବ୍ୟକ୍ତିମାନେ ପାରିପାର୍ଶ୍ୱିକ ବ୍ୟକ୍ତିମାନଙ୍କ ପ୍ରତି ସଦ୍‌ଭାବନା ରଖି, ଭଗବତ୍ ଚର୍ଚ୍ଚାର ସୁଯୋଗ ଆଣନ୍ତି ଯାହା ଦ୍ୱାରା ସଂସାର ପରିଶ୍ରାନ୍ତ ବ୍ୟକ୍ତିମାନେ ଭଗବତ୍ ଶାନ୍ତି ଅନୁଭବ କରି ପାରନ୍ତି ଏବଂ ସତ୍ୟମାର୍ଗର ପଥିକ ହେବାର ସୁଯୋଗ ପାଆନ୍ତି ।

ବହୁ ଲୋକଙ୍କର ଧାରଣା ତଥା ବହୁତ ଲୋକ ପ୍ରଶ୍ନ କରନ୍ତି, ''ଓଡ଼ିଶାରେ ଯେଉଁସବୁ ପାଠଚକ୍ର ବା ପାଠଚକ୍ର ସମ୍ମିଳନୀ ହେଉଛି ତାହା କ'ଣ ହରିହାଟର ଅନ୍ୟରୂପ ନୁହେଁ ?'' ଅର୍ଥାତ୍ ''ହରିହାଟରେ ବହୁତ ଲୋକଙ୍କ ସମାଗମ ହେଉଥିଲା, ଖିଆପିଆ ହେଉଥିଲା, ସେଥିରେ ବ୍ୟକ୍ତିକୁ କିଛି ସନ୍ତୋଷ ମଧ୍ୟ ମିଳୁଥିଲା । ଏହି ପାଠଚକ୍ର ସମ୍ମିଳନୀ ସେହିପରି ନୁହେଁ ତ ?''

ଯଦିଓ ହରିହାଟର ମୂଲ୍ୟ ଥିଲା, ସେଠାରେ ଭାଗବତ ଚର୍ଚ୍ଚା ହେଉଥିଲା, ବହୁତ ବ୍ୟକ୍ତିଙ୍କ ଦ୍ୱାରା ହରିନାମ ସଂକୀର୍ତ୍ତନ ହେଉଥିବାରୁ ସେ ସ୍ଥାନର ଦୂଷିତ ବାତାବରଣ ପବିତ୍ର ହେଉଥିଲା, ତଥାପି ତା' ପଶ୍ଚାତରେ ମନୁଷ୍ୟକୁ ଗୋଟାଏ ଉଚ୍ଚତର ଚେତନା ଓ ଉଚ୍ଚତର ଅବସ୍ଥାକୁ ନେଇଯିବାର କୌଣସି ସଚେତ ପ୍ରେରଣା ନଥିଲା, ଏହାର କୌଣସି ସଚେତ ଲକ୍ଷ୍ୟ ନଥିଲା ।

ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ତାହାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏହାର ପଶ୍ଚାତରେ ଅତିମାନସ ସତ୍ୟ ବିଦ୍ୟମାନ ଅଛି । ଏହା ସେହି ସତ୍ୟର ସନ୍ଧାନ ଦିଏ, ଯେଉଁ ସତ୍ୟକୁ କୋଟି କୋଟି ବର୍ଷ ଧରି ସଂସାର ଅପେକ୍ଷା କରି ରହିଅଛି । ଏହି ସମ୍ମିଳନୀରେ ଅଧ୍ୟାତ୍ମ ସତ୍ୟର ଆଲୋଚନା ଏବଂ ବ୍ୟକ୍ତିମାନଙ୍କ ସଦ୍‌ଭାବନା, ସଦ୍‌ବିଚାର ତଥା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବସ୍ତୁ ମା'ଙ୍କ ଉପସ୍ଥିତି ଥିବାରୁ ସେହି ସ୍ଥାନର ବାତାବରଣ ଶୁଦ୍ଧ ହୁଏ । ସେଥିରେ ଯୋଗ ଦେଉଥିବା ବ୍ୟକ୍ତିଙ୍କ ଜ୍ଞାତରେ ବା ଅଜ୍ଞାତରେ ହେଉ ମନରେ, ପ୍ରାଣରେ ପବିତ୍ରତା ଆସେ; ନୂତନ ସତ୍ୟର ସନ୍ଧାନରେ ହୃଦୟ ଆଶାନ୍ୱିତ ହୁଏ, ବହୁ ବ୍ୟକ୍ତିଙ୍କର ଏହି ସତ୍ୟ ଗ୍ରହଣ କରିବାର ଆଗ୍ରହ ଜନ୍ମେ । ନିରାଶାରେ ଆଶାର ସଞ୍ଚାର ହୁଏ, ପଥଭ୍ରାନ୍ତ ବ୍ୟକ୍ତିଙ୍କୁ ପଥର ନିର୍ଦ୍ଦେଶ ମିଳେ, ଲକ୍ଷ୍ୟହୀନ ବ୍ୟକ୍ତି ସମ୍ମୁଖରେ ଲକ୍ଷ୍ୟ ସ୍ପଷ୍ଟ ହୋଇଉଠେ । ସେ ଲକ୍ଷ୍ୟ ହେଉଛି ଚିରଅଭିଳଷିତ ବସ୍ତୁ – ସୁଖସମୃଦ୍ଧିଶାଳୀ, ଦୁଃଖଦ୍ୱନ୍ଦ୍ୱହୀନ ଆନନ୍ଦମୟ ଭଗବତ୍ ଜୀବନ ।

ଭଗବାନଙ୍କ ଅବତାର ସଂସାରକୁ ଆସନ୍ତି, ବ୍ୟକ୍ତିଙ୍କ ସମ୍ମୁଖରେ ସତ୍ୟ ରଖନ୍ତି – କିନ୍ତୁ ଦୁର୍ଭାଗ୍ୟବଶତଃ ବ୍ୟକ୍ତି ସତ୍ୟକୁ ଜାଣିପାରେ ନାହିଁ; ସନ୍ଦେହ, ଅବିଶ୍ୱାସ, ନିରାଶା, ମୋହନିଦ୍ରାରୁ ଜାଗ୍ରତ୍ ହୁଏ ନାହିଁ । ଗଙ୍ଗାକୂଳରେ ବନ୍ଧା ହୋଇଥିବା ତୃଷାପୀଡ଼ିତ ପଶୁ ସଦୃଶ, ଦରିଦ୍ର ଗୃହରେ ଅମୂଲ୍ୟ ରତ୍ନ ପୋତା ହୋଇଥିବା ସଦୃଶ, ବ୍ୟକ୍ତି ସମ୍ମୁଖରେ ପରମାନନ୍ଦ ବିଦ୍ୟମାନ ହୋଇଥିବା ସତ୍ତ୍ୱେ ସେ ଦୁଃଖକଷ୍ଟ ଭୋଗୁଥାଏ । ଏହିପରି ବରାବର ହୋଇଛି ଭଗବାନଙ୍କ ଅବତାର ତଥା ଆଚାର୍ଯ୍ୟମାନଙ୍କ ଆବିର୍ଭାବ ସମୟରେ । ସୁତରାଂ ସତ୍ୟର ସନ୍ଧାନ ଦେବା ସକାଶେ ଏହିପରି ଅନୁଷ୍ଠାନର ଆବଶ୍ୟକ । ଯଥାର୍ଥରେ ଏହି ପାଠଚକ୍ର ସମ୍ମିଳନୀ ହରିହାଟ ସଦୃଶ ନୁହେଁ, ସତ୍ୟର ସନ୍ଧାନ ଦେବାର ଏକ ଉପାୟ ।

ବର୍ତ୍ତମାନ ଯୁଗପରିବର୍ତ୍ତନର ସମୟ । ସବୁ କ୍ଷେତ୍ରରେ ପ୍ରତ୍ୟେକ ପ୍ରାଣୀ ମଧ୍ୟରେ କମ୍-ବେଶୀ ପରିମାଣରେ ସ୍ୱାର୍ଥ, ଅହଂ, ଈର୍ଷା, ଦ୍ୱେଷର ସାମ୍ରାଜ୍ୟ । ସକଳ ଶ୍ରେଣୀର ବ୍ୟକ୍ତି ଦୁଃଖ-ଦ୍ୱନ୍ଦ୍ୱଭାରରେ ଭାରାକ୍ରାନ୍ତ । ଜୀବନ ଏକବାରେ ଦୁଃଖଦ୍ୱନ୍ଦ୍ୱରେ ଜର୍ଜରିତ । ଏହି ଅବସ୍ଥାରେ ମା'ଶ୍ରୀଅରବିନ୍ଦ ପ୍ରପୀଡ଼ିତ ବ୍ୟକ୍ତିଙ୍କ ସକାଶେ ଅତିମାନସ ସତ୍ୟ ରୂପ ଅମୃତ ନେଇ ଏହି ପୃଥିବୀକୁ ଆସିଅଛନ୍ତି । ଯେଉଁମାନେ ଏହି ଅମୃତକୁ ଗ୍ରହଣ କରିବେ ସେମାନେ ରୋଗ, ଜରା, ମୃତ୍ୟୁ ଓ ସମସ୍ତ ପ୍ରକାର ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହେବେ । ଏହା ଫଳରେ ସଂସାର ସ୍ୱର୍ଗରେ ପରିଣତ ହେବ । ଏହି ସନ୍ଧାନ ଦେବା ଏହିସବୁ ପାଠଚକ୍ର ସମ୍ମିଳନୀର ଉଦ୍ଦେଶ୍ୟ ।

ଯେତେବେଳେ ସଂସାରରେ ଅନ୍ୟାୟ-ଅତ୍ୟାଚାରର ବୃଦ୍ଧି ହୁଏ ସେତେବେଳେ ଭଗବାନ୍ ଏହି ପୃଥିବୀକୁ ଆସି

ଅନ୍ୟାୟ-ଅତ୍ୟାଚାରକୁ ଦୂର କରି ପୃଥିବୀରେ ସତ୍ୟ ସ୍ଥାପନ କରନ୍ତି । ଯେତେବେଳେ ହିରଣ୍ୟକଶିପୁ ଦ୍ୱାରା ପୃଥିବୀରେ ଅନ୍ୟାୟ, ଅସତ୍ୟର ତାଣ୍ଡବନୃତ୍ୟ ହୋଇଥିଲା ସେହି ସମୟରେ ପରମଭକ୍ତ ପ୍ରହ୍ଲାଦ ହିରଣ୍ୟକଶିପୁର ପୁତ୍ର ରୂପେ ଆବିର୍ଭାବ ହୋଇଥିଲେ । ଯେପରି ରାତ୍ରି ଆଉ ଦିବସ, ଅନ୍ଧକାର ଆଉ ଆଲୋକ ସେହିପରି ଅସତ୍ୟ ଆଉ ସତ୍ୟ ମଧ୍ୟରେ ସମ୍ବନ୍ଧ । ଏହି ଦୁଇ ମଧ୍ୟରେ ସାମଞ୍ଜସ୍ୟ କେବେ ବି ନଥାଏ । ସର୍ବଦା ଏକ ଅନ୍ୟକୁ ଗ୍ରାସ କରିବାକୁ ଚାହେଁ । ପ୍ରହ୍ଲାଦ ଯଦିଓ ହିରଣ୍ୟକଶିପୁର ପୁତ୍ର ଥିଲେ ତଥାପି ସେ ଆଶ୍ରୟ ନେଇଥିଲେ ସତ୍ୟର । ସେ ଥିଲେ ଭଗବାନଙ୍କର ଭକ୍ତ । ହିରଣ୍ୟକଶିପୁ ଥିଲା ଅସତ୍ୟପ୍ରିୟ । ଅସତ୍ୟର ସେ ଥିଲା ମୂର୍ତ୍ତିମାନ୍ ବିଗ୍ରହ ଓ ଯନ୍ତ୍ର । ସେହି ସକାଶେ ନିଜ ଅନ୍ତରରୁ ଜାତ ଆତ୍ମବତ୍ ପୁତ୍ର ପ୍ରହ୍ଲାଦ ହେଲେ ତା'ର ଶତ୍ରୁ । କାରଣ ସତ୍ୟ ସହିତ ଅସତ୍ୟର ସାମଞ୍ଜସ୍ୟ ହୁଏ ନାହିଁ । ପ୍ରହ୍ଲାଦଙ୍କୁ ବଧ କରିବାକୁ ହିରଣ୍ୟକଶିପୁ ନାନା ନୃଶଂସ ଉପାୟର ସାହାଯ୍ୟ ନେଲା । ସଦ୍‌ଗୁଣଯୁକ୍ତ, ଶାନ୍ତ, କୋମଳ, ସୁନ୍ଦର, ମନୋହର ଶିଶୁକୁ ମୃତ୍ୟୁ କବଳରେ କବଳିତ କରିବା ସକାଶେ କ୍ରୂର, ନୃଶଂସ, ବଜ୍ର ହୃଦୟ ପିତା ହିରଣ୍ୟକଶିପୁ ଦୁର୍ଜୟ ବିଷଧର ସର୍ପ ଦ୍ୱାରା ଦଂଶନ କରାଇଲା, ଦୁର୍ଦ୍ଧର୍ଷ ମତ୍ତଗଜ ପ୍ରେରଣ କଲା, ପ୍ରଜ୍ୱଳିତ ଅଗ୍ନିରେ ନିକ୍ଷେପ କଲା, ଉତ୍ତୁଙ୍ଗ ପାହାଡ଼ ଉପରୁ ଫୋପାଡ଼ି ଦେଲା, ଅଥଳ ସମୁଦ୍ରରେ ବୁଡ଼ାଇ ଦେଲା – ଏପରି ଭୟଙ୍କର ମୃତ୍ୟୁ-ପୀଡ଼ାରେ ମଧ୍ୟ ପ୍ରହ୍ଲାଦ ଅବିଚଳିତ ରହିଲେ । ତାଙ୍କୁ ସମସ୍ତ ପ୍ରକାର ଦାରୁଣ, ଅସହ୍ୟ ମୃତ୍ୟୁର ଆକ୍ରମଣରୁ ରକ୍ଷା କଲେ ଜଗତ୍‌କର୍ତ୍ତା ଭଗବାନ୍ । ଭଗବାନ୍ ସତ୍ୟସ୍ୱରୂପ, ଭଗବାନଙ୍କ ଆଶ୍ରୟ ନେଲେ କେବଳ ମନୁଷ୍ୟ ନିରାପଦରେ ରହିପାରେ । ଶେଷରେ ପ୍ରହ୍ଲାଦଙ୍କ ଯୋଗୁଁ ଭଗବାନ୍ ନରସିଂହ ଅବତାର ନେଇ ହିରଣ୍ୟକଶିପୁକୁ ବଧ କଲେ ଓ ପୃଥିବୀରେ ସତ୍ୟ ପ୍ରତିଷ୍ଠା କଲେ ।

ସେହି ସମୟଠାରୁ ବର୍ତ୍ତମାନ ସମୟ ବହୁଗୁଣରେ ଭୟଙ୍କର ଓ ଦୁଃସହ । ହିରଣ୍ୟକଶିପୁର ଅତ୍ୟାଚାର ଥିଲା କେବଳ ଗୋଟିଏ ପ୍ରାନ୍ତରେ ଆଉ କେତେକ ବ୍ୟକ୍ତିଙ୍କ ମଧ୍ୟରେ । ବର୍ତ୍ତମାନ ଅନ୍ୟାୟ, ଅସତ୍ୟ, ଦୁଃଖ, ଦ୍ୱନ୍ଦ୍ୱ ଖାଲି ଗୋଟିଏ ପ୍ରାନ୍ତରେ ନୁହେଁ, ସମସ୍ତ ସଂସାରରେ ବ୍ୟାପ୍ତ । ସମୃଦ୍ଧିଶାଳୀ ଦେଶମାନେ ମଧ୍ୟ ଏହି ଆତଙ୍କରୁ ମୁକ୍ତ ନୁହନ୍ତି । ବର୍ତ୍ତମାନ ବ୍ୟକ୍ତି ହିରଣ୍ୟକଶିପୁ ସଦୃଶ କୌଣସି ସ୍ଥୂଳକାୟ ଅସୁର ଦ୍ୱାରା ନିପୀଡ଼ିତ ନହେଲେ ମଧ୍ୟ ସଂସାରରେ ହିରଣ୍ୟକଶିପୁର ଗୁଣଧର୍ମ ନେଇ ଅସଂଖ୍ୟ ବ୍ୟକ୍ତି ବିଦ୍ୟମାନ । ଅଳ୍ପ କେତେକଙ୍କୁ ଛାଡ଼ି ଦେଲେ ଅସୁର ଶକ୍ତି କମ୍-ବେଶୀ ପରିମାଣରେ ସମସ୍ତଙ୍କ ଭିତରେ ସାମ୍ରାଜ୍ୟ ବିସ୍ତାର କରିଅଛି । ଅନ୍ୟାୟ, ଅସତ୍ୟ ଅବସ୍ଥାରେ ବ୍ୟକ୍ତି କଦାପି ସୁଖଶାନ୍ତି ଓ ଆନନ୍ଦ ପ୍ରାପ୍ତି କରିପାରେ ନାହିଁ, ସେହି କାରଣରୁ ପ୍ରତ୍ୟେକ ଲୋକ ପୂର୍ଣ୍ଣତଃ ଦୁଃଖତାପରେ ଦଗ୍ଧ ହେଉଛନ୍ତି । କୌଣସି ବ୍ୟକ୍ତି ଉପସ୍ଥିତ ଅବସ୍ଥାରେ ସନ୍ତୁଷ୍ଟ ନୁହନ୍ତି । ସଂସାରର ସମସ୍ତ ବ୍ୟକ୍ତି ଜ୍ଞାତ ଓ ଅଜ୍ଞାତ ଭାବରେ ଗୋଟିଏ ନୂତନ ଅବସ୍ଥା ଚାହୁଁ ଅଛନ୍ତି । ପୂର୍ବ ନିର୍ଦ୍ଧାରିତ ନୈତିକତା, ସାମାଜିକତା, ପରମ୍ପରା, ରୀତିନୀତି ଓ ନିୟମ ଭାଙ୍ଗି ଚୁରମାର୍ ହୋଇସାରିଛି । ବର୍ତ୍ତମାନ ମନୁଷ୍ୟ ବୁଦ୍ଧିଗତ ନୈତିକତାର ଶେଷ ପ୍ରାନ୍ତରେ ପହଞ୍ଚିଅଛି । ଏହି ଅବସ୍ଥାରେ ଆସେ ଗୋଟିଏ ନୂତନ ସତ୍ୟ ।

ମା'ଶ୍ରୀଅରବିନ୍ଦ ନୂତନ ଅତିମାନସ ସତ୍ୟ ପୃଥିବୀରେ ସ୍ଥାପନ କରିବାକୁ ଆସିଅଛନ୍ତି । ବର୍ତ୍ତମାନ ପୁରାତନ ଅବସ୍ଥାର ଅବସାନ, ନୂତନ ଅବସ୍ଥା ଆଗମନର ସନ୍ଧିକ୍ଷଣ । ଏହି ସନ୍ଧିକ୍ଷଣରେ ଅସୁର ଶକ୍ତିର ଯନ୍ତ୍ର – ସ୍ୱାର୍ଥ, ହିଂସା, ଅହଂ, ଲୋଭ, ମୋହ, ସନ୍ଦେହାଦି ନୂତନ ସତ୍ୟର ପଥରୋଧ କରିବାକୁ ପ୍ରାଣପଣେ ଚେଷ୍ଟା କରୁଛନ୍ତି, ନୂତନ ସତ୍ୟ ସେସବୁର ପ୍ରତିରୋଧକୁ ଭାଙ୍ଗିତୋଡ଼ି ଦେବାରେ ଲାଗିଥିବାରୁ ବିଶୃଙ୍ଖଳା ସୃଷ୍ଟି ହୋଇଅଛି । ବିଶୃଙ୍ଖଳା ଏବଂ ଦ୍ୱନ୍ଦ୍ୱ, ଅନ୍ୟାୟ ଶୀଘ୍ର ଦୂର ହୋଇ ଶାନ୍ତି, ଆନନ୍ଦ ପୃଥିବୀରେ ଶୀଘ୍ର ସ୍ଥାପିତ ହୋଇପାରେ ଯଦି ବ୍ୟକ୍ତି ସଚେତ ହୋଇ ଅସତ୍ୟକୁ ତ୍ୟାଗ କରି ସତ୍ୟକୁ ଗ୍ରହଣ କରେ । ଏହି ନୂତନ ସତ୍ୟ ପ୍ରତିଷ୍ଠା କରିବା ସକାଶେ ମା କାର୍ଯ୍ୟ କରୁଅଛନ୍ତି । ବ୍ୟକ୍ତିର କର୍ତ୍ତବ୍ୟ ହେଉଛି ନୂତନ ସତ୍ୟକୁ ଜାଣିବା ଓ ଗ୍ରହଣ କରିବା । ଏହାର ଉପାୟ ହେଲା ପ୍ରତ୍ୟେକ ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ସ୍ଥାପନ କରି ଏହି ସତ୍ୟର ଆବିର୍ଭାବ ବିଷୟ ଚର୍ଚ୍ଚା କଲେ ସେଠିକାର ବାତାବରଣ ଶୁଦ୍ଧ ହେବ, ସେ ଗ୍ରାମର ବ୍ୟକ୍ତିମାନେ ସେଥିରେ ଅନୁପ୍ରାଣିତ ହେବେ ଏବଂ ତାହା ଗ୍ରହଣ କରିପାରିବେ । ତା' ଫଳରେ ଘରୁ, ଗ୍ରାମରୁ, ପ୍ରାନ୍ତରୁ, ଦେଶ ଓ ସଂସାରରୁ ଅଶାନ୍ତି, ଦ୍ୱନ୍ଦ୍ୱ ଓ ଅନ୍ୟାୟ ଦୂର ହେବ ଏବଂ ପୃଥିବୀ ସ୍ୱର୍ଗରେ ପରିଣତ ହେବ ।

ଯେତେବେଳେ ଯେଉଁ ମହାନ୍ ଆତ୍ମା ବା ଅବତାର ପୃଥିବୀକୁ ଆସନ୍ତି ସେତେବେଳେ ମନୁଷ୍ୟଜାତି ସକାଶେ ଗୋଟାଏ ସୁଯୋଗ ଆସେ । ସେ ଅଳ୍ପ ପରିଶ୍ରମରେ ମହାନ୍ ସତ୍ୟକୁ ଉପଲବ୍ଧି କରିପାରେ । ବର୍ତ୍ତମାନ ସେହି ଶୁଭମୁହୂର୍ତ୍ତ ଆସିଛି । ମା ପୃଥିବୀରେ ବିଦ୍ୟମାନ ରହି ଅତିମାନସ ଶକ୍ତି

ଦ୍ୱାରା ରୂପାନ୍ତର କାର୍ଯ୍ୟ କରାଉ ଅଛନ୍ତି । ବ୍ୟକ୍ତି ସମର୍ପଣ ଓ ଅଭୀପ୍ସା କରି ପ୍ରତିକୂଳ କ୍ରିୟା, କର୍ମ, ଭାବନା, ବିଚାର ଆଦି ତ୍ୟାଗ କଲେ ସେ ସହଜରେ ମା'ଙ୍କ ଅତିମାନସ ଶକ୍ତିର କ୍ରିୟା ଦ୍ୱାରା ମନ, ପ୍ରାଣ, ଶରୀରର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର ସାଧନ କରିପାରେ । ଏହାହିଁ ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ । ଏହି ଲକ୍ଷ୍ୟପ୍ରାପ୍ତି ସକାଶେ ବ୍ୟକ୍ତି ଏହି ପୃଥିବୀକୁ ଆସିଅଛି । ଏଥିରେହିଁ ଜୀବନ ହେବ ପୂର୍ଣ୍ଣ । ଏହାରି ଫଳରେ ପୃଥିବୀ ହେବ ସ୍ୱର୍ଗ । ଏହାହିଁ ଦେବମୁହୂର୍ତ୍ତ । ଏହି ଦିବ୍ୟ-ମାନବଜାତି ପୃଥିବୀରେ ପ୍ରତିଷ୍ଠା କରିବା ପରମେଶ୍ୱରଙ୍କର ଇଚ୍ଛା । ବ୍ୟକ୍ତିକୁ ଏହି ସତ୍ୟର ସନ୍ଧାନ ଦେବା ଯଥାର୍ଥରେ ଭଗବାନଙ୍କ ସେବା ।

ଏହାର ସାଧନା ହେଉଛି ଅଭୀପ୍ସା, ସମର୍ପଣ ଓ ପ୍ରତିକୂଳ ବସ୍ତୁର ତ୍ୟାଗ । ଅନ୍ତରାତ୍ମା ଜାଗ୍ରତ୍ ହେବା ସକାଶେ ହୃଦୟରେ ଧ୍ୟାନ, ରୂପାନ୍ତର ସକାଶେ ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତିର ଆବାହନ । ❑

# ଇଚ୍ଛା ହୁଏ, ହେବି ନୀଳ କଇଁ

## ଶରତ କୁମାରୀ ସ୍ୱାଇଁ

ଇଚ୍ଛା ହୁଏ...
ଇଚ୍ଛା ହୁଏ ହେବି ନୀଳ କଇଁ
ଯୁଗ ଯୁଗ ଧରି ଫୁଟି ହସୁଥିବି
ତୁମ ପ୍ରୀତି, ତୁମ ପୂଜା ପାଇଁ । (୦)

ଚାନ୍ଦହସା କେଉଁ ପାହାନ୍ତି ପହରେ
ସରସୀ ଚିକ୍କଣ ଦେହେ
ଶିଉଳି ଲଗା ମୋ କଅଁଳ ପାଖୁଡ଼ା
ଛୁଇଁ ଦେବ ଯେବେ ସ୍ନେହେ
ପୁଲକି ଉଠିବ ତନୁ, ମନ, ହୃଦ
ଯିବି ମା ! ତୁମର ହୋଇ । (୧)

ଆଶା-ଆଶଙ୍କାର ସଂଶୟ ଦୋଳାରେ
ଦୋଳୁଛି ମୁଁ ନିତି ପ୍ରତି
ଦୂର ଦିଗ୍‌ବଳୟେ ଚିତ୍ରିତ ଆଶା ମୋ
ପାଲଟେ ଅତୀତ ସ୍ମୃତି
କଳ୍ପନାର କୁଞ୍ଜ ସଜାଇ ଆସିଛି
ମରୁ-ମରୀଚିକା ଡେଇଁ । (୨)
ରତୁମତୀ ଖରା ମେଲାଣି ମାଗୁଛି
ସଞ୍ଜ ଅଳପ ବାକୀ
ବନ ବିହଙ୍ଗୀର ନୀଡ଼ଫେରା ସୁରେ
ବାର ବାର ଯାଏ ଡାକି
ଶ୍ରାବଣୀ ଝରୁଛି ବାଦଲ ବିଦାରି
ତୁମ କୃପା ଧାରା ହୋଇ । (୩) ❑



ଚେତନାର ଦିଗ୍‌ବଳୟ :

# ନିଦ୍ରାଘାତକ ଅପବିଳାସ

ରୋମ ସଭ୍ୟତାର ପୁରାକଥାରେ ରହିଛି ଏକ ତାତ୍ପର୍ଯ୍ୟପୂର୍ଣ୍ଣ କିଂବଦନ୍ତି : ସେ ସୁପ୍ରାଚୀନ ପରମ୍ପରାରେ ଯେଉଁ ସମସ୍ତ ଦେବାଦେବୀ ପୂଜା ପାଉଥିଲେ, ସେମାନଙ୍କ ଭିତରେ ଅନ୍ୟତମ ହେଲେ ହେରା । ମୁଖ୍ୟତଃ ବିବାହ, ମାତୃତ୍ୱ ଇତ୍ୟାଦି ଅନୁଷ୍ଠାନ ନିମନ୍ତେ ଲୋକେ ସେ ଦେବୀଙ୍କ ଆଶିଷ କାମନା କରୁଥିଲେ ।

ଦେବୀଙ୍କ ପ୍ରଧାନ ପୂଜାରିଣୀ ଥରେ ବେଶ୍ କିଛି ଦୂର ଗ୍ରାମରେ ଅବସ୍ଥିତ ସ୍ୱଗୃହକୁ ଯାଇଥା'ନ୍ତି । ଯେଉଁଦିନ ସେ ପର୍ବତୋପରି ମନ୍ଦିରକୁ ଫେରିବା କଥା, ସେଦିନ ପ୍ରାକୃତିକ ଦୁର୍ଯୋଗବଶତଃ ସେ ଫେରି ପାରିଲେ ନାହିଁ । ତେଣେ ଦିନକ ପରେ ଦେବୀଙ୍କ ବାର୍ଷିକ ଆରାଧନା ପର୍ବ । ପୂଜାରିଣୀ ସଜବାଜ ହୋଇ ବାହାରିବା ବେଳକୁ ସେ ଦୂରପଥ ଅତିକ୍ରମ କରିବା ନିମନ୍ତେ କୌଣସି ଘୋଡ଼ାଗାଡ଼ି ମିଳିଲା ନାହିଁ । ସନ୍ଧ୍ୟା ହୋଇ ଆସିଲା । ସକାଳ ହେବା ମାତ୍ରେ ମନ୍ଦିରରେ ପୂଜା ଆରମ୍ଭ ହେବ । ପୂଜାରିଣୀଙ୍କ ଅନୁପସ୍ଥିତି ହେବ ଅକ୍ଷମଣୀୟ ଅପରାଧ ।

''ମା, ତୁମେ ଗାଡ଼ିରେ ବସିଯାଅ । ଆମେ କିଛି ଦୂର ଟାଣିନେଇ ଗଲେ ପର ଗାଁରେ ଘୋଡ଼ା ମିଳିଯିବେ ।'' ଏ ପ୍ରସ୍ତାବ ଦେଲେ ତାଙ୍କର ଦୁଇ ତରୁଣ ପୁତ୍ର କ୍ଲିଓବିସ୍ ଓ ବେଟାନ୍ । ଅଗତ୍ୟା ପୂଜାରିଣୀ ତାହାହିଁ କଲେ । ପର ଗାଁରେ କିନ୍ତୁ ଘୋଡ଼ା ମିଳିଲେ ନାହିଁ । ଦୁଇ ପୁତ୍ର ସାରାରାତି ଗାଡ଼ି ଟାଣି ସୂର୍ଯ୍ୟୋଦୟ ପୂର୍ବରୁ ମା'ଙ୍କୁ ନେଇ ପହଞ୍ଚାଇ ଦେଲେ ଦେବୀ ହେରାଙ୍କ ମନ୍ଦିରରେ ।

ପୂଜା ଯଥାବିଧି ସମ୍ପାଦନ ହେବା ଉତ୍ତାରୁ ପୂଜାରିଣୀ ଦେବୀଙ୍କୁ ଜଣାଇଲେ ଏହି ପ୍ରାର୍ଥନା : ''ମା ! ମୋର ଦୁଇ ସୁପୁତ୍ରଙ୍କୁ ଏଭଳି କୌଣସି ବରଦାନ କର, ଯାହା ଫଳରେ ସେ ଦୁହେଁ ଆଜୀବନ କୌଣସି ଦୁଃଖ ଭୋଗିବେ ନାହିଁ !''

ତତ୍‌କ୍ଷଣାତ୍ ଦୁଇ ପୁଅଙ୍କୁ ନିଦ ଘାରି ଆସିଲା । ଦୁହେଁ ଦେବୀଙ୍କ ଆସନ ପଛ ପାଖରେ ଶୋଇଗଲେ – ଏବଂ ନିଦ୍ରିତ ରହିଲେ ସାରାଜୀବନ । ଯଥା ସମୟରେ ସେହି ନିଦ୍ରା ଭିତରେ ହେଲା ସେମାନଙ୍କ ଜୀବନାବସାନ । ଏହି ରୂପେ ଦେବୀଙ୍କ ଆଶୀର୍ବାଦ ହେଲା ଫଳବତୀ ।

ଏ କିଂବଦନ୍ତିର ବକ୍ତବ୍ୟ ହେଲା ନିଦ୍ରାହିଁ ସାଧାରଣ ଜୀବନରେ ସବୁଠାରୁ ସୁଖକର ଅବସ୍ଥା । ସେ ଅବସ୍ଥାରେ ଆମକୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ ନାହିଁ । ଆମେ ସାମୟିକ ଭାବେ ସବୁ ଦୁଃଖ ବିସ୍ମୃତ ହୋଇଯାଉଁ ।

ଆମେ ଉପଭୋଗ କରୁଥିବା ବହୁ ସୁବିଧାର ମୂଲ୍ୟ ବିଷୟରେ ଆମେ ସଚରାଚର ସଚେତନ ନଥାଉଁ । ଯେତେବେଳେ ସୁବିଧାଟିରୁ ଆମେ ବଞ୍ଚିତ ହେଉଁ, ସେତେବେଳେ କିନ୍ତୁ ତା'ର ଗୁଣ ଝୁରି ହେଉଁ । ସେକ୍ସପିଅରଙ୍କ ବିଖ୍ୟାତ ନାଟକ 'ମ୍ୟାକ୍‌ବେଥ୍' ଶିକ୍ଷକମାନେ ଅନେକେ ପଢ଼ିଥିବେ ଏବଂ ଛାତ୍ରମାନେ ତା'ର କାହାଣୀ ଜାଣିଥିବେ । ନିଜେ ରାଜା ବନିବା ନିମନ୍ତେ ମ୍ୟାକ୍‌ବେଥ୍ ତାଙ୍କରି ଆତିଥ୍ୟ ଗ୍ରହଣ କରି ନିଦ୍ରିତ ଥିବା ତାଙ୍କ ରାଜା ଡନ୍‌କାନ୍‌ଙ୍କୁ ନିଶାର୍ଦ୍ଧରେ ହତ୍ୟା କରିଛନ୍ତି । କିନ୍ତୁ ପରେ ପରେ ସେ ହୃଦୟଙ୍ଗମ କରୁଛନ୍ତି – ଜୀବନରେ ସେ ନିଜେ ଆଉ କେବେ ବି ନିଦ୍ରା ଉପଭୋଗ କରି ପାରିବେ ନାହିଁ । ସେତେବେଳେ ନିଦ କେମିତି ଏକ ନିରୀହ ଅବସ୍ଥା, ତାହା କେମିତି ଦୁଃଖଶୋକ ଭୁଲାଇ ଦିଏ, ଆହତ ମନ ଉପରେ ମଲମ ଭଳି କାର୍ଯ୍ୟ କରେ, ଏସବୁ କଥା ମନେପକାଇ ସେ ଭୀଷଣ ସନ୍ତପ୍ତ ।

ଅବଶ୍ୟ ଆମ ସମସ୍ତଙ୍କ ସକାଶେ ନିଦ୍ରା ଯେ ସର୍ବଦା ସୁଖନିଦ୍ରା ହୋଇଥାଏ, ତାହା ନୁହେଁ । ନିଦ୍ରାର ଉପକାରିତା ଯଥାର୍ଥଭାବେ ଲାଭ କରିବା ନିମନ୍ତେ ଶୋଇବା ପୂର୍ବରୁ ମନରୁ ସମସ୍ତ ଚିନ୍ତା ଓ ଉତ୍ତେଜନା ଦୂର କରିଦେବା ଆବଶ୍ୟକ । ତା'ହେଲେ ଦୁଃସ୍ୱପ୍ନ ମଧ୍ୟ ଆମକୁ କ୍ଲେଶ ଦେବ ନାହିଁ । ଶ୍ରୀମାଙ୍କ ଭାଷାରେ, ''ବିଶୁଦ୍ଧ ଶୁଭ୍ର ନୀରବତା ଭିତରେ ମନକୁ ଉଶ୍ୱାସ କରିଦେବା ଚାହି...'' (One must relax the mind in the pure white silence...)

ଅଭ୍ୟାସ ଦ୍ୱାରା ଏହା ସମ୍ଭବ । କିନ୍ତୁ ଆଜି ବହୁ ଲୋକ, ବିଶେଷତଃ ଛାତ୍ରମାନେ, ବିପରୀତମୁଖୀ ଅଭ୍ୟାସର କ୍ରୀତଦାସ ବନି ଯାଉଛନ୍ତି । ମନକୁ ଶାନ୍ତ ରଖିବାର ଚେଷ୍ଟା କରି ନିଦ୍ରାକୁ ଅପେକ୍ଷା କରିବା ପରିବର୍ତ୍ତେ ସେମାନେ ମନକୁ ଉତ୍ତେଜିତ ଓ ମସ୍ତିଷ୍କକୁ ଚଳଚଞ୍ଚଳ ରଖି ଶୋଇବାକୁ ଯାଉଛନ୍ତି । ଫଳରେ

ସହଜରେ ନିଦ୍ରା ସମ୍ଭବପର ହେଉ ନାହିଁ । ବିଳମ୍ବରେ ଯେତିକି ନିଦ୍ରା ଆସୁଛି, ତାହା ଆମର କ୍ଳାନ୍ତି ଅପନୋଦନ କରିବାକୁ ଅକ୍ଷମ; ନିଦ୍ରା ତୁଟିବା ଅନ୍ତେ ସତେଜତା ପରିବର୍ତ୍ତେ ତାହା ଆମକୁ ଅବସନ୍ନତାର ଅନୁଭୂତି ଦେଉଛି ।

ଗତ ଦୁଇମାସ ଭିତରେ ପ୍ରକାଶିତ କେତୋଟି ଗବେଷଣାରୁ ଜଣାଯାଏ, ଶୋଇବା ପୂର୍ବରୁ ଅନେକେ ବିଦ୍ୟୁତ୍ ଅଧ୍ୟୁଷିତ ପର୍ଦାସବୁ ଉପରେ (ଟି.ଭି., ଇ-ବୁକ୍ ହେଉ ବା ସ୍ମାର୍ଟ ଫୋନ୍ ହେଉ) ମନ ଓ ଦୃଷ୍ଟି ନିବଦ୍ଧ ରଖିଥା'ନ୍ତି । ସେସବୁ ପର୍ଦା-ବିଚ୍ଛୁରିତ ଆଲୋକ ନିଦ୍ରା ନିମନ୍ତେ ଅତ୍ୟାବଶ୍ୟକ ହର୍‌ମୋନ୍ ମେଲାଟୋନିନ୍‌କୁ ସ୍ଥାଣୁ କରିଦିଏ । ସେ ପ୍ରାକୃତିକ କ୍ରିୟାରେ ବିଭ୍ରାଟ ହେବା ଫଳରେ ଖାଲି ଯେ ନିଦ୍ରା ହାନି ହୁଏ ସେତିକି ନୁହେଁ, ତାହା ଆମ ମାନସିକ ଭାରସାମ୍ୟକୁ ମଧ୍ୟ ଦୋହଲାଇ ଦିଏ । ଫଳରେ ଆମ ସ୍ୱାଭାବିକ ଚିନ୍ତାଧାରା ଏବଂ ଆଚରଣ ନେତିବାଚକ ଭାବରେ ପ୍ରଭାବିତ ହୁଏ ।

ଏ ସ୍ଥୂଳ ଶାରୀରିକ ବିପନ୍ନତା ସହ, ଶୋଇବା ପୂର୍ବରୁ ଆମେ ଦେଖୁଥିବା ବିଷୟ ବା ଦୃଶ୍ୟର ପ୍ରଭାବ ଆମ ମଗଜକୁ ବିଶ୍ରାମ ଦିଏ ନାହିଁ । ଅତଏବ ଅବସନ୍ନତା ଅନିବାର୍ଯ୍ୟ ।

ଏ ସମସ୍ୟା ଉପରେ ବିଶଦ ଆଲୋଚନା କରିଛନ୍ତି ମୁମ୍ବାଇର ନିଦ୍ରା-ବିଶେଷଜ୍ଞ ଡ. ପ୍ରୀତି ଦେବ୍‌ନାନୀ, ଗୁରୁଗାଓଁର ଗବେଷକ ଡ. ହିମାଂଶୁ ଗାର୍ଗ ତଥା ବିଦେଶରେ କେନ୍ଦ୍ର ମିଚିଗାନ୍ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ଅଧ୍ୟାପିକା ଡ. ସାରା ଡୋନୋଫ୍ । ନାନାଦି ତଥ୍ୟ ଉପସ୍ଥାପନ କରି ସେମାନେ ଯେଉଁ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି, ତାହାର ମର୍ମ ହେଲା, ଏହି ନୂତନ ନିଶା ଆଉ ବର୍ଷ କେତୋଟି ଭିତରେ ବିକୃତ ନିଦ୍ରା ଅଥବା ନିଦ୍ରାର ଅଭାବ ଯୋଗୁଁ ତରୁଣ ସମାଜର ସ୍ୱାସ୍ଥ୍ୟ ତଥା ଚିନ୍ତାଶକ୍ତିକୁ ରୁଗ୍ଣ କରିଦେବ । ଏକ ସମ୍ବାଦପତ୍ର ପରିବେଷଣ କରିଥିବା ହିସାବ ଅନୁସାରେ ଭାରତରେ ସ୍ମାର୍ଟ ଫୋନ୍ ବ୍ୟବହାରକାରୀଙ୍କ ସଂଖ୍ୟା ପାଞ୍ଚଶହ ତିରିଶ ନିୟୁତ (530 Millions) । ସେମାନଙ୍କ ଭିତରୁ ଶତକଡ଼ା ୩୬ ଜଣ ଫିଲିପ୍‌ସ୍ ଦ୍ୱାରା ଅନୁଷ୍ଠିତ ଏକ ସର୍ବେକ୍ଷଣ ଅବସରରେ ସ୍ୱୀକାର କରିଛନ୍ତି ଯେ ଏହି ଚିଜଟି ସେମାନଙ୍କ ନିଦ୍ରାବିଭ୍ରାଟ ନିମନ୍ତେ ଦାୟୀ !

ତଥାପି ଆମେ ଏ ଅପବିଳାସ ପାଖରେ ଆତ୍ମସମର୍ପଣ କରି ଜୀବନରେ ଗୁଣଗତ ବିପନ୍ନତା ଡାକି ଆଣିବା କ'ଣ ଅପରିହାର୍ଯ୍ୟ ? କିଞ୍ଚିତ୍ ଇଚ୍ଛାଶକ୍ତି ପ୍ରୟୋଗ କରି ଆମେ ନିଶ୍ଚୟ ଏ ଆପଦରୁ ମୁକ୍ତ ରହିପାରିବା ।

**— ମନୋଜ ଦାସ** ❑

ଯେତେବେଳେ ତୁମେ ଯୋଗ-ସାଧନାର କ୍ଷେତ୍ରକୁ ଆସ ସେତେବେଳେ ତୁମକୁ ତୁମର ସମସ୍ତ ମାନସିକ ସୌଧ ଓ ପ୍ରାଣିକ ଭାରାକୁ ଭାଙ୍ଗି ଚୂରମାର କରିଦେବା ଲାଗି ପ୍ରସ୍ତୁତ ହେବାକୁ ହେବ । ତୁମକୁ ଶୂନ୍ୟରେ ଝୁଲି ରହିବା ଲାଗି ପ୍ରସ୍ତୁତ ହେବାକୁ ହେବ ଯେଉଁଠି ତୁମର ବିଶ୍ୱାସ ଛଡ଼ା ଅନ୍ୟ କୌଣସି ଅବଲମ୍ବନ ନଥିବ । ତୁମକୁ ତୁମର ଅତୀତ ଜୀବନ ଓ ତା'ପ୍ରତି ଥିବା ତୁମର ସମସ୍ତ ଆସକ୍ତିକୁ ସଂପୂର୍ଣ୍ଣ ଭୁଲିଯିବାକୁ ହେବ, ତାହାକୁ ତୁମ ଚେତନାରୁ ମୂଳୋତ୍ପାଟିତ କରି ସମସ୍ତ ବନ୍ଧନରୁ ମୁକ୍ତ ହୋଇ ନୂଆକରି ଜନ୍ମଲାଭ କରିବାକୁ ହେବ । ତୁମେ ଯାହା ଥିଲ ସେକଥା ଚିନ୍ତା ନକରି ତୁମେ ଯାହା ହେବାକୁ ଅଭୀପ୍‌ସା କର ସେକଥା ଚିନ୍ତାକର, ଯାହା ତୁମେ ଉପଲବ୍ଧି କରିବାକୁ ଚାହୁଁଛ ତା'ରି ମଧ୍ୟରେ ସଂପୂର୍ଣ୍ଣରୂପେ ମଗ୍ନରୁହ । ମୃତ ଅତୀତରୁ ମୁଖ ଫେରାଇ ଆଣି ସିଧା ଭବିଷ୍ୟତ୍ ଦିଗରେ ଦୃଷ୍ଟିପାତ କର । ତୁମର ଧର୍ମ, ରାଷ୍ଟ୍ର, ପରିବାର ସେହିଠାରେହିଁ ରହିଛି; ସେ ହେଉଛନ୍ତି **ଭଗବାନ୍** ।

(MCW. Vol.3, p. 83 - 84) — ଶ୍ରୀମା

tarika

**AYURVEDIC HERBAL REMEDIES**

**Pimple / Acne Remover**

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Hair Vitaliser oil**

Controls hair loss and improves hair growth
*Regular use prevents hair thinning and receding hair line*

**Gum oil**

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା'ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା'ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇ ଦେଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**– ନବଜ୍ୟୋତି କାର୍ଯ୍ୟାଳୟ**

| ପତ୍ରିକାର ନାମ | ଖଣ୍ଡ ପ୍ରତି ମୂଲ୍ୟ | ବାର୍ଷିକ ଦେୟ | ଆଜୀବନ ଦେୟ (୨୦ ବର୍ଷ ପାଇଁ) |
|---|---|---|---|
| **ନବପ୍ରକାଶ** | ୧୫ ଟଙ୍କା । | ୧୫୦ ଟଙ୍କା । | ୧୫୦୦ ଟଙ୍କା । |
| **ନବଜ୍ୟୋତି** | ୨୦ ଟଙ୍କା । | ୮୦ ଟଙ୍କା । | ୮୦୦ ଟଙ୍କା । |


Work done in the true spirit is meditation.

*15 September 1934* – The Mother

*With best compliments from :*

**HARI ELECTRICAL WORKS**

Hariranjan Patnaik,

Megheswar Colony, 4500/2, Tankapani Road,

**BHUBANESWAR, ODISHA.**

**Vol. XLIX, No. 7** **R.N.I. No. 18163/70.**
Navaprakash (Monthly), July, 2018 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20


## ବିଶେଷ ସୂଚନା

# ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପ୍ରଥମ ଭାଗ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୩୦୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୧୬୦/-** ରଖାଯାଇଛି ।

## ପ୍ରାପ୍ତିସ୍ଥାନ :

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)


Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**